RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

SAMBALPUR

◆VOLUME- 43 ◆ISSUE-222 ◆SATURDAY ◆7 FEBRUARY 2026 ◆PAGE-12 ◆₹ 7.00

◆ବର୍ଷ-୪୩ ◆ସଂଖ୍ୟା-୨୨୨ ◆ଶନିବାର ◆୭ ଫେବୃଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




## ବୈଭବ ଝଡ଼

### ୧୯ ବର୍ଷରୁ କମ୍ ବିଶ୍ୱକପ୍ ଫାଇନାଲରେ ଇଂଲଣ୍ଡ ପରାସ୍ତ

# ଯୁବ ଭାରତ ବିଶ୍ୱବିଜୟୀ

■ ହରାରେ, ୬।୨ (ଏଜେନ୍ସି): ଜିମ୍ବାୱେର ହରାରେ ସ୍ପୋର୍ଟ୍ସ କ୍ଲବ୍‌ରେ ଇଂଲଣ୍ଡ ସହ ଆଜି ଶୁକ୍ରବାର ଅନୁଷ୍ଠିତ ୧୯ ବର୍ଷରୁ କମ୍ ବିଶ୍ୱକପ୍ ଫାଇନାଲରେ ଭାରତର ଓପନର ବୈଭବ ସୂର୍ଯ୍ୟବଂଶୀଙ୍କ ବ୍ୟାଟିଂ ଝଡ଼ ଦେଖିବାକୁ ମିଳିଛି। ଚୌକା ଓ ଛକାର ବର୍ଷାରେ ବୈଭବ ବିସ୍ଫୋରକ ଶତକ ହାସଲ କରି ଭାରତକୁ ଚାମ୍ପିଅନ କରାଇଛନ୍ତି। ଏହି ୧୪ ବର୍ଷୀୟ ବିସ୍ଫୋରକ ବ୍ୟାଟର ୮୦ ବଲ୍‌ରୁ ୧୫ଟି ଚୌକା ଓ ୧୫ଟି ଛକା ବଳରେ ୧୭୫ ରନ୍ କରିବା ପରେ ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୯ ୱିକେଟ ହରାଇ ୪୧୧ ରନ୍‌ର ବିଶାଳ ସ୍କୋର କରିଥିଲା। ଜବାବରେ ଇଂଲଣ୍ଡ ମଧ୍ୟ ଦ୍ରୁତଗତିରେ ରନ୍ ସଂଗ୍ରହ କରିବାକୁ ଯାଇ ଜଣଙ୍କ ପରେ ଜଣେ ଖେଳାଳି ଆଉଟ ହୋଇଯାଇଥିଲେ ଓ ଦଳ ୩୧୧ ରନ୍ କରି ଅଲଆଉଟ ହେବା ସହ ୧୦୦ ରନ୍‌ରେ ପରାଜିତ ହୋଇଥିଲା। ଏହି ବିଜୟ ଫଳରେ ୧୦ମଥର ଫାଇନାଲ ଖେଳି ଭାରତ ୬ଷ୍ଠ ଥର ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ବୈଭବ ସୂର୍ଯ୍ୟବଂଶୀଙ୍କୁ ଫାଇନାଲର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ▶ପୃଷ୍ଠା-୭

# ଆଜିଠାରୁ ଟି-୨୦ ବିଶ୍ୱକପ୍

## କଲମ୍ବୋରେ ପାକିସ୍ତାନ-ନେଦରଲାଣ୍ଡସ ପ୍ରଥମ ମୁକାବିଲା

■ ମୁମ୍ବଇ/କଲମ୍ବୋ, ୬।୨ (ଏଜେନ୍ସି): ଆଇସିସି (ଅନ୍ତର୍ଜାତୀୟ କ୍ରିକେଟ କାଉନ୍ସିଲ) ଆନୁକୂଲ୍ୟରେ ପୁରୁଷ ଟି-୨୦ ବିଶ୍ୱକପ୍ ଭାରତ ଓ ଶ୍ରୀଲଙ୍କାରେ ଆସନ୍ତାକାଲିଠାରୁ ଆରମ୍ଭ ହେବ। ବାଂଲାଦେଶକୁ ବହିଷ୍କାର, ଭାରତ ସହ ମୁକାବିଲାକୁ ପାକିସ୍ତାନର ବୟକଟ୍ ମଧ୍ୟରେ ଟି-୨୦ ବିଶ୍ୱକପ୍‌ର ୧୦ମ ସଂସ୍କରଣ ଆରମ୍ଭ ହେବାକୁ ଯାଉଛି। ପୂର୍ବପରି ୧୬ଟି ଦଳକୁ ନେଇ ଏହି ଟୁର୍ଣ୍ଣାମେଣ୍ଟ ଲିଗ୍ ଓ ନକ୍‌ଆଉଟ ଭିତ୍ତିରେ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟ ଉଭୟ ଭାରତ ଓ ଶ୍ରୀଲଙ୍କାରେ ମିଳିତଭାବେ ଆୟୋଜିତ ହେଉଛି। ଆଇସିସିର ନୂଆ ରାଜିନାମା ଅନୁଯାୟୀ ଏହି ଟୁର୍ଣ୍ଣାମେଣ୍ଟ ଭାରତରେ ଆୟୋଜିତ ହେଉଥିବାରୁ ପାକିସ୍ତାନ ତାହାର ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାର କଲମ୍ବୋ ସହରରେ ଖେଳିବ।



ଟୁର୍ଣ୍ଣାମେଣ୍ଟରେ ମୋଟ ୫୫ଟି ମ୍ୟାଚ୍ ଉଭୟ ଦେଶରେ ଥିବା ୮ଟି ଭେନ୍ୟୁ ବା ଷ୍ଟାଡିୟମ୍‌ରେ ଖେଳାଯିବ ବୋଲି ସ୍ଥିର ହୋଇଛି। ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଅହମ୍ମଦାବାଦ୍‌ରେ ମାର୍ଚ୍ଚ ୮ ତାରିଖରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। କିନ୍ତୁ ପାକିସ୍ତାନ ଯଦି ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରେ ତେବେ ଏହି ମୁକାବିଲା କଲମ୍ବୋରେ ଖେଳାଯିବ ବୋଲି କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଟୁର୍ଣ୍ଣାମେଣ୍ଟରେ ଆୟୋଜକ ତଥା ଡିଫେଣ୍ଡିଂ ଚାମ୍ପିଅନ ଭାରତ, ଇଂଲଣ୍ଡ, ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା ଓ ପାକିସ୍ତାନ ସେମିଫାଇନାଲକୁ ଯିବାର ଆଶା କରାଯାଉଛି। ଡିଫେଣ୍ଡିଂ ଚାମ୍ପିଅନ ଭାରତ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଖେଳୁଥିଲାବେଳେ ଏହି ଦଳକୁ ଅନ୍ୟତମ ଟାଇଟଲ ଫେବରାଇଟ ବିବେଚନା କରାଯାଉଛି।

## ପାକିସ୍ତାନକୁ ମନାଇବାକୁ ଶ୍ରୀଲଙ୍କାର ଉଦ୍ୟମ

ଭାରତ ବିପକ୍ଷ ମ୍ୟାଚ୍ ବୟକଟ ନ କରିବାକୁ ପାକିସ୍ତାନକୁ ମନାଇବାକୁ ଆଇସିସି ଓ ସହ ଆୟୋଜକ ଶ୍ରୀଲଙ୍କା ଉଦ୍ୟମ ଜାରି ରଖିଛନ୍ତି। ଫେବୃଆରୀ ୧୫ରେ ଭାରତ ଓ ପାକିସ୍ତାନ ମଧ୍ୟରେ ହାଇପ୍ରୋଫାଇଲ ମୁକାବିଲା କଲମ୍ବୋରେ ଖେଳାଯିବ। ଏହି ମ୍ୟାଚ୍‌କୁ ପାକିସ୍ତାନ ବୟକଟ କରିଛି। ଏହି ମ୍ୟାଚ୍ ଖେଳିବାକୁ ପାକିସ୍ତାନ କ୍ରିକେଟ ବୋର୍ଡକୁ ଅନୁରୋଧ କରି ଶ୍ରୀଲଙ୍କା କ୍ରିକେଟ ବୋର୍ଡ ଚିଠି ଲେଖିଛି। ଭାରତ-ପାକିସ୍ତାନ ମୁକାବିଲା ଦେଖିବାକୁ ଟିକଟ କଟା ସରିଥିଲାବେଳେ ହୋଟେଲ ମଧ୍ୟ ବୁକ୍ ହୋଇଛି। ପାକିସ୍ତାନ ଏହି ମ୍ୟାଚ୍ ନ ଖେଳିଲେ ଆମର ବହୁତ କ୍ଷତି ହେବ ବୋଲି ଶ୍ରୀଲଙ୍କା ▶ପୃଷ୍ଠା-୭

## ନମାଜ ବେଳେ ସିଆ ମସ୍‌ଜିଦରେ ଆତ୍ମଘାତୀ ବିସ୍ଫୋରଣ

# ୬୯ ମୃତ, ୨୦୦ରୁ ଉର୍ଦ୍ଧ୍ୱ ଗୁରୁତର

■ଇସଲାମାବାଦ୍, ୬।୨ (ଏଜେନ୍ସି): ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ପାକିସ୍ତାନ ପୁଣି ଏହାର ଶିକାର ହୋଇଛି। ଆତ୍ମଘାତୀ ବିସ୍ଫୋରଣରେ ଶୁକ୍ରବାର ଇସଲାମାବାଦ୍ ଥରି ଉଠିଛି। ଜୁମା ନମାଜ ସମୟରେ ଶେହଜାଦ ଟାଉନରେ ଥିବା ତରଲାଇ ଇମାମବାରଗା ସ୍ଥିତ ସିଆ ମସଜିଦ୍ (ଇମାମବାରା)ରେ ଏହି ଆତ୍ମଘାତୀ ଆକ୍ରମଣ ହୋଇଛି। ଏଥିରେ ୬୯ ଜଣ ପ୍ରାଣ ହରାଇଛନ୍ତି। ୨୦୦ରୁ ଅଧିକ ଗୁରୁତର ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଅନେକଙ୍କ ସ୍ଥିତି ସଙ୍ଗୀନ ରହିଛି। ତେଣୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇପାରେ ବୋଲି ଅଧିକାରୀମାନେ କହିଛନ୍ତି। ପୁଲିସ ଓ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଛି। ଡାକ୍ତରଖାନଗୁଡ଼ିକୁ ହାଇ ଆଲର୍ଟରେ ରଖାଯାଇଛି। ଆହତମାନଙ୍କୁ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଇସଲାମାବାଦରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଛି। ସୂଚନା ଅନୁଯାୟୀ, ଆଜି ଅପରାହ୍ଣରେ ଜଣେ ଆତ୍ମଘାତୀ ବୋମା ବିସ୍ଫୋରଣକାରୀ ଉପାସନା ସ୍ଥଳ ଅଭିମୁଖେ ବଢୁଥିଲା। ମାତ୍ର ପୁଲିସ ଅଟକାଇ ଦେବାରୁ ମୁଖ୍ୟ ଫାଟକରେ ଆତ୍ମଘାତୀ ନିଜକୁ ବିସ୍ଫୋରଣ କରି ଉଡାଇ ଦେଇଥିଲା। ଏହି ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ, ଫାଟକ ଓ ଆଖପାଖ ବିଲ୍ଡିଂର କାଚ ଭାଙ୍ଗି ଚୁରମାର୍ ହୋଇଯାଇଛି। ଘଟଣାସ୍ଥଳରେ ମୃତଦେହଗୁଡିକ ଏଣେ ତେଣେ ବିକ୍ଷିପ୍ତ ହୋଇ ପଡ଼ିରହିଛି। ଲୋକେ ମୃତଦେହ ମଧ୍ୟରୁ ନିଜ ସମ୍ପର୍କୀୟଙ୍କୁ ଖୋଜୁଛନ୍ତି। ଏହାର ବିକଳ ଦୃଶ୍ୟ ଭାଇରାଲ ହେବାରେ ଲାଗିଛି।

### ଇସଲାମାବାଦରେ ଜରୁରୀକାଳୀନ ପରିସ୍ଥିତି

ବିସ୍ଫୋରଣକୁ ନେଇ ପାକିସ୍ତାନ ରାଷ୍ଟ୍ରପତି ଆସିଫ ଅଲି ଜର୍ଦ୍ଦାରୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏହା ମାନବତାର ବିରୋଧୀ ବୋଲି ସେ କହିଛନ୍ତି। ସରକାରଙ୍କ ରାଜନୈତିକ ବ୍ୟାପାର ମନ୍ତ୍ରୀ ତାରିକ ଫଜଲ ଚୌଧୁରୀ ▶ପୃଷ୍ଠା-୭



# ଦଶମ ଛାତ୍ରୀଙ୍କୁ ଦୁଷ୍କର୍ମ ପରେ ଜଙ୍ଗଲରେ ଫିଙ୍ଗିଦେଲେ



## ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତରଖାନାରେ ମୃତ୍ୟୁ

■ରାଉରକେଲା, ୬।୨ (ସମିସ): ବିଶ୍ରା ଥାନା ଅଞ୍ଚଳର ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ କରି ଦୁଷ୍କର୍ମ ପରେ ଜଙ୍ଗଲରେ ଫିଙ୍ଗିଦେବା ଏବଂ ମୁମୂର୍ଷୁ ଅବସ୍ଥାରେ ଡାକ୍ତରଖାନାରେ ଛାତ୍ରୀଙ୍କ ମୃତ୍ୟୁ ହେବା ଘଟଣା ସମଗ୍ର ଜିଲ୍ଲାରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ପୁଲିସ ଏହାକୁ ଏକ ଅପମୃତ୍ୟୁ ମାମଲା କହୁଥିବା ବେଳେ ଝିଅକୁ ଦୁଷ୍କର୍ମ ପରେ ବିଷ ପିଆଇ ଜଙ୍ଗଲରେ ଫିଙ୍ଗି ଦିଆଯାଇଥିବା ଅଭିଯୋଗ ହୋଇଛି।

ବିଶ୍ରା ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ଛାତ୍ରୀ ଜଣକ ଗୁରୁବାର ସକାଳେ ସବୁଦିନ ପରି ଘରୁ ବାହାରି ସ୍କୁଲକୁ ଯାଇଥିଲେ। କିନ୍ତୁ ସେ ଘରକୁ ଫେରି ନଥିଲେ। ଚିନ୍ତିତ ହୋଇ ପରିବାର ଲୋକେ ସ୍କୁଲରେ ପଚରାଉଚରା କରିବା ବେଳେ ଝିଅ ସ୍କୁଲକୁ ଯାଇ ନ ଥିବା ଜାଣିଥିଲେ। ପରେ ପରିବାର ସମେତ ଗ୍ରାମବାସୀ ଆଖପାଖ ଅଞ୍ଚଳରେ ଖୋଜାଖୋଜି ଆରମ୍ଭ କରି ନିରାଶ ହୋଇଥିଲେ। ଏନେଇ ଥାନାରେ ଅଭିଯୋଗ କରିବାକୁ ଯାଇଥିବା ବେଳେ ଜଣେ ଯୁବକ ଗାଁ ଏବଂ ସ୍କୁଲ ମଧ୍ୟସ୍ଥ ଜଙ୍ଗଲ ନିକଟରେ ଛାତ୍ରୀଙ୍କ ସାଇକଲ ପଡ଼ିଥିବା ଖବର ଦେଇଥିଲେ। ଏହାପରେ ଖୋଜାଖୋଜି ବେଳେ ରାତି ପ୍ରାୟ ୯ଟାରେ ଜଙ୍ଗଲରେ ଏକ ଗଛ ତଳେ ଛାତ୍ରୀଙ୍କୁ ଅଚେତ୍ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତାଙ୍କ ଶରୀରରେ କିଛି ଚିହ୍ନ ଥିବା ଦେଖିବାକୁ ମିଳିଥିବା ବେଳେ ଘଟଣାସ୍ଥଳରେ ଛାତ୍ରୀଙ୍କ ସ୍କୁଲ ବ୍ୟାଗ, ଚପଲ ଓ ଏକ ବିଷ ବୋତଲ ପଡିଥିବା ଦେଖାଯାଇଥିଲା। ଛାତ୍ରୀ ଜଣଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ବିଶ୍ରା ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ପରେ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଛାତ୍ରୀଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ତେବେ ପୁଲିସ ଏହି ସମ୍ବେଦନଶୀଳ ମାମଲାରେ ଉପଯୁକ୍ତ ତତ୍ପରତା ପ୍ରକାଶ ନ କରିବାରୁ ଏପରି ଘଟଣା ଘଟିଥିବା ଏବଂ ଉପଯୁକ୍ତ ଚିକିତ୍ସା ଅଭାବରୁ ଛାତ୍ରୀଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି।

## ଆର୍‌ବିଆଇ ମୁଦ୍ରା ନୀତି କମିଟି ବୈଠକ

# ସୁଧ ହାର ଅପରିବର୍ତ୍ତିତ

■ ମୁମ୍ବାଇ, ୬।୨ (ଏଜେନ୍ସି): ବଦଳିଲାନି ସୁଧ ହାର (ରେପୋ ରେଟ୍)। ଶେଷରେ ସୁଧ ହାରକୁ ଅପରିବର୍ତ୍ତିତ ରଖିଛି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)। ଏଥର ରେପୋ ହାରରେ କୌଣସି ପରିବର୍ତ୍ତନ ନ କରି ଏହାକୁ ୫.୨୫%ରେ ଅପରିବର୍ତ୍ତିତ ରଖାଯାଇଛି। ଏହାର ଅର୍ଥ ହେଉଛି ଋଣ ଅଧିକ ମହଙ୍ଗା ହେବ ନାହିଁ ଏବଂ ଇଏମ୍‌ଆଇ ବୃଦ୍ଧି ପାଇବ ନାହିଁ। ଶୁକ୍ରବାର ଶେଷ ହୋଇଥିବା ଆରବିଆଇର ମୁଦ୍ରା ନୀତି କମିଟି ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। ସୂଚନାଯୋଗ୍ୟ ଯେ, ୨୦୨୫ରେ କେନ୍ଦ୍ରୀୟ ବ୍ୟାଙ୍କ ୪ ଥରରେ ସୁଧ ହାରରେ ୧.୨୫% ହ୍ରାସ କରିଥିଲା। ଫେବୃଆରୀ, ଏପ୍ରିଲ, ଜୁନ ଏବଂ ଡିସେମ୍ବରରେ ଆର୍‌ବିଆଇ ସୁଧହାରରେ ହ୍ରାସ ଘଟାଇଥିଲା। ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମଲହୋତ୍ରା କହିଛନ୍ତି ଯେ, ବିଶ୍ୱ ବଜାରରେ ଅନିଶ୍ଚିତତା ଜାରି ରହିଛି। ଏବେ ଭାରତରେ ଦରଦାମ ବୃଦ୍ଧି ନିୟନ୍ତ୍ରଣରେ ରହିଛି। ମୁଦ୍ରାସ୍ଫୀତି ଆରବିଆଇର ସୀମା ୪ ପ୍ରତିଶତ ପାଖାପାଖି ରହିଛି।

# ୧୯ ମାଓବାଦୀଙ୍କ ଆତ୍ମସମର୍ପଣ



■ଭୁବନେଶ୍ୱର/ ରାୟଗଡ଼ା/ ଫୁଲବାଣୀ, ୬।୨ (ସମିସ): ମାଓ ମୁକ୍ତ ଅଭିଯାନରେ ଆଉ ପାଦେ ଆଗେଇଛି ଓଡ଼ିଶା। ରାୟଗଡ଼ା ଓ କନ୍ଧମାଳର ୧୯ ଜଣ ମାଓବାଦୀ ଆଜି ବିଧିବଦ୍ଧ ଭାବରେ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ରାୟଗଡ଼ା ଜିଲ୍ଲା ବଂଶଧାରା-ଘୁମୁସର-ନାଗାବଳୀ (ବିଜିଏସ୍) ଡିଭିଜନର ୧୫ମାଓ କ୍ୟାଡରଙ୍କ ମଧ୍ୟରେ ରାଜ୍ୟ କମିଟି ସଦସ୍ୟ କୁହାଯାଉଥିବା ଜଗତସିଂହପୁର ଜିଲ୍ଲାର ନିଖିଲ ଓରଫ ନିରଞ୍ଜନ ରାଉତ ଓ କଟକ ଜିଲ୍ଲା ଟାଙ୍ଗୀ ଅଞ୍ଚଳର ଅଙ୍କିତା ଓରଫ ରଶ୍ମିତା ଲେଙ୍କା ରହିଛନ୍ତି। ଉଭୟଙ୍କ ନାମରେ ୫୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ସେହିପରି ବିଜିଏନ୍ ଡିଭିଜନର ଆଉ ୧୩ ଜଣ କ୍ୟାଡର ମଧ୍ୟ ଆତ୍ମମର୍ପଣ କରିଛନ୍ତି। ମାଓବାଦୀମାନେ ଦୁଇଟି ଏକେ-୪୭, ୫ଏସ୍‌ଏଲ୍‌ଆର୍, ଗୋଟିଏ ଷ୍ଟେନ୍, ଗୋଟିଏ ଇନ୍‌ସାସ୍, ଗୋଟିଏ ୩-ନଟ୍-୩ ରାଇଫଲ, ୪ସିଙ୍ଗିଲ୍ ସଟ୍ ଗନ୍ ସହ ମୋଟ ୧୪ଟି ଆଗ୍ନେୟାସ୍ତ୍ର ପୁଲିସକୁ ଅର୍ପଣ କରିଛନ୍ତି।। ନିଖିଲ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ରାୟଗଡ଼ା, ଗଜପତି ଓ କନ୍ଧମାଳ ଅଞ୍ଚଳରେ ସକ୍ରିୟ ଥିଲେ ବୋଲି ପୁଲିସ ଡ଼ିଜି ୱାଇ.ବି.ଖୁରାନିଆ ସୂଚନା ଦେଇଛନ୍ତି। ସେହିପରି କନ୍ଧମାଳ ଜିଲ୍ଲା ପୁଲିସ ନିକଟରେ କଳାହାଣ୍ଡି- କନ୍ଧମାଳ-ବୌଦ୍ଧ- ▶ପୃଷ୍ଠା-୭

# ପୁଣି ଅଦାଲତକୁ ଆତଙ୍କୀ ଧମକ

## ରାଜ୍ୟର ୪ ଅଦାଲତକୁ ଉଡ଼ାଇ ଦେବାକୁ ମେଲ୍

■ ଭୁବନେଶ୍ୱର/ କଟକ/ ଫୁଲବାଣୀ/ ପୁରୀ ୬।୨ (ସମିସ): ଓଡ଼ିଶାର ନ୍ୟାୟର ମନ୍ଦିରଗୁଡ଼ିକୁ ପୁଣି ନିଶାଣ। ଗୋଟିଏ ମାସ ମଧ୍ୟରେ ଦ୍ୱିତୀୟବାର ରାଜ୍ୟର ବିଭିନ୍ନ ଅଦାଲତକୁ ବୋମାରେ ଉଡ଼ାଇଦେବାକୁ ମିଳିଛି ଧମକ। କଟକ ଜିଲ୍ଲା ଦୌରା ଜଜ୍‌ଙ୍କ ଅଦାଲତ ସମେତ ଯାଜପୁର, ପୁରୀ ଓ କନ୍ଧମାଳ କୋର୍ଟଗୁଡ଼ିକୁ ବୋମାରେ ଉଡ଼ାଇ ଦେବାକୁ ଆସିଛି ଧମକ। ପୂର୍ବପରି ଇ-ମେଲ୍ ଯୋଗେ ଏହି ଧମକ ଆସିବା ପରେ ଅଦାଲତଗୁଡ଼ିକରେ ଭୟର ବାତାବରଣ ସୃଷ୍ଟି ହୋଇଛି। ବିଭିନ୍ନ ସ୍ଥାନରେ ଅଦାଲତର କୋଠରିଗୁଡ଼ିକୁ ଖାଲି କରାଯାଇ ଖାନ୍‌ତଲାସ କରାଯାଇଛି।

### ଗୋଟିଏ ମାସ ମଧ୍ୟରେ ଦ୍ୱିତୀୟ ଧମକ ଘଟଣା

### ମେଲ୍ ପଠାଉଥିବା ଦୁର୍ବୃତ୍ତର ପତ୍ତା ପାଉନି ପୁଲିସ

### ସାରା ରାଜ୍ୟରେ ଆଇନଜୀବୀଙ୍କ ଅସନ୍ତୋଷ

ତେବେ କୌଣସି ସ୍ଥାନରୁ କିଛି ବିପଜ୍ଜନକ ବା ସନ୍ଦେହଜନକ ସାମଗ୍ରୀ ମିଳିନାହିଁ। ଅପରପକ୍ଷରେ ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିଲେ ମଧ୍ୟ ପୁଲିସ ବୋମା ଧମକ ଦେଉଥିବା ଅଭିଯୁକ୍ତଙ୍କ ନିକଟରେ ପହଞ୍ଚିବାରେ ଅସଫଳ ହେବା ସାଧାରଣ ଲୋକ ଓ ଆଇନଜୀବୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି।

ଶୁକ୍ରବାର ମଧ୍ୟାହ୍ନ ଭୋଜନ ସମୟରେ ଏକାଧିକ କୋର୍ଟକୁ ବୋମାରେ ଉଡ଼ାଇ ଦେବା ଭଳି ଧମକପୂର୍ଣ୍ଣ ଇ-ମେଲ୍ ଏହି ୪ଟି ଅଦାଲତରେ ପହଞ୍ଚିଥିଲା। ଏହାକୁ ନେଇ କୋର୍ଟ ପରିସରରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ଏ ସମ୍ପର୍କରେ ଖବର ଦିଆଯିବା ପରେ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡି କରାଯାଇଥିଲା। ଘଟଣାସ୍ଥଳରେ ଆଣ୍ଟି ବମ୍ ସ୍କ୍ୱାଡ୍, ଡଗ୍ ସ୍କ୍ୱାଡ୍ ସହ ବ୍ୟାପକ ପୁଲିସ ▶ପୃଷ୍ଠା-୭



## ଗଭୀର ଉଦ୍‌ବେଗ ପ୍ରକାଶ କଲେ ନବୀନ

# ଧମକକୁ ସରକାର ହାଲୁକା ଭାବେ ନ ନିଅନ୍ତୁ

■ ଭୁବନେଶ୍ୱର, ୬।୨ (ସମିସ): ରାଜ୍ୟକୁ ମିଳୁଥିବା ବାରମ୍ବାର ବୋମା ଧମକ ଘଟଣାକୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଚିନ୍ତା ପ୍ରକଟ କରିଛନ୍ତି। ଶୁକ୍ରବାର ରାଜ୍ୟର ଏକାଧିକ କୋର୍ଟକୁ ବୋମା ଧମକ ମିଳିବା ପରେ ନବୀନ 'ଏକ୍ସ'ରେ ଉଦ୍‌ବେଗ ପ୍ରକାଶ କରି କହିଛନ୍ତି ଯେ ପୁଣି କଟକ, ପୁରୀ, ଫୁଲବାଣୀ ଓ ଯାଜପୁର ଜିଲ୍ଲା କୋର୍ଟକୁ ବୋମା ଆକ୍ରମଣର ଧମକ ଆସିଥିବା ବିଷୟରେ ଜାଣି ମୁଁ ବେଶ ଚିନ୍ତିତ। କିଛି ଦିନ ତଳେ ସମ୍ବଲପୁର, କଟକ ଓ ଦେବଗଡ଼ ଜିଲ୍ଲା କୋର୍ଟକୁ ବୋମା ଆକ୍ରମଣର ଧମକ ▶ପୃଷ୍ଠା-୭



## ୭୫୪ ବିମାନ ଯାଞ୍ଚ୍ ପରେ ସାମ୍ନାକୁ ଆସିଲା ତଥ୍ୟ

# ଏୟାର ଇଣ୍ଡିଆର ୧୯୧, ଇଣ୍ଡିଗୋର ୧୪୮ ବିମାନରେ ବାରମ୍ବାର ତ୍ରୁଟି

■ ନୂଆଦିଲ୍ଲୀ, ୬।୨ (ଏଜେନ୍ସି): ଦେଶରେ ବିମାନ ଯାତ୍ରୀଙ୍କ ସୁରକ୍ଷାକୁ ନେଇ ବାରମ୍ବାର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ୨୦୨୫ ଜାନୁଆରୀରୁ ଦେଶର ୬ଟି ପ୍ରମୁଖ ବିମାନ ସେବା ପ୍ରଦାନକାରୀ ସଂସ୍ଥା (ଏୟାରଲାଇନ୍ସ)ର ମୋଟ୍ ୭୫୪ଟି ବିମାନର ବୈଷୟିକ ଯାଞ୍ଚ୍ କରିବାକୁ ଭୟଙ୍କର ତଥ୍ୟ ସାମ୍ନାକୁ ଆସିଛି। ଯାତ୍ରୀଙ୍କ ଜୀବନ ସହ ବିମାନ କମ୍ପାନୀଗୁଡ଼ିକ କିଭଳି ଖେଳୁଛନ୍ତି ତାହା ଏଥିରୁ ଜଣାପଡ଼ିଛି। ରିପୋର୍ଟ ଅନୁଯାୟୀ ୭୫୪ରୁ ୩୭୭ଟି ବିମାନରେ ବାରମ୍ବାର




### ଅଧିକାଂଶ ସମସ୍ୟା ଡି ବର୍ଗର: ଏୟାର ଇଣ୍ଡିଆ

### ସରକାରୀ ସଂସ୍ଥାରେ ୨,୭୪୫ ପଦବୀ ଖାଲି

ତ୍ରୁଟି ଦେଖାଯାଇଥିବା ଜଣାପଡ଼ିଛି। ଅର୍ଥାତ ଗୋଟିଏ ତ୍ରୁଟି ବାରମ୍ବାର ଆସିଛି, ଯଦିଓ ପୂର୍ବରୁ ଏହାକୁ ଠିକ୍ କରାଯାଇଥିଲା। ଏୟାର ଇଣ୍ଡିଆ ଗ୍ରୁପ୍‌ର ୨୬୭ଟି ବିମାନ ମଧ୍ୟରୁ ୧୯୧ଟିରେ (୭୨%) ବାରମ୍ବାର ବୈଷୟିକ ତ୍ରୁଟି ଦେଖିବାକୁ ମିଳିଛି। ଏହା ପଛରେ ଇଣ୍ଡିଗୋ ରହିଛି। ଇଣ୍ଡିଗୋର ୪୦୫ଟି ବିମାନ ଯାଞ୍ଚ୍ କରାଯାଇଥିଲା। ସେଥିମଧ୍ୟରୁ ୧୪୮ଟି ଚଳିତବର୍ଷ ଫେବୃଆରୀ ୩ ତାରିଖ ସୁଦ୍ଧା 'ରିପିଟେଟିଭ ଡିଫେକ୍ଟ' (ଗୋଟିଏ ତ୍ରୁଟି ବାରମ୍ବାର ଆସିବା) ଦେଖିବାକୁ ମିଳିଥିଲା। ଶୁକ୍ରବାର ଲୋକସଭାରେ ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହାଲ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଗତବର୍ଷ ସୁରକ୍ଷାକୁ ନେଇ ବ୍ୟାପକ ଯାଞ୍ଚ କରିଥିଲା। ଏହି ସମୟରେ ୩୮୯୦ଟି ସର୍ଭିଲାନ୍ସ ଇନିସପେକ୍ସନ, ୫୬ଟି ଅଡିଟ୍, ୪୯୨ଟି ରାମ୍ପ ଯାଞ୍ଚ୍ ଓ ୮୪ଟି ବିମାନର ଯାଞ୍ଚ୍ କରାଯାଇଥିଲା। ଏହା ବ୍ୟତୀତ ୮୭୪ଟି ସ୍ପଟ୍ ଚେକ୍ ଓ ୫୫୦ଟି ନାଇଟ୍ ସର୍ଭିଲାନ୍ସ ମଧ୍ୟ କରାଯାଇଥିଲା।

ତ୍ରୁଟି ନେଇ ସରକାରୀ ତଥ୍ୟ ଜାରି ହେବା ପରେ ଏୟାର ଇଣ୍ଡିଆ ପକ୍ଷରୁ ସ୍ପଷ୍ଟିକରଣ ଦିଆଯାଇଛି। ଏୟାର ଇଣ୍ଡିଆର ଜଣେ ମୁଖପାତ୍ର କହିଛନ୍ତି ଯେ, ଆମେ ଅତ୍ୟଧିକ ସତର୍କତା ଅବଲମ୍ବନ କରି ▶ପୃଷ୍ଠା-୭

# ଦେଶ ବିଦେଶ

ସକାଳ
THE SAKALA
www.sakalaepaper.com

## ପଞ୍ଜାବରେ ଆପ୍ ନେତାଙ୍କୁ ହତ୍ୟା

ଜଲନ୍ଧର, ୬ା୨(ଏଜେନ୍ସି): ପଞ୍ଜାବ ଜଲନ୍ଧରରେ ଶାସକ ଆମ୍ ଆଦମୀ (ଆପ) ପାର୍ଟିର ନେତା ଲକି ଓବରୟ (୫୩) ଙ୍କୁ ଶୁକ୍ରବାର ସକାଳେ ଗୁଳିକରି ହତ୍ୟା କରାଯାଇଛି। ଲକି ମଡେଲ ଟାଉନ୍ ଅଞ୍ଚଳରେ ଥିବା ଗୁରୁଦ୍ୱାରକୁ ଦର୍ଶନ କରିବାକୁ ଆସିଥିଲେ। ଗୁରୁଦ୍ୱାରରୁ ବାହାରି ନିଜ ଥାର୍ ଗାଡ଼ି ବସିବାକୁ ଯାଉଥିବା ବେଳେ ଦୁର୍ବୃତ୍ତମାନେ ଏକ ସ୍କୁଟରରେ ଆସି ତାଙ୍କ ଉପରକୁ ୬ଟି ଗୁଳି ମାରିଥିଲେ। ସେଥିମଧ୍ୟରୁ ୫ଟି ଗୁଳି ଛାତିରେ ଓ ଗୋଟିଏ ଗୁଳି ମୁଣ୍ଡରେ ବାଜିଥିଲା। ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଏକ ଘରୋଇ ଡାକ୍ତରଖାନାକୁ ନେଇଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସଂସଦରେ ଥମୁନି ହଙ୍ଗାମା

ନୂଆଦିଲ୍ଲୀ, ୬ା୨ (ଏଜେନ୍ସି): ସଂସଦରେ ଅଚଳାବସ୍ଥା ଜାରି ରହିଛି। ବିରୋଧୀଙ୍କ ହଙ୍ଗାମା ଯୋଗୁଁ ଲୋକସଭା ଏବଂ ରାଜ୍ୟସଭା କାର୍ଯ୍ୟ ସୁରୁଖୁରରେ ଚାଲି ପାରୁ ନାହିଁ। ବିରୋଧୀ ପ୍ଲାକାର୍ଡ ଦେଖାଇବା ଏବଂ ସ୍ଲୋଗାନ ଦେବା ଯୋଗୁଁ ଲୋକସଭାକୁ ପ୍ରଥମେ ତିନି ମିନିଟ ଏବଂ ପରେ ୭ ମିନିଟ ପର୍ଯ୍ୟନ୍ତ ଚାଲି ପାରିଥିଲା। ଏହା ପରେ ନିମ୍ନ ସଦନକୁ ସୋମବାର ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା। ଏ ପର୍ଯ୍ୟନ୍ତ ଲୋକସଭାର ୧୯ ଘଣ୍ଟା ୧୩ ମିନିଟ ବରବାଦ ହେଲାଣି। ଅନ୍ୟପଟେ ରାଜ୍ୟସଭାରେ ମଧ୍ୟ ସମାନ ସ୍ଥିତି ରହିଛି। ଆଜି ଉଚ୍ଚ ସଦନ ମାତ୍ର ଦୁଇ ଘଣ୍ଟା ପାଇଁ ଚାଲିବା ପରେ ସୋମବାର ଯାଏଁ ମୁଲତବୀ ରହିଛି। ପ୍ରଶ୍ନକାଳ ସମୟରେ କେନ୍ଦ୍ରମନ୍ତ୍ରୀ ରବନୀତ ବିଟ୍ଟୁଙ୍କୁ ନେଇ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଦେଇଥିବା ଟିପ୍ପଣୀକୁ ନେଇ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜନ ଖଡଗେ ଏବଂ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ମଧ୍ୟରେ ଜୋରଦାର ବିତର୍କ ହୋଇଥିଲା। ସେହିପରି ପ୍ରତ୍ୟେକ ଚାଷୀଙ୍କ ଏକକ ପରିଚୟ ପତ୍ର ପ୍ରଦାନ କରାଯିବ ବୋଲି କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହାନ ସୂଚନା ଦେଇଥିଲେ। ସବୁ ରାଜ୍ୟରେ ଚାଷୀ ରେଜେଷ୍ଟ୍ରି ଜାରି ରହିବ ବୋଲି କହିଥିଲେ।

## ଆମେରିକାର ଅତି ଭୟଙ୍କର ଅପରାଧୀ ତାଲିକାରେ ୮ ୯ ଭାରତୀୟ

ୱାଶିଂଟନ, ୬ା୨(ଏଜେନ୍ସି): ଆମେରିକା ଏକ 'ଅତି ଭୟଙ୍କର ଅପରାଧୀ ତାଲିକା' ପ୍ରକାଶିତ ହୋଇଛି। ଏହି ତାଲିକାରେ ୮ ୯ ଜଣ ଭାରତୀୟ ବଂଶୋଦ୍ଭବ ସାମିଲ ହୋଇଛନ୍ତି। ଆମେରିକା ଗୃହ ସୁରକ୍ଷା ବିଭାଗ (ଡିଏଚ୍‌ଏସ୍) ଦ୍ୱାରା ପ୍ରକାଶିତ ଏହି ଡାଟାବେସ୍‌ରେ ୨୫, ୦୦୦ ବେଆଇନ୍ ପ୍ରବାସୀଙ୍କ ନାମ ରହିଛି। ଏମାନଙ୍କ ମଧ୍ୟରେ ହତ୍ୟାକାରୀ, ଯୌନ ଅପରାଧୀ, ନିଶାଦ୍ରବ୍ୟ ତଥା ଡ୍ରଗ୍ସ ଚୋରଚାଲାଣକାରୀ ସାମିଲ ଅଛନ୍ତି। ଏମାନଙ୍କୁ ଆମେରିକା ଇମିଗ୍ରେସନ ଓ କଷ୍ଟମ ଏନଫୋର୍ସମେଣ୍ଟ ଗିରଫ କରିଛି। ସାର୍ବଜନୀନ ଭାବେ ପ୍ରକାଶିତ ହୋଇଥିବା ଏହି ଡାଟାବେସ୍‌ରେ ଅପରାଧୀଙ୍କ ନାମ, ଫଟୋ, ସେମାନଙ୍କ ଅପରାଧ ଓ ଜାତୀୟତାର ସୂଚନା ଦିଆଯାଇଛି।

## ଆମେରିକୀୟଙ୍କୁ ତୁରନ୍ତ ଇରାନ ଛାଡ଼ିବାକୁ ନିର୍ଦ୍ଦେଶ

ୱାଶିଂଟନ/ତେହେରାନ, ୬ା୨(ଏଜେନ୍ସି): ଇରାନରେ ରହୁଥିବା ନିଜ ନାଗରିକଙ୍କୁ ତୁରନ୍ତ ଦେଶ ଛାଡ଼ିବା ପାଇଁ ଆମେରିକା କଠୋର ଚେତାବନୀ ଦେଇଛି। ଆଭାସୀ ଆମେରିକୀୟ ଦୂତାବାସ କହିଛି ଯେ, ଦେଶର ସୁରକ୍ଷା ସ୍ଥିତି ଅତ୍ୟନ୍ତ ଖରାପ ହୋଇଯାଇଛି। ବଢୁଥିବା ଅଶାନ୍ତି, କଟକଣା ଓ ଯାତ୍ରାରେ ବାଧା ଲୋକଙ୍କ ସୁରକ୍ଷା ପାଇଁ ଗମ୍ଭୀର ବିପଦ ସୃଷ୍ଟି କରୁଛି। ତେଣୁ ନିଜେ ବାହାରିବା ପାଇଁ ଯୋଜନା କରନ୍ତୁ। ଏଥିପାଇଁ ଆମେରିକୀୟମାନେ ସରକାରଙ୍କ ସହାଯ୍ୟକୁ ଅପେକ୍ଷା କରନ୍ତୁ ନାହିଁ। ସରକାରୀ ସହାୟତା ଅତ୍ୟନ୍ତ ସୀମିତ।

## ମଣିପୁରରେ ପୁଣି ହିଂସା

ଇମ୍ଫାଲ, ୬ା୨ (ଏଜେନ୍ସି): ନୂଆ ସରକାର ଗଠନ ହେବା ପରେ ମଣିପୁରରେ ପୁଣି ହିଂସା ଆରମ୍ଭ ହୋଇଛି। ସରକାରରେ କୁକି-ଜୋ-ହମାର ସମୁଦାୟର ବିଧାୟକଙ୍କ ସାମିଲକୁ ବିରୋଧ କରି ଶୁକ୍ରବାର ଚୁରାଚାନ୍ଦପୁର, କାଙ୍ଗପୋକପି ଏବଂ ତେଙ୍ଗନୌପାଲ ଜିଲ୍ଲାରେ ଲୋକେ ରାଲି କରିଛନ୍ତି। ଚୁରାଚନ୍ଦପୁରରେ ଏହି ବିରୋଧ ହିଂସ୍ର ହୋଇଯାଇଛି। ପୁଲିସ ଉପରେ ପଥର ମାଡ଼ କରାଯାଇଛି। ଏହାକୁ ଦେଖି ପ୍ରଶାସନ ପ୍ରଭାବିତ ଅଞ୍ଚଳକୁ ସମ୍ପୂର୍ଣ୍ଣ ସଟଡାଉନ କରିଦେଇଛି। ଉକ୍ତ ତିନି ସମ୍ପ୍ରଦାୟରୁ ଆସୁଥିବା ତିନି ବିଜେପି ବିଧାୟକ ନେମଚା କିପଗେନ, ଏଲ ଏମ ଖାଉତେ ଏବଂ ଅନ ସନାଟେ ସମୁଦାୟକୁ ଧୋକା ଦେଇଥିବା ଅଭିଯୋଗ କରିଛନ୍ତି। ଅନ୍ୟପଟେ କିଛି ସଂଗଠନ ନେମଚାଙ୍କୁ ମାରିବା ପାଇଁ ୨୦ ଲକ୍ଷ ଏବଂ ଅନ୍ୟ ଦୁଇ ବିଧାୟକଙ୍କ ପାଇଁ ୧୦ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ଘୋଷଣା କରିଛନ୍ତି।

## ପଶ୍ଚିମବଙ୍ଗରେ ବେକାରୀଙ୍କୁ ମିଳିବ ୧୫୦୦ ଟଙ୍କା ଭତ୍ତା



କୋଲକାତା, ୬ା୨(ଏଜେନ୍ସି): ପଶ୍ଚିମବଙ୍ଗରେ ମମତା ବାନାର୍ଜୀଙ୍କ ସରକାର ବିଧାନସଭାରେ ୪.୦୬ ଲକ୍ଷ କୋଟି ଟଙ୍କାର ଅନ୍ତରୀଣ ବଜେଟ୍ ଉପସ୍ଥାପନ କରିଛନ୍ତି। ଆଗାମୀ ୩ ମାସ ମଧ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ମୁଖ୍ୟମନ୍ତ୍ରୀ ମମତା ଭୋଟରମାନଙ୍କୁ ଲୋଭ ଦେଖାଇବାକୁ ପ୍ରୟାସ କରିଛନ୍ତି। ଏହିକ୍ରମରେ ସେ ରାଜ୍ୟରେ ଥିବା ୨୧ରୁ ୪୦ ବର୍ଷ ବୟସ୍କ ବେକାର ଯୁବକ- ଯୁବତୀଙ୍କୁ ମାସିକ ୧, ୫୦୦ ଟଙ୍କାର ଭତ୍ତା ଦେବାକୁ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ, ତାଙ୍କ ସରକାର ଯଦି ପୁଣି କ୍ଷମତାକୁ ଫେରନ୍ତି, ତେବେ ଅଗଷ୍ଟ ୧୫ରୁ ଏହି ଯୋଜନା କାର୍ଯ୍ୟକାରୀ ହେବ। ଏହାକୁ 'ବାଙ୍ଗଲାର ଯୁବ ସାଥି ଯୋଜନା' ବୋଲି ସେ ନାମ ରଖିଛନ୍ତି। ସେହିପରି ସେ ସରକାରୀ କର୍ମଚାରୀମାନଙ୍କ ପାଇଁ ୪ ପ୍ରତିଶତ ମହଙ୍ଗା ଭତ୍ତା ବୃଦ୍ଧି କରିବାକୁ ଘୋଷଣା କରିଛନ୍ତି। ପୁଣି ସପ୍ତମ ବେତନ କମିଶନ ଲାଗୁ କରିବା ଦିଗରେ ସରକାର କାମ କରୁଥିବା ସେ କହିଛନ୍ତି। ସେହିପରି ଅଙ୍ଗନାବାଡ଼ି, ଆଶା କର୍ମୀ, ସିଭିଲ ସ୍ୱେଚ୍ଛାସେବୀ ଓ ଗ୍ରାମ ପୁଲିସଙ୍କ ମାସିକ ଭତ୍ତା ମଧ୍ୟ ବୃଦ୍ଧି କରାଯାଇଛି। ଏହା ବ୍ୟତୀତ ୫ଟି ଏମ୍‌ଏସ୍‌ଏମ୍‌ଇ ଶିଳ୍ପ ପାର୍କ ସହ ମୁର୍ଶିଦାବାଦ ଓ ମାଲଦାରେ ଗଙ୍ଗାନଦୀର କୂଳ ଖାଇବାକୁ ରୋକିବା ପାଇଁ ମାଷ୍ଟର ପ୍ଲାନ ଘୋଷଣା କରିଛନ୍ତି ରାଜ୍ୟ ସରକାର

## ସଂସଦ ଅଚଳ ଯୋଗୁଁ ୫୭ କୋଟି କ୍ଷତି



ମିନିଟ୍‌କୁ ଖର୍ଚ୍ଚ ହେଉଛି ୨.୫ ଲକ୍ଷ

ନୂଆଦିଲ୍ଲୀ, ୬ା୨(ଏଜେନ୍ସି): ଦେଶର ସଂସଦ ପରିଚାଳନାରେ ପାଣି ଭଳି ଅର୍ଥ ଖର୍ଚ୍ଚ ହେଉଛି। ମାତ୍ର ହଟ୍ଟଗୋଳ ଚାଲିଥିବାରୁ ଏହା ବର୍ବାଦ ହୋଇଯାଉଛି। ବଜେଟ ଅଧିବେଶନରେ ଏ ପର୍ଯ୍ୟନ୍ତ ସାର୍ଥକ ଚର୍ଚ୍ଚା ହୋଇପାରି ନାହିଁ। ଶାସକ ଏବଂ ବିରୋଧୀ ମୁହାଁମୁହିଁ ସ୍ଥିତିରେ ଥିବାରୁ କ୍ରମାଗତ ଭାବେ ସଂସଦ କାର୍ଯ୍ୟକୁ ବନ୍ଦ କରିବାକୁ ପଡୁଛି। ଯେତେ ସମୟ ସଂସଦ ମୁଲତବୀ ରହୁଛି କ୍ଷତିର ପରିମାଣ ସେତେ ବୃଦ୍ଧି ପାଇ ଚାଲିଛି। ଏଥିରେ ଅତ୍ୟାଧୁନିକ ସଂସଦ ଭବନର ପରିଚାଳନା ଖର୍ଚ୍ଚ, କର୍ମଚାରୀଙ୍କ ଦରମା ଓ ସୁରକ୍ଷା ତଥା ନିରାପତ୍ତା ଖର୍ଚ୍ଚ ଅନ୍ତର୍ଭୂକ୍ତ। ସଂସଦ ପରିଚାଳନାରେ ମିନିଟକୁ ୨.୫ ଲକ୍ଷ, ଘଣ୍ଟାକୁ ୧.୫ କୋଟି ଓ ଦିନକୁ ୯ କୋଟି ଟଙ୍କା ଖର୍ଚ୍ଚ ହୋଇଥାଏ। ତେଣୁ ଏହି ଅନୁସାରେ ଏପର୍ଯ୍ୟନ୍ତ ମୋଟ୍ ୫୭ କୋଟି ଟଙ୍କା କ୍ଷତି ହୋଇଛି। ସଂସଦର ଚଳିତ ବଜେଟ ଅଧିବେଶନରେ ହଟଗୋଳ ଯୋଗୁଁ ଜନସାଧାରଣଙ୍କ ପ୍ରାୟ ଏତିକି ଟଙ୍କା ଖର୍ଚ୍ଚ ହୋଇଛି। ଜାନୁଆରୀ ୨୮ ରୁ ଆରମ୍ଭ ହୋଇଥିବା ବଜେଟ ଅଧିବେଶନରେ ଲୋକସଭା ପାଇଁ ୩୦ରୁ ୩୫ କାର୍ଯ୍ୟ ନିର୍ଘଣ୍ଟ ଧାର୍ଯ୍ୟ କରାଯାଇଥିବା ବେଳେ ସେଥିମଧ୍ୟରୁ ୨୦ରୁ ୨୫ ଘଣ୍ଟା ହଟଗୋଳ ଯୋଗୁଁ ନଷ୍ଟ ହୋଇଛି। ତେଣୁ ଏହାର ଆନୁମାନିକ କ୍ଷତି ପ୍ରାୟ ୩୦ରୁ ୩୫ କୋଟି ଟଙ୍କା। ସେହିପରି ରାଜ୍ୟ ସଭାରେ ୧୨ରୁ ୧୫ ଘଣ୍ଟା କାର୍ଯ୍ୟ ନଷ୍ଟ ହୋଇଛି ଓ ଏହା ଦ୍ୱାରା ୧୮ ରୁ ୨୨ କୋଟି ଟଙ୍କା କ୍ଷତି ହୋଇଛି। ଉଭୟ ଗୃହକୁ ମିଶାଇଲେ ହଟ୍ଟଗୋଳ ଯୋଗୁଁ ଏପର୍ଯ୍ୟନ୍ତ ୫୭ କୋଟି ଟଙ୍କା କ୍ଷତି ହୋଇଛି।

### ବାଂଲାଦେଶରେ ପ୍ରାକ୍ ନିର୍ବାଚନୀ ହିଂସା

## ୟୁନୁସଙ୍କ ଘର ଆଗରେ ସଂଘର୍ଷ



■ 'ପେଟରେ ଭାତ ନାହିଁ- ପାଟିରେ କି ବିକାଶ'

ଢାକା, ୬ା୨(ଏଜେନ୍ସି): ବାଂଲାଦେଶରେ ସାଧାରଣ ନିର୍ବାଚନ ହେବାକୁ ଆଉ ମାତ୍ର ୬ ଦିନ ବାକି ରହିଛି। ଏପରି ସମୟରେ ରାଜଧାନୀ ଢାକାରେ ଶୁକ୍ରବାର ଦିନ ଭୟଙ୍କର ହିଂସାକାଣ୍ଡ ଘଟିଛି। ଅନ୍ତରୀଣ ସରକାରଙ୍କ ମୁଖ୍ୟ ଉପଦେଷ୍ଟା ମହମ୍ମଦ ୟୁନୁସଙ୍କ ସରକାରୀ ବାସଭବନ 'ଯମୁନା' ବାହାରେ ବଡ଼ ଧରଣର ସଂଘର୍ଷ ଦେଖିବାକୁ ମିଳିଛି। ୯ମ ଜାତୀୟ ବେତନ ସ୍କେଲ କାର୍ଯ୍ୟକାରୀ କରିବା ଦାବିରେ ସରକାରୀ କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଫଳରେ ପୁଲିସ ସହ ସେମାନଙ୍କର ସଂଘର୍ଷ ହୋଇଥିଲା। ଏଥିରେ ଅନେକ ଆହତ ହୋଇଛନ୍ତି। ୨୦୨୪ ଅଗଷ୍ଟରେ ହୋଇଥିବା ହିଂସା ପରେ ଶେଖ ହସିନା ସରକାରଙ୍କୁ ଗାଦିଚ୍ୟୁତ କରାଯାଇଥିଲା। ଏହାପରେ ପ୍ରଥମଥର ପାଇଁ ସରକାର ଗଠନ ନିମନ୍ତେ ଆସନ୍ତା ୧୨ ତାରିଖରେ ନିର୍ବାଚନ ହେବାକୁ ଯାଉଛି। କିନ୍ତୁ ଏହା ପୂର୍ବରୁ ସୃଷ୍ଟି ହୋଇଥିବା ଏହି ଅଶାନ୍ତି ୟୁନୁସଙ୍କ ନେତୃତ୍ୱାଧୀନ ଅନ୍ତରୀଣ ସରକାରଙ୍କ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି। ସେ ଜାଣିଶୁଣି ନିର୍ବାଚନକୁ ଭଣ୍ଡୁର କରିବାକୁ ଚାହୁଁଥିବା କୁହାଯାଉଛି। କାରଣ ପୂର୍ବରୁ ସଂଖ୍ୟାଲଘୁ ବିରୋଧରେ ହୋଇଥିବା ହିଂସାକୁ ରୋକିବାରେ ତାଙ୍କ ସରକାର କୌଣସି ପଦକ୍ଷେପ ନେଇ ନ ଥିଲେ।

ଏବେ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସରକାରୀ କର୍ମଚାରୀମାନେ 'ଶହୀଦ ମିନାର'ଠାରେ ଏକତ୍ରିତ ହୋଇ 'ଯମୁନା' ଅଭିମୁଖେ ଯାତ୍ରା କରିଥିଲେ। ସେମାନେ ୯ମ ବେତନ କମିଶନ ରିପୋର୍ଟର ତୁରନ୍ତ କାର୍ଯ୍ୟକାରିତା ପାଇଁ ଦାବି କରିଥିଲେ। ଦେଶରେ ବୃଦ୍ଧି ପାଉଥିବା ଦରଦାମ ବୃଦ୍ଧି ଓ ଜୀବିକା ସଂକଟ ପାଇଁ ସେମାନେ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ପ୍ରଦର୍ଶନକାରୀମାନେ 'ପେଟରେ ଭାତ ନାହିଁ- ପାଟିରେ କି ବିକାଶ' ବୋଲି ସ୍ଲୋଗାନ ଦେଇଥିଲେ। ବ୍ୟାରିକେଡ୍ ଭାଙ୍ଗି ପ୍ରଦର୍ଶନକାରୀମାନେ 'ଯମୁନା' ଆଡ଼କୁ ମାଡ଼ିଯାଇଥିଲେ। ସେମାନଙ୍କୁ ଛତ୍ରଭଙ୍ଗ ଦେବା ପାଇଁ ପୁଲିସ ୱାଟର କାନନ, ଲୁହବୁହା ଗ୍ୟାସ ଓ ସାଉଣ୍ଡ ଗ୍ରେନେଡ ବ୍ୟବହାର କରିବା ସହ ଲାଠି ଚାର୍ଜ କରିଥିଲା। ଏହି ସଂଘର୍ଷରେ ଅନେକ ଆହତ ହୋଇଛନ୍ତି। ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ସେନାକୁ ମୁତୟନ କରାଯାଇଛି। ତେଣେ ପୁଲିସର ଏହି କାର୍ଯ୍ୟାନୁଷ୍ଠାନକୁ କର୍ମଚାରୀ ସଂଘ କ୍ଷୋଭ ପ୍ରକାଶ କରିଛି। ଯଦି ଆମ ଉପରେ ଆକ୍ରମଣ ଜାରି ରହେ, ତେବେ ନିର୍ବାଚନ ବର୍ଜନ କରିବୁ ବୋଲି ଆନ୍ଦୋଳନକାରୀମାନେ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଫେବୃଆରୀ ୧୨ରେ ବାଂଲାଦେଶରେ ସାଧାରଣ ନିର୍ବାଚନ ହେବ ଓ ସାରା ବିଶ୍ୱର ନଜର ଏହା ଉପରେ ରହିଛି।

### ପାକ୍ ପ୍ରଧାନମନ୍ତ୍ରୀଙ୍କ ପାଗଳ ପ୍ରଳାପ

## କଶ୍ମୀର ପାକିସ୍ତାନର ଅଂଶ ହେବ; ଶେହବାଜ

ଇସଲାମାବାଦ୍, ୬ା୨(ଏଜେନ୍ସି): ପାକିସ୍ତାନ ପୁଣିଥରେ କଶ୍ମୀରକୁ ନେଇ ନିଜର ପ୍ରଳାପ କରିଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଗୁରୁବାର ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ) ରେ କଶ୍ମୀରକୁ ନେଇ ପୁଣି ଥରେ ଏକ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ମୁଜାଫରାବାଦ୍‌ରେ ବିଧାନସଭାକୁ ସମ୍ବୋଧିତ କରି ସେ କହିଛନ୍ତି ଯେ, କଶ୍ମୀର ପାକିସ୍ତାନର ଅଂଶ ହେବ। ପାକିସ୍ତାନ କଶ୍ମୀରବାସୀଙ୍କ ସହ ଦୃଢ଼ ଭାବେ ଛିଡ଼ା ହୋଇଛି। ଜମ୍ମୁ-କଶ୍ମୀର ବିବାଦର ସମାଧାନ କଶ୍ମୀରବାସୀଙ୍କ ଇଚ୍ଛା ଅନୁଯାୟୀ ହେବା ଉଚିତ। ସେ ଆହୁରି କହିଛନ୍ତି ଯେ, ମିଳିତ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ର ପ୍ରସ୍ତାବଗୁଡ଼ିକ କାର୍ଯ୍ୟକାରୀ କରିବା ଦ୍ୱାରା ହିଁ ବିବାଦର ସମାଧାନ ସମ୍ଭବ। ମୁଁ ପାକିସ୍ତାନ ଜନସାଧାରଣ ଓ ପାକିସ୍ତାନୀ ନେତୃତ୍ୱ ପକ୍ଷରୁ କଶ୍ମୀର ଭାଇମାନଙ୍କ ସହ ଏକତା ପ୍ରଦର୍ଶନ କରିବାକୁ ଆସିଛି ବୋଲି ସେ କହିଛନ୍ତି। ପାକିସ୍ତାନର ପ୍ରତିଷ୍ଠାତା ମହମ୍ମଦ ଅଲି ଜିନ୍ନା ଏହି ଅଞ୍ଚଳକୁ ପାକିସ୍ତାନର 'ଲାଇଫ୍ ଲାଇନ୍' ବୋଲି କହିଥିଲେ। କଶ୍ମୀର ପ୍ରସଙ୍ଗ ଆମ ବୈଦେଶିକ ନୀତିର ମୂଳଦୁଆ। ୨୦୧୫ ମେ'ରେ ଭାରତ ସହ ଏକ ୪ ଦିନିଆ ଯୁଦ୍ଧ ତଥା ଅପରେସନ ସିନ୍ଦୂର କଥା ସେ ଉଲ୍ଲେଖ କରିଛନ୍ତି। ପୂର୍ବରୁ ମଧ୍ୟ ଭାରତ ବିରୋଧରେ ଶେହବାଜ ଏକାଧିକବାର ଏହି ପରି ବିଷୋଦଗାର କରିଛନ୍ତି। ଉଲ୍ଲେଖଥାଉ କି, ପହଲଗାମରେ ଆତଙ୍କବାଦୀଙ୍କ ନରସଂହାର ପରେ ଭାରତ ୨୦୨୫ ମେ ୭ରେ ଅପରେସନ ସିନ୍ଦୂର ଆରମ୍ଭ କରିଥିଲା ଓ ପାକିସ୍ତାନରେ ଥିବା ୯ଟି ଆତଙ୍କବାଦୀ ଆଡ୍ଡା ଉପରେ ସଠିକ ସାମରିକ ଆକ୍ରମଣ କରିଥିଲା ଓ ଏଥିରେ ୧୦୦ରୁ ଅଧିକ ଆତଙ୍କବାଦୀ ନିହତ ହୋଇଥିଲେ।

### 'ପରୀକ୍ଷା ପେ ଚର୍ଚ୍ଚା'ରେ ଛାତ୍ରଛାତ୍ରୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ

## ସମସ୍ତଙ୍କ କଥା ଶୁଣ; ନିଜ ବିବେକ ଅନୁସାରେ ପରୀକ୍ଷା ପ୍ରସ୍ତୁତି କର



ନୂଆଦିଲ୍ଲୀ, ୬ା୨ (ଏଜେନ୍ସି):ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପରୀକ୍ଷା ପେ ଚର୍ଚ୍ଚା (ପିପିସି)ର ନବମ ସଂସ୍କରଣରେ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ ଦିଲ୍ଲୀସ୍ଥିତ ତାଙ୍କ ବାସଭବନରେ ଏକଜାମ୍ ୱାରିୟର୍ସମାନଙ୍କ ସହ ଏକ ଅନୌପଚାରିକ ଆଲୋଚନା କରିଥିଲେ। ମୋଦୀ ପ୍ରଥମେ ପିଲାମାନଙ୍କୁ ଆସାମୀ ଗାମୁଛା (ସ୍କାର୍ଫ) ପିନ୍ଧାଇଲେ ଏବଂ ତା'ପରେ ସେମାନଙ୍କ ପ୍ରଶ୍ନର ଉତ୍ତର ଦେଲେ।ପ୍ରଥମ ଅଧ୍ୟାୟରେ ପ୍ରଧାନମନ୍ତ୍ରୀ ପିଲାମାନଙ୍କୁ ବିଦେଶୀ ସାମଗ୍ରୀ ପରିତ୍ୟାଗ କରି ସ୍ୱଦେଶୀ ଉତ୍ପାଦ ଆପଣାଇବାକୁ ପରାମର୍ଶ ଦେଇଥିଲେ। ସେମାନଙ୍କୁ ବିକଶିତ ଭାରତ ଗଠନ କରିବାର ସ୍ୱପ୍ନକୁ ସାକାର କରିବାକୁ ମଧ୍ୟ ଅନୁରୋଧ କରିଥିଲେ। ସମସ୍ତଙ୍କ ପରାମର୍ଶ ଶୁଣି ନିଜ ଇଚ୍ଛା ଏବଂ ଅଭିଜ୍ଞତା ବିବେକାନୁମୋଦିତ ଭାବେ ପରୀକ୍ଷା ପ୍ରସ୍ତୁତି କରିବାକୁ ଛାତ୍ରଛାତ୍ରୀଙ୍କୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଥିଲେ।

ପ୍ରଧାନମନ୍ତ୍ରୀ କହିଥିଲେ ଯେ ଯେତେବେଳେ ସ୍ୱାଧୀନତାର ଶହେ ବର୍ଷ ପୂରଣ ହେବ ତୁମେ ୩୯-୪୦ ବର୍ଷ ବୟସର ହେବ। ତୁମେ ଏବେ ଏକ ବିକଶିତ ଭାରତକୁ ନିଜ ସ୍ୱପ୍ନରେ ପରିଣତ କରିବା ଉଚିତ। ଭଗତ ସିଂହଙ୍କୁ ତାଙ୍କ ହୃଦୟରେ ସ୍ୱାଧୀନତାର ସ୍ୱପ୍ନ ସହିତ ଫାଶୀ ଦିଆଯାଇଥିଲା। ସ୍ୱାଧୀନତାର ୨୫ ଏବଂ ୩୦ ବର୍ଷ ପୂର୍ବରୁ ଦିଆଯାଇଥିବା ବଳିଦାନ ସ୍ୱାଧୀନତାର କାରଣ ଥିଲା। ଏକ ବିକଶିତ ଭାରତ ପାଇଁ ତୁମେ କ'ଣ କରିବାକୁ ଚାହୁଁଛ ସେ ବିଷୟରେ ତୁମର ସ୍ୱପ୍ନକୁ ସୃଷ୍ଟି କର।ଆତ୍ମବିଶ୍ୱାସ ସହିତ ଯେକୌଣସି ଭୟକୁ ଦୂର କରିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଜଣେ ଛାତ୍ର ପଚାରିଲେ, 'ମୁଁ ଉପସ୍ଥାପନା ଦେବା ସମୟରେ ନର୍ଭସ ହୋଇଯାଏ। ମୁଁ ଏହି ଭୟକୁ କିପରି ଦୂର କରିବି?' ଉତ୍ତରରେ ପ୍ରଧାନମନ୍ତ୍ରୀ କହିଥିଲେ, "ତୁମେ କେବେ ଲକ୍ଷ୍ୟ କରିଛ କି ଫୁଟପାଥରେ ଜଣେ ଗରିବ ମହିଳା ଟିଭିରେ ଏକ ଘଟଣା ବିଷୟରେ କେତେ ଆତ୍ମବିଶ୍ୱାସର ସହିତ କହୁଛନ୍ତି? ସେ ସାକ୍ଷାତକାର ପାଇଁ ଅଭ୍ୟାସ କରିଛନ୍ତି କି? ନା। ତାଙ୍କର ଆତ୍ମବିଶ୍ୱାସ ସତ୍ୟରୁ ଆସେ। ସେ ଜାଣନ୍ତି ଯେ ସେ ଯାହା ଦେଖିଛନ୍ତି ତାହା ତାଙ୍କୁ କହିବାକୁ ପଡିବ। ଯଦି ତୁମେ ଯାହା କରୁଛ ସେଥିରେ ଆତ୍ମବିଶ୍ୱାସ ଅଛି, ତେବେ ଉପସ୍ଥାପନାର ଭୟ ଦୂର ହୋଇଯିବ।

## ପ୍ରଶାନ୍ତ କିଶୋରଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

■ ଲୋକପ୍ରିୟତା ପାଇଁ କୋର୍ଟଙ୍କୁ ବ୍ୟବହାର କରନି ବୋଲି କହିଲେ
■ ବିହାର ବିଧାନସଭା ନିର୍ବାଚନ ରଦ୍ଦ କରିବାକୁ ହୋଇଥିଲା ଆବେଦନ

ନୂଆଦିଲ୍ଲୀ, ୬ା୨(ଏଜେନ୍ସି): ସୁପ୍ରିମକୋର୍ଟ ବିହାରର ଜନ ସୁରାଜ ପାର୍ଟି ମୁଖ୍ୟ ତଥା ଜଣାଶୁଣା ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋରଙ୍କୁ ଭର୍ତ୍ସନା କରିବା ସହ କଡ଼ା ସମାଲୋଚନା କରିଛନ୍ତି। ଏଥିସହ ବିହାର ବିଧାନସଭା ନିର୍ବାଚନ ଫଳାଫଳକୁ ରଦ୍ଦ କରିବା ପାଇଁ ପାର୍ଟି ତରଫରୁ ହୋଇଥିବା ଆବେଦନକୁ କୋର୍ଟ ଖାରଜ କରିଛନ୍ତି। ଶୁକ୍ରବାରରେ ଏ ନେଇ ହୋଇଥିବା ଶୁଣାଣି ସମୟରେ କୋର୍ଟ ଏହି ପାର୍ଟିକୁ କଡ଼ା ସମାଲୋଚନା କରିଛନ୍ତି। ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ ଓ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ। ମୁଖ୍ୟ ବିଚାରପତି ପ୍ରଶାନ୍ତଙ୍କ ପାର୍ଟିକୁ ତିରସ୍କାର କରି କହିଥିଲେ ଯେ, ଆପଣ କେତେ ଭୋଟ ପାଇଛନ୍ତି? ଲୋକମାନେ ଆପଣଙ୍କୁ ପ୍ରତ୍ୟାଖାନ କରିଛନ୍ତି ଓ ଆପଣ ପବ୍ଲିସିଟି ତଥା ଲୋକପ୍ରିୟତା ପାଇଁ କୋର୍ଟ ତଥା ନ୍ୟାୟିକ ମଞ୍ଚକୁ ବ୍ୟବହାର କରୁଛନ୍ତି। କୋର୍ଟ କହିଛନ୍ତି ଯେ, ଏହା ଏକ ସର୍ବଭାରତୀୟ ସମସ୍ୟା ନୁହେଁ। ତେଣୁ ଆବେଦନକାରୀ ପ୍ରଥମେ ବିହାର ହାଇକୋର୍ଟକୁ ଯିବାର ଥିଲା। ଆବେଦନରେ ଜେଡିୟୁ ଓ ବିଜେପି ମେଣ୍ଟ ବିରୋଧରେ ଗମ୍ଭୀର ଅଭିଯୋଗ କରାଯାଇଥିଲା। ନିର୍ବାଚନ ସମୟରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବା ବେଳେ ପ୍ରତ୍ୟେକ ପରିବାରର ଜଣେ ମହିଳାଙ୍କୁ ୧୦, ୦୦୦ ଟଙ୍କା ଲେଖାଏ ବଣ୍ଟନ କରାଯାଇଥିଲା ବୋଲି ଅଭିଯୋଗ ହୋଇଥିଲା। ଏହି କ୍ରମରେ ପ୍ରାୟ ୨୫ରୁ ୩୫ ଲକ୍ଷ ମହିଳା ଭୋଟରଙ୍କୁ ଏହି ସହାୟତା ରାଶି ପ୍ରଦାନ କରାଯାଇଛି। ଏହା ଏକ ବଡ଼ ଧରଣର ଦୁର୍ନୀତିକୁ ସୂଚାଉଛି ବୋଲି ଆବେଦନରେ ଉଲ୍ଲେଖ କରାଯାଇଥିଲା।

## ୭ ନକ୍ସଲ ନିହତ; ଜଣେ ଯବାନ ସହିଦ

ମୁମ୍ବଇ, ୬ା୨(ଏଜେନ୍ସି): ମହାରାଷ୍ଟ୍ରର ଗଡ଼ଚିରୋଲିରେ ପୁଲିସର ସି-୬୦ କମାଣ୍ଡୋ ଓ ନକ୍ସଲ ତଥା ମାଓବାଦୀଙ୍କ ସହ ଗୁଳିବିନିମୟ ଜାରି ରହିଛି। ଏଥିରେ ୭ ଜଣ ମାଓବାଦୀ ନିହତ ଓ ଜଣେ ଯବାନ ସହିଦ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ଜଣେ ମହିଳାଙ୍କ ସମେତ ୭ ଜଣ ମାଓବାଦୀଙ୍କ ମୃତଦେହ ଉଦ୍ଧାର କରାଯାଇଥିବା ସୂଚନା ମିଳିଛି। ଏଥିସହ ଗୋଟିଏ ଏକେ-୪୭ ଓ ଗୋଟିଏ ଏସ୍‌ଏଲ୍‌ଆର ଜବତ କରାଯାଇଛି। ତେବେ ୩ ମାଓବାଦୀଙ୍କ ପରିଚୟ ଏପର୍ଯ୍ୟନ୍ତ ମିଳିପାରି ନାହିଁ। ପୁଲିସ ଅଧିକାରୀଙ୍କ କହିବା ଅନୁଯାୟୀ, ଗଡ଼ଚିରୋଲି ଘଞ୍ଚ ଜଙ୍ଗଲରେ ନକ୍ସଲମାନଙ୍କ ବଡ଼ କ୍ୟାମ୍ପ ସକ୍ରିୟ ଥିବା ସୂଚନା ମିଳିଥିଲା। ଗୁଇନ୍ଦା ସୂଚନା ଆଧାରରେ ସି-୬୦ କମାଣ୍ଡୋ ସେହି ଅଞ୍ଚଳରେ ସର୍ଚ୍ଚ ଓ କମ୍ବିଂ ଅପରେସନ ଆରମ୍ଭ କରିଥିଲା। ଏହି ସମୟରେ ନକ୍ସଲମାନେ ଗୁଳି ଚଳାଇଥିଲେ। ଜବାବରେ ସୁରକ୍ଷାବାହିନୀ ମଧ୍ୟ ପାଲଟା ଆକ୍ରମଣ କରିଥିଲା। କିଛି ଘଣ୍ଟାର ଗୁଳି ବିନିମୟପରେ ଏହି ନକ୍ସଲ କ୍ୟାମ୍ପକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିଦିଆଯାଇଛି।

## ଦିଲ୍ଲୀ ରାସ୍ତା ନେଲା ବାଇକ ଆରୋହୀଙ୍କ ଜୀବନ

ନୂଆଦିଲ୍ଲୀ, ୬ା୨ (ଏଜେନ୍ସି): ରାଜଧାନୀ ଦିଲ୍ଲୀରେ ଲଜ୍ଜାଜନକ ଘଟଣା ଘଟିଛି। ଗୁରୁବାର ବିଳମ୍ବିତ ରାତିରେ ପଶ୍ଚିମ ଦିଲ୍ଲୀର ଜନକପୁରା ରାସ୍ତାରେ ଥିବା ୧୫ ଫୁଟର ଖାଲରେ ପଡ଼ି ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଛି। ଅଧ ରାତିରେ ଏହି ଘଟଣା ଘଟିଥିବାବେଳେ ପୁଲିସ ଶୁକ୍ରବାର ସକାଳେ କମଲ ଭୟାନୀଙ୍କ ମୃତଦେହ ଉଦ୍ଧାର କରିଥିଲା। କମଲଙ୍କ ଯାଆଁଳା ଭାଇ କହିଛନ୍ତି ଯେ ଫୋନ ନ ଲାଗିବାରୁ ଆମେ ୫ରୁ୬ ଥାନାକୁ ଫୋନ କରିଥିଲୁ। କିନ୍ତୁ କେହି ତଦନ୍ତରେ ସହାୟତା କରି ନ ଥିଲେ। ଏହାକୁ ନେଇ ପୁଲିସ ଦିଲ୍ଲୀ ଜଳ ବୋର୍ଡର ଅଧିକାରୀ ଏବଂ ଠିକାଦାରଙ୍କ ବିରୋଧରେ ଉଦ୍ଦେଶ୍ୟ ରହିତ ହତ୍ୟା ମାମଲା ରୁଜୁ କରିଛି। ଜଳ ବୋର୍ଡର କାର୍ଯ୍ୟନିର୍ବାହୀ ଇଞ୍ଜିନିୟର, ସହାୟକ ଇଞ୍ଜିନିୟର ଏବଂ ଜୁନିୟର ଇଞ୍ଜିନିୟରଙ୍କୁ ନିଲମ୍ବନ କରିଦିଆଯାଇଛି। ଅନ୍ୟପଟେ ଲୋକସଭା ବିରୋଧୀ ଦଳ ନେତା ଏହାକୁ ଦୁର୍ଘଟଣା ନୁହେଁ, ବରଂ ସରକାରୀ ଅବହେଳାରୁ ହତ୍ୟା କହିଛନ୍ତି। ଅବହେଳାର ମହାମାରୀ ଆଜି ପୁଣି ଏକ ଯୁବକଙ୍କ ଜୀବନ ନେଇଛି। ଗୋଟିଏ ଝଟକାରେ ସବୁ କିଛି ଉଜୁଡ଼ି ଯାଇଛି।


### ଏପଷ୍ଟିନ ନୂଆ ଫାଇଲରେ ଦାବି

## ଝିଅମାନଙ୍କୁ ଜବରଦସ୍ତି କରାଯାଉଥିଲା ଗର୍ଭବତୀ

■ ଯୌନ ସମ୍ପର୍କ ସମୟରେ ତଣ୍ଟି ଚିପି ମାରୁଥିଲେ
■ ଫାର୍ମ ହାଉସ୍‌ରେ ପୋତା ଯାଉଥିଲା ମୃତଦେହ
■ ବ୍ରିଟେନ ପ୍ରଧାନମନ୍ତ୍ରୀଙ୍କ ଉପରେ ଇସ୍ତଫା ଚାପ
■ ରହିଛି ପୂର୍ବତନ ହାଇକମିଶନର ୱାଇକେ ସିହ୍ନାଙ୍କ ନାମ

ୱାଶିଂଟନ, ୬ା୨(ଏଜେନ୍ସି): ଜେଫ୍ରି ଏପଷ୍ଟିନଙ୍କ ସହ ଜଡ଼ିତ ମାମଲାରେ ପୁଣିଥରେ ଗମ୍ଭୀର ଓ ଚକିତ କଲା ଭଳି ଅଭିଯୋଗ ସାମ୍ନାକୁ ଆସିଛି। ଆମେରିକା ନ୍ୟାୟ ବିଭାଗ ନିକଟରେ କିଛି ନୂଆ ଫାଇଲ ଜାରି କରିଛି, ଯେଉଁଥିରେ ନାବାଳିକା ଓ ମହିଳାଙ୍କ ପ୍ରତି ହୋଇଥିବା ଅତ୍ୟାଚାରର ପର୍ଦ୍ଦାଫାସ ହୋଇଛି। ଗୋଟିଏ ଫାଇଲ ଅନୁଯାୟୀ, ଯୌନ ସମ୍ପର୍କ ରଖିବା ସମୟରେ ତଣ୍ଟି ଚିପି ହତ୍ୟା ଯୋଗୁଁ ଦୁଇଜଣ ବିଦେଶୀ ମହିଳାଙ୍କ ମୃତ୍ୟୁ ଘଟିଥିଲା। ପରବର୍ତ୍ତୀ ସମୟରେ ଏପଷ୍ଟିନ୍‌ଙ୍କ ଜଣେ କର୍ମଚାରୀ ସେମାନଙ୍କୁ ନ୍ୟୁ ମେକ୍ସିକୋ ଫାର୍ମ ହାଉସ୍ 'ଜିରୋ ର୍ୟାଞ୍ଚ'ରେ ପୋତି ଦେଇଥିଲେ। ଏଥିରେ ଏପଷ୍ଟିନଙ୍କ ନିକଟତମ ସହଯୋଗୀ ଗିସ୍ଲେନ ମ୍ୟାକ୍ସୱେଲ ମଧ୍ୟ ସାମିଲ ଥିଲେ।

ଅନ୍ୟଏକ ଫାଇଲ ଅନୁଯାୟୀ, ଜଣେ ନାବାଳିକା ନିଜକୁ 'ହ୍ୟୁମାନ ଇନକ୍ୟୁବେଟର' ବା ମଣିଷ ତିଆରି ମେସିନ ଭଳି ବ୍ୟବହାର କରାଯାଉଥିବା ଦାବି କରିଛନ୍ତି। ଇମେଲ ଅନୁଯାୟୀ, ଜିରୋ ର୍ୟାଞ୍ଚରେ ଝିଅମାନଙ୍କୁ ଦୀର୍ଘ ସମୟଧରି ବନ୍ଦୀ କରି ରଖାଯାଉଥିଲା ଓ ସେମାନଙ୍କୁ ଜବରଦସ୍ତି ଗର୍ଭବତୀ କରାଯାଉଥିଲା। ସେଠାରେ ପିଲା ଜନ୍ମ କରାଯାଉଥିଲା। ଜନ୍ମ ହେବା ପରେ ସେହି ଶିଶୁମାନେ ନିଖୋଜ ହୋଇଯାଉଥିଲେ। ଜଣେ ମହିଳା ଆତ୍ମହତ୍ୟା କରିବାକୁ ମଧ୍ୟ ଚେଷ୍ଟା କରିଥିଲେ। ନୂଆ ଫାଇଲରୁ ଜଣାପଡ଼ିଛି ଯେ, ଏପଷ୍ଟିନ ସହିତ କିଛି କାରବାର ବା ନେଣଦେଣ ପାରମ୍ପରିକ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ବଦଳରେ ବିଟ୍‌କଏନ ଭଳି କ୍ରିପ୍ଟୋକରେନ୍ସି ମାଧ୍ୟମରେ କରାଯାଉଥିଲା। ଏହି ମାମଲାର ତଦନ୍ତ ଫାଇଲରେ ନ୍ୟାୟ ବିଭାଗର ଅବହେଳା ଯୋଗୁଁ ଅନେକ ପୀଡିତାଙ୍କ ତଥ୍ୟ ଓ ଫଟୋ ଏବେ ମଧ୍ୟ ସାର୍ବଜନୀନ ହୋଇ ରହିଛି। ସାଧାରଣତଃ ଏଭଳି ଫାଇଲରେ ପୀଡିତାଙ୍କ ପରିଚୟ ଲୁଚାଇବା ପାଇଁ କଳା ଦାଗ ବ୍ଲାକ ମାର୍କ୍ସ ଦିଆଯାଇଥାଏ। କିନ୍ତୁ ଏଠାରେ ନାବାଳିକା ପୀଡିତାଙ୍କ ଫଟୋ ଓ ଫୋନ ନମ୍ବର ସାମ୍ନାକୁ ଆସିଛି। ବିଭାଗ ଏହି ଭୁଲକୁ ସ୍ୱୀକାର ମଧ୍ୟ କରିଛି। ଫାଇଲରେ ରେଡିଓ ଉପସ୍ଥାପକ ତଥା ଲେଖକ ବ୍ରାୟନ ବିଶପ୍‌ଙ୍କ ସହ ଏପଷ୍ଟିନ୍‌ଙ୍କ ଇମେଲ ଯୋଗାଯୋଗ ବିଷୟରେ ମଧ୍ୟ ଉଲ୍ଲେଖ କରାଯାଇଛି। ତେଣୁ ଏପଷ୍ଟିନ ଫାଇଲର ରହସ୍ୟ ଦିନକୁ ଦିନ ଆହୁରି ଜଟିଳ ହେବାରେ ଲାଗିଛି।



ଜଷ୍ଟିସ ଡିପାର୍ଟମେଣ୍ଟ ଦ୍ୱାରା ଜାରି କରାଯାଇଥିବା ଦଲିଲ ଅନୁଯାୟୀ, ଏପଷ୍ଟିନଙ୍କ ସହଯୋଗୀ ତଥା ବାନ୍ଧବୀ ଗିସ୍ଲେନ ମ୍ୟାକ୍ସୱେଲ ୧୯୯୪ରୁ ୧୯୯୭ ମଧ୍ୟରେ ଅନେକ ନାବାଳିକାଙ୍କୁ ଯୌନ ଶୋଷଣ ପାଇଁ ପ୍ରଲୋଭିତ କରି ପ୍ରସ୍ତୁତ କରିଥିଲେ ଓ ସେମାନଙ୍କୁ ଜାଲରେ ଫସାଇଥିଲେ। ନାବାଳିକାମାନଙ୍କୁ ଫିଲ୍ମ ଦେଖାଇବା କିମ୍ବା ସପିଂ କରିବାକୁ ନେଇ ଯାଉଥିଲେ। ଏହି ଭଳି ଭାବେ ସେମାନେ ପୀଡିତାଙ୍କ ନିକଟତର ହେଉଥିଲେ। ମ୍ୟାକ୍ସୱେଲ ନାବାଳିକାଙ୍କୁ ମ୍ୟାସେଜ କରିବା ପାଇଁ ବାଧ୍ୟ କରୁଥିଲେ। ଏପଷ୍ଟିନ ଫାଇଲରେ ବିଲ୍ ଗେଟ୍ସ, ଏଲନ ମସ୍କ ଓ ବହୁ ନାମୀଦାମୀ ଲୋକଙ୍କ ନାମ ଉଲ୍ଲେଖ କରାଯାଉଛି। ସପଟେ ଏପଷ୍ଟିନ ବିବାଦକୁ ନେଇ ବ୍ରିଟେନ ପ୍ରଧାନମନ୍ତ୍ରୀ ଷ୍ଟାର୍ମରଙ୍କ ଉପରେ ଇସ୍ତଫା ଚାପ ବଢ଼ିବାରେ ଲାଗିଛି। ଫାଇଲରେ ଭାରତୀୟ ପୂର୍ବତନ ହାଇକମିଶନର ୱାଇକେ ସିହ୍ନାଙ୍କ ନାମ ମଧ୍ୟ ସାମ୍ନାକୁ ଆସିଛି। ସେ ସେହି ସମୟରେ ବ୍ରିଟେନରେ ହାଇକମିଶନର ଥିଲେ।

## ମହାନଦୀ ପ୍ରସଙ୍ଗରେ ବର୍ଷିଲା ବିଜେଡି

# ଦଳୀୟ ସ୍ୱାର୍ଥ ପାଇଁ ରାଜ୍ୟ ସ୍ୱାର୍ଥକୁ ବଳି ଦେଉଛନ୍ତି ସରକାର



ଭୁବନେଶ୍ୱର,୬।୨(ସମିସ): ମହାନଦୀ ଜଳ ବିବାଦ ସମାଧାନ ଦିଗରେ ରାଜ୍ୟ ବିଜେପି ସରକାର କୌଣସି ପଦକ୍ଷେପ ନେଇ ନାହାନ୍ତି। ଗତ ୧୯ ମାସରେ ଛତିଶଗଡ଼ ଅନେକ ଚେକ୍ ଡ୍ୟାମ ଓ ବାଲି ବନ୍ଧ ନିର୍ମାଣ କରିଛି। ଗୋଟିଏ ପଟେ ଓଡ଼ିଶାର ଲୋକେ ତାଙ୍କ ନିତ୍ୟ ବ୍ୟବହାର ନିମନ୍ତେ ମହାନଦୀରୁ ପାଣି ପାଇଁ ଡହଳ ବିକଳ ହେଉଥିବା ବେଳେ ଛତିଶଗଡ଼ ଅବୈଧ ଭାବେ ପାଣିକୁ ରୋକି ଶିଳ୍ପ ଅନୁଷ୍ଠାନ ଗୁଡିକୁ ବିକ୍ରି କରି ଚାଲିଛି ବୋଲି ବିଜେଡି ଅଭିଯୋଗ କରିଛି। ଶୁକ୍ରବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିରୋଧୀ ଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ବିଧାୟକ ନିରଞ୍ଜନ ପୂଜାରୀ ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ରାଜ୍ୟ ବିଜେପି ସରକାରଙ୍କ ଉପରେ ବର୍ଷିଛନ୍ତି।

ଶ୍ରୀ ମିଶ୍ର କହିଛନ୍ତି ଯେ ମହାନଦୀ ଜଳ ବିବାଦର ସମାଧାନ ପାଇଁ ରାଜ୍ୟ ବିଜେପି ସରକାରଙ୍କ କୌଣସି ସ୍ପଷ୍ଟ ଆଭିମୁଖ୍ୟ ନାହିଁ। ସରକାର ଦ୍ୱନ୍ଦ୍ୱରେ ଅଛନ୍ତି। ପ୍ରଥମେ ଆପୋସ ଆଲୋଚନା ମାଧ୍ୟମରେ ସମାଧାନର ରାସ୍ତା ବାହାର କରାଯିବ ବୋଲି କୁହାଗଲା, ପୁଣି ଟ୍ରିବ୍ୟୁନାଲକୁ ଯିବାକଥା କୁହାଗଲା; କିନ୍ତୁ ଟ୍ରିବ୍ୟୁନାଲର ଅବଧିକୁ ବୃଦ୍ଧି କରିବା ପାଇଁ ନିର୍ଦ୍ଧାରିତ ସମୟ ଭିତରେ ଚିଠି ଲେଖାଗଲା ନାହିଁ, ଯେଉଁଥି ପାଇଁ ଟ୍ରିବ୍ୟୁନାଲ ସରକାରଙ୍କୁ ଭର୍ତ୍ସନା କଲେ ବୋଲି ସେ କହିଛନ୍ତି। ଅନୁରୂପ ଭାବରେ ଶ୍ରୀ ଆଚାର୍ଯ୍ୟ କହିଛନ୍ତି, ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ମହାନଦୀ ଜଳ ବିବାଦକୁ ସମାଧାନର ସୂତ୍ର ବାହାର କରିବା ପରିବର୍ତ୍ତେ ପରିସ୍ଥିତିକୁ ଅଧିକ ଗୋଳିଆ କରୁଛନ୍ତି। ସରକାର କେବଳ ବୟାନବାଜିରେ ବ୍ୟସ୍ତ ଅଛନ୍ତି। ଗତ ୧୯ ମାସରେ ଛତିଶଗଡ଼ ଏକାଧିକ ଚେକ୍ ଡ୍ୟାମ ଓ ବାଲିବନ୍ଧ ନିର୍ମାଣ କରିଛି, ଯାହା ପରିସ୍ଥିତିକୁ ଅଧିକ

**ଆପୋସ ଆଲୋଚନା ଓ ଟ୍ରିବ୍ୟୁନାଲକୁ ନେଇ ସରକାର ଦ୍ୱନ୍ଦ୍ୱରେ**

**ଆପୋସ ଆଲୋଚନା ମାଧ୍ୟମରେ ସମାଧାନ ହେବାର ନଜିର ନାହିଁ**

**୧୯ ମାସରେ ଛତିଶଗଡ଼ ନିର୍ମାଣ କହିଛି ବହୁ ଚେକ୍‌ଡ୍ୟାମ ଓ ବାଲିବନ୍ଧ**

ଜଟିଳ କରିଛି। ନବୀନ ସରକାରଙ୍କ ସମୟରେ ଏହି ବିବାଦ ଦେଖା ଦେବା ପରେ, ପ୍ରଥମେ କେନ୍ଦ୍ର ସରକାରଙ୍କ ମଧ୍ୟସ୍ଥତାରେ ଦୁଇ ରାଜ୍ୟ ମଧ୍ୟରେ ଆପୋସ ଆଲୋଚନା ମାଧ୍ୟମରେ ଏହି ବିବାଦର ସମାଧାନ କରିବା ପାଇଁ ଚେଷ୍ଟା କରାଯାଇଥିଲା। ଛତିଶଗଡ଼ ସରକାରଙ୍କ ଅସହଯୋଗ ଓ କେନ୍ଦ୍ର ସରକାର ନୀରବଦ୍ରଷ୍ଟା ସାଜିବା କାରଣରୁ ଏହି ବିବାଦର ସମାଧାନ ବାହାରି ପାରି ନଥିଲା। ଏହାପରେ ଓଡ଼ିଶା ସରକାର ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ ଓ ସର୍ବୋଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶକ୍ରମେ ଟ୍ରିବ୍ୟୁନାଲର ଗଠନ ହୋଇଥିଲା। ଭାରତର ଇତିହାସରେ ଦୁଇ ରାଜ୍ୟ ମଧ୍ୟରେ ହୋଇଥିବା ଜଳ ବିବାଦ କେବେ ବି ଆପୋସ ଆଲୋଚନା ମାଧ୍ୟମରେ ସମାଧାନ ହେବାର ନଜିର ନାହିଁ। ରାଜ୍ୟ ବିଜେପି ସରକାର ଦଳୀୟ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେବାକୁ ବସିଛି । ତେଣୁ ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ରାଜ୍ୟ ସରକାର ତାଙ୍କ ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି।

ନିରଞ୍ଜନ ପୂଜାରୀ କହିଚନ୍ତି ଯେ ମନ୍ତ୍ରିସ୍ତରୀୟ କମିଟିରେ ସେ ସଦସ୍ୟ ରୂପେ ମନୋନୀତ ହୋଇଥିବାରୁ, ହୋଇଥିବା ଦୁଇଟି ବୈଠକରେ ସେ ଯୋଗ ଦେଇଥିଲେ। ଦ୍ୱିତୀୟ ବୈଠକରେ ସର୍ବଦଳୀୟ ଓ ଷ୍ଟେକହୋଲଡରଙ୍କ ସହ ଜାନୁଆରୀ ୨୩ ତାରିଖରେ ବୈଠକ ହେବ ବୋଲି ସ୍ଥିର ହୋଇଥିଲା। କିନ୍ତୁ ଶେଷ ମୁହୂର୍ତ୍ତରେ ଏହାକୁ ବାତିଲ କରି ଦିଆଯାଇଥିଲା। ଏହାଛଡା ମନ୍ତ୍ରୀ ସ୍ତରୀୟ ପ୍ରତିନିଧି ମଣ୍ଡଳୀ ଜାନୁଆରୀ ୩୧ ତାରିଖରେ ଛତିଶଗଡ଼ ଯାଇ ସେଠାରେ ସେମାନଙ୍କ ଏକ ମନ୍ତ୍ରୀ ସ୍ତରୀୟ ପ୍ରତିନିଧି ମଣ୍ଡଳୀଙ୍କ ସହିତ ବୈଠକ ହେବା ପାଇଁ ସ୍ଥିର ହୋଇଥିଲା, ଯାହାକୁ ମଧ୍ୟ ବାତିଲ କରି ଦିଆଯାଇଛି। ବର୍ତ୍ତମାନ ଓଡିଶା, ଛତିଶଗଡ଼ ଓ କେନ୍ଦ୍ରରେ ଟ୍ରିପଲ ଇଞ୍ଜିନ ସରକାର ଥିବାରୁ, ଏହାର ସମାଧାନ ସମ୍ଭବ ହୋଇପାରିବ ବୋଲି ଯେଉଁ ଆଶା ଦେଖା ଯାଉଥିଲା, କିନ୍ତୁ ସେ ଦିଗରେ ସେପରି କିଛି ଅଗ୍ରଗତି ହୋଇନାହିଁ ବୋଲି ସେ କହିଛନ୍ତି।

## ଏସ୍‌ଆଇ ପରୀକ୍ଷା କେଲେଙ୍କାରୀ

# ସୀତାରାମଙ୍କୁ ଉଠାଇ ନେଲା ସିବିଆଇ

ବ୍ରହ୍ମପୁର/କୁକୁଡ଼ାଖଣ୍ଡି,୬।୨(ସମିସ): ଏସ୍‌ଆଇ ପରୀକ୍ଷା କେଲେଙ୍କାରୀ ମାମଲାରେ ସମ୍ପୃକ୍ତ ଥିବା ବ୍ରହ୍ମପୁରର ଜଣେ ଦଲାଲକୁ ଆଜି ସିବିଆଇ ଉଠାଇ ନେଇଛି। ଦଲାଲ ଜଣକ ହେଲେ କୁକୁଡ଼ାଖଣ୍ଡି ଶାନ୍ତି ନଗର ଇପିଲି. ସୀତାରାମ (୪୫)। ସୀତାରାମ ପୁଲିସ ଏସଆଇ କେଲେଙ୍କାରୀ ମାମଲାରେ ସମ୍ପୃକ୍ତ ଥିବା ସିବିଆଇ ତଦନ୍ତରେ ଜଣାପଡ଼ିଥିଲା। ସୀତାରାମଙ୍କୁ ବାରମ୍ବାର ଡାକରା ସତ୍ତ୍ୱେ ସେ ନ ଆସିବାରୁ ସିବିଆଇ ଟିମ୍ ବ୍ରହ୍ମପୁର ପୁଲିସର ସହାୟତା ଲୋଡିଥିଲା। ସଦର ଥାନା ପୁଲିସ ସହାୟତାରେ ସିବିଆଇ ଆଜି ଦଲାଲ ସୀତାରାମକୁ ଉଠାଇ ନେଇ ଜେରା କରୁଥିବା ଜଣାପଡ଼ିଛି। ମାମଲାର ମାଷ୍ଟର ମାଇଣ୍ଡ ତଥା ପଞ୍ଚସପ୍ତ ଟେକନଲୋଜି ପ୍ରାଇଭେଟ ଲିମିଟେଡ ମାଲିକ ଗଞ୍ଜାମ ଜିଲ୍ଲା ବ୍ରାହ୍ମଣଛାଇ ଗ୍ରାମର ଶଙ୍କର ପୃଷ୍ଟି ସମେତ ସିଲିକନ କମ୍ପାନୀର ମାଲିକ ସୁରେଶଚନ୍ଦ୍ର ନାୟକ, ମୁଖ୍ୟ ଦଲାଲ ଅରବିନ୍ଦ ଦାସ ଓ ମୁନା ମହାନ୍ତି, ବିଶ୍ୱରଞ୍ଜନ ବେହେରା, ଶ୍ରୀକାନ୍ତ ମହାରଣା, ଏ. ଅଭିମନ୍ୟୁ ଦୋରା, ପ୍ରିୟଦର୍ଶିନୀ ସାମଲ, ସାଗର କୁମାର ଗୌଡ, ଲୋକନାଥ ସାହୁ, ବିଶ୍ୱଜିତ ହରିଚନ୍ଦନ ଓ ତଫିମ ଅହମଦ ଖାନଙ୍କ ସମେତ ୧୨ରୁ ଉର୍ଦ୍ଧ୍ୱ ଅଭିଯୁକ୍ତକୁ ସିବିଆଇ ଜେରା କରି ବହୁ ତଥ୍ୟ ହାସଲ କରିବା ପରେ ପର୍ଯ୍ୟାୟକ୍ରମେ ଜଣଙ୍କ ପରେ ଜଣଙ୍କୁ ଗିରଫ କରୁଥିବା ଜଣାପଡିଛି। ଏହି ମାମଲାରେ ୧୧୨ରୁ ଊର୍ଦ୍ଧ୍ୱ ଆଶାୟୀଙ୍କୁ ପୁଲିସ ଗିରଫ କରିଥିଲା। ଆଶାୟୀଙ୍କୁ ବି ସିବିଆଇ ଜେରା କରି ବହୁ ତଥ୍ୟ ହାସଲ କରିଥିଲା।



# ଅଗ୍ନି ୩ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ

ବାଲେଶ୍ୱର,୬।୨(ସମିସ): ଭାରତୀୟ ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ (ଡ଼ିଆରଡ଼ିଓ) ସ୍ଥାନୀୟ ଅବଦୁଲ କଲାମ ଦ୍ୱୀପରୁ ସଫଳତାର ସହିତ ପରୀକ୍ଷଣ କରିଛି ଅଗ୍ନି-୩ କ୍ଷେପଣାସ୍ତ୍ର। ଏହି ବାଲାଷ୍ଟିକ କ୍ଷେପଣାସ୍ତ୍ର ୧.୫ ଟନ୍ ପରମାଣୁ ଯୁଦ୍ଧାସ୍ତ୍ର ବହନ କରି ୩୫୦୦ କିଲୋମିଟର ଦୂରବର୍ତ୍ତୀ ଲକ୍ଷ୍ୟସ୍ଥଳକୁ ଭେଦ କରିବାକୁ ସମର୍ଥ ବୋଲି କୁହାଯାଉଛି। ଅଗ୍ନି-୩ କ୍ଷେପଣାସ୍ତ୍ର ୧୭ ମିଟର ଲମ୍ବା ଓ ଏହାର ବ୍ୟାସ ୨ ମିଟର। କ୍ଷେପଣାସ୍ତ୍ରର ଓଜନ ପ୍ରାୟ ୫୦ ଟନ୍ । ପ୍ରଥମଥର ଏହାକୁ ୨୦୨୯ରେ ପରୀକ୍ଷଣ କରାଯାଇଥିଲା ଓ ଏବେ ଏହାର ପୁନଃ ପରୀକ୍ଷଣ କରାଯାଇଛି ।

**ଆକ୍ରମଣ ସୀମା ୩୫୦୦ କିଲୋମିଟର**

**ଦେଢ଼ ଟନ୍ ପରମାଣୁ ବୋମା ବହନ କ୍ଷମତା**

# ଦିନରେ ବଢୁଛି ତାତି

ଭୁବନେଶ୍ୱର,୬।୨(ସମିସ): ନିର୍ମଳ ଆକାଶ ଯୋଗୁଁ ରାଜ୍ୟରେ ଦିନର ତାପମାତ୍ରା ଦିନକୁ ଦିନ ବଢ଼ିବାରେ ଲାଗିଛି। ଶୁକ୍ରବାର ଝାରସୁଗଡ଼ାରେ ତାପମାତ୍ରା ୩୪.୪ ଡିଗ୍ରୀ ଛୁଇଁଥିବା ବେଳେ ଏଠାରେ ପାରଦ ସ୍ୱାଭାବିକ ତୁଳନାରେ ୪.୩ ଡିଗ୍ରୀ ଅଧିକ ରହିଛି। ସେହିପରି ପାରଳଖେମୁଣ୍ଡିରେ ତାପମାତ୍ରା ୩୩.୮ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଭୁବନେଶ୍ୱରରେ ପାରଦ ୩୨.୨ ଡିଗ୍ରୀ ରେକର୍ଡ ହୋଇଛି। ଏକପକ୍ଷରେ ଦିନର ତାପମାତ୍ରା ବୃଦ୍ଧି ହେଉଥିବା ବେଳେ ଶୁକ୍ରବାରଠାରୁ ରାତିର ତାପମାତ୍ରାରେ ହ୍ରାସ ଘଟିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ଫଳରେ କିଛିଦିନ ବ୍ୟବଧାନରେ ରାତିରେ ଥଣ୍ଡା ବଢ଼ି ପାରେ ବୋଲି କୁହାଯାଉଛି। ପାଣିପାଗ କେନ୍ଦ୍ର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ତାପମାତ୍ରା ୨ରୁ ୩ ଡିଗ୍ରୀ ହ୍ରାସ ପାଇବ। ପରବର୍ତ୍ତୀ ୩ ଦିନ ପର୍ଯ୍ୟନ୍ତ ଏହି ସ୍ଥିତି ଜାରି ରହିବା ସହ ଏହା ପରେ ତାପମାତ୍ରାରେ ବୃଦ୍ଧି ଘଟିବ। ଏହାସହିତ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଦେଖାଯାଇପାରେ ବୋଲି ପାଣିପାଗ କେନ୍ଦ୍ର କହିଛି।

# ସହରାଞ୍ଚଳରେ ଖାଲି ସରକାରୀ ଘରକୁ ଭଡ଼ା ଦେବେ ସରକାର

ଭୁବନେଶ୍ୱର, ୬।୨(ସମିସ): ସହରାଞ୍ଚଳରେ ଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଖାଲି ଏବଂ ଅବ୍ୟବହୃତ ଘରଗୁଡ଼ିକୁ ଚିହ୍ନଟ କରି ତାକୁ ଭଡ଼ା ଦେବା ପାଇଁ ରାଜ୍ୟ ସରକାର ଆରମ୍ଭ କରିଛନ୍ତି ପ୍ରକ୍ରିୟା । ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗକୁ ଚିଠି ଲେଖି ସେମାନଙ୍କ ବିଭାଗ ଅଧୀନରେ ଖାଲି ଓ ଅବ୍ୟବହୃତ ସରକାରୀ ଗୃହ ଚିହ୍ନଟ କରି ରିପୋର୍ଟ ଦେବାକୁ ପରାମର୍ଶ ଦେଇଛନ୍ତି। ଚିହ୍ନଟ ହୋଇଥିବା ସମ୍ପତ୍ତି ସମ୍ପର୍କିତ ତଥ୍ୟଗୁଡ଼ିକୁ ଓଡ଼ିଶା ଅର୍ବାନ ହାଉସିଂ ମିଶନରେ ପହଞ୍ଚିବା ପରେ ତାହାକୁ ପୁନର୍ନିର୍ମାଣ ଓ ମରାମତି କରି ପର୍ଯ୍ୟାୟକ୍ରମେ ଭଡ଼ା ଦିଆଯିବ ବୋଲି ସେ କହିଛନ୍ତି। ଯେଉଁମାନେ ତୁରନ୍ତ ଘର କିଣିବା ଅବସ୍ଥାରେ ନାହାଁନ୍ତି, ସେମାନଙ୍କ ପାଇଁ ଭଡ଼ା ମାଧ୍ୟମରେ ସରକାର ସୁଲଭ ଗୃହ ଯୋଗାଇଦେବେ। ସୁଲଭ ଭଡ଼ା ଘର କାର୍ଯ୍ୟକ୍ରମ ଦୁଇଟି ମଡେଲ୍ ମାଧ୍ୟମରେ କାର୍ଯ୍ୟକାରୀ ହେବ। ପ୍ରଥମ ମଡେଲ୍ ଅନୁଯାୟୀ ସରକାରୀ ଅନୁଦାନରେ ନିର୍ମିତ ଖାଲି ଗୃହଗୁଡ଼ିକୁ ପିପିପି ମୋଡ୍ କିମ୍ବା ସରକାରୀ ସଂସ୍ଥା ମାଧ୍ୟମରେ ଭଡ଼ା ଘରେ ପରିଣତ କରାଯିବ। ଦ୍ୱିତୀୟ ମଡେଲ୍ ଅନୁଯାୟୀ ଘରୋଇ କିମ୍ବା ସରକାରୀ ସଂସ୍ଥାଗୁଡ଼ିକ ଆର୍ଥିକ ଅନଗ୍ରସର ଓ ନିମ୍ନ ଆୟକାରୀ ପରିବାରମାନଙ୍କ ପାଇଁ ଭଡ଼ା ଘର ନିର୍ମାଣ ଓ ପରିଚାଳନା କରିବେ। ଗୃହଗୁଡ଼ିକର ଭଡ଼ା ନିର୍ଦ୍ଧାରଣ ସ୍ଥାନୀୟ କର୍ତ୍ତୃପକ୍ଷ ଦ୍ୱାରା ପ୍ରାରମ୍ଭିକ ଭାବରେ କରାଯିବ। ପରବର୍ତ୍ତୀ ସମୟରେ ପ୍ରତି ଦୁଇ ବର୍ଷରେ ୮% ପର୍ଯ୍ୟନ୍ତ ଭଡ଼ା ବୃଦ୍ଧି କରାଯାଇପାରିବ, ଯାହା ୫ ବର୍ଷ ମଧ୍ୟରେ ସର୍ବାଧିକ ୨୦% ରୁ ଅଧିକ ହେବ ନାହିଁ।

# ଲୁଣାନଦୀରୁ ନିଖୋଜ ଛାତ୍ରୀଙ୍କ ମୃତଦେହ ଉଦ୍ଧାର

ଡେରାବିଶ, ୬।୨(ସମିସ): ସମଗ୍ର କେନ୍ଦ୍ରାପଡ଼ା ଜିଲ୍ଲାରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଦୈନିକ ବିଭିନ୍ନ ଥାନା ଅଞ୍ଚଳରେ ନାରୀ ନିର୍ଯାତନା, ହତ୍ୟା, ଦୁଷ୍କର୍ମ ଓ ଚୋରି ଘଟଣା ବଢ଼ି ବଢ଼ି ଚାଲିଛି। ଧିରେ ଧିରେ ଥାନାରେ ମାମଲା ସଂଖ୍ୟା ବଢ଼ି ଚାଲିଥିବା ଦେଖିବାକୁ ମିଳିଛି। ଏପରିକି କେନ୍ଦ୍ରାପଡ଼ା ଅଞ୍ଚଳରେ ନାରୀ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆଜି ଏଭଳି ଏକ

**ଦୁଷ୍କର୍ମ ପରେ ହତ୍ୟା ଅଭିଯୋଗ**

ଘଟଣା ମାର୍ଶାଘାଇ ଅଞ୍ଚଳରେ ଦେଖିବାକୁ ମିଳିଛି। ଜଣେ ଯୁବତୀଙ୍କ ମୃତଦେହକୁ ସନ୍ଦେହଜନକ ଅବସ୍ଥାରେ ମାର୍ଶାଘାଇ ନିକଟସ୍ଥ ଲୁଣାନଦୀରୁ ଭାସୁଥିବା ଅବସ୍ଥାରେ ଉଦ୍ଧାର କରାଯାଇଛି।

ସୂଚନା ମୁତାବକ, ଡେରାବିଶ ଥାନା ପଲେଇ ପଞ୍ଚାୟତ ଅନ୍ତର୍ଗତ ମଲ୍ଲିକେଶ୍ୱରପୁର ଗ୍ରାମର ହରପ୍ରସାଦ ସାମଲଙ୍କ ଝିଅ ସ୍ୱାତୀ ସ୍ୱରୁପା (୨୧) ଗୁରୁବାର ସକାଳୁ ଘରୁ କେନ୍ଦ୍ରାପଡ଼ାସ୍ଥ ଏକ ଘରୋଇ କୋଚିଂ ସେଣ୍ଟରକୁ କୋଚିଂ ନେବାକୁ ଯାଇ ସନ୍ଧ୍ୟା ସୁଦ୍ଧା ଘରକୁ ଫେରି ନ ଥିଲେ। ପରିବାର ଲୋକ ବିଭିନ୍ନ ଆଡ଼େ ଖୋଜାଖୋଜି ପରେ ଆଜି ସକାଳୁ ଡେରାବିଶ ଥାନାରେ ଝିଅର ନିଖୋଜ ନେଇ ଏକ ଅଭିଯୋଗ କରିଥିଲେ। ସ୍ୱାତୀ ଚାକିରି ନିମନ୍ତେ କେନ୍ଦ୍ରାପଡ଼ାର ଜିନିୟସ୍ କୋଚିଂ ସେଣ୍ଟରକୁ ସବୁଦିନ ପରି ମୁଖ୍ୟମନ୍ତ୍ରୀ ବସ୍ ଯୋଗେ ଘରୁ ଯାଇଥିଲେ। ସନ୍ଧ୍ୟା ସୁଦ୍ଧା ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଫୋନ୍ କରିଥିଲେ ମଧ୍ୟ ତାଙ୍କ ଫୋନ୍ ସୁଇଚଅଫ୍ ଥିବାରୁ ଯୋଗାଯୋଗ ହୋଇପାରିନଥିଲା। ବାଧ୍ୟ ହୋଇ ପରିବାର ଲୋକ ଡେରାବିଶ ଥାନାରେ ଆଜି ସକାଳୁ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ଡେରାବିଶ ପୁଲିସ ୯/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଆଜି ଅପରାହ୍ନରେ ମାର୍ଶାଘାଇ ପୁଲିସ ପକ୍ଷରୁ ପରିବାରବର୍ଗଙ୍କୁ ସ୍ୱାତୀ ଲୁଣାନଦୀରେ ମୃତ ଅବସ୍ଥାରେ ଭାସୁଥିବା ଖବର ଦେଇଥିଲେ। ପରିବାର ଲୋକ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଚିହ୍ନଟ କରିଥିଲେ। ପରେ ମାର୍ଶାଘାଇ ପୁଲିସ୍ ମୃତଦେହକୁ ଜବତ କରି କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ।



ତେବେ ପରିବାର ଲୋକ ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଛନ୍ତି। ପରିବାର ଲୋକଙ୍କ କହିବା ଅନୁଯାୟୀ ତାଙ୍କ ଝିଅ ଜଣେ ମେଧାବୀ ଛାତ୍ରୀ ଥିବାବେଳେ କୋଚିଂ ସେଣ୍ଟରକୁ ଯାଇଥିବା ଝିଅର ଶବ କିପରି ମାର୍ଶାଘାଇରୁ ମିଳିଲା ? ତାଙ୍କ ଝିଅକୁ କେହି ମାରି ସେଠାରେ ନେଇ ଫୋପାଡ଼ି ଦେଇଥିବା କହିଛନ୍ତି। ବରିଷ୍ଠ ଆଇନଜୀବୀ ବିଧୂଭୂଷଣ ମାପାତ୍ର ତୁରନ୍ତ ଏହି ଘଟଣାରେ ସାଇଂଟିଫିକ୍ ଟିମ୍ ଦ୍ୱାରା ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ ଦୋଷୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି।

## ମଣପୁରମ୍ ଗୋଲ୍ଡ ଫାଇନାନ୍ସରୁ ଡକାୟତି

# ସୁବୋଧ ସିଂଙ୍କୁ ରିମାଣ୍ଡରେ ନେଲା ରାଜସ୍ଥାନ ପୁଲିସ



ସମ୍ବଲପୁର, ୬।୨ (ସମିସ) : ୨୦୨୫ ମସିହା ଜାନୁଆରୀ ୩ ତାରିଖ ସମ୍ବଲପୁରର ବୁଡାରଜାରେ ଥିବା ମଣପୁରମ ଗୋଲ୍ଡ ଫାଇନାନ୍ସରୁ ୨୮ କିଲୋ ସୁନା ସଶସ୍ତ୍ର ଡକାୟତି ହୋଇଥିଲା। ଏହି ଡକାୟତିର ମାଷ୍ଟର ମାଇଣ୍ଡ ସୁବୋଧ ସିଂହକୁ ସମ୍ବଲପୁର ପୁଲିସ ହୁଗଳି ଜେଲ, ପଶ୍ଚିମବଙ୍ଗରୁ ରିମାଣ୍ଡରେ ଆଣି ଏସଡିଜେଏମ କୋର୍ଟରେ ହାଜର କରାଯାଇ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ଉଦୟପୁରଠାରେ ଏକ ବଡ଼ ଧରଣର ସୁନା ଡକାୟତି ମାମଲାରେ ରାଜସ୍ଥାନ ପୁଲିସ ଆଜି ସମ୍ବଲପୁର ସର୍କଲ ଜେଲରୁ କୁଖ୍ୟାତ ଡକାୟତ ସୁବୋଧ ସିଂହକୁ ରିମାଣ୍ଡରେ ନେଇଛି। ସମ୍ବଲପୁରର ସର୍କଲ ଜେଲରେ ବନ୍ଦୀ ଥିବା ସୁବୋଧକୁ କୋର୍ଟରେ ହାଜର କରାଯାଇ ପରେ ରାଜସ୍ଥାନ ପୁଲିସକୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି। ରାଜସ୍ଥାନରୁ ସଶସ୍ତ୍ର ପୁଲିସ ଏବଂ ଏସ୍କର୍ଟ ଦଳ ଔପଚାରିକତା ପୂରଣ ପାଇଁ ଦୁଇଦିନ ପୂର୍ବରୁ ଆସି ସମ୍ବଲପୁରରେ ପହଞ୍ଚିଥିବା ସୂଚନା ମିଳିଛି।

ମିଳିଥିବା ସୂଚନା ଅନୁଯାୟୀ, ଉଦୟପୁରରେ ହୋଇଥିବା ୨୫ କିଲୋ ସୁନା ଡକାୟତିରେ ସୁବୋଧର ସମ୍ପୃକ୍ତି ଅଭିଯୋଗ ହୋଇଥିବାରୁ ରାଜସ୍ଥାନ ପୁଲିସ ତାକୁ ରିମାଣ୍ଡରେ ନେବାକୁ ଆବେଦନ କରିଥିଲା। କୁଖ୍ୟାତ ଡକାୟତ ସୁବୋଧ ସିଂହ ଉପରେ ଓଡ଼ିଶା, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ରାଜସ୍ଥାନ ଏବଂ ମହାରାଷ୍ଟ୍ରରେ ୨୮ରୁ ଅଧିକ ଅପରାଧିକ ମାମଲା ରହିଛି। ଏଥିମଧ୍ୟରୁ ପ୍ରାୟ ୧୭ଟି ସୁନା ଡକାୟତି ସହ ଜଡ଼ିତ। ବୁଢ଼ାରଜାସ୍ଥିତ ମଣପୁରମ୍ ସୁନା ଲୁଟ୍ ମାମଲାରେ ସମ୍ବଲପୁର ପୁଲିସ ମାଷ୍ଟରମାଇଣ୍ଡ ସୁବୋଧ ସିଂହକୁ ତଦନ୍ତ ପାଇଁ ପଶ୍ଚିମବଙ୍ଗର ଜେଲରୁ ଆଣିଥିଲା।

# ଚାଷୀଙ୍କ ଠାରୁ ୧.୯ ଲକ୍ଷ ଟଙ୍କା ଲୁଟିନେଲେ ଦୁର୍ବୃତ୍ତ

ଭେଡେନ,୬।୨(ସମିସ): ଭେଡେନ ଥାନା ରକ୍ଷୁଡା ଫାଣ୍ଡି ଅଧୀନ ଅର୍ଜୁଣ୍ଡା ପଞ୍ଚାୟତର ଜଣେ ଚାଷୀଙ୍କ ଠାରୁ ଦୁର୍ବୃତ୍ତ ୧ଲକ୍ଷ ୯୦ହଜାର ଟଙ୍କା ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ଚାଷୀ ଜଣକ ଅର୍ଜୁଣ୍ଡା ପଞ୍ଚାୟତର ଧରାଇଟିକିରାର ମାହାଦେବ ଧରାଇ(୫୫) ବୋଲି ଜଣାପଡ଼ିଛି। ସେ ଭେଡେନ ଷ୍ଟେଟ ବ୍ୟାଙ୍କକୁ ନିଜ ବାଇକ୍‌ରେ ଧାନ ବିକ୍ରି ଟଙ୍କା ନେବାକୁ ଆସିଥିଲେ। ବ୍ୟାଙ୍କରୁ ୧ଲକ୍ଷ ୯୦ହଜାର ଟଙ୍କା ଉଠାଇ ତାଙ୍କ ବାଇକ୍‌ରେ ନିଜ ଗାଁକୁ ଫେରୁଥିଲେ। ମାତ୍ର ସୁନାଲରମ୍ଭା ପଞ୍ଚାୟତର ଚାରପାଲି ଗାଁ ନିକଟସ୍ଥ ନିଛାଟିଆ ରାସ୍ତାରେ ୨ ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ତାଙ୍କୁ ଅଟକାଇ ତାଙ୍କ ଡିକିରେ ଥିବା ସମସ୍ତ ଟଙ୍କାଙ୍କୁ ନେଇ ଫେରାର ହୋଇଥିଲେ। ଏନେଇ ଚାଷୀ ଭେଡେନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଭେଡେନ ଥାନା ଅଧିକାରୀ ଶଶୀଭୂଷଣ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ପୁଲିସ ରାସ୍ତାରେ ଲାଗିଥିବା ସିସି କ୍ୟାମେରାକୁ ଯାଞ୍ଚ କରିବା ସହିତ ତଦନ୍ତ ଜାରି ରଖିଛି।

# ଅନୁକମ୍ପା ନିଯୁକ୍ତିରୁ ବଞ୍ଚିତ ହେବେନି ବିବାହିତ ଝିଅ: ହାଇକୋର୍ଟ

## ନିଯୁକ୍ତି ନଦେଲେ ଦରମାରୁ ଦୈନିକ ୫୦୦ ଟଙ୍କା ଗଣିବେ ଦୋଷୀ ଅଧିକାରୀ

କଟକ,୬।୨(ସମିସ): ବିବାହ ଜଣେ ଝିଅର ପରିଚୟ ବଦଳାଇ ଦିଏନାହିଁ। ବିବାହ ଦ୍ୱାରା ପିତାମାତାଙ୍କ ସହ ଝିଅର ଥିବା ସମ୍ପର୍କ ଛିନ୍ନ ହୁଏ ନାହିଁ। ସରକାରୀ ଚାକିରିରେ ଥାଇ ପିତାମାତାଙ୍କ ମୃତ୍ୟୁ ପରେ ଯଦି ଜଣେ ବିବାହିତ ପୁଅ ଅନୁକମ୍ପା ନିଯୁକ୍ତି ପାଇବାକୁ ଯୋଗ୍ୟ, ତେବେ ଜଣେ ବିବାହିତ ଝିଅକୁ ଏଥିରୁ ବଞ୍ଚିତ କରିବା ସମ୍ବିଧାନର ସମାନତା ଅଧିକାରର ଉଲ୍ଲଙ୍ଘନ ଅଟେ ବୋଲି ଅନୁକମ୍ପାମୂଳକ ନିଯୁକ୍ତି ପ୍ରସଂଗରେ ରୁଜୁ ଏକ ଆବେଦନର ଶୁଣାଣି କରି ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ଜଣେ ମହିଳା ମଣି ମାଛଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଦୀକ୍ଷିତକ୍ରିଷ୍ଣା ଶ୍ରୀପଦ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ରାୟ ପ୍ରଦାନ କରିଛନ୍ତି।

ଏଥିସହ ଓଡ଼ିଶା ପ୍ରଶାସନିକ ଟ୍ରିବ୍ୟୁନାଲ ଦେଇଥିବା ଗତ ୨୦୧୧ ନଭେମ୍ବର ୮ର ଆଦେଶକୁ ରଦ୍ଦ କରିଛନ୍ତି। ଆସନ୍ତା ୮ ସପ୍ତାହ ମଧ୍ୟରେ ଆବେଦନକାରୀଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ଏହି ସମୟ ମଧ୍ୟରେ ନିଯୁକ୍ତି ଦିଆ ନଯାଏ, ତେବେ ପ୍ରତିଦିନ ପିଛା ୫୦୦ ଟଙ୍କା ଜରିମାନା ଆବେଦନକାରୀଙ୍କୁ ପ୍ରଦାନ କରାଯିବ, ଯାହା ଦୋଷୀ ଅଧିକାରୀଙ୍କ ଦରମାରୁ କଟାଯିବ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ପ୍ରାୟ ୨୫ ବର୍ଷ ଧରି ଜଣେ ମୃତ କର୍ମଚାରୀଙ୍କ ପରିବାରକୁ ନ୍ୟାୟ ପାଇଁ ଅପେକ୍ଷା କରିବାକୁ ପଡ଼ିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ଏନେଇ କର୍ତ୍ତୃପକ୍ଷଙ୍କ ମନୋଭାବକୁ କୋର୍ଟ 'ମତିହୀନତା' ବୋଲି ଅଭିହିତ କରିଛନ୍ତି।



ମାମଲାରୁ ପ୍ରକାଶ ଯେ ମଣିଙ୍କ ବାପା ହରି ୩୦ ବର୍ଷର ନିଷ୍କଳଙ୍କ ସେବା ପରେ ୧୯୯୯ରେ ମୃତ୍ୟୁବରଣ କରିଥିଲେ। ତାଙ୍କ ପରେ ତାଙ୍କର ଏକମାତ୍ର ଝିଅ ମଣି ମାଛ ଅନୁକମ୍ପାମୂଳକ ନିଯୁକ୍ତି ପାଇଁ ୨୦୦୦ରେ ଆବେଦନ କରିଥିଲେ। ଆବେଦନ ବିଚାରାଧୀନ ଥିବା ସମୟରେ, ଅର୍ଥାତ୍ ୨୦୦୬ରେ ସେ ବିବାହ କରିଥିବା ଦର୍ଶାଇ କର୍ତ୍ତୃପକ୍ଷ ତାଙ୍କ ନିଯୁକ୍ତି ଦାବିକୁ ୨୦୧୧ରେ ଖାରଜ କରିଦେଇଥିଲେ। ଏହା ବିରୋଧରେ ଆବେଦନକାରୀ ଓଡ଼ିଶା ପ୍ରଶାସନିକ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇଥିଲେ। ଅନୁକମ୍ପାମୂଳକ ନିଯୁକ୍ତି ପାଇଁ ଆବେଦନ ବିଚାରାଧୀନ ଥିବା ସମୟରେ ଆବେଦନକାରିଣୀ ବିବାହ କରିଥିବା ଦର୍ଶାଇ କର୍ତ୍ତୃପକ୍ଷ ତାଙ୍କ ଦାବିକୁ ନାକଚ କରିଥିଲେ, ଯାହାକୁ ଟ୍ରିବ୍ୟୁନାଲ୍ କାଏମ ରଖିଥିଲେ। ଏହାକୁ ଚାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଶିମିଳିପାଳ ପାଦଦେଶରେ ପଞ୍ଚତାରକା ହୋଟେଲ ନିର୍ମାଣ ପ୍ରସଙ୍ଗ

# ଜବାବ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ଏନ୍‌ଜିଟିର ନିର୍ଦ୍ଦେଶ

ବାରିପଦା,୬।୨(ସମିସ): ଶିମିଳିପାଳ ପାଦଦେଶ ଶାମାଖୁଣ୍ଟା ବ୍ଲକ୍‌ର ଲକ୍ଷ୍ମୀପୋଷି ଅଞ୍ଚଳରେ ଏକ ପଞ୍ଚତାରକା ହୋଟେଲ ନିର୍ମାଣ ପାଇଁ ଇଡ୍‌କୋ ପକ୍ଷରୁ ୧୦୦ ଏକର ଜମି ପ୍ରଦାନ ହେବାକୁ ପ୍ରୟାସ ଜାରି ରହିଥିଲା। ଯାହାକୁ ନେଇ ଇଷ୍ଟର୍ଣ୍ଣ ବେଞ୍ଚ କୋଲକାତା ନ୍ୟାସନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନଜିଟି) ପକ୍ଷରୁ ଆବେଦନ ମାମଲାକୁ କୋର୍ଟ ଗ୍ରହଣ ପୂର୍ବକ ଶୁଣାଣି ହୋଇଛି। ଜୁଡିସିଆଲ ମେମ୍ବର ଜଜ୍ ଅରୁଣ ତ୍ୟାଗି ଓ ଏକ୍ସପୋର୍ଟ ମେମ୍ବର ଜଜ୍ ଡ. ଆଫ୍ରୋଜ ଅହମଦଙ୍କ ସମ୍ବଳିତ ବେଞ୍ଚରେ ଉଭୟ ପକ୍ଷରୁ ମାମଲାର ଶୁଣାଣି କରି ରାଜ୍ୟ ସରକାର ଓ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନୋଟିସ ଜାରି କରି ଉତ୍ତର ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ମାର୍ଚ୍ଚ ୩୦ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ଅଭିଯୋଗକାରୀ ପକ୍ଷରୁ ଆଇନଜୀବୀ ଆକାଶ ଶର୍ମା ପ୍ରକାଶ କରିଛନ୍ତି।

ସୂଚନା ମୁତାବକ, ଶିମିଳିପାଳ ଜାତୀୟ ଉଦ୍ୟାନର ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ସଂଲଗ୍ନ ଅଞ୍ଚଳରେ ନିର୍ମାଣକୁ ନେଇ ପରିବେଶ ସୁରକ୍ଷା ଓ ପ୍ରତିରୋଧାତ୍ମକ ଆଇନଗତ ହସ୍ତକ୍ଷେପ ସମ୍ପର୍କରେ କୋର୍ଟ ମାମଲାକୁ ଗମ୍ଭୀର ଭାବେ ଗ୍ରହଣ କରିଛନ୍ତି। ଅଭୟାରଣ୍ୟ ପାଦଦେଶରେ ଥିବା ଇକୋ ସେନସିଟିଭ ଜୋନରେ ପଞ୍ଚତାରକା ହୋଟେଲ ସୋନାର ବାଙ୍ଗଲା ଓ ରିସର୍ଟ ନିର୍ମାଣକୁ ନେଇ ଜମି ଚିହ୍ନଟ ଓ ପ୍ରଦାନ ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ଇନଫ୍ରାକଷ୍ଟ୍ରକଚର ଡେଭେଲପମେଣ୍ଟ କର୍ପୋରେସନ(ଇଡକୋ) ପକ୍ଷରୁ ଶାମାଖୁଣ୍ଟା ତହସିଲ ଲକ୍ଷ୍ମୀପୋଷି ଅଞ୍ଚଳର ଖାତା ନଂ ୧୨୩, ପ୍ଲଟ ନଂ ୧୩୮ରୁ ୯୩.୨୮୦ଏକର ଜଙ୍ଗଲ ଜମି ପ୍ରଦାନ ପାଇଁ ଉଦ୍ୟମ ହୋଇଥିଲା। ଶିମିଳିପାଳ ବ୍ୟାଘ୍ର




ସଂରକ୍ଷଣ ପ୍ରକଳ୍ପ ତଥା ଅଭୟାରଣ୍ୟର ଇକୋ ସେନସିଟିଭ ଜୋନକୁ କ୍ଷତି ପହଞ୍ଚାଇବାକୁ ଥିବାରୁ ବିଭିନ୍ନ ମହଲରୁ ପ୍ରତିବାଦର ସ୍ୱର ଉଠିଥିଲା। ଏ ନେଇ ଭଞ୍ଜସେନାର ବାରପଦା ସହର ସଭାପତି ରାକେଶ କୁମାର ମହାନ୍ତିଙ୍କ ଅଭିଯୋଗକୁ ନେଇ ଏନଜିଟିରେ ଏକ ମାମଲା କେସ ନଂ ୧୨୭/୨୦୨୫/ ଇଜେଡ୍‌ରେ ରୁଜୁ ହୋଇଥିଲା । ଏପରିକି ଆବେଦନକାରୀଙ୍କ ପକ୍ଷରୁ ଜଙ୍ଗଲଜ ମିର ପ୍ରତିରୋଧାତ୍ମକ ହସ୍ତକ୍ଷେପ ଆବଶ୍ୟକ ବୋଲି କୋର୍ଟଙ୍କ ନିକଟରେ ଅଭିଯୋଗ କରିଥିଲେ। ଯାହାକୁ ନେଇ ଆଇନଜୀବୀ ଶର୍ମା ଉକ୍ତ ଜମିଟି ଇକୋ ସେନସିଟିଭ ଜୋନ ଅଧୀନରେ ଆସୁଥିବାବେଳେ ଏହା ଶିମିଳିପାଳ ଅଭୟାରଣ୍ୟ ଓ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କ୍ଷେତ୍ର ମଧ୍ୟରେ ଥିବା ଘନ ଶାଳ ଜଙ୍ଗଲ ରହୁଥିବା ଦର୍ଶାଇଥିଲେ। ପାହାଡ, ପର୍ବତ ଘେରା ଅଞ୍ଚଳରେ ନିର୍ମାଣ କାର୍ଯ୍ୟ ଦ୍ୱାରା ବନ୍ୟଜନ୍ତୁ ପ୍ରଭାବିତ ହେବେ ବୋଲି ଯୁକ୍ତି ବାଢିଥିଲେ। ଏପରିକି ସରକାରୀ ଦସ୍ତାବିଜ୍ ଓ ବନ ବିଭାଗର ରିପୋର୍ଟକୁ ଦର୍ଶାଇ ପରିବେଶ ସମ୍ବେଦନଶୀଳତାକୁ ସ୍ପଷ୍ଟ କରୁଥିବା ନେଇ ତଥ୍ୟ ଉପସ୍ଥାପନ କରିଥିଲେ। ସରକାରୀ ଏପରିକି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଇକୋ ସେନସିଟିଭ ଜୋନରେ କଂକ୍ରିଟ ନିର୍ମାଣ କରାଗଲେ ପରିବେଶକୁ କ୍ଷତି ପହଞ୍ଚାଇବା ସହ ବନ୍ୟଜନ୍ତୁଙ୍କ ଉପରେ ଏହାର ଘୋର ପ୍ରଭାବ ପଡିବା ସୁନିଶ୍ଚିତ ବୋଲି ଯୁକ୍ତିରେ ଦର୍ଶାଇଥିଲେ । ଜଙ୍ଗଲ ଜମିରେ ହୋଟେଲ ପ୍ରକଳ୍ପ ନିର୍ମାଣ ପାଇଁ ଜମି ହସ୍ତାନ୍ତର ପ୍ରକ୍ରିୟାକୁ ବିରୋଧ କରିଥିଲେ। ଉଭୟ ପକ୍ଷର ଯୁକ୍ତିକୁ ଶୁଣିବା ପରେ ପ୍ରତିବାଦୀମାନଙ୍କୁ ନୋଟିସ ଜାରି କରିଛନ୍ତି। ତେବେ ଶିମିଳିପାଳ ପରିସର ଏବଂ ଇକୋ ସେନସିଟିଭ ଜୋନର ସୁରକ୍ଷାକୁ ନେଇ ଜଡିତ ମାମଲାକୁ ସ୍ଥାନୀୟ ମହଲରେ ନଜର ରଖାଯାଇଛି।

# ହାତୀ ମୃତ୍ୟୁର ତଦନ୍ତ ଦାୟିତ୍ୱରେ ଏସିଏଫ୍ ବାଘ

ଭବାନୀପାଟଣା, ୬ ।୨(ସମିସ)

କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବନଖଣ୍ଡର ବେଲଘର ରେଞ୍ଜ ଝିରିପାଣି ପଞ୍ଚାୟତର ସିମିଲିପଦର ନିକଟସ୍ଥ ମୁଣ୍ଡୁଟିଜଙ୍ଗଲରେ ଗତ ମାସ ୫ତାରିଖରେ ଏକ ହାତୀର ମୃତ୍ୟୁ ଘଟିଥିଲା । ଇତିମଧ୍ୟରେ ଏକ ମାସ ବିତିଯାଇଥିବା ସତ୍ତ୍ୱେ ଏହି ମାମଲାରେ ନିଲମ୍ବିତ ଡେପୁଟି ରେଞ୍ଜର ବିନୟ କୁମାର ବିଶିର ପତ୍ତା ପାଉନି ବାଲିଗୁଡା ବନ ବିଭାଗ । ହାତୀ ମୃତ୍ୟୁକୁ ନେଇ ଭୁଲ ତଥ୍ୟ ଦେଇଥିବା ଏସିଏଫ୍ ସୂର୍ଯ୍ୟକାନ୍ତ ବେହେରାଙ୍କୁ ନିଲମ୍ବିତ କରାଯାଇଛି । ଅନ୍ୟପକ୍ଷରେ ବନ୍ୟପ୍ରାଣୀ ଏସିଏଫ୍ ମନୋରଞ୍ଜନ ବାଘଙ୍କୁ ସ୍ୱର୍ଣକାତର ହାତୀ ମୃତ୍ୟୁ ଘଟଣାର ତଦନ୍ତ ଦାୟିତ୍ୱ ଦିଆଯାଇଛି । ହାତୀକୁ ୩୨ଖଣ୍ଡ କରାଯାଇଥିଲା କିଛି ବେଲଘର ରେଞ୍ଜ ଅଞ୍ଚଳରେ ପୋତା ଯାଇଥିବା ବେଳେ ଶରୀରର ମୁଖ୍ୟ ଅଂଶ ଗୁଡ଼ିକ କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ତହଁସିର ଗ୍ରାମ ନିକଟରେ ସାତ ଫୁଟ ଗାତଖୋଳି ଡେପୁଟି ରେଞ୍ଜର ନିଜ କର୍ମଚାରୀଙ୍କ ସହଯୋଗରେ ପୋତିଥିଲେ । ୨୦ ଜାନୁଆରୀରେ ଡିଏଫ୍ଓ ବାଲିଗୁଡ଼ା ଏବଂ ଜେଟିଏଫ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ହାତୀ ମୃତ୍ୟୁର କରୁଣ ସ୍ଥିତିକୁ ଅନୁଧ୍ୟାନ କରିଥିଲେ । ସେହି ଦିନରୁ ଡେପୁଟି ରେଞ୍ଜର ଫେରାର ହୋଇଯାଇ ଆତ୍ମଗୋପନ କରିଥିବା କୁହାଯାଉଛି । ତଦନ୍ତକାରୀ ଅଧିକାରୀ ଇତିମଧ୍ୟରେ ୪ଜଣ



ଶିକାରୀ, ବ୍ୟବହାର ହୋଇଥିବା ଗାଡ଼ି ଡ୍ରାଇଭର ଏବଂ ମାଲିକଙ୍କୁ ଗିରଫ କରିଛନ୍ତି । ଶିକାରୀଙ୍କ ଠାରୁ ଜିଆଇ ତାର, ଦେଶୀ ବନ୍ଧୁକ, କୁଟୁରା ଖପୁରୀ, ଛାଲ, ଗୋଡ, ଇଲେକ୍ଟ୍ରିକ ୱାଇର ଏମିତି ଅନେକ ସାମଗ୍ରୀ ଶିକାରୀଙ୍କ ନିକଟରୁ ଜବତ ହୋଇଥିବା ଦର୍ଶାଯାଇଛି । କଳାହାଣ୍ଡି ଜିଲ୍ଲାରୁ ସୁକୁନାଭଟା ଅଞ୍ଚଳର ଗାଡ଼ି ଡ୍ରାଇଭର ଅଲେଖ ହିଆଲ ଓ ଦୁଷ୍ମନ୍ତ ପୋଢଙ୍କୁ ଉଠାଇ ଗିରଫ କରିବା ସହିତ ଗାଡ଼ି ଦୁଇଟି ଜବତ କରିଛି । ହାତୀମୃତ୍ୟୁ ଘଟଣାର ତଦନ୍ତ କରୁ କରୁ କୁଟୁରା ଶିକାର ମଧ୍ୟ ହୋଇଥିବା ବନ ବିଭାଗ ବହୁ ବିଲମ୍ବରେ ଜାଣିପାରିଲେ । ପ୍ରଶ୍ନ ଉଠୁଛି ହାତୀ ମୃତ୍ୟୁ ସମ୍ପର୍କରେ ପ୍ରଥମେ କିଏ ଦେଖିଥିଲା ତାହା ଏଯାବତ୍ କାହିଁକି ସ୍ପଷ୍ଟ ହେଉନି । ଜାନୁଆରୀ ୫ତାରିଖରେ ହାତୀ ମରିଛି ବୋଲି ବନ ବିଭାଗ ସ୍ୱୀକାର କରୁଥିବା ସତ୍ତ୍ୱେ ୧୪ ଜାନୁଆରୀରେ

**ଡେପୁଟୀ ରେଞ୍ଜରଙ୍କ ପତ୍ତା ପାଉନି ବନ ବିଭାଗ**


**୮ ଗିରଫ; କଳାହାଣ୍ଡି ଜିଲ୍ଲାରୁ ଦୁଇ**

ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ଓ ୧୭ ତାରିଖରେ ଗୁମା ସରପଞ୍ଚ ସଞ୍ଜୁ ମଲ୍ଲିକ ହାତୀ ମୃତ୍ୟୁ ଘଟଣା ସତ ବୋଲି ଡିଏଫ୍ଓଙ୍କୁ ଲିଖିତ ଆକାରରେ ଜଣାଇବା ଭିତରେ ଅନେକ ଦିନ ବିତିସାରିଛି । ଆରସିସିଏଫ୍ ବାଲିଗୁଡା ଆସି ଡେପୁଟି ରେଞ୍ଜରଙ୍କୁ ନିଲମ୍ବିତ କରିଥିଲେ । ପରେ ଡିଏଫ୍ଓ ଏବଂ ଜଏଣ୍ଟ ଟାସ୍କ ଫୋର୍ସ ଉଭୟ ଘଟଣା ସ୍ଥଳରେ ପହଞ୍ଚି ସାମ୍ପଲ ସଂଗ୍ରହ କରିବା ସହ କଳାହାଣ୍ଡି ପ୍ରାଣୀ ସମ୍ପଦ ବିଭାଗ ଡାକ୍ତର ଦଳ ତହଁସିର ଯାଇ ସାମ୍ପଲ କରି ଫେରିବା କାର୍ଯ୍ୟ ଶେଷ ପରେ ତଦନ୍ତକାରୀ ଅଧିକାରୀ ୮ଜଣଙ୍କୁ ଗିରଫ ଓ ଗାଡ଼ି ଜବତ କରି ନୀରବ ରହିଛନ୍ତି । ଗିରଫ ଶିକାରୀମାନେ ନିର୍ଦ୍ଦିଷ୍ଟଭାବେ ସେ ହାତୀକୁ ମାରିଥିବା ସ୍ୱୀକାର କରିଥିଲେ କି?ମୃତ ହାତୀର ଶବ ବ୍ୟବଚ୍ଛେଦ ଦିଗ ପ୍ରତି ବନ ବିଭାଗ କେମିତି ଦେଖୁଛି । ହାତୀ ବଞ୍ଚିଥିଲେ ଜଙ୍ଗଲର କିନ୍ତୁ ବନ୍ୟପ୍ରାଣୀର ମୃତ୍ୟୁ ଘଟିଲେ ବନ ବିଭାଗର ମୁଣ୍ଡ ବିନ୍ଧାର କାରଣ ହୋଇପଡେ । ତେବେ ଗୋଟେ ହାତୀ ମରିବା, ମରିଯିବା ପରେ କେଉଁ ସାହସରେ ୩୨ଖଣ୍ଡ କରାଯିବା କଥା ଚିନ୍ତାକଲେ ସବୁ ବିଷୟ ସହଜରେ ଗ୍ରହଣ କରିହେଉନି ।ଝିରିପାଣି ସେକ୍ସନର ଫରେଷ୍ଟର ଓ ଗାର୍ଡମାନେ କେମିତି ଜାଣିପାରିଲେ ନାହିଁ ତାହା ମଧ୍ୟ ତଦନ୍ତ ପରିସରକୁ ଅଣାଯିବା ଉଚିତ୍ ନୁହେଁ କି?ସ୍କ୍ୱାର୍ଡ ଟିମ୍ର ୮ଜଣଙ୍କୁ ପଚରାଉଚରା ଚାଲିଥିବା ଭଲ । କିନ୍ତୁ ବିଭାଗର ଗଜ ସାଥୀ କ୍ୟାମେରା ଆପ ଏତେ ସବୁ ବ୍ୟବସ୍ଥା କେଉଁଠି ନା କେଉଁଠି ନିଶ୍ଚିତ ଫେଲ ମାରିଛି ବୋଲି କୁହାଯାଇପାରେ । ସବୁଠାରୁ ବଡ କଥା ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ କହୁଛନ୍ତି ଯେ ବିଦ୍ୟୁତ୍ ଆଘାତରୁ ହାତୀ ମୃତ୍ୟୁ ସମ୍ପର୍କରେ କେହି ବନ ବିଭାଗ ପକ୍ଷରୁ ସୂଚନା ଟିକେ ଦେଇନାହାନ୍ତି । ତାହା ଯଦି ସତ, କିଏ ସତ କହୁଛି କିଏ ମିଛ କହି ଚାଲିଛି ତଦନ୍ତର ଆବଶ୍ୟକତା ଜରୁରୀ ।

## ଟୋକନ ଅପେକ୍ଷାରେ ଦେବୋତ୍ତର ଜମି ଲିଜ୍ଧାରୀ

# ଧାନ ନ ଉଠିଲେ ଧାରଣା ଦେବାକୁ ଚେତାବନୀ

**କଳମପୁର, ୬ ।୨ (ସମିସ):** କଳାହାଣ୍ଡି ଜିଲ୍ଲା କଳମପୁରସ୍ଥିତ ଜଗନ୍ନାଥ ମହାପ୍ରଭୁଙ୍କ ୩୦ଏକର ଜମିକୁ ଦେପୁର ପଞ୍ଚାୟତଇଚ୍ଛାପୁର ଗ୍ରାମର ରାଧେଶ୍ୟାମ ଶର୍ମା ଲିଜ ସୂତ୍ରରେ ନେଇ



ଧାନ ଚାଷ କରିଥିଲେ । ସେହି ଚାଷ ଜମିରେ ପ୍ରାୟ ଛଅ ଶହ କ୍ୟୁଣ୍ଟାଲ ଧାନ ଉତ୍ପାଦନ ହୋଇଥିବା ବେଳେ ରାଧେଶ୍ୟାମ ପାଖକୁ ୧୫୦କ୍ୱିଣ୍ଟାଲର ଟୋକନ ଆସିଥିଲା । ଶ୍ରୀ ଶର୍ମା ୧୫୦ କୁଇଣ୍ଟାଲ ଧାନ ବିକ୍ରୟ କରିଥିବା ବେଳେ ଅବଶିଷ୍ଟ ପାଞ୍ଚଶହରୁ ଅଧିକ କୁଇଣ୍ଟାଲ ଧାନ ବିକ୍ରୟ ଲାଗି ସେ ମାସେ ହେବ ଟୋକନ ଅପେକ୍ଷାରେ ରହିଛନ୍ତି । କିନ୍ତୁ ଆଜିଯାଏଁ ତାଙ୍କ ପାଖକୁ ଅବଶିଷ୍ଟ ଧାନ ବିକ୍ରୟ ପାଇଁ ଟୋକନ ଆସି ପାରିନାହିଁ । ଏନେଇ ଶ୍ରୀ ଶର୍ମା କଳାହାଣ୍ଡି ଜିଲ୍ଲାପାଳ, ସିଏସଓଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଏଯାଏଁ କୌଣସି ସୁଫଳ ପାଇ ନାହାଁନ୍ତି । ଫଳରେ ଶ୍ରୀ ଶର୍ମା କଳମପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାନ ପକାଇ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି । ଶ୍ରୀ ଶର୍ମା କହିଛନ୍ତି ମୁଁ ଧାନ ବିକ୍ରୀ କରିନପାରି ବହୁତ କ୍ଷତିର ସମ୍ମୁଖୀନ ହୋଇଛି । କେହି ମୋର ଗୁହାରି ଶୁଣୁ ନାହାନ୍ତି, ମୁଁ ଅର୍ଥ ଅଭାବରେ କିପରି ପୁନର୍ବାର ଧାନ ଚାଷ କରିବି, କିପରି ଶ୍ରମିକଙ୍କୁ ପାରିଶ୍ରମିକ ଦେବି, ଏବଂ ମହାପ୍ରଭୁଙ୍କ ଜମିର ଲିଜ ଟଙ୍କା ପରିଶୋଧ କରିବି ପ୍ରକାଶ କରିଛନ୍ତି । ଏଥିରୁ ଅନୁମେୟ ଯେ ଧାନ ଉଠାଣ ନୀତିରେ ମହାପ୍ରଭୁ ମଧ୍ୟ ବାଦ ଯାଇ ନାହାନ୍ତି । ଗୋଟିଏ ପଟରେ ଉଚ୍ଚ ନ୍ୟାୟାଳୟ ଟୋକନ ନ ଥିଲେ ମଧ୍ୟ ଆବେଦନକାରୀଙ୍କୁ ଧାନ ବିକ୍ରୟରୁ ବଞ୍ଚିତ କରାଯାଇ ପାରିବ ନାହିଁ ବୋଲି ରାୟ ପ୍ରକାଶ କରିଥିବା ବେଳେ ଚାଷୀଙ୍କ ଧାନ ଉଠାଣ ପାଇଁ ସରକାର କାହିଁକି ପଦକ୍ଷେପ ଗ୍ରହଣ କରୁନାହାନ୍ତି ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ଫ୍ରେଣ୍ଡସ କ୍ରିକେଟ କପ୍ : ବଘାମୁଣ୍ଡା ଚାମ୍ପିଅନ

**କୋମନା, ୬ ।୨(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ କୁମୁଟିମୁଣ୍ଡା ଗ୍ରାମରେ ଚାଲିଥିବା ପ୍ରତିଷ୍ଠିତ ଫ୍ରେଣ୍ଡସ କ୍ରିକେଟ କପ୍ ଉଦ୍ଯାପିତ ହୋଇଯାଇଛି । ରୋମାଞ୍ଚକର ଫାଇନାଲ୍ ମୁକାବିଲାରେ ବଘାମୁଣ୍ଡା ଦଳ ସାଲିହା ଦଳକୁ ପରାସ୍ତ କରି ଚଳିତ ବର୍ଷର ଟ୍ରଫି ହାସଲ କରିଛି । ଫାଇନାଲ୍ ମ୍ୟାଚ୍ ବଘାମୁଣ୍ଡା ଓ ସାଲିହା ମଧ୍ୟରେ ହୋଇଥିଲା । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ବଘାମୁଣ୍ଡା ଦଳ ନିର୍ଦ୍ଧାରିତ ୧୫ ଓଭରରେ ସମସ୍ତ ୱିକେଟ ହରାଇ ୧୭୯ ରନର ଏକ ବୃହତ ସ୍କୋର ଛିଡ଼ା କରିଥିଲା । ଏହାର ଜବାବରେ ସାଲିହା ଦଳ ପିଛା କରି ୧୪.୫ ଓଭରରେ ୧୪୨ ରନ କରି ଅଲ୍ଆଉଟ୍ ହୋଇଯାଇଥିଲା । ଫଳରେ ବଘାମୁଣ୍ଡା ଦଳ ୩୭ ରନରେ ଚଳିତ ବର୍ଷର ବିଜୟୀ ମୁକୁଟ ପିନ୍ଧିଥିଲା । ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ନୂଆପଡ଼ା ବିଧାୟକ ଜୟ




ଢୋଲକିଆ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଅବନୀ ରଞ୍ଜନ ଯୋଶୀ ଓ ବିଘ୍ନେଶ୍ୱର ନିଆଲ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ବିଜେତା ଦଳ ବଘାମୁଣ୍ଡାକୁ ୨୦ହଜାର ଟଙ୍କା ସହ ଟ୍ରଫି, ଉପବିଜେତା ଦଳ ସାଲିହାକୁ ୧୫ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଛି । ମ୍ୟାନ ଅଫ୍ ଦି ମ୍ୟାଚ୍ ବଘାମୁଣ୍ଡାର କାହ୍ନା । ମ୍ୟାନ ଅଫ୍ ଦି ସିରିଜ୍ ସୁଶାନ୍ତଙ୍କୁ ମିଳିଥିଲା । ଖେଳ ପରିଚାଳନା ପାଇଁ କସିମ୍ ଖାଁନ ଓ ଶ୍ୟାମ ସୁନ୍ଦର ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ । ସ୍କୋର ବୋର୍ଡ ଦାୟିତ୍ୱରେ ସୋହେଲ ରହିଥିବା ବେଳେ ଡୁଲୁ ନିଜର ଚମତ୍କାର ଧାରାବିବରଣୀ ମାଧ୍ୟମରେ ଦର୍ଶକଙ୍କୁ ବାନ୍ଧି ରଖିଥିଲେ ।ଦୁଷ୍ମନ୍ତ ଖମାରୀ, କ୍ଷୀରୋଦ ନିଆଲ୍, ମୁସ୍ତାକ, ଅରବାଜ୍, ସତ୍ୟ, ସାହିଲ, ଘନ, ନରେଶ ଓ ସୁରଜ ପ୍ରମୁଖ ସଦସ୍ୟମାନେ ସହଯୋଗ କରିଥିଲେ ।

## ଖାଦ୍ୟ-ପାନୀୟ ଅଭାବରୁ ପଶୁପକ୍ଷୀ ଡହଳବିକଳ

# ଜବରଦଖଲରେ ଜଳାଶୟ, ଦେବୋତ୍ତର ଓ ସରକାରୀ ଜମି

**କଳମପୁର, ୬ ।୨(ସମିସ):** କଳାହାଣ୍ଡି ଜିଲ୍ଲା କଳମପୁର ରାଜସ୍ୱ ଅଧିନରେ ବିଭିନ୍ନ କିସମର ଜମି ଗୁଡିକ ରହିଥିଲା । ସେଥି ମଧ୍ୟରେ ଶହ ଶହ ଏକର ଗୋଚର, ଜଳଚର, ଅନାବାଦୀ, ଜଙ୍ଗଲ ଜମି ରହିଥିବା ବେଳେ ଏବେ ତାହା ଲୋପ ପାଇଲାଣି, ପୂର୍ବରୁ ଯେତିକି ଥିଲା, ସେ ମଧ୍ୟରୁ ବର୍ତ୍ତମାନ କିଛି କାଗଜପତ୍ରରେ ରହି ଥିଲେ ମଧ୍ୟ ତାହାର ଚିହ୍ନବର୍ଣ୍ଣ ଉଭାନ ହୋଇ ଗଲାଣି, ଫଳରେ




ଏହାର ପ୍ରଭାବ ପ୍ରାଣୀ ଜଗତରେ ସିଧାସଳଖ ପ୍ରତିଫଳିତ ହୋଇଛି, ଖାଦ୍ୟ ପାନୀୟର ଅଭାବ ଯୋଗୁଁ ପଶୁପକ୍ଷୀ ଅନାଟନ ଭୋଗ କରି ଆସୁଛନ୍ତି, ଗୋଚର, ଜଳଚର ଅନାବାଦୀ ଜଙ୍ଗଲ ଜମି ସବୁ ଜବରଦଖଲ ହେବା ଫଳରେ ଏଭଳି ପରିସ୍ଥିତି ଦେଖାଦେଇଛି । ଏସବୁ ମାଡି ବସିବା ପରେ ଏବେ ବିଭିନ୍ନ ଜଳାଶୟ ଓ ଦେବୋତ୍ତର ଜମି ମଧ୍ୟ ଜବରଦଖଲ ହେଉଥିଲେ ମଧ୍ୟ ରାଜସ୍ୱ ବିଭାଗ ଜବରଦଖଲ ଉଚ୍ଛେଦ ଲାଗି କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ । ଫଳରେ ଜବରଦଖଲକାରୀ ଅନାୟାସରେ ଜବରଦଖଲ କରି ଚାଲିଛନ୍ତି, ଦିନକୁ ଦିନ ଜମି ଉପରେ ଘର ନିର୍ମାଣ ହେଉଛି । ନଦୀ, ନାଳ, ଝରଣା ମଧ୍ୟ ଜବରଦଖଲରୁ ବର୍ତ୍ତି ପାରୁ ନ ଥିବା ବେଳେ କେନାଲ ଉପରେ ମଧ୍ୟ ଘର ତିଆରି ହେଉଛି । କେବଳ ଘର ନୁହେଁ କେତେକ ସ୍ଥଳରେ ଚାଷ ଜମି ଭାବେ ମଧ୍ୟ ଜବରଦଖଲ ହୋଇଛି, ଜମି ଥିଲା ବାଲା ମଧ୍ୟ ଜଙ୍ଗଲ ଜମି ପାଇବାରେ ସକ୍ଷମ ହୋଇଥିବା ବେଳେ ଇନ୍ଦ୍ରାବତୀ କେନାଲ ପାଇଁ ପ୍ରତିବଦଳରେ ବିଭାଗ ଖରିଦ କରି ଯୋଗାଇ ଦେଇଥିବା ଜମି ମଧ୍ୟ ପୁନର୍ବାର ବିକ୍ରିବଟା ହେବାରେ ଲାଗିଛି । ଏନେଇ ବିଭାଗ ପାଖରୁ ବାରମ୍ବାର ଚେଷ୍ଟା ସତ୍ତ୍ୱେ ସଠିକ ତଥ୍ୟ

# ବୁଥ୍ସ୍ତରୀୟ ସାଂଗଠନିକ ବୈଠକ



**ଗୋଲାମୁଣ୍ଡା, ୬ ।୨(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଗୋଲାମୁଣ୍ଡା ଓ ଦଶପୁର ଠାରେ ମଣ୍ଡଳ ସ୍ତରୀୟ ଭିବି ଜୀ ରାମ ଜୀ ଓ ବୁଥ୍ସ୍ତରୀୟ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଗୋଲାମୁଣ୍ଡା ମଣ୍ଡଳ ସଭାପତି ବୈଶାକୁ କେତକୀ ଓ ଦଶପୁର ମଣ୍ଡଳ ସଭାପତି ପ୍ରମୋଦ ପ୍ରଧାନଙ୍କ ସଭାପତିତ୍ୱରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ କୁମାର ମେହେର, ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ଜୟକୃଷ୍ଣ ସାହୁ, ଭାଗ୍ୟବାନ ବାଗ, ଗଣେଶ ରାଉତ, ଲଳିତ ପ୍ରଧାନ, ପ୍ରଦୀପ ପଣ୍ଡା, ଗଙ୍ଗା ବିଷ୍ଣୁ ମୁଣ୍ଡ, ନାରାୟଣ ଅଘରିଆ, ହେମନ୍ତ ବାଗ, ଶ୍ୟାମ ସୁନ୍ଦର ଅଗ୍ରୱାଲ ପ୍ରମୁଖ ଯୋଗ ଦେଇଥିଲେ । ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା । କାର୍ଯ୍ୟକର୍ତ୍ତାଙ୍କୁ ନିଷ୍ଠା ଓ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦିଆଯାଇଥିଲା । ଆଗାମୀ ଦିନରେ ବୁଥ କମିଟିଗୁଡ଼ିକୁ ଅଧିକ ସକ୍ରିୟ କରିବା ପାଇଁ ରଣନୀତି ପ୍ରସ୍ତୁତ କରାଯାଇଛି । ପ୍ରତ୍ୟେକ ବୁଥରେ ଘରକୁ ଘର ବୁଲି ଲୋକଙ୍କ ସହ ଯୋଗାଯୋଗ କରିବା, ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ବିଷୟରେ ସୂଚନା ଦେବା ଏବଂ ଦଳପ୍ରତି ସମର୍ଥନ ଯୋଗାଡ଼ କରିବାକୁ ନିଷ୍ପତ୍ତି ନିଆଯାଇଛି । ଶେଷରେ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ଆଗାମୀ ଦିନରେ ଦଳକୁ ଆହୁରି ମଜବୁତ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

# ଶୋହଳ ପ୍ରହରୀ ନାମଯଜ୍ଞ



**ସିନାପାଲି, ୬ ।୨ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ନୂଆମାଲପଡ଼ା ବଜାରପଡ଼ିଆରେ ଶୋହଳ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଗ୍ରାମବାସୀଙ୍କ ଆନୁକୂଲ୍ୟରେ ଅନୁଷ୍ଠିତ ନାମଯଜ୍ଞରେ କର୍ତ୍ତା ଭାବେ ଶଙ୍କର କାଣ୍ଡ ଓ ତାଙ୍କ ଧର୍ମପତ୍ନୀ ସୁପେ କାଣ୍ଡ ଦାୟିତ୍ୱ ତୁଲାଇଛନ୍ତି । ଗତ ଗୁରୁବାର ଦିନ ଗ୍ରାମର ଶତାଧିକ ମହିଳା ସ୍ଥାନୀୟ ପୋଖରୀ ଯାଇ ପବିତ୍ର ପୂଜାଅର୍ଚ୍ଚନା କରି କଳସରେ ପାଣି ଉଠାଇ ଗ୍ରାମ ପରିକ୍ରମା କରି ପୂଜା ମଣ୍ଡପରେ କଳସ ସ୍ଥାପନ କରିଥିଲେ । ଶୁକ୍ରବାର ନାମ କୀର୍ତ୍ତନ ଆରମ୍ଭ ହୋଇଥିବା ବେଳେ ରବିବାର ପୂର୍ଣ୍ଣାହୁତି ହେବ ବୋଲି କମିଟି ତରଫରୁ ସୁଚନା ମିଳିଛି । ସଭାପତି ଭାବେ ଚିନ୍ମୟ କୁମାର ମୁଣ୍ଡ, ସମ୍ପାଦକ ତ୍ରିଲୋଚନ ମାଝି, କୋଷାଧ୍ୟକ୍ଷ ଗୋପିନାଥ ରାଉତ, ବଳମତ ମାଝି, ଗଣେଶ ପୋଡ, ଉଜ୍ଜ୍ୱଳ ମାଝି, କୁନୁ ମାଝି ସମେତ ଗ୍ରାମର ଭଦ୍ରବ୍ୟକ୍ତି ସହଯୋଗ କରିଛନ୍ତି ।

# ସିଡିରୁ ଖସି ଶ୍ରମିକ ଗୁରୁତର



**କେସିଙ୍ଗା, ୬ ।୨ (ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ଠାରେ ନିର୍ମାଣାଧୀନ ରହିଥିବା ରେଳ ଓଭର ବ୍ରିଜ ରୁ ପଡ଼ି ଶ୍ରମିକ ଗୁରୁତର । ସୂଚନା ଅନୁଯାୟୀ କୌଣସି କାମ ପାଇଁ ଏକ ସିଡି ଯୋଗେ ବ୍ରିଜର ଉପର କୁ ଚଢୁଥିବା ବେଳେ ସିଡିରୁ ଖସି ପଡ଼ି ଗୁରୁତର ହୋଇଛନ୍ତି । ଗୁରୁତର ଶ୍ରମିକ ପବନ କୁମାର(୨୨) ହୋଇଥିବା ବେଳେ ସେ ବିହାର ଅଞ୍ଚଳର ବୋଲି ଜଣାପଡ଼ିଛି । ଶ୍ରମିକ ଜଣଙ୍କୁ ତୁରନ୍ତ ସ୍ଥାନୀୟ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା ପ୍ରାଥମିକ ଚିକିତ୍ସା ପରେ ପବନଙ୍କୁ ଭବାନୀପାଟଣାସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ।


## ଠିକାଦାର ସଂଘର ସାଧାରଣ ବୈଠକ

# ଜିଲ୍ଲା ବାହାର ଠିକାଦାରଙ୍କୁ ବିରୋଧ କରାଯିବ

**ନୂଆପଡ଼ା, ୬ ।୨(ସମିସ):** ସ୍ଥାନୀୟ ମଲ୍ଟି ପ୍ରପୋଜ ହଲରେ ନୂଆପଡ଼ା ବିଧାନସଭା ଅନ୍ତର୍ଗତ ସମସ୍ତ ବି ଏବଂ ସି ଶ୍ରେଣୀର ଠିକାଦାରଙ୍କ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଠିକାଦାର ସଞ୍ଜୟ ପୁରୋହିତଙ୍କ ଆୱାନକ୍ରମେ ଆୟୋଜିତ ବୈଠକରେ ନୂଆପଡ଼ା ବିଧାନସଭା ଅନ୍ତର୍ଗତ କୋମନା ବ୍ଲକ, ନୂଆପଡ଼ା ବ୍ଲକ ଓ ଖରିଆର ରୋଡ ଏନ୍ଏସିର ସମସ୍ତ ବି ଏବଂ ସି ଶ୍ରେଣୀର ଠିକାଦାର ଏକତ୍ରିତ ହୋଇଥିଲେ । ଦିନକୁ ଦିନ ଅଧିକାରୀ ଏବଂ ଜିଲ୍ଲା ବାହାର ଠିକାଦାରଙ୍କ ଏଣ୍ଟ୍ରି ଯୋଗୁଁ ନିର୍ମାଣ କାମ ସବୁ ନିମ୍ନମାନର ହେଉଥିବା ବେଳେ ଏଠିକାର ସ୍ଥାନୀୟ ଠିକାଦାରଙ୍କ ଆର୍ଥିକ ସ୍ଥିତି ସହ ନୂଆ କରି ଏହି କ୍ଷେତ୍ରକୁ ଆସୁଥିବା ଯୁବ ପୀଢ଼ୀକୁ ହତୋତ୍ସାହିତ କରୁଛି । ନୂଆପଡ଼ା ବିଧାନସଭା ତଥା ଜିଲ୍ଲା ଜିଲ୍ଲା ବାହାର କୌଣସି ଠିକାଦାର ନୂଆପଡ଼ା ବିଧାନସଭାର ବି ଓ ସି ଶ୍ରେଣୀର କାମ ଗୁଡିକରେ ଅଂଶ ଗ୍ରହଣ କରିବେ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି । ନିଷ୍ପତ୍ତିକୁ କୌଣସି ଠିକାଦାର ଖିଲାଫ କଲେ ନୂଆପଡ଼ା ବି ଓ ସି ଶ୍ରେଣୀ ଠିକାଦାର ସଂଘ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ । ନୂଆପଡ଼ା ବିଧାନସଭାର ସମସ୍ତ ବି ଓ ସି ଶ୍ରେଣୀ ଠିକାଦାର ମଧ୍ୟ ବିଧାନସଭା ବାହାରେ କୌଣସି କାମ ରେ ଅଂଶ ଗ୍ରହଣ କରିବେ ନାହିଁ ବୋଲି ମଧ୍ୟ ବୈଠକରେ ନିଷ୍ପତ୍ତି ହୋଇଛି । ଏହା ସହିତ ଆଗାମୀ ଟେଣ୍ଡର ଗୁଡିକରେ ଶତକଡା ୦.୧୦ ଟଙ୍କାରେ ଭାଗ ନେବା ପାଇଁ ସର୍ବ ସମ୍ମତିକ୍ରମେ ବୈଠକରେ ନିଷ୍ପତ୍ତି ହୋଇଥିଲା । ଠିକାଦାର ପ୍ରଦୀପ ସ୍ୱାଇଁ, ବବଲୁ ପାଢ଼ୀ, ମନମିତ ସିଂ ଗୁରୁଦତ୍ତା, ରାଜୀବ ହୋତା, ମାନସ ରଞ୍ଜନ ପାଢ଼ୀ, ସଲିଲ କୁମାର ପାଲ, ବଲବିନ୍ଦର ସିଂ ବେନ୍ସ, ରିଙ୍କୁ ବରଗର୍ତ୍ତୀ, ସ୍ମୃତି ସମ୍ପଦ ପାଣିଗ୍ରାହୀ, ପ୍ରବୀଣ ଠାକୁର, ପିଣ୍ଟୁ ଠାକୁର, ନିରଜ ସିଂ ଠାକୁର, ଅନୁଜ ପାଢ଼ୀ, ଆକାଶ ପାଢ଼ୀ, କ୍ରିଷ୍ଣା ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।



ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ ॥



ସ୍ୱର୍ଗତ ଭାସ୍କର ମହାରଣା
ରାମନଗର ପ୍ରଥମ ଲେନ, କମାପଲି, ବ୍ରହ୍ମପୁର (ଗଞ୍ଜାମ)
ଆବିର୍ଭାବ : ୧୦.୧୦.୧୯୪୮
ତିରୋଧାନ : ୨୮.୦୧.୨୦୨୬
ବାପା ଆପଣ ଯିବାର ୧୧ ଦିନ ହେଇଗଲା । ଆପଣଙ୍କର ସ୍ନେହ, ଭଲ ପାଇବା, ତ୍ୟାଗ ଆମପାଇଁ ଚିର ସ୍ମରଣୀୟ ହୋଇ ରହିବ । ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶ୍ରଦ୍ଧାଞ୍ଜଳି ସହ : ପୁତ୍ର ଜଗଦୀଶ, ମହେଶ, ପୁତ୍ରବଧୂ କ୍ରୀଷ୍ଣା, ଝିଅ,ଜୋଇଁ ଓ ନାତି ନାତୁଣୀମାନେ

## ମିଳୁନି କେନ୍ଦ୍ର ପରିବେଶ ମଞ୍ଜୁରୀ

# ଅଧାରେ ଅଟକିଛି ଅପର ଉଦନ୍ତୀ ବ୍ୟାରେଜ୍ ପ୍ରକଳ୍ପ

ସିନାପାଲି, ୬ ।୨(ସମିସ)

ନୂଆପଡ଼ା ଜିଲ୍ଲା ସିନାପାଲି ଦେଇ ପ୍ରବାହିତ ଉଦନ୍ତୀ ନଦୀରେ ଅପର ଉଦନ୍ତୀ ବ୍ୟାରେଜ ପ୍ରକଳ୍ପ ନିର୍ମାଣକୁ ନେଇ ଅଞ୍ଚଳବାସୀଙ୍କ ଦୀର୍ଘ ଦିନର ଦାବିକୁ ଯଥାର୍ଥ ମନକରି ଗୋର୍ଲା ଗ୍ରାମ ନିକଟସ୍ଥ ଗୋଏସିଲ ସ୍ଥାନରେ ହେବା ନେଇ ଚୂଡ଼ାନ୍ତ ହୋଇ ପୂର୍ବ ରାଜ୍ୟ ସରକାରଙ୍କ ଜଳସମ୍ପଦ ମନ୍ତ୍ରୀ ଶୁଭ ଦେଇଥିବା ବେଳେ ସର୍ଭେ କାର୍ଯ୍ୟ ପ୍ରାୟ ସରିଯାଇଥିବା ବେଳେ ଅଞ୍ଚଳର ଜନସାଧାରଣଙ୍କୁ ନେଇ ଗ୍ରାମ ସଭାକାର୍ଯ୍ୟ ତ୍ୱରାନ୍ୱିତ କରାଯାଇଥିଲା । ହେଲେ ସେତେବେଳର କେନ୍ଦ୍ର ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ତରଫରୁ ମଞ୍ଜୁରୀ ମିଳିଲାନି ବୋଲି ପ୍ରକଳ୍ପ କାର୍ଯ୍ୟ ଅଟକି ଯାଇଥିଲା ବୋଲି ଅଞ୍ଚଳର ଜନସାଧାରଣ, ଚାଷୀ ତଥା ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇବା ସହ ଅସନ୍ତୋଷ ପ୍ରକାଶ ପାଇଛି । ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଶାସନ ଚାଲିଛି । ହେଲେ ପ୍ରକଳ୍ପର ଗତି କୁଆଡେ ଯାଉଛ ତାକୁ ନେଇ ଅଞ୍ଚଳର ଜନସାଧାରଣ ଆଶା ଓ ଆଶଙ୍କାରେ ରହିଛନ୍ତି ।ପ୍ରକଳ୍ପ ନିର୍ମାଣ କରିବାକୁ ଅଞ୍ଚଳର ଜନସାଧାରଣ ବହୁବାର ଆନ୍ଦୋଳନକୁ ଓହ୍ଲାଇ ଅନେକ ଥର କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ । ସ୍ଥାନୀୟ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମଧ୍ୟ ଅଞ୍ଚଳର ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ବିଧାନ ସଭା ଗୃହରେ ମଧ୍ୟ ପ୍ରଶ୍ନ ଉଠାଇଥିଲେ । ହେଲେ ବର୍ତ୍ତମାନ ସରକାର ପରିବର୍ତ୍ତନ

**ପୂର୍ବ ସରକାର ଅମଳରେ ହୋଇଥିଲା ସ୍ଥାନ ଚିହ୍ନଟ ଓ ସର୍ଭେ କାମ**

**ସରକାର ପରିବର୍ତ୍ତନ ପରେ ବଦଳିବ କି ପ୍ରକଳ୍ପର ଭାଗ୍ୟ**

ପରେ ପ୍ରକଳ୍ପର ଭାଗ୍ୟ ବଦଳିବ ନା ନାଲିଫିତା ତଳେ ଚାପି ହୋଇ ରହିଯିବ ପ୍ରଶ୍ନ ଉଠିଛି । ଏହାକୁ ନେଇ ପୁଣି ଥରେ ଦିଲ୍ଲୀରେ କେନ୍ଦ୍ରୀୟ ଜଳ ଆୟୋଗ ଡାଇରେକ୍ଟର ନିରଜ କୁମାର ଶର୍ମାଙ୍କୁ ବିକଶିତ କଳାହାଣ୍ଡି ନୂଆପଡ଼ାର ଅଧ୍ୟକ୍ଷ ଡ଼.ଭବାନୀ ଶଙ୍କର ନିଆଲ ଦିଲ୍ଲୀସ୍ଥିତ ସିଡବ୍ଲୁସି କାର୍ଯ୍ୟାଳୟରେ ସାକ୍ଷାତ କରି ଲୋୟର ଉଦନ୍ତି ଏବଂ ଅପର ଉଦନ୍ତି ପ୍ରଜେକ୍ଟ ଉପରେ ଚର୍ଚ୍ଚା କରିଛନ୍ତି । ଅପର୍ ଉଦନ୍ତୀ ବ୍ୟାରେଜ୍ ପ୍ରକଳ୍ପ ଏହି ପ୍ରସ୍ତାବିତ ପ୍ରକଳ୍ପଟି ମହାନଦୀ ବେସିନର ତେଲ୍ ଉପବେସିନରେ ଯୋଜନା କରାଯାଇଛି । ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକର ପଟିଆଲପଡ଼ା



ଗ୍ରାମ (ଗୋଏସିଲ) ନିକଟରେ ଉଦନ୍ତୀ ନଦୀ ଉପରେ ବ୍ୟାରେଜ୍ ନିର୍ମାଣ ପାଇଁ ପ୍ରସ୍ତାବ ରହିଛି । ଏହାଦ୍ୱାରା ନୂଆପଡ଼ା ଜିଲ୍ଲାର ସିନାପାଲି ଏବଂ ବୋଡେନ୍ ବ୍ଲକର ୮ହଜାର ହେକ୍ଟର ଜମିକୁ ଜଳସେଚନ କରାଯାଇପାରିବ । ଲୋୟର ଉଦନ୍ତୀ ଜଳସେଚନ ପ୍ରକଳ୍ପ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକର ବୋର୍ଡି ଗ୍ରାମ ନିକଟରେ ଉଦନ୍ତୀ ନଦୀ ଉପରେ ବ୍ୟାରେଜ୍ ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଛି । ପ୍ରସ୍ତାବିତ ବ୍ୟାରେଜ୍ ସ୍ଥଳରେ ନଦୀର ସମୁଦାୟ ଜଳଧାରା ଅଞ୍ଚଳ ହେଉଛି ୨୦୪୩ ବର୍ଗ କିଲୋମିଟର, ଯେଉଁଥିରୁ ୯୧୯ ବର୍ଗ କିଲୋମିଟର ଛତିଶଗଡ଼ରେ ଏବଂ ୧୧୨୪ ବର୍ଗ କିଲୋମିଟର ଓଡ଼ିଶାରେ ଅବସ୍ଥିତ । ଏହି ପ୍ରକଳ୍ପର ଉପର ମୁଣ୍ଡରେ ପଟିଆଲପଡ଼ା ଠାରେ 'ଅପର୍ ଉଦନ୍ତୀ ଜଳସେଚନ ପ୍ରକଳ୍ପ' ନିର୍ମାଣ ପାଇଁ ପ୍ରସ୍ତାବ ରହିଛି । ଅପର୍ ଉଦନ୍ତୀ ପ୍ରକଳ୍ପର ଜଳଧାରା ଅଞ୍ଚଳ (୧୦୪୪ ବର୍ଗ କିଲୋମିଟର)କୁ ବାଦ୍ ଦେଲା ପରେ, ଲୋୟର୍ ଉଦନ୍ତୀ ପ୍ରକଳ୍ପ ପାଇଁ ୯୯୯ ବର୍ଗ କିଲୋମିଟର ମୁକ୍ତ ଜଳଧାରା ଅଞ୍ଚଳ ଉପଲବ୍ଧ ହେବ (ଓଡ଼ିଶାରେ ୮୦୫ ବର୍ଗ କିଲୋମିଟର ଏବଂଛତିଶଗଡ଼ରେ ୧୯୪ ବର୍ଗ କିଲୋମିଟର) । ମହାନଦୀ ଏକ ଆନ୍ତଃରାଜ୍ୟ ନଦୀ । ୧.୮.୧୯୮୨ରେ ନୂଆଦିଲ୍ଲୀଠାରେ ଛତିଶଗଡ଼ (ତତ୍କାଳୀନ ମଧ୍ୟପ୍ରଦେଶ) ଏବଂ ଓଡ଼ିଶା ମଧ୍ୟରେ ହୋଇଥିବା ଚୁକ୍ତି ଅନୁଯାୟୀ, ଉପର ମୁଣ୍ଡର ବିକାଶ ପାଇଁ ୨୦%ଜଳଧାରା ଅଞ୍ଚଳ ସଂରକ୍ଷିତ ରଖାଯିବ । ତେଣୁ, ୨୦% ଉପଯୋଗ ପରେ ଓଡ଼ିଶାର ବ୍ୟବହାର ପାଇଁ ସମୁଦାୟ ୯୬୦ ବର୍ଗ କିଲୋମିଟର (ଛତିଶଗଡ଼ର ୧୫୫ ବର୍ଗ କିଲୋମିଟର ଏବଂ ଓଡ଼ିଶାର ୮୦୫ ବର୍ଗ କିଲୋମିଟର) ଜଳଧାରା ଅଞ୍ଚଳରୁ ଜଳ ଉପଲବ୍ଧ ହେବ । ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ କଳାହାଣ୍ଡି ଜିଲ୍ଲାର ଗୋଲାମୁଣ୍ଡା, ଭବାନୀପାଟଣା ଏବଂ ବଲାଙ୍ଗିର ଜିଲ୍ଲାର ଟିଟିଲାଗଡ଼ ଭଳି ଚିରମରୁଡ଼ି ପ୍ରପୀଡ଼ିତ ଅଞ୍ଚଳର୧୨ହଜାର ହେକ୍ଟର ଚାଷ ଜମିକୁ ଜଳସେଚନ ସୁବିଧା ମିଳିବ । ଏହା ସ୍ଥାୟୀ ଖାଦ୍ୟ ଶସ୍ୟ ଉତ୍ପାଦନ ନିଶ୍ଚିତ କରିବା ସହ ସେଚାଞ୍ଚଳର ଲୋକଙ୍କ ସାମାଜିକ, ଅର୍ଥନୈତିକ ସ୍ଥିତିରେ ସୁଧାର ଆଣିବ । ସୂଚନା ଯୋଗ୍ୟଯେ ଏହି ଦୁଇଟି ପ୍ରମୁଖ ଦାବି ଯାହା କଳାହାଣ୍ଡି ନୂଆପଡ଼ା ଜିଲ୍ଲାର ଷାଠିଏ ଦଶକର ପ୍ରମୁଖ ଦାବି ଭିତରେ ଅନ୍ୟତମ । ଏହା ଉପରେ ଭାରତ ସରକାର କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ସିଆର ପାଟିଲ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବିକଶିତ କଳାହାଣ୍ଡି ଅଧ୍ୟକ୍ଷ ଡ଼. ନିଆଲ ସ୍ମାରକପତ୍ର ଦେଇସାରିଛନ୍ତି ।

# କଲଚରାଲ ଏକାଡେମୀର ସାହିତ୍ୟ ଆସର



**ରାଉରକେଲା, ୬।୨(ସମିସ):** ପୁସ୍ତକ ମହୋତ୍ସବ-୨୦୨୬ ଅବସରରେ କଲଚରାଲ ଏକାଡେମୀ ପକ୍ଷରୁ 'ସାହିତ୍ୟ ଆସର' ଆୟୋଜିତ ହୋଇଛି। କଲଚରାଲ ଏକାଡେମୀର ବରିଷ୍ଠ ସଦସ୍ୟ ଅକ୍ଷୟ ସାମଲ ଅଧ୍ୟକ୍ଷତା କରି ରଜନୀକାନ୍ତ ଦାସଙ୍କ ଜୀବନ ସଂଘର୍ଷ, ସାହିତ୍ୟ ସାଧନା ତଥା କଲଚରାଲ ଏକାଡେମୀର ପ୍ରତିଷ୍ଠତା, ସାଧାରଣ ସମ୍ପାଦକ ଏବଂ 'ନବପତ୍ର'ର ସମ୍ପାଦକ ଭାବରେ ଓଡ଼ିଆ ଜାତିକୁ ତାଙ୍କର ଅମୂଲ୍ୟ ଅବଦାନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ରଜନୀ କାନ୍ତ ଦାସଙ୍କ ସାହିତ୍ୟରେ ପ୍ରଗତିଶୀଳ ଚେତନା' ଶୀର୍ଷକ ବିଷୟରେ ଆଲୋଚନା କରି ଡ. ପ୍ରଭାତ ମଲ୍ଲିକ କହିଥିଲେ, ରଜନୀକାନ୍ତ ଦାସ ଏକାଧାରରେ ଜଣେ କବି, ଉପନ୍ୟାସିକ, ଗାଳ୍ପିକ, ଅନୁବାଦକ, ସାମ୍ବାଦିକ ଏବଂ ପିଟିଆଇ ପ୍ରତିନିଧି। ସାହିତ୍ୟର ପ୍ରତିଟି କ୍ଷେତ୍ରକୁ ତାଙ୍କର ବୈଦ୍ଧିକ ବିମର୍ଷ, ନୂତନ ଆୟାମ ପ୍ରଦାନ କରିଥିଲା। ଏପରିକି ଇସ୍ପାତ ସହର ରାଉରକେଲାରେ କବିତା ପାଠ ଓ ଗଳ୍ପ ଆଲୋଚନାର ସେ ଥିଲେ ପଥପ୍ରଦର୍ଶକ। ତାଙ୍କର ସାହିତ୍ୟିକ ସୃଷ୍ଟି ଥିଲା ଜୀବନଧର୍ମୀ, ପ୍ରଗତିଶୀଳ ଏବଂ ବିପ୍ଳବର ବାର୍ତ୍ତାବହ। ଏହି ଆସରରେ ଏକାଡେମୀର ସାଧାରଣ ସମ୍ପାଦକ କାଶୀନାଥ ପାତ୍ର ମଞ୍ଚ ପରିଚାଳନା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କବି ଡା. କୃପାସିନ୍ଧୁ ନାୟକଙ୍କର ପ୍ରାକ୍‌ଭାସ୍ୟ ଏବଂ କବିତାରୁ କବିତା ପାଠ ଆରମ୍ଭ ହୋଇଥିବା ବେଳେ କବିତାଗୁଡ଼ିକୁ ସଂଯୋଜନା କରିଥିଲେ କବି ବଳରାମ ରାଉଳ। ଏହି ଅସରରେ କବି ସଦାଶିବ ଦାସ, ବିଜୟ ରାୟ, ରାଜୀବ ପାଣି, ପ୍ରତାପ କୁମାର ପଣ୍ଡା, ଗୀତାରାଣୀ ବେହେରା, ସୌମ୍ୟରଞ୍ଜନ ବାଗ, ଅଶୋକ କୁମାର ପଟ୍ଟନାୟକ, ଅର୍ଚ୍ଚନା ପାତ୍ର, ଭୂମିପ୍ରିୟା ମହାନନ୍ଦ, ଶ୍ରୀଧର ସୁନା, ସୁଶାନ୍ତ ନାୟକ, ଆଲୋକ ବୋଷ, ଅକ୍ଷୟ ପଣ୍ଡା, ତ୍ରିଲୋଚନ ସ୍ୱାଇଁ, ମୀନକେତନ ପଶାୟତ, ଧୋବେଇ ବେହେରା ପ୍ରମୁଖ କବି କବିତା ପାଠ କରିଥିବା ବେଳେ ରାଧାକୃଷ୍ଣ ମହାପାତ୍ର, ଗଜେନ୍ଦ୍ର ମୁର୍ମୁ, ସୌମ୍ୟରଞ୍ଜନ ମହାନ୍ତି, ଅଜୟ ମହାନ୍ତି, ଗୌତମ ଦାଶ, ଗଗନ ବିହାରୀ ନାୟକ ପ୍ରମୁଖ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଶେଷରେ ବଳରାମ ରାଉଳ ଧନ୍ୟବାଦ ଦେଇଥିଲେ।

# ଆର୍‌ଏସ୍‌ପିର ହଟ୍‌ଷ୍ଟ୍ରିପ ମିଲ-୨ କଏଲ ୟାର୍ଡରେ ଖର୍ଚ୍ଚ ସଞ୍ଚୟ

**ରାଉରକେଲା, ୬।୨(ସମିସ)**



ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ହଟ୍ ଷ୍ଟ୍ରିପ୍ ମିଲ୍-୨(ଏଚଏସଏମ-୨) ବିଭାଗର ଏକ ଉଦ୍ୟୋଗୀ ଦଳ ବିଭାଗର କଏଲ ୟାର୍ଡ ଏବଂ ସିଟ୍ ସିୟରିଂ ଲାଇନ୍ (ଏସଏସଏଲ)ରେ ନିଜସ୍ୱ ସମ୍ବଳ ବିନିଯୋଗରେ ଏକ ଉନ୍ନତ ମୋବାଇଲ୍ ଟଙ୍ଗ / ସିଟ୍ ପ୍ୟାକ୍ ଲିଫ୍ଟର ପରୀକ୍ଷଣ ପ୍ୟାନେଲ୍ ସଫଳତାର ସହିତ କାର୍ଯ୍ୟକାରୀ କରିଛନ୍ତି। ଏହି ଅଭିନବ ସମାଧାନ ପାରମ୍ପରିକ ପରୀକ୍ଷଣ ପ୍ୟାନେଲ୍ ଅପେକ୍ଷା ଏକ ମୂଲ୍ୟ ନିପୁଣ ଏବଂ ଦକ୍ଷ ବିକଳ୍ପ ପ୍ରଦାନ କରିଛି ଯାହା ଉକ୍ତ ବ୍ୟବସ୍ଥାର ସୁରକ୍ଷା ଏବଂ କାର୍ଯ୍ୟକ୍ଷମ ଉତ୍କୃଷ୍ଟତାରେ ଉନ୍ନତି ଆଣିଛି। ପୂର୍ବରୁ ଉକ୍ତ ୟାର୍ଡ ମଧ୍ୟରେ ଅନେକ ସ୍ଥାନରେ ଘଟୁଥିବା ଟଙ୍ଗ ସମ୍ବନ୍ଧୀୟ ସମସ୍ୟାଗୁଡ଼ିକ ଅନେକ ଫିକ୍ସଡ ପରୀକ୍ଷଣ ପ୍ୟାନେଲ୍ ସ୍ଥାପନ ଆବଶ୍ୟକ ଥିଲା, ଯାହା ଫଳରେ ଭିତ୍ତିଭୂମି ଖର୍ଚ୍ଚ ବୃଦ୍ଧି ସହିତ ରକ୍ଷଣାବେକ୍ଷଣ ବୃଦ୍ଧିର ଆବଶ୍ୟକତା ହେଉଥିଲା। ଏହି ଆହ୍ୱାନ ଗୁଡ଼ିକର ମୁକାବିଲା ନିମନ୍ତେ ଚକ ଲଗାଯାଇଥିବା ଏକ ମୋବାଇଲ୍ ଟଙ୍ଗ ପରୀକ୍ଷଣ ପ୍ୟାନେଲ୍‌ର ପରିକଳ୍ପନା ସହ ଏହାର ବିକଶିତ କରାଯାଇଥିଲା। ଏହାକୁ ସଠିକ ସ୍ଥାନକୁ ସହଜରେ ସ୍ଥାନାନ୍ତର କରାଯାଇପାରିବା ସହିତ ଏକ ୟୁନିଟ୍ ବ୍ୟବହାର କରି ତିନୋଟି ୟାର୍ଡର ସେବା ପ୍ରଦାନ କରିବାକୁ ସକ୍ଷମ କରାଯାଇପାରିବ। ଏହି ପଦକ୍ଷେପ ଭିତ୍ତିଭୂମି ଆବଶ୍ୟକତାକୁ ଦୂର କରିବା ସଙ୍ଗେ ସଙ୍ଗେ ରକ୍ଷଣାବେକ୍ଷଣ ସମୟକୁ ମଧ୍ୟ କମ କରିପାରିଛି। ମୋବାଇଲ୍ ପରୀକ୍ଷଣ ପ୍ୟାନେଲର ପ୍ରମୁଖ ଲାଭଗୁଡ଼ିକ ମଧ୍ୟରେ ଖର୍ଚ୍ଚ-ନିପୁଣତା ଏବଂ ମିତବ୍ୟୟତା, ସରଳ ଏବଂ ସୁଗମ ପରିଚାଳନା, ରକ୍ଷଣାବେକ୍ଷଣ କାର୍ଯ୍ୟକଳାପ ପାଇଁ ସମୟ ସଞ୍ଚୟ ସହିତ ଅତିରିକ୍ତ ଭିତ୍ତିଭୂମି କମ ଜନିତ ଏହାର ପରିବେଶ ଅନୁକୂଳତା ସାମିଲ ରହିଛି। ଏଚଏସଏମ-୨ର ଇଲେକଟ୍ରିକାଲ ବିଭାଗର ଏଜିଏମ ତ୍ରିବିକ୍ରମ ସେଠ ଏହି ପ୍ରକଳ୍ପ କାର୍ଯ୍ୟକାରିତାର ନେତୃତ୍ୱ ନେଇଥିଲେ। ରାଜେଶ କୁମାର ପଣ୍ଡା, ଶ୍ରୀକାନ୍ତ ମଳିକ, କେଶରୀ ଚନ୍ଦ୍ର ଆଦା, ଇ. ନାଗେଶ୍ୱର ରାଓଙ୍କୁ ନେଇ ଗଠିତ ଉକ୍ତ ଦଳ ଓ ଅନ୍ୟ ସହଯୋଗୀ କର୍ମଚାରୀ ଇଲେକଟ୍ରିକାଲ ବିଭାଗର ଏଚଓଏସ ରଞ୍ଜିତ କୁଜୁର ଏବଂ ଏଚଏସଏମ-୨ ବିଭାଗର ସିଜିଏମ ସୁବ୍ରତ କୁମାରଙ୍କ ସକ୍ରିୟ ମାର୍ଗଦର୍ଶନରେ ଉକ୍ତ ପ୍ରକଳ୍ପ କାର୍ଯ୍ୟକାରୀ କରିଥିଲେ। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସୁବ୍ରତ କୁମାର ଏହି ନୂତନ ଯନ୍ତ୍ରୋପକରଣର ଉଦଘାଟନ କରିଥିଲେ। ଏହି ଅବସରରେ ରଞ୍ଜିତ କୁଜୁର, ଅପରେସନ ବିଭାଗର ଏଚ ଓ ଏସ ଦୀପକ କୁମାର ଯାଦବ, ମେକନିକାଲ ବିଭାଗର ଜିଏମ ସନ୍ୟାସୀ ଚରଣ ସାହୁ, ଡିଏସଓ ଚିଦାନନ୍ଦ ନାୟକ, କ୍ରେନ ମେଣ୍ଟେନାନ୍ସ ବିଭାଗର ଡିଜିଏମ ମୋହନ ମୁରାରୀ, ଡେପୁଟି ମ୍ୟାନେଜର ଏମ୍‌ସି ଦାସ ଏବଂ ଅନ୍ୟ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ହାଇମାଷ୍ଟ ଲାଇଟ୍ ଅଚଳ

**ବଣାଇଁ, ୬।୨(ସମିସ):** ଗୁରୁଣ୍ଡିଆ ବ୍ଲକ ନରେନ୍ଦ୍ର ପଞ୍ଚାୟତ ଖାରବେଡା ଗ୍ରାମରେ ଗତ କିଛି ବର୍ଷ ତଳେ ଲାଗିଥିବା ହାଇମାଷ୍ଟ ଲାଇଟ୍‌ଟି ଅଚଳ ହୋଇ ପଡ଼ିରହିଛି। ଫଳରେ ଅନ୍ଧାର ଯୋଗୁଁ ଗ୍ରାମବାସୀ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲାଇଟ୍ ଖରାପ ହେବାର ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏହାଦ୍ୱାରା ଗାଁ ଗୁଡ଼ିକରେ ଲାଗୁଥିବା ଲାଇଟ୍‌ର ଭବିଷ୍ୟତ ଓ ମାନ ପ୍ରତି ଅନେକ ସମୟରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଲାଇଟ୍ ମରାମତି ପାଇଁ ଗ୍ରାମବାସୀ ଅନେକ ସମୟରେ ଅଭିଯୋଗ କରିଥିଲେ ମଧ୍ୟ କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନ ଦେଉନଥିବା ଯୋଗୁଁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏବେ ଗୁରୁଣ୍ଡିଆ ଅଞ୍ଚଳରେ ହାତୀପଲଙ୍କ ଉପଦ୍ରବ ଲାଗି ରହିଛି। ତେଣୁ ଖାରବେଡା ଗ୍ରାମବାସୀ ମଧ୍ୟ ଅନ୍ଧକାର ଯୋଗୁଁ ଭୟଭୀତ ଅବସ୍ଥାରେ ରହୁଛନ୍ତି। ଆଗାମୀ ଦିନରେ ଲାଇଟ୍ ମରାମତି କରାଯିବାର ବ୍ୟବସ୍ଥା କରିବାକୁ ବିଭାଗୀୟ ଅଧିକାରୀଙ୍କ ନିକଟରେ ଗ୍ରାମବାସୀ ଦାବି କରିଛନ୍ତି।



# ବରିଷ୍ଠ ନାଗରିକଙ୍କ ପାଇଁ ସ୍ମୃତି ବିଭ୍ରମ ଚୟନ ଶିବିର




**ବଣାଇ, ୬।୨(ସମିସ):** ବରିଷ୍ଠ ନାଗରିକଙ୍କ ନିମନ୍ତେ ସ୍ଥାନୀୟ ଆଦିବାସୀ ଉନ୍ନୟନ ସଂସ୍ଥାର ସଭାଗୃହଠାରେ ଉପଖଣ୍ଡସ୍ତରୀୟ ସ୍ମୃତି ବିଭ୍ରମ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡଃ ଛଇଳା ଅଡା, ଡ଼ଃ. ସ୍ୱାତି ପ୍ରିୟଦର୍ଶିନୀ ଆଚାର୍ଯ୍ୟ, ଡ଼ଃ ସନ୍ତୋଷ ବେହେରା ରୋଗୀମାନଙ୍କ ମାନସିକ ସ୍ୱାସ୍ଥ୍ୟ ପରୀକ୍ଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ବ୍ଲକରୁ ମାନସିକ ରୋଗୀମାନେ ଆସିବା ସହିତ ନିଜ ନିଜର ସ୍ୱାସ୍ଥ୍ୟ ପରୀକ୍ଷା ନିରୀକ୍ଷା କରିଥିଲେ। ଏହି ଅବସରରେ ଯୋଗ୍ୟ ହିତାଧିକାରୀଙ୍କୁ ବଣାଇଁ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେ ଓ ବଣାଇଁ ଗୋଷ୍ଠି ଉନ୍ନୟନ ଅଧିକାରୀ ଦିବ୍ୟଶଙ୍କର ଜୟପୁରିଆ ଭତ୍ତା କାର୍ଡ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୁଷ୍ପାଞ୍ଜଳି ସାହୁ, ସାମାଜିକ ସୁରକ୍ଷା ଅଧିକାରୀ ଅଜୟ କୁମାର ସାହୁ ତଥା ବିଭିନ୍ନ ପ୍ରାନ୍ତରୁ ଆସିଥିବା ବୃଦ୍ଧ ବୃଦ୍ଧା ମାନସିକ ରୋଗୀ ପ୍ରମୁଖ ଉପସ୍ଥିତ ଥିଲେ। ଅଜୟ କୁମାର ସାହୁ ପରିଶେଷରେ ଧନ୍ୟବାଦ ପ୍ରଦାନ କରିଥିଲେ।

**ଆର୍‌ଏସ୍‌ପିର ଷ୍ଟିଲ ମେଲ୍ଟିଂ ସପ୍-୨ରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ**

# ୮୬ କର୍ମଚାରୀ ପୁରସ୍କୃତ



**ରାଉରକେଲା, ୬।୨(ସମିସ):** ରାଉରକେଲା ଇସ୍ପାତ କାରଖାନା(ଆରଏସପି)ର ଷ୍ଟିଲ ମେଲ୍ଟିଂ ସପ୍-୨ରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ବିଭାଗୀୟ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି। ଉତ୍ପାଦନ, ରକ୍ଷଣାବେକ୍ଷଣ, ଗୁଣବତ୍ତା, ଯୋଜନା ଏବଂ ସୁରକ୍ଷା କ୍ଷେତ୍ରରେ ନିଜର ଅନୁକରଣୀୟ ଅବଦାନ ପାଇଁ ଏସଏମଏସ-୨ ସମେତ ସହାୟକ ବିଭାଗଗୁଡିକର ୮୬ ଜଣ କର୍ମଚାରୀଙ୍କୁ ସେଲ୍‌ଫ ସାବାସ୍ ଯୋଜନା ଅଧୀନରେ ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଏସଏମଏସ-୨ ବିଭାଗର ସିଜିଏମ ଏମ.ଜି. ଶ୍ରୀକାନ୍ତ ଅଧ୍ୟକ୍ଷତା କରିବା ସହ ପୁରସ୍କାର ପ୍ରଦାନ କରିଥିଲେ। ଶ୍ରୀ ଶ୍ରୀକାନ୍ତ ଏହି କାର୍ଯ୍ୟକ୍ରମରେ ୨୦୨୫ ମସିହା ଜୁଲାଇ, ଅଗଷ୍ଟ, ସେପ୍ଟେମ୍ବର ଏବଂ ଅକ୍ଟୋବର ମାସ ମଧ୍ୟରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା କର୍ମଚାରୀଙ୍କୁ କର୍ମବୀର ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ କାରଖାନାରେ ନିଜର ୨୫ ବର୍ଷ ଉତ୍ସର୍ଗୀକୃତ ସେବା ପୂରଣ କରିଥିବା ୬ ଜଣ କର୍ମଚାରୀଙ୍କୁ ଦୀର୍ଘସେବା ପୁରସ୍କାର ପ୍ରମାଣପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା। ପୁରସ୍କାରପ୍ରାପ୍ତମାନଙ୍କୁ ଅଭିନନ୍ଦନ ଜଣାଇ ଶ୍ରୀ ଶ୍ରୀକାନ୍ତ ସେମାନଙ୍କ ପ୍ରୟାସ ଏବଂ ନିଷ୍ଠାକୁ ପ୍ରଶଂସା କରିବା ସହ ସମସ୍ତ କର୍ମଚାରୀଙ୍କୁ ଆଗକୁ ଏହି ଭଳି ନେତୃତ୍ୱ ନେଇ ଉତ୍ପାଦନ, ରକ୍ଷଣାବେକ୍ଷଣ ଏବଂ ସୁରକ୍ଷା କ୍ଷେତ୍ରରେ ଉତ୍କର୍ଷତା ହାସଲ କରିବା ପାଇଁ ସମାନ ଉତ୍ସାହ ଏବଂ ପ୍ରତିବଦ୍ଧତା ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ବିଭାଗ ମୁଖ୍ୟ, ଡିଏସଓ, ବରିଷ୍ଠ ଅଧିକାରୀ ଏବଂ ସମ୍ବଳ ବିଭାଗର ପ୍ରତିନିଧିଙ୍କ ସମେତ ବହୁ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଏସଏମଏସ-୨ର ସିନିୟର ମ୍ୟାନେଜର ପ୍ରଶାନ୍ତ କୁମାର ନାୟକ ସଂଯୋଜନା କରିଥିଲେ।

# ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ ଡିନ୍‌ଙ୍କୁ ଭେଟିଲେ ବିଜେଡି ନେତା

**ରାଉରକେଲା, ୬।୨(ସମିସ):** ସୁନ୍ଦରଗଡ଼ ବିଜୁ ଜନତା ଦଳର ବରିଷ୍ଠନେତା ତଥା ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂଙ୍କ ପ୍ରତିନିଧି ଜୟ ନାରାୟଣ ତ୍ରିପାଠୀଙ୍କ ନେତୃତ୍ୱରେ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲର ନୂତନ ମୁଖ୍ୟ ଡିନ୍ ତଥା ଅଧ୍ୟକ୍ଷ ପ୍ରଫେସର ଡ. ଗୀତା ସାହୁଙ୍କୁ ତାଙ୍କ କାର୍ଯ୍ୟାଳୟରେ ଏକ ସୌଜନ୍ୟମୂଳକ ସାକ୍ଷାତ କରି ମେଡିକାଲରେ ଥିବା ବିଭିନ୍ନ ପ୍ରକାର ଅସୁବିଧା ବିଷୟରେ ଅବଗତ କରିଥିଲେ। ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲରେ ସିଟିସ୍କାନ ଏବଂ ଅଲଟ୍ରା ସାଉଣ୍ଡ ପରୀକ୍ଷା ବ୍ୟବସ୍ଥା କରିବା, ଏବିଜି ରକ୍ତ ପରୀକ୍ଷଣ, ସିଟିସ୍କାନ, ଖୁବ୍‌ଶୀଘ୍ର ଆରମ୍ଭ କରାଯିବାକୁ ଦାବି କରିଥିଲେ। ଏହି ସାକ୍ଷାତ ଆଲୋଚନା ସମୟରେ ସୁନ୍ଦରଗଡ଼ ମ୍ୟୁନିସିପାଲିଟିର ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ ବିଜେଡିର ଯୁବନେତା ସଞ୍ଜୟ ପଟ୍ଟନାୟକ ଓ ବରୁନ ବାଗ ଉପସ୍ଥିତ ଥିଲେ।



**୧୨ରେ ସିପିଆଇଏମ୍‌ର ଧର୍ମଘଟ**

# ସଫଳ ପାଇଁ ବିଭିନ୍ନ ସ୍ଥାନରେ ସାଧାରଣ ସଭା

**ରାଉରକେଲା, ୬।୨(ସମିସ):** ଆଗମୀ ୧୨ ତାରିଖରେ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଓ କର୍ମଚାରୀ ଫେଡେରେସନର ଆହ୍ୱାନରେ ସିପିଆଇଏମ୍ ପକ୍ଷରୁ ଧର୍ମଘଟ କରାଯିବ। କେନ୍ଦ୍ରସରକାରଙ୍କ ଶ୍ରମିକ ବିରୋଧୀ ୪ଟି ଶ୍ରମ କୋର୍ଡ ପ୍ରତ୍ୟାହାର ସହିତ ଦରଦାମ ନିୟନ୍ତ୍ରଣ, ରାଷ୍ଟ୍ରାୟତ ଉଦ୍ୟୋଗ ଘରୋଇକରଣ ବନ୍ଦ କରିବା, ମନେରେଗାକୁ ହଟାଇ ଭିବି ରାମ ଜି ଆଇନ୍ -୨୦୨୫ର ପ୍ରତ୍ୟାହାର, ବିଦ୍ୟୁତ ସଂଶୋଧନ ବିଲ୍ -୨୦୨୫, ବିହନ ବିଲ୍ -୨୦୨୫, ନୂତନ ବୀମା ବିଲ୍ -୨୦୨୫ ପ୍ରତ୍ୟାହାର ନେଇ ଦାବିରେ ଏହି ଧର୍ମଘଟ ଡାକରା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଇଣ୍ଡଷ୍ଟ୍ରିଆଲ ମଜଦୁର ୟୁନିୟନ (ଇମ୍ପ)ର ସାଧାରଣ ସମ୍ପାଦକ ତଥା ସିଆଇଟିୟୁ ରାଜ୍ୟ ଉପସଭାପତି ବିମାନ ମାଇତିଙ୍କ ନେତୃତ୍ୱରେ ବେଦବ୍ୟାସ ସ୍ଥିତ ଶିବା ରିଫ୍ରାକ୍ଟରୀ ଓ ଶିବା ମିନେରାଲସ ସହିତ ରାଉରକେଲା ସେଲ୍‌ଫ ଷ୍ଟକ୍ ୟାର୍ଡ, ସେକ୍ଟର-୧୪ ଅଞ୍ଚଳର କାମ କରୁଥିବା ଶ୍ରମିକମାନଙ୍କୁ ନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୨ ତାରିଖରେ ହେବାକୁ ଥିବା ଧର୍ମଘଟକୁ ସଫଳ କରିବା ପାଇଁ ଆହ୍ୱାନ କରାଯାଇଛି।




**ବଣାଇଁ:** ସିପିଆଇଏମ୍ ବଣାଇଁ ଆଞ୍ଚଳିକ କମିଟି ପକ୍ଷରୁ ଆସନ୍ତା ୧୨ ତାରିଖରେ ହେବାକୁ ଥିବା ସାଧାରଣ ଧର୍ମଘଟରେ ସାମିଲ ହେବା ପାଇଁ ବଣାଇଁ ଉପଖଣ୍ଡର ସମସ୍ତ ଶ୍ରମିକ, କୃଷକ, ଗ୍ରାମୀଣ ଶ୍ରମିକ, କ୍ଷେତ ମଜଦୁର, ଯୁବକ ଯୁବକ ଯୁବତୀ, ମହିଳା, ଛାତ୍ର ଏବଂ ସମାଜର ସମସ୍ତ ବର୍ଗଙ୍କୁ ଆହ୍ୱାନ କରାଯାଇଛି। ଶ୍ରମ ସୁରକ୍ଷାକୁ ଦୁର୍ବଳ କରିବା ପାଇଁ ଚାଲିଥିବା ଶ୍ରମିକ ବିରୋଧୀ ନିୟମ ଓ ନୀତି ଗୁଡ଼ିକୁ ସିପିଆଇଏମ ବଣାଇଁ ଆଞ୍ଚଳିକ କମିଟି ଦୃଢ ନିନ୍ଦା କରୁଛି ବୋଲି ଆୟୋଜିତ ସଭାରେ କୁହାଯାଇଛି। ବିଜେପି ସରକାରଙ୍କ ଜନ ବିରୋଧୀ ନୀତିକୁ ବିରୋଧ କରୁଥିବା ସମସ୍ତ ବିରୋଧୀ ଦଳ ଓ ଗଣତାନ୍ତ୍ରିକ ଶକ୍ତି ଏହି ଧର୍ମଘଟରେ ସାମିଲ ହେବା ପାଇଁ କମିଟି ଆହ୍ୱାନ କରିଛି। ଏଥିରେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ସମେତ ସମସ୍ତ କର୍ମୀ ଓ ଶ୍ରମିକ ଭାଇମାନେ ଯୋଗ ଦେଇଥିଲେ।

**ବ୍ଲକସ୍ତରୀୟ ସଂସ୍କୃତିକ ମହୋତ୍ସବ**

# ଲୋକ ସଂସ୍କୃତି, କଳା, ପରମ୍ପରା ଉଜ୍ଜିବୀତ ରଖିବାର ମାଧ୍ୟମ 'ଯତରା'



**ରାଉରକେଲା, ୬।୨(ସମିସ)**

ସୁନ୍ଦରଗଡ଼ ଜିଲ୍ଲା ନୂଆଗାଁ ବ୍ଲକସଦର ନୂଆଗାଁ ପଞ୍ଚାୟତ ସ୍ଥିତ ବିର୍ସାମୁଣ୍ଡା ଖେଳ ପଡ଼ିଆଠାରେ ବ୍ଲକସ୍ତରୀୟ ଯତରା ମହୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ମହୋତ୍ସବରେ ମୁଖ୍ୟଅତିଥି ଭାବରେ ବୀରମିତ୍ରପୁର ବିଧାୟକ ରୋହିତ ଜୋସେଫ ତିର୍କୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଶଙ୍କର ଓରାମ, ନୂଆଗାଁ ବ୍ଲକ ଅଧ୍ୟକ୍ଷ ବିଶ୍ୱାସୀ ଟପ୍ପୋ, ନୂଆଗାଁ ଜିଲ୍ଲା ପରିଷଦ (କ) ଜ୍ୟୋତି ଦଲରେସା ଟେଟେ ଏବଂ ନୂଆଗାଁ ଜିଲ୍ଲା ପରିଷଦ(ଖ) ସଞ୍ଜିତା କିସପଟ୍ଟା ଉପସ୍ଥିତ ଥିଲେ। ଏହି ମହୋତ୍ସବ ପାଇଁ ଝାଡ଼ଖଣ୍ଡ ରାଜ୍ୟର ନାଗପୁରୀ କଳାକାରଙ୍କ ଗୀତ ସଙ୍ଗୀତ ବେଶ ଆକର୍ଷଣୀୟ ହୋଇଥିଲା। ଏହା ସହିତ ନୂଆଗାଁ ବ୍ଲକର ୨୦ ପଞ୍ଚାୟତରୁ ୫୦ରୁ ଅଧିକ କଳାକାର ଗୃପ ଯୋଗଦେଇ ସାଂସ୍କୃତିକ ନାଚ ପରିବେଷଣ କରିଥିଲେ। ଏହି ମହୋତ୍ସବରେ ପ୍ରାୟ ୨୦ ହଜାରରୁ ଅଧିକ ଜନସାଧାରଣ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କଳାକାର, ଅଗ୍ନିଶମ ବିଭାଗ, ପୁଲିସ ପ୍ରଶାସନ ଏବଂ ବ୍ଲକର ସମସ୍ତ କର୍ମଚାରୀଙ୍କୁ ଧନ୍ୟବାଦ୍ ଜ୍ଞାପନ କରାଯାଇଥିଲା। ଅନ୍ୟପଟରେ ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲ୍ଲାର ଲୋକ କଳା, ଖେଳ, ସଂସ୍କୃତିକୁ ଅଣଦେଖା କରାଯାଇ ଝାଡଖଣ୍ଡରୁ ବ୍ୟୟ ବହୁଳ ଅର୍କେଷ୍ଟ୍ରା ଆଣି ଏହି କାର୍ଯ୍ୟକ୍ରମରେ ସାମିଲ କରିବାକୁ ନେଇ କିଛି ଲୋକ ଅସନ୍ତୋଷ ବ୍ୟକ୍ତ କରିବା ସହ ଏହା କେତେଦୂର ଯୁକ୍ତିଯୁକ୍ତ ବୋଲି ପ୍ରଶ୍ନ କରିଥିବା ଶୁଣିବାକୁ ମିଳିଛି।

**ଲହୁଣିପଡ଼ା:** ଲହୁଣିପଡ଼ା ବ୍ଲକ ପଡ଼ିଆଠାରେ ବ୍ଲକସ୍ତରୀୟ ସାଂସ୍କୃତିକ 'ଯତରା' ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଲହୁଣିପଡ଼ା ବିଡିଓ ଅନୁରାଗ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ପଣ୍ଡିତ ଚରଣ ମୁଣ୍ଡା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓରାମ, ଲହୁଣିପଡ଼ା ସରପଞ୍ଚ ନେଲସନ ହେମ୍ବ୍ରମ୍, ବ୍ଲକ ଏବିଡିଓ ବିନୋଦ ଲାକ୍ରା, ସହକାରୀ ନିର୍ବାହୀ ଯନ୍ତ୍ରୀ ସତ୍ୟବ୍ରତ ପଟ୍ଟନାୟକ, ସିଡିପିଓ ପୁଷ୍ପଲତା ନାୟକ, ଯୋଗ ଦେଇଥିଲେ। ଅତିଥିମାନେ ସ୍ୱୟଂ ସହାୟକ ଗୋଷ୍ଠିମାନଙ୍କ ଦ୍ୱାରା ଆୟୋଜନ କରାଯାଇଥିବା ବିଭିନ୍ନ ଷ୍ଟଲ ପରିଦର୍ଶନ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏପିଓ ବିଷ୍ଣୁ ମୋହନ ନାୟକ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ବିଚାରକ ଭାବେ ଅଲିଭା ଜେନା, ସୁଚିସ୍ମିତା ପଣ୍ଡା, ନାଥୁରାମ ମାହାନ୍ତ, ବ୍ରଜବନ୍ଧୁ ବେହେରା, ବିଶ୍ୱଜିତ ସାହୁ ଯୋଗ ଦେଇଥିବା ବେଳେ ୧୮ ଟି ଦଳ ଯୋଗ ଦେଇ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିରଥିଲେ। ଶେଷରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଭଗବତ ଟୁଡୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏସ୍‌ଓ ମନୋଜ କୁମାର ପଟେଲ, ଜିପିଡିଓ ମନିଶା ଟୋପ, ବରିଷ୍ଠ କିରାଣୀ ଦେବରାଜ ମାହାନ୍ତ, କନିଷ୍ଠ ଯନ୍ତ୍ରୀ ଲଳିତ କୁମାର ବିଶ୍ୱାଳ, ନରେଶ ମାଝୀ, ନିରୁପମା ନାୟକ, ଅବନ୍ତି ନାୟକ, ରଜତ ସାହୁ, ଅଭିଜିତ ମଲ୍ଲ, ଏଏଚଓ ମୃତ୍ୟୁଞ୍ଜୟ ଘଡେଇଙ୍କ ପ୍ରତ୍ୟେକ ତତ୍ତ୍ୱାଧାନରେ କାର୍ଯ୍ୟକ୍ରମ ଶୃଙ୍ଖଳା ସହ ଅନୁଷ୍ଠିତ ହୋଇଥିବା ବେଳେ ସମନ୍ୱିତ ଶିଶୁ ବିଭାଗ ସୁପରଭାଇଜର, ପ୍ରତ୍ୟେକ ପଞ୍ଚାୟତ ପିଇଓ, ଏଡିଇଓଙ୍କ ସମେତ ବ୍ଲକ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ବ୍ଲକସ୍ତରୀୟ ଯତରା ସଂସ୍କୃତିକ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଜନ ସାଧାରଣ ଉପସ୍ଥିତ ରହି ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ।



# ସମ୍ପାଦକୀୟ



ବ୍ୟକ୍ତିର ତିନୋଟି ଗୁଣ ଦେଖିବା ଉଚିତ - ବୁଦ୍ଧିମତ୍ତା, ସାମର୍ଥ୍ୟ ଓ ସାଧୁତା। ଯଦି ତୃତୀୟ ଗୁଣଟି ତା'ପାଖରେ ନାହିଁ, ତେବେ ଅନ୍ୟ ଦୁଇଟି ଥିଲେ ମଧ୍ୟ ମୂଲ୍ୟହୀନ।
- ୱାରେନ୍ ବଫେଟ୍

ସକାଳ
THE SAKALA

## ନୂଆ ନ୍ୟାୟିକ ପରମ୍ପରା

ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟା(ଏସ୍ଆଇଆର) କୁ ନେଇ ସର୍ବୋଚ୍ଚ ନ୍ୟାୟାଳୟରେ ଚାଲିଥିବା ଶୁଣାଣି ରାୟ କେବେ ପ୍ରକାଶ ପାଇବ ତାହା ଅନିଶ୍ଚିତତା ଦେଇ ଗତି କରୁଛି। ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଆରମ୍ଭ ହୋଇଥିବା ଏହି ଶୁଣାଣି ବେଳେ ସର୍ବୋଚ୍ଚ ନ୍ୟାୟାଳୟ ଏକାଧିକ ଗୁରୁତର ଅଭିଯୋଗରେ ସୁଧାର ଆଣିବାକୁ ଦେଇଥିବା ନିର୍ଦ୍ଦେଶ କେତେଦୂର କାର୍ଯ୍ୟକାରୀ ହେଲା ତାହା ଯାଞ୍ଚ ପରିସରକୁ ଆସିବା ପୂର୍ବରୁ ମତଦାନ ଓ ଗଣତି ଶେଷ ହୋଇଗଲା। ଏବେ ସେହି ବିବାଦ ପୁଣି ପଶ୍ଚିମବଙ୍ଗରେ ମୁଣ୍ଡ ଟେକିଛି। ଯେତେଦୂର ମନେ ହୁଏ, ବାଛବିଚାରମୂଳକ ଭୋଟରଙ୍କ ନାମ ତାଲିକାରୁ କାଟିବା ହିଁ ହେଉଛି 'ଏସଆଇଆର'ର ଉଦ୍ଦେଶ୍ୟ। ବିଶେଷକରି ନିର୍ବାଚନ ପୂର୍ବରୁ ସୀମିତ ସମୟ ମଧ୍ୟରେ ତ୍ୱରିତ ଭୋଟର ତାଲିକା ସଂଶୋଧନ ଯେ ଉଦ୍ଦେଶ୍ୟରହିତ ଏକଥା କୁହାଯାଇ ନ ପାରେ। ପରିଲକ୍ଷିତ ବିଦ୍ୱେଷପୂର୍ଣ୍ଣ ବିଭ୍ରାଟ ସୁଧାରିବା ପୂର୍ବରୁ ନିର୍ବାଚନ ଆସିଯାଉଥିବାରୁ ନ୍ୟାୟାଳୟ ନିଜକୁ ଅସହଜ ମନେ କରୁଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ବିଶିଷ୍ଟ ପରିବେଶବିତ୍ ତଥା ବୈଜ୍ଞାନିକ ସୋନମ ୱାଙ୍ଗଚୁକଙ୍କ ପ୍ରସଙ୍ଗରେ ସର୍ବୋଚ୍ଚ ନ୍ୟାୟାଳୟ ଯେଉଁଭଳି ସମ୍ବେଦନା ପ୍ରକାଶ କରିଛନ୍ତି ତାହା ପ୍ରଶଂସନୀୟ।

ମମତା ବାନାର୍ଜୀଙ୍କୁ ବ୍ୟକ୍ତିଗତ ଭାବେ ସର୍ବୋଚ୍ଚ ନ୍ୟାୟାଳୟରେ ହାଜର ହୋଇ କାରସାଦିପୂର୍ଣ୍ଣ ଏସ୍ଆଇଆର ବିରୋଧରେ ଦାବି ଉପସ୍ଥାପନ କରିବା ସୁଯୋଗ ମିଳିବା ଭାରତୀୟ ନ୍ୟାୟିକ ଇତିହାସରେ ଏକ ବିରଳ ଘଟଣା। ବିଶେଷକରି ତାଙ୍କର ଆବେଗିକ ଉକ୍ତି - ରୁଦ୍ଧ ଦ୍ୱାରର କବାଟ ପଛରେ ନ୍ୟାୟ ଦାବି ଯେତେବେଳେ ଅଜଣା ଓ ଅଶୁଣା ହୋଇ ରହିଯାଏ ସେତେବେଳେ ମନେ ହୁଏ ନ୍ୟାୟ ମିଳିବାର ଶେଷ ଆଶାରେ ପୂର୍ଣ୍ଣଚ୍ଛେଦ ପଡ଼ିଯାଇଛି। କେଉଁ ପରିସ୍ଥିତିରେ ବିରଳ ଭାବରେ ସଂଶୋଧନ ନାମରେ ମତଦାତାଙ୍କ ଭୋଟ ଅଧିକାରକୁ ହନନ କରାଯାଇଛି ତାହାର ପ୍ରତିଟି ଦିଗ ସଂପର୍କରେ ସେ ସୂଚନା ଦେଇଥିଲେ। କୌଣସିପ୍ରକାରେ ଉଦ୍ଦେଶ୍ୟ ହାସଲ ସକାଶେ ସମୟ ସୀମିତତାକୁ ଦୃଷ୍ଟିରେ ନ ରଖି ବିଏଲଓଙ୍କ ଉପରେ କେବଳ ମାତ୍ରାଧିକ ଚାପ ନୁହେଁ ଏପରିକି ତାଙ୍କ ଚାକିରି ନେଇଯିବାର ଭୟ ପ୍ରଦର୍ଶନ କରୁଥିବାରୁ ୧୫୦ ରୁ ଉର୍ଦ୍ଧ୍ୱ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ଏପରିକି ଭୋଟରଙ୍କ ନାମରେ ରହିଯାଇଥିବା ବନାନଗତ ତ୍ରୁଟି ଓ ବିବାହିତ କନ୍ୟାଙ୍କ ସାଂଗିଆ ପରିବର୍ତ୍ତନକୁ ଅଣଦେଖା କରି ଭୋଟର ତାଲିକାରୁ ସେମାନଙ୍କ ନାମ ବାଦ ଦିଆଯାଉଥିବା ସେ ଦର୍ଶାଇ ଥିଲେ। ଏଥିମଧ୍ୟରେ ରାଜ୍ୟର ୫୮ ଲକ୍ଷ ଭୋଟରଙ୍କ ନାମ ତାଲିକାରୁ କାଟିଦିଆଯାଉଥିବା ବେଳେ ଏହି ସଂଖ୍ୟା ୧.୨ କୋଟିରେ ପହଞ୍ଚାଇବା ପାଇଁ ପ୍ରୟାସ ଚାଲିଛି। ଆୟୋଗଙ୍କ ପକ୍ଷରୁ ଚିରାଚରିତ ଢଙ୍ଗରେ ସମୟ ଗଡ଼ାଇବା ଉଦ୍ୟମକୁ ପ୍ରଧାନ ବିଚାରପତି ପ୍ରତ୍ୟାଖ୍ୟାନ କରି ପରବର୍ତ୍ତୀ ଶୁଣାଣି ସକାଶେ ଆସନ୍ତା ୯ ତାରିଖ ଧାର୍ଯ୍ୟ କରିଛନ୍ତି। ଏସବୁସତ୍ତ୍ୱେ ମମତା ଯେ କେତେଦୂର ନ୍ୟାୟ ପାଇବାକୁ ସମର୍ଥ ହେବେ ସେ ନେଇ ସନ୍ଦେହ ରହିଛି। ତେବେ ଏତିକି କୁହାଯାଇପାରେ କି ଏସଆଇଆର ପ୍ରକ୍ରିୟାର ନକାରାତ୍ମକ ଦିଗକୁ ରୋକିବାରେ କିଛିଟା ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ପୁଣି ସେହି ପୁରୁଣା ଫର୍ମୁଲା, ଶୀଘ୍ର ନିର୍ବାଚନ ଘୋଷଣା କରି ହସ୍ତକ୍ଷେପକୁ ରୋକାଯିବାର ସମ୍ଭାବନାକୁ ଏଡ଼ାଇ ଦେଇ ହେବନି।

ସରକାର ନିଜ ପ୍ରତିଶ୍ରୁତିରୁ ଓହରି ଯାଇଥିବାରୁ ଲେହରେ ପ୍ରତିବାଦ ହିଂସାର ରୂପ ନେଇଥିବାରୁ ୨୦୨୫ ସେପ୍ଟେମ୍ବର ୨୬ ରୁ ବିଶିଷ୍ଟ ପରିବେଶବିତ୍ ୱାଙ୍ଗଚୁଙ୍ଗଙ୍କୁ ଏନଏସଏରେ ଗିରଫ କରାଯାଇଥିଲା। ଏହି ହିଂସାକାଣ୍ଡ ନେଇ ତାଙ୍କ ବିରୋଧରେ ଗୁରୁତର ଆରୋପ ସହ ଯେଉଁ ଦଲିଲ ଅଦାଲତରେ ଉପସ୍ଥାପନ କରାଯାଉଛି ସେଥିରେ ଜାମିନ ମିଳିବା ସମ୍ଭବ ନୁହେଁ। ସେବେଠାରୁ ସେ ଯୋଧପୁର ଜେଲରେ ଅଛନ୍ତି। ଗୁରୁତର ଅସୁସ୍ଥ ୱାଙ୍ଗଚୁକ୍ଙ୍କୁ ଜେଲରେ ଯଥୋଚିତ ଚିକିତ୍ସା ମିଳିବା କଷ୍ଟକର। ସର୍ବୋଚ୍ଚ ନ୍ୟାୟାଳୟ ଖଣ୍ଡପୀଠ ଲେହର ସ୍ଥିତି ଓ ତାଙ୍କ ଭୂମିକା ସଂପର୍କରେ ଯେ ଅବଗତ ନାହାନ୍ତି ତାହା ନୁହେଁ। ତେଣୁ ଆଇନଗତ ଯୁକ୍ତି ଓ ଉପସ୍ଥାପିତ ଦଲିଲର ବାଧ୍ୟବାଧକତା ସତ୍ତ୍ୱେ ମାନବିକତା ଦୃଷ୍ଟିକୋଣରୁ ଜାମିନ ପଥ ପରିଷ୍କାର କରିବାକୁ ପରାମର୍ଶ ଦେଇଥିଲେ। ଉଭୟ କ୍ଷେତ୍ରରେ ସୁପ୍ରିମକୋର୍ଟଙ୍କ ଭୂମିକା ନ୍ୟାୟପାଳିକା ପ୍ରତି ଆସ୍ଥା ଓ ବିଶ୍ୱାସକୁ ସୁଦୃଢ଼ କରିଛି।

## ମଣିପୁରରେ ଆଶାର ଆଲୋକ

ମଣିପୁରରେ ଜାତିଗତ ବିବାଦରୁ ଉପୁଜିଥିବା ହିଂସା ସବୁ ସୀମା ଅତିକ୍ରମ କରିଥିଲେ ମଧ୍ୟ କ୍ଷମତା ରାଜନୀତିର ସଂପୃକ୍ତି ଦୃଷ୍ଟିରୁ ତାହାକୁ ନିୟନ୍ତ୍ରଣ କରାଯାଇ ପାରିନଥିଲା। ମୁଖ୍ୟମନ୍ତ୍ରୀ ବୀରେନ୍ ସିଂହଙ୍କ ଅସାମର୍ଥ୍ୟ ସତ୍ତ୍ୱେ ୨୦୨୩ ମେ' ୩ରୁ ମୁଣ୍ଡ ଟେକିଥିବା ଏହି ହିଂସାକୁ ତାଙ୍କର ନିୟନ୍ତ୍ରଣରେ ଛାଡ଼ି ଦିଆଯାଇଥିଲା। ୨୦୨୫ ଫେବୃଆରୀରେ ବୀରେନ ଇସ୍ତଫା ଦେବା ପରେ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି ହୋଇଥିଲା। ମଣିପୁରରେ ସ୍ୱାଭାବିକ ପରିସ୍ଥିତି ଫେରିବା ଏବଂ ରାଜନୈତିକ ପ୍ରକ୍ରିୟା ଆରମ୍ଭ ପାଇଁ ପ୍ରାୟ ଏକବର୍ଷ ଅପେକ୍ଷା କରିବାକୁ ପଡ଼ିଥିଲା। ରାଜ୍ୟପାଳ ଅଜୟ କୁମାର ଭାଲ୍ଲା ପରସ୍ପର ବିରୋଧୀ ମୈତେୟୀ ଓ କୁକ୍କି ସମ୍ପ୍ରଦାୟ ମଧ୍ୟରେ ରାଜ୍ୟରେ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବା ପାଇଁ ଚଳାଇଥିବା ବୁଝାମଣା ଶେଷରେ ସଫଳ ହୋଇଛି। ନୂଆ ସରକାରରେ କୁକ୍କିଙ୍କ ପ୍ରତିନିଧିତ୍ୱ ଦୃଷ୍ଟରୁ ଆସନ୍ତା ବର୍ଷ ହେବାକୁ ଥିବା ନିର୍ବାଚନ ପର୍ଯ୍ୟନ୍ତ ଏହି ସ୍ଥିତି ଅପରିବର୍ତ୍ତିତ ରହିବ ବୋଲି ଆଶା କରାଯାଉଛି।

ଇମ୍ଫାଲ ଓ ତାହାର ଆଖପାଖରେ ଥିବା ମୈତେୟୀ ସଂପ୍ରଦାୟଙ୍କ ପ୍ରାଧାନ୍ୟ ରାଜ୍ୟ ରାଜନୀତିରେ ଅତୁଟ ରହିଛି। ରାଜ୍ୟର ପାର୍ବତ୍ୟ ଅଞ୍ଚଳରେ ଅବସ୍ଥାନ କରୁଥିବା କୁକ୍କିଙ୍କ ଦାବି ଓ ଅଧିକାର ପ୍ରତି କ୍ଷମତା କ୍ରମାଗତ ଭାବେ ଅଣଦେଖା କରିଆସୁଥିବାରୁ ସେମାନଙ୍କ ମଧ୍ୟରେ ମୁଣ୍ଡ ଟେକୁଥିବା ଅସନ୍ତୋଷ ସାମୟିକ ହିଂସାର ରୂପ ନେଇଥାଏ। ରାଜ୍ୟରେ ୩୬ଟି ସଂପ୍ରଦାୟ ବସବାସ କରୁଥିଲେ ମଧ୍ୟ କ୍ଷମତା ରାଜନୀତିରେ ମୈତେୟୀଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କୁକ୍କି ହୋଇଥିବାରୁ ୨୦୨୩ ମେ'ର ଘଟଣା ପ୍ରବାହକୁ ଏକ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିବାକୁ ଛାଡ଼ି ଦିଆଯାଇଥିଲା। ଉତ୍ତର – ପୂର୍ବାଞ୍ଚଳ ଦେଶ ଏକ ସମ୍ବେଦନଶୀଳ ଅଞ୍ଚଳ ହୋଇଥିବାରୁ ନିର୍ବାଚନ ପୂର୍ବରୁ ସେଠାରେ ସରକାର ଗଠନ ସକାଶେ ସୁଯୋଗ ସୃଷ୍ଟି କରାଗଲା। ବୀରେନ ସିଂହ ମନ୍ତ୍ରିମଣ୍ଡଳର ଅନ୍ୟତମ ପ୍ରମୁଖ ସଦସ୍ୟ ୱାଇ ଖେମଚାନ୍ଦ ସିଂହ କେବଳ ବିଜେପି ବିଧାୟକ ଦଳର ନେତା ନିର୍ବାଚିତ ହୋଇନାହାନ୍ତି ତାଙ୍କ ପ୍ରତି ୪୫ ରୁ ଅଧିକ ମୈତେୟୀ ସଂପ୍ରଦାୟର ବିଧାୟକଙ୍କ ସମର୍ଥନ ମଧ୍ୟ ଅଛି। ଗତ ୩ ତାରିଖରେ ସେ ମୁଖ୍ୟମନ୍ତ୍ରୀ ରୂପେ ଶପଥ ଗ୍ରହଣ କରିଛନ୍ତି। ଚୁକ୍ତି ଅନୁଯାୟୀ କୁକ୍କି ସଂପ୍ରଦାୟକୁ ଉପମୁଖ୍ୟମନ୍ତ୍ରୀ ପଦ ମିଳିଛି। ଉପମୁଖ୍ୟମନ୍ତ୍ରୀ ମହିଳା ହୋଇଥିବାରୁ ରାଜ୍ୟରେ ଏକ ସୁରକ୍ଷିତ ବାତାବରଣ ସୃଷ୍ଟି ହେବାର ଆଶା କରାଯାଏ। କିନ୍ତୁ ବିଜେପିର ରାଜନୈତିକ ସ୍ୱାର୍ଥ ରକ୍ଷା ଓ ନିର୍ବାଚନ ରାଜନୀତି ପରିଚାଳନାରେ ଖେମଚାନ୍ଦ କେତେଦୂର ସମର୍ଥ ହେବେ ତାହା ସମୟ କହିବ।

# ମଣିଷ ଜୀବନର ସୁରକ୍ଷିତ ପଥ

ଡ.ବିମଳ ଷଡ଼ଙ୍ଗୀ

କଷ୍ଟକୁ ଲାଘବ କରି 'ଆରାମ'ରୁ ଅତ୍ୟନ୍ତ ଆରାମଦାୟକ ଜୀବନ ଶୈଳୀ ପାଇବା ପାଇଁ ମଣିଷକୁ ହଜାର ହଜାର ବର୍ଷ ଧରି ସଂଘର୍ଷ କରିବାକୁ ପଡ଼ିଛି। ଆଦିମ ଯୁଗରୁ ଖାଦ୍ୟ ପାଇଁ ଶିକାର, ପ୍ରାକୃତିକ ବିପର୍ଯ୍ୟୟ ଓ ବନ୍ୟପ୍ରାଣୀଙ୍କ ଆକ୍ରମଣରୁ ନିଜର ସୁରକ୍ଷା ଆଦି ମଣିଷ ପାଇଁ ସବୁଠାରୁ ବଡ଼ ସମସ୍ୟା ଥିଲା। ସେ ସମୟରେ 'ଆରାମ' ର ଅର୍ଥ ଥିଲା ଏକ ସୁରକ୍ଷିତ ଗୁମ୍ଫା, ପେଟପୂରା ଖାଦ୍ୟ ଏବଂ ରାତିରେ ଭୟବିହୀନ ନିଦ୍ରା। କୃଷିର ବିକାଶ ପରେ ଯାଯାବର ଜୀବନରୁ ସ୍ଥାୟୀ ବସବାସ ସହିତ ଗ୍ରାମ, ସହର ସଭ୍ୟତା ଗଢ଼ିଉଠିଲା। ମାତ୍ର ବିଜ୍ଞାନର ବିକାଶ ପରେ 'ଆରାମ'ର ସଂଜ୍ଞା ବଦଳି ନିଶ୍ଚିତ ଫସଲ, ସୁରକ୍ଷିତ ବାସଗୃହ ଓ ସାମୂହିକ ଜୀବନ ନିର୍ବାହ ପଦ୍ଧତିକୁ ଅଗ୍ରାଧିକାର ଭାବେ ଗ୍ରହଣ କରାଗଲା। ମନୁଷ୍ୟ ବୁଝିଥିଲା ଯେ, କଷ୍ଟ କମିଲେ ଚିନ୍ତା କରିବାକୁ ସମୟ ମିଳେ ଏବଂ ଚିନ୍ତା ହିଁ ଉନ୍ନତିର ମୂଳ ଶକ୍ତି। ଶିଳ୍ପ ବିପ୍ଳବ ଏହି 'ଆରାମ'କୁ ଆବଶ୍ୟକତା ବଦଳରେ ଅଧିକାର ଭାବରେ ଉପସ୍ଥାପନ କରିବାକୁ ଲାଗିଲା।

ସମୟକ୍ରମେ ବିନା ଶାରୀରିକ ଓ ମାନସିକ କର୍ମରେ 'ଆରାମ'ର ଅତ୍ୟାଧିକତା ଆଜି ଏକ ସମସ୍ୟା ଭାବରେ ଉଭା ହୋଇଛି। ନିଆଁର ଉଦ୍ଭାବନ ପୂର୍ବରୁ ମଣିଷ ବଣରେ ରହି କଞ୍ଚା ଫଳମୂଳ ଓ ପଶୁପକ୍ଷୀଙ୍କ କଞ୍ଚା ମାଂସ ଖାଇ ହୃଷ୍ଟପୁଷ୍ଟ ଭାବରେ ବଞ୍ଚୁଥିଲା। ନିଆଁର ଉଦ୍ଭାବନ ପରେ ସୁସ୍ୱାଦୁ ଖାଦ୍ୟ ଖାଇଲା ଏବଂ ବିଦ୍ୟୁତ ଦ୍ୱାରା ଅନ୍ଧାରକୁ ଭୁଲିଗଲା। ଚକର ଉଦ୍ଭାବନ ପରେ ମଣିଷ ପାଦରେ ଚାଲିବା ମଧ୍ୟ ଭୁଲିଗଲା। କୃଷି ପାଇଁ ହଳବଳଦ ବଦଳରେ ଟ୍ରାକ୍ଟର ଓ ଅନ୍ୟାନ୍ୟ କୃଷି ଯନ୍ତ୍ରପାତି, ରାସାୟନିକ ସାର, ପୋକମରା ଔଷଧ ମାଧ୍ୟମରେ ଅଧିକ ଅମଳ ଆଜି ପରିବେଶ ପାଇଁ ବିପଦ ସୃଷ୍ଟି କରିଛି। କଳକାରଖାନାରୁ ଅଧିକ ସୁନ୍ଦର ଦ୍ରବ୍ୟ ପାଇ ଖୁସି ମିଳୁଛି; ତା'ସହିତ ସ୍ୱଚ୍ଛ ପାନୀୟ ଜଳ, ବାୟୁ ଓ ମୃତ୍ତିକା ଆଜି ସ୍ୱପ୍ନ ହେବାକୁ ବସିଛି।

ବୈଷୟିକ ଜ୍ଞାନକୌଶଳର ପ୍ରତ୍ୟେକ ଉଦ୍ଭାବନ ଦେଶ ଭିତରେ ରହିଥିବା ଦୂରତାକୁ କମାଇ ଦେଇଛି। ପ୍ରତ୍ୟେକ ଥର ନିର୍ବାହ ପ୍ରଣାଳୀ ସହଜ ହେବା ପରେ ମଣିଷ ପୁଣି କିଛି ଅନୁଭବ କରିବା ପାଇଁ ନୂତନ ଉପାୟ ଉଦ୍ଭାବନ କରିଚାଲିଛି। ବର୍ତ୍ତମାନ ଆମେ ଏପରି ଦୁନିଆରେ ବାସ କରୁଛନ୍ତି, ଯେଉଁଠାରେ ନିଜର କମ ଶାରୀରିକ ଓ ମାନସିକ ପରିଶ୍ରମ ଯୋଗୁଁ ଅର୍ଥ ବିନିମୟରେ ଟ୍ରେଡମିଲ୍‌ରେ ଦିନକୁ ୧ ଘଣ୍ଟା ସମୟ ଦେବାକୁ ବାଧ୍ୟ କରାଯାଉଛି। ଶାରୀରିକ କାମ ପାଇଁ ଲୁହାର ବିଭିନ୍ନ ଓଜନ ଉଠାଇବାକୁ ପଡୁଛି। ଦିନକୁ ୪ କିଲୋମିଟର ଦୌଡ଼ିବାକୁ ପଡୁଛି। ଯୋଗ ଓ ବ୍ୟାୟାମ କରି ସ୍ୱାସ୍ଥ୍ୟ ରକ୍ଷା କରିବାକୁ ପଡୁଛି। ଜୀବନ ଜିଇଁବା ପାଇଁ ବିଭିନ୍ନ ଆପ୍‌ର ଟିପ୍ସ(ପରାମର୍ଶ) ଉପରେ ନିର୍ଭର କରିବାକୁ ପଡୁଛି, ଯାହା ଆଧୁନିକ ବିଜ୍ଞାନର ବିଳାସପୂର୍ଣ୍ଣ ଉତ୍ପାଦର ଦାନ।

ତେବେ ପ୍ରଶ୍ନ ଉଠେ ବିଜ୍ଞାନ ଦ୍ୱାରା ପ୍ରାପ୍ତ ଉପକରଣ ଆମର ସୁବିଧା ପାଇଁ ଉପଯୋଗ କରିବା ପରେ ପୁଣିଥରେ ଅର୍ଥ ନଷ୍ଟ କରି ଶାରୀରିକ ଓ ମାନସିକ କଷ୍ଟ କାହିଁକି କିଣୁଛନ୍ତି? କେବଳ ନୂଆ ଉତ୍ପାଦ ନାମରେ ଆମ ଶ୍ରମ ବିନିମୟରେ କିଛି ବିଦେଶୀ ଓ ସ୍ୱଦେଶୀ ବ୍ୟକ୍ତିଙ୍କୁ ଧନୀ କରି ସେମାନଙ୍କ ହାତର ସଖିକଣ୍ଢେଇ ହୋଇ ନାଚୁଛନ୍ତି। ପ୍ରଥମେ ମାଗଣାରେ ହାତରେ ମୋବାଇଲ ଓ ଇଣ୍ଟରନେଟ୍ ଧରାଇ ଆମକୁ ନିଶାଖୋର କରିସାରିବା ପରେ ଏବେ ଆଉ କିଛି ବ୍ୟବସାୟୀଙ୍କ ମାଧ୍ୟମରେ ଆମକୁ ନିଶା ମୁକ୍ତ କରିବାକୁ ଯୋଗ, ପ୍ରାଣାୟମ ଆଦି ଯୋଜନା କରି ସରଳ ଜନତାଙ୍କ ଶୋଷଣ କରି ରାତାରାତି କୋଟି କୋଟି ଟଙ୍କା ବ୍ୟବସାୟର ମାଲିକ ହୋଇଛନ୍ତି।

ଆଜି ମଣିଷ ବଟନ ଟିପିଲେ ଖାଦ୍ୟ, ମନୋରଞ୍ଜନ, ସାମଗ୍ରୀ ସବୁକିଛି ସୁବିଧାରେ ଘରେ ପହଞ୍ଚି ଯାଉଛି। ଆଧୁନିକତାରେ ସୁବିଧା ଅତ୍ୟନ୍ତ ବୃଦ୍ଧି ପାଇଛି। କିନ୍ତୁ ସେଇ ସୁବିଧା ମନୁଷ୍ୟର ଶାରୀରିକ ଓ ମାନସିକ କ୍ଷମତାକୁ ଶୂନ୍ୟ କରିଚାଲିଛି, ଯାହା ମଣିଷକୁ ସହଜରେ ପଶୁରେ ପରିଣତ କରିପାରେ। ଡାକ୍ତରୀ ଗବେଷଣା ସୂଚିତ କରେ ଯେ, ଆଜିର ଯୁବପିଢ଼ି ପୂର୍ବ ଦଶକର ଲୋକଙ୍କ ତୁଳନାରେ ୩୦% କମ୍ ସକ୍ରିୟ। ତେଣୁ ସମସ୍ତ ରୋଗର ମୂଳ କାରଣ ଆଳସ୍ୟ, ଯାହା ଅତ୍ୟାଧୁନିକ ସୁବିଧା ଦ୍ୱାରା ଜାତ ହୃଦରୋଗ, ମଧୁମେହ୍, ପୃଥୁଳତା, ରକ୍ତଚାପ ପରି ଅନେକ ରୋଗର ମୂଳ କାରଣ। ଆମେ ଯେଉଁ କାମ ନିଜେ କରିପାରିବା, ସେଗୁଡ଼ିକୁ ଯନ୍ତ୍ର ମାଧ୍ୟମରେ କରିବା ଦ୍ୱାରା ମନୁଷ୍ୟକୁ ଶାରୀରିକ ଭାବେ ଅକ୍ଷମ ଓ ନିର୍ଭରଶୀଳ ହେବା ପାଇଁ ପ୍ରେରିତ କରୁଛି।

ଅତ୍ୟଧିକ 'ଆରାମ' ମାନସିକ ସ୍ତରରେ ଅଧିକ କ୍ଷତି କରେ। ସଂଘର୍ଷ, ଧୈର୍ଯ୍ୟ, କଷ୍ଟ ସହିବା ସାମର୍ଥ୍ୟ, ଅନୁଶାସନ, ସୃଜନଶୀଳତା, ଦାୟିତ୍ୱବୋଧ ଆଦି ଗୁଣଗୁଡ଼ିକ ଅତ୍ୟଧିକ ଆରାମ ପ୍ରଭାବରେ କ୍ରମେ କ୍ରମେ ହ୍ରାସ ପାଉଛି। ଅତ୍ୟାଧିକ ସୁବିଧାରେ ଥିବା ଲୋକ କଷ୍ଟ ଭୋଗିବାକୁ ଭୟ କରିବା ସହିତ ଅପରିଚିତ ପରିସ୍ଥିତିରୁ ନିଜକୁ ସଙ୍କୁଚିତ କରିଥାଆନ୍ତି। ଦୃଢ଼ ମନୋବଳ ଓ ସଂଘର୍ଷର ଅଭାବ ମନକୁ ଶକ୍ତିହୀନ କରିବା ସହିତ କଷ୍ଟ ସହିବାର କ୍ଷମତାକୁ ଲୋପକରିଥାଏ। ଭୋଗବାଦୀ ମନୋଭାବ ଓ ଆଧୁନିକ ସୁବିଧା ଅନେକଙ୍କୁ 'ପାଇବା ଅଭ୍ୟାସ' ଦ୍ୱାରା ପ୍ରଭାବିତ କରି ଦାୟିତ୍ୱହୀନ ଓ ଈର୍ଷାପରାୟଣ ଚିନ୍ତାଧାରାରେ ସମୃଦ୍ଧ କରିଥାଏ।

'ଆରାମ' ମନୁଷ୍ୟକୁ ଏକାକୀ କରି ଅନ୍ୟ ସହିତ ସମ୍ପର୍କକୁ ଛିନ୍ନ କରିଛି। ଆଜି ଲୋକମାନେ କଥାବାର୍ତ୍ତା କରିବା ଅପେକ୍ଷା ସ୍ମାର୍ଟଫୋନ୍ ସହିତ ଅଧିକ ସମୟ କଟାଇ ପାରିବାରିକ ସମ୍ପର୍କରୁ ବିରତ ରହି ଏକାଧିକ ଡିଜିଟାଲ୍ ଅନୁଭବର ଆତ୍ମୀୟତାରେ ନିଜକୁ ମଗ୍ନ କରୁଛନ୍ତି। ଏହା ଏକ ପିଢ଼ିଗତ ସମସ୍ୟା। 'ଆରାମ' ଯେଉଁଠି ଅଧିକ, ସେଠି ପରବର୍ତ୍ତୀ ପିଢ଼ି ଅଧିକ ଦୁର୍ବଳ ହେଉଛି। ଇତିହାସ କହେ, କଷ୍ଟ ଶକ୍ତି ସୃଷ୍ଟି କରେ, ଆରାମ ଅଳସତା ସୃଷ୍ଟି କରେ, ଅଳସତା ପତନ ସୃଷ୍ଟି କରେ, ପତନ ପୁନଃ ସଂଘର୍ଷକୁ ଜନ୍ମ ଦିଏ। ଏହିପରି ଏକ ଚକ୍ର ସବୁବେଳେ ଚାଲିଆସିଛି। ତେଣୁ ଅତ୍ୟଧିକ 'ଆରାମ' ଏମିତି ଗୋଟିଏ ଗୁପ୍ତ ମହାମାରୀ, ଯାହା ରୋଗ ଭଳି ଦେଖାଯାଏ ନାହିଁ, କିନ୍ତୁ ସମାଜର ମୂଳ ଶକ୍ତିକୁ ଧୀରେ ଧୀରେ କ୍ଷୀଣ କରିଥାଏ।

'ଆରାମ' ଆବଶ୍ୟକ ସତ୍ୟ। ଏହାର କୌଣସି ବିକଳ୍ପ ମଧ୍ୟ ନାହିଁ। କିନ୍ତୁ ବିପଦ ହେଉଛି ଯେତେବେଳେ 'ଆରାମ' ଦୈନନ୍ଦିନ ଜୀବନର ଅଭିନ୍ନ ଅଂଶ ହୋଇଯାଏ ଏବଂ ସଂଘର୍ଷ ପ୍ରତି ମନୁଷ୍ୟର ଇଚ୍ଛାଶକ୍ତି ଆସ୍ତେ ଆସ୍ତେ ଲୋପ ପାଏ ସେତେବେଳେ ମଣିଷ ନୂଆ ଆଶାକୁ ପାଥେୟ କରି ଚିରସ୍ଥାୟୀ ଉତ୍ପାଦ ମାଧ୍ୟମରେ 'ଆରାମ' ଖୋଜିବୁଲେ। 'ଆରାମ' ଆବଶ୍ୟକ, କିନ୍ତୁ ଅତ୍ୟାଧିକ 'ଆରାମ' ବିନାଶକାରୀ। ସଭ୍ୟତାର ସୁରକ୍ଷା ପାଇଁ ସୁବିଧା ଓ ସଂଯମ, ଆରାମ ଓ ପରିଶ୍ରମ ମଧ୍ୟରେ ସନ୍ତୁଳନ ଅତ୍ୟନ୍ତ ଆବଶ୍ୟକ। ଯେଉଁ ଜାତି ଇତିହାସର ଏହି ଶିକ୍ଷାକୁ ଅଣଦେଖା କରେ, ସେ ଜାତି ଧ୍ୱଂସଚକ୍ରରେ ପଡ଼ିବାକୁ ବାଧ୍ୟ ହୁଏ। 'ଆରାମ' ମଣିଷ ସଭ୍ୟତାର ଲକ୍ଷ୍ୟ ନହୋଇ ଏକ ଉପକରଣ ହେବା ଆବଶ୍ୟକ। ଯେତେବେଳେ 'ଆରାମ' ଜୀବନକୁ ସନ୍ତୁଳିତ କରେ, ସେତେବେଳେ ସେ ଉନ୍ନତିର ପଥ ଖୋଲିଥାଏ। କିନ୍ତୁ ଯେତେବେଳେ 'ଆରାମ' ଜୀବନର ଉଦ୍ଦେଶ୍ୟ ହୋଇଯାଏ, ସେତେବେଳେ ସେ ଅବନତିର କାରଣ ହୁଏ। ତେଣୁ ଆଜିର ଆବଶ୍ୟକତା 'ଆରାମ' ଓ 'ପରିଶ୍ରମ' ମଧ୍ୟରେ ସଠିକ୍ ସନ୍ତୁଳନ, ଯାହା ମନୁଷ୍ୟ ଭବିଷ୍ୟତର ସୁରକ୍ଷିତ ପଥ।

ଭୁବନେଶ୍ୱର, ମୋ: ୯୪୩୭୧୨୩୮ ୯୨

# 'ଦଶମିନିଟ୍‌ର ପ୍ରତିଶ୍ରୁତି'ରେ ଜୀବନ ଓ ଜୀବିକା

ପ୍ରଣତି ଆଚାର୍ଯ୍ୟ ମିଶ୍ର

ଆମେ ଏବେ ଏପରି ଏକ ଯୁଗରେ ବାସ କରୁଛନ୍ତି, ଯେଉଁଠାରେ ଆମକୁ ଖାଦ୍ୟ, ପୋଷାକ ଓ ସମସ୍ତ ସାମଗ୍ରୀ ଆଖିପିଛୁଳାକେ ଆବଶ୍ୟକ। ଆମର ଏହି ଅଧୈର୍ଯ୍ୟକୁ ବଜାର ଏକ ଲାଭଜନକ ବ୍ୟବସାୟରେ ପରିଣତ କରିଛି। କମ୍ପାନୀଗୁଡ଼ିକ ପ୍ରତିଶ୍ରୁତି ଦିଅନ୍ତି କେବଳ ଏକ ବଟନ୍ ଦବାନ୍ତୁ ଏବଂ ଦଶ ମିନିଟ ମଧ୍ୟରେ ସାମଗ୍ରୀ ଆପଣଙ୍କ ଦ୍ୱାରରେ ପହଞ୍ଚିଯିବ। ଏହା ଯାଦୁ ପରି ଶୁଣାଯାଏ, କିନ୍ତୁ ଏହି ଆକର୍ଷଣୀୟ ପ୍ରତିଶ୍ରୁତି ପଛରେ ଥିବା ସତ୍ୟ ଭୟଙ୍କର। ଭାରତର 'ଗିଗ୍' କର୍ମଚାରୀମାନେ ଗତି ଓ ସମୟସୀମା ଦ୍ୱାରା ପରିଚାଳିତ ଏକ ବ୍ୟବସାୟର ପ୍ରମୁଖ ଅଂଶ। ବ୍ୟବସାୟକୁ ସଫଳ କରିବା ପାଇଁ ଜୀବିକାର ସର୍କସରେ ସେମାନଙ୍କୁ ପ୍ରତିଦିନ ମୋଟରସାଇକେଲ୍ ଷ୍ଟଣ୍ଟ୍ କରିବାକୁ ହୁଏ। କିନ୍ତୁ ଦ୍ରୁତଗତିରେ ଯାଉଥିବା ସେହି ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ପ୍ରତ୍ୟେକ ମୁହୂର୍ତ୍ତରେ ସେମାନଙ୍କର ଚାକିରି ଓ ଜୀବନ ବିପଦରେ ପଡ଼ିଥାଏ।

ସମ୍ପ୍ରତି ସରକାର କମ୍ପାନୀଗୁଡ଼ିକୁ 'ଦଶ ମିନିଟ ଡେଲିଭରି' ଦାବି ବନ୍ଦ କରିବାକୁ କଠୋର ନିର୍ଦ୍ଦେଶ ଜାରି କରିଛନ୍ତି। ଯେତେବେଳେ ଏକ କମ୍ପାନୀ ଦଶ ମିନିଟରେ ସାମଗ୍ରୀ ପହଞ୍ଚାଇବାର ପ୍ରତିଶ୍ରୁତି ଦିଏ, ସେତେବେଳେ କମ୍ପାନୀ ତା'ର କର୍ମଚାରୀମାନଙ୍କୁ ମୃତ୍ୟୁର ଗର୍ତ୍ତରେ ଗାଡ଼ି ଚଳାଇବାକୁ ପରୋକ୍ଷ ନିର୍ଦ୍ଦେଶ ଦେଇଥାଏ। ଆମ ସହରର ରାସ୍ତା ବିଷୟରେ ସମସ୍ତେ ଜାଣିଛନ୍ତି। ଏପରିସ୍ଥିତିରେ ଦଶ ମିନିଟର ସମୟସୀମା ପାଳନ କରିବା ପାଇଁ ଡ୍ରାଇଭିଂ ନିୟମ ଉଲ୍ଲଂଘନ କରି ସେମାନେ ନିଜ ଜୀବନକୁ ବିପଦରେ ପକାନ୍ତି। ଏହି ସମଗ୍ର ଖେଳରେ ସବୁଠାରୁ କଷ୍ଟ ପାଆନ୍ତି ଡେଲିଭରି କର୍ମଚାରୀ, ଯାହାକୁ କମ୍ପାନୀଗୁଡ଼ିକ ସେମାନଙ୍କର 'ସହକର୍ମୀ' ବୋଲି କହୁଛନ୍ତି। ରୋଜଗାର ହରାଇବାର ନିରନ୍ତର ଧମକ ସେମାନଙ୍କ ମୁଣ୍ଡ ଉପରେ ଝୁଲୁଥାଏ। ଏହି ଚାପ ଏତେ ତୀବ୍ର ଯେ ସେମାନେ ନିଜର ସୁରକ୍ଷା ଭୁଲିଯା'ନ୍ତି। କମ୍ପାନୀଗୁଡ଼ିକ ପ୍ରାୟତଃ ଯୁକ୍ତି କରନ୍ତି, ସେମାନଙ୍କ ପାଖରେ ପ୍ରଯୁକ୍ତିବିଦ୍ୟା ଓ ନିକଟବର୍ତ୍ତୀ ଗୋଦାମ ଅଛି। ତେଣୁ ଏହା ସମ୍ଭବ। କିନ୍ତୁ କୌଣସି ପ୍ରଯୁକ୍ତିବିଦ୍ୟା ହଠାତ୍ ରାସ୍ତାରେ ଦେଖାଯାଉଥିବା ଟ୍ରାଫିକ୍ ସମସ୍ୟା ଦୂର କରିପାରିବ ନାହିଁ। ରାସ୍ତାର ବାସ୍ତବତା ଏୟାର କଣ୍ଡିସନ କୋଠରିରେ ବସି କରୁଥିବା ପରିସଂଖ୍ୟାନଠାରୁ ବହୁତ ଭିନ୍ନ।

'ଦଶ ମିନିଟ୍‌ର ପ୍ରତିଶ୍ରୁତି' ଏକ ପ୍ରତାରଣା, ଯାହା ଗ୍ରାହକମାନଙ୍କୁ ପ୍ରଲୋଭିତ କରିବା ପାଇଁ ଡିଜାଇନ୍ କରାଯାଇଛି। ଏହି ପ୍ରତାରଣାକୁ ନିଷିଦ୍ଧ କରି, ସରକାର ଏକ ବାର୍ତ୍ତା ଦେଇଛନ୍ତି ଯେ ପ୍ରତ୍ୟେକଙ୍କର ବ୍ୟବସାୟ କରିବାର ଅଧିକାର ଅଛି, କିନ୍ତୁ ଜୀବନକୁ ବିପଦରେ ପକାଇ ନୁହେଁ। କମ୍ପାନୀଗୁଡ଼ିକୁ ଗତି ଅପେକ୍ଷା ସୁରକ୍ଷା ଉପରେ ଅଧିକ ଧ୍ୟାନ ଦେବା ଉଚିତ। ଏହି ପ୍ରସଙ୍ଗ କେବଳ ସରକାର ଓ କମ୍ପାନୀଗୁଡ଼ିକ ମଧ୍ୟରେ ନୁହେଁ, ବରଂ ଗ୍ରାହକମାନଙ୍କ ପାଇଁ ଏକ ଦର୍ପଣ ଭାବରେ ମଧ୍ୟ କାର୍ଯ୍ୟ କରେ। ଆମେ ନିଜକୁ ପଚାରିବା ଉଚିତ ଯେ ଆମକୁ ଏତେ ଶୀଘ୍ର କାହିଁକି ଦରକାର? ଦଶ ମିନିଟ୍ ମଧ୍ୟରେ ଆମ୍ବୁଲାନ୍ସ କିମ୍ବା ପୁଲିସ ପହଞ୍ଚିବା ଆବଶ୍ୟକ। କିନ୍ତୁ ଅନ୍ୟ କ୍ଷେତ୍ରରେ ଏହା ପ୍ରଯୁଜ୍ୟ ନୁହେଁ। ତୁରନ୍ତ ଆବଶ୍ୟକ ରୂପେ ଜିଦ୍ ଆମକୁ ଅସମ୍ବେଦନଶୀଳ କରିଦେଇଛି। ସରକାର ନିୟମ ପ୍ରଣୟନ କରି ତାଙ୍କ କାମ କରିଛନ୍ତି। କିନ୍ତୁ ପ୍ରକୃତ ପରିବର୍ତ୍ତନ ସେତେବେଳେ ଆସିବ ଯେତେବେଳେ ଆମେ ମାନସିକତା ବଦଳାଇବୁ।

ସରକାରଙ୍କ ନୂଆ ନିୟମ ଦ୍ୱାରା ଦୀର୍ଘ ସମୟ ଧରି ଅସୁବିଧାରେ ଥିବା କର୍ମଚାରୀମାନଙ୍କୁ ଆଉ ଦ୍ରୁତଗତିରେ ଦୁଇଚକିଆ ଯାନ ଚଳାଇ ନିଜ ଜୀବନକୁ ବିପଦରେ ପକାଇବାକୁ ପଡ଼ିବ ନାହିଁ। ଏହା ଦରମା ଓ ପ୍ରୋତ୍ସାହନ କାଟ ଭୟକୁ ମଧ୍ୟ ଦୂର କରିବ। ଅସ୍ଥାୟୀ କର୍ମଚାରୀମାନେ ଏହି ପରିବର୍ତ୍ତନ ପରେ ଖୁସି ପ୍ରକାଶ କରିଛନ୍ତି। ଡିସେମ୍ବର ୩୧, ୨୦୨୫ରେ, କର୍ମଚାରୀମାନେ ବିଭିନ୍ନ ଦାବି ସହିତ ଧର୍ମଘଟ କରିଥିଲେ। ସେମାନଙ୍କର ମୁଖ୍ୟ ଦାବି ଥିଲା ଦଶ ମିନିଟ୍ ଡେଲିଭରି ସମୟସୀମା ଉଚ୍ଛେଦ କରିବା। ସେମାନେ ବର୍ଦ୍ଧିତ ମଜୁରୀ ଓ ପ୍ରୋତ୍ସାହନ ମଧ୍ୟ ଦାବି କରିଥିଲେ। ଏହି କର୍ମଚାରୀମାନେ ପ୍ରକଳ୍ପ ଆଧାରରେ କାମ କରନ୍ତି। ସେମାନେ ସାଧାରଣତଃ ସ୍ୱନିଯୁକ୍ତ ଏବଂ ସ୍ୱାଧୀନ ଭାବରେ କାମ କରନ୍ତି। ପ୍ରାୟତଃ ଅନଲାଇନ୍ ପ୍ଲାଟଫର୍ମ ମାଧ୍ୟମରେ ଗ୍ରାହକଙ୍କ ସହିତ ସଂଯୋଗରେ ରୁହନ୍ତି। ସେମାନେ ଅସ୍ଥାୟୀ କର୍ମଚାରୀଙ୍କଠାରୁ ଭିନ୍ନ। କାରଣ ସେମାନଙ୍କୁ ଏକ ନିର୍ଦ୍ଦିଷ୍ଟ ଅବଧି ପାଇଁ ନିଯୁକ୍ତି ଦିଆଯାଇ ନାହିଁ ଏବଂ ସେମାନେ ଯେଉଁ କମ୍ପାନୀ ପାଇଁ କାମ କରନ୍ତି ସେମାନଙ୍କର କର୍ମଚାରୀ ନୁହନ୍ତି। ଅଧିକରୁ ଅଧିକ ବ୍ୟବସାୟ ଚାହିଦା ଅନୁଯାୟୀ, ସ୍ଥାନାନ୍ତରିତ ହେଉଥିବାରୁ 'ଗିଗ୍' କର୍ମଚାରୀଙ୍କ ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଉଛି। ଏହିପ୍ରକାରର କାର୍ଯ୍ୟ ବ୍ୟବସ୍ଥା ପ୍ରାୟତଃ ପରିବହନ, ଖାଦ୍ୟ ବିତରଣ ଓ ଘରୋଇ ସେବା ଭଳି ଶିଳ୍ପରେ ଦେଖାଯାଏ।

ନିତି ଆୟୋଗର ୨୦୨୨ ରିପୋର୍ଟ ଅନୁଯାୟୀ, ୨୦୨୦ ମସିହାରେ ଭାରତରେ ପ୍ରାୟ ୭୭ଲକ୍ଷ 'ଗିଗ୍' କର୍ମଚାରୀ ଥିଲେ, ଯାହା ୨୦୩୦ ସୁଦ୍ଧା ୨. ୩୫ କୋଟିକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ୨୦୧୯ ରୁ ୨୦୨୨ ମଧ୍ୟରେ 'ଗିଗ୍' ଅର୍ଥନୀତିରେ ୧୬ ରୁ ୨୩ ବର୍ଷ ବୟସର ଯୁବକମାନଙ୍କ ଅଂଶଗ୍ରହଣ ଆଠଗୁଣ ବୃଦ୍ଧି ପାଇଛି। ଉପଭୋକ୍ତାବାଦୀ ଯୁଗରେ, ସମୟୋଚିତ ସେବାର ଚାହିଦା ବୃଦ୍ଧି ଏବଂ ବିଶ୍ୱବ୍ୟାପୀ କମ୍ପାନୀଗୁଡ଼ିକ ଲାଭ ପାଇଁ ଉନ୍ନତ ସେବାପ୍ରଦାନର ପ୍ରତିଯୋଗିତା କରୁଛନ୍ତି। ଏହା ସତ ଯେ ଗ୍ରାହକମାନେ ବଜାର ଅର୍ଥନୀତି ପ୍ରତିଯୋଗିତାର ସବୁଠାରୁ ବଡ଼ ଲାଭାର୍ଥୀ। ଦୁର୍ଭାଗ୍ୟବଶତଃ, ଲାଭ ଉପଭୋଗ କରିବା ସମୟରେ ବିଶେଷକରି ଭାରତ ଭଳି ବିକାଶଶୀଳ ଦେଶଗୁଡ଼ିକରେ, ଆମେ ଭୁଲିଯାଆନ୍ତି ଯେ ତୁରନ୍ତ ସେବା ପ୍ରଦାନ କରୁଥିବା ଶ୍ରମିକମାନେ ମଧ୍ୟ ଏହି ସମାଜର ଅଂଶ।

ସରକାରୀ କ୍ଷେତ୍ରରେ ଚାକିରି ସଂଖ୍ୟା ସୀମିତ ଥିବାରୁ କାମ ଖୋଜୁଥିବା ଲୋକଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି। ତେଣୁ ଦେଶର ସର୍ବାଧିକ ନିଯୁକ୍ତି ପ୍ରଦାନ କରୁଥିବା ଅସଂଗଠିତ କ୍ଷେତ୍ରର ସମସ୍ୟା ସମାଧାନ କରିବା ସରକାରଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭାରତ ସରକାରଙ୍କୁ ଏବେ ଶ୍ରମିକଙ୍କ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ ଗତି ଓ ସୁରକ୍ଷାକୁ ଧ୍ୟାନରେ ରଖି ପଦକ୍ଷେପ ନେବାକୁ ପଡ଼ିବ। ଏହାଦ୍ୱାରା ଏହି କର୍ମୀମାନେ ସୁରକ୍ଷିତ କର୍ମଶକ୍ତି ହୋଇପାରିବେ।

ନୟାଗଡ଼, ମୋ: ୯୪୩୭୬୪୨୯୪୭

# ପ୍ରାଚୀନ ଭାରତୀୟ ସାହିତ୍ୟରେ କଳିଙ୍ଗ ଓ ଉତ୍କଳ


ପ୍ରବୀର କୁମାର ପଟ୍ଟନାୟକ

## ଓଡ଼ିଶାର ବୌଦ୍ଧ ପରମ୍ପରା

*ପୂର୍ବପ୍ରକାଶିତ ଉତ୍ତାରୁ...*

**ବ୍ରହ୍ମାଣ୍ୟ ସାହିତ୍ୟରେ ଉତ୍କଳ:** ପୌରାଣିକ ପରମ୍ପରା ମୁତାବକ ମନୁଙ୍କର ଦଶଜଣ ପୁତ୍ର ସନ୍ତାନଙ୍କ ମଧ୍ୟରୁ ଇଳା ସୁଦ୍ୟୁମ୍ନ ଜଣେ କିଂପୁରୁଷ (ଦେବମାନବ ଅଥବା ଅଦ୍ଭୁତ ପୁରୁଷ) ଥିଲେ। କାଳକ୍ରମେ ଇଳା ଉତ୍କଳ, ବିନିତାଶ୍ୱ ଓ ଗୟା ନାମକ ତିନିଗୋଟି ପୁତ୍ରଙ୍କର ଜନକ ହୋଇଥିଲେ। ଏହି ତିନିଜଣ ପୁତ୍ର କ୍ରମେ ଉତ୍କଳ, ଗୟାପୁରୀ ଆଦି ରାଜ୍ୟ ଭୋଗ ଦଖଲ କରିଥିଲେ। ଏଥିରୁ ଉତ୍କଳ ମଧ୍ୟ କଳିଙ୍ଗ ଭଳି ଏକ ପୌରାଣିକ / କଳ୍ପିତ ଉତ୍ପତ୍ତି ଲାଭ କରିଥିଲା।

'ମହାକାବ୍ୟ ସାହିତ୍ୟ'ରେ ଉତ୍କଳୀୟମାନେ ଅଧିକାଂଶ ସମୟରେ ଉଡ୍ର, ମେକଳ, କଳିଙ୍ଗ ଓ ଆନ୍ଧ୍ରବାସୀଙ୍କ ସହିତ ଦେଖାଯାଇଥା'ନ୍ତି ଏବଂ ମହାଭାରତର ଦ୍ରୋଣ ପର୍ବ ଦର୍ଶାଇଥାଏ କି କର୍ଣ୍ଣ ମେକଳ, କଳିଙ୍ଗ, ଆନ୍ଧ୍ର ଓ ଅନ୍ୟ ଦେଶଗୁଡ଼ିକ ସହ ଉତ୍କଳରେ ମଧ୍ୟ ବିଜୟ ଲାଭ କରିଥିଲେ। ସେହିଭଳି ରାମାୟଣରେ ସୁଗ୍ରୀବ ସୁଷେଣଙ୍କୁ ତାଙ୍କ ଅନୁଚରବର୍ଗଙ୍କୁ ଦକ୍ଷିଣର ଅନ୍ୟ ଦେଶଗୁଡ଼ିକ ସହିତ ମେକଳ, ଉତ୍କଳ ଓ ଦର୍ଶାଣ୍ଡିକୁ ପଠାଇବାକୁ ନିର୍ଦ୍ଦେଶ ଦେଇଥିବା ଦେଖାଯାଏ। 'ରଘୁବଂଶ'ରେ ତ ଉତ୍କଳ ଦେଶର ପରିସୀମା ଉତ୍ତରରେ କପିଶା ନଦୀ(ବର୍ତ୍ତମାନର ମେଦିନୀପୁର ଅଞ୍ଚଳର କସାଇ), ଦକ୍ଷିଣରେ କଳିଙ୍ଗ ଦେଶ ଆଉ ପଶ୍ଚିମରେ ମେକଳ ପର୍ବତାଞ୍ଚଳ ପର୍ଯ୍ୟନ୍ତ ବ୍ୟାପିଥିବା ଦର୍ଶାଯାଇଛି। ଐତିହାସିକ ପାର୍ଗିଟର ସଠିକ ଭାବେ ଉତ୍କଳର ଅବସ୍ଥିତିକୁ ଚିହ୍ନି କହିଥିଲେ ଉତ୍କଳ ହେଉଛି ଛୋଟନାଗପୁରର ଦକ୍ଷିଣ ଅଂଶ ଏବଂ ଉତ୍କଳୀୟମାନେ ବିନ୍ଧ୍ୟ ସଂପ୍ରଦାୟର। କାରଣ ଛୋଟନାଗପୁର ପର୍ବତାଞ୍ଚଳ ବିନ୍ଧ୍ୟାଞ୍ଚଳର ଏକ ଅଂଶ।



**ବୌଦ୍ଧ ସାହିତ୍ୟରେ ଉତ୍କଳ:** ମହାକାବ୍ୟ ତଥା ପୁରାଣ ସାହିତ୍ୟରେ ବର୍ଣ୍ଣିତ ଉତ୍କଳ ହେଉଛି ନିଃସନ୍ଦେହରେ ବୌଦ୍ଧ ପାଲି ସାହିତ୍ୟରେ ଉଲ୍ଲିଖିତ 'ଉକ୍କଳ' ଅଥବା 'ଓକ୍କଳ'। ଏହି ପ୍ରସଙ୍ଗକୁ ଅଧିକ ଦୃଢ଼ୀଭୂତ କରିଥାଏ 'ସୂତପିଟକ' ଅନ୍ତର୍ଗତ 'ଖୁଦ୍ଦକନିକାୟ'ର ଅପଦାନରେ ଉତ୍କଳକୁ ମେକଳ ସହିତ ଦର୍ଶାଯାଇଛି। 'ମଜ୍ଝିମନିକାୟ'ର 'ମହାଚତ୍ତାରୀସକ ସ୍ୱତ'ରେ କରାଯାଇଥିବା ବର୍ଣ୍ଣନା ମୁତାବକ ଉକ୍କଳ (ଉତ୍କଳ) ର 'ଉସ୍ସ' ଓ 'ବନ୍ନ' ନାମକୁ ଦୁଇଗୋଟି ସଂପ୍ରଦାୟ ପ୍ରକାଶ୍ୟ ଭାବେ ଏକ ନୂତନ ଦର୍ଶନ ଅଥବା ମତବାଦର ଅବଲମ୍ବନ କରୁଥିଲେ, ଯେଉଁଥିରେ କାରଣ, ପରିଣାମ ଓ ବାସ୍ତବତା ଅଥବା ସତ୍ୟର ମତବାଦକୁ ସୁସ୍ପଷ୍ଟ ଭାବରେ ଅସ୍ୱୀକାର କରିଥିଲେ। ଏହି ହେତୁରୁ ସେମାନଙ୍କୁ ଅହେତୁବାଦୀ, ଅକିରିଆବାଦୀ ତଥା ନାଥିକ (ନାସ୍ତିକ)ବାଦୀ ବୋଲି କୁହାଯାଉଥିଲା। ଆଚାର୍ଯ୍ୟ ବୁଦ୍ଧଘୋଷ ମଧ୍ୟ ଏହି 'ଉସ୍ସ' ଓ 'ଭନ୍ନ' ମାନଙ୍କୁ ଉକ୍କଳ (ଉତ୍କଳ) ଜନପଦର ବୋଲି ସ୍ପଷ୍ଟ ଭାବେ ଦର୍ଶାଇଛନ୍ତି। ଏହି ଦୁଇଗୋଟି ସଂପ୍ରଦାୟର ଲୋକମାନେ ଭଗବାନ ବୁଦ୍ଧଙ୍କ ଦ୍ୱାରା ଜେତବନରେ ପ୍ରଚାର କରାଯାଇଥିବା 'ମହାଚତ୍ତାରୀଶକ ସୂତ୍ର'ର ବାଣୀକୁ ଗ୍ରହଣ କରିଥିଲେ। ଏହି ବାଣୀ ଗ୍ରହଣ କଲା ପରେ ସେମାନେ କାରଣ, ପରିଣାମ ଓ ସତ୍ୟର ମତବାଦ, ଯାହାକୁ ଆଗରୁ ଅସ୍ୱୀକାର କରୁଥିଲେ ତାହାକୁ ପୁନର୍ବାର ସ୍ୱୀକାର କରିଥିଲେ।

ପ୍ରାରମ୍ଭିକ କାଳର 'ପାଲିବୌଦ୍ଧ ସାହିତ୍ୟ'ରେ ଦୁଇ ବଣିକ ଭ୍ରାତା 'ତପସ୍ସୁ' ଓ 'ଭଲ୍ଲିକ'ଙ୍କ ସଂପର୍କରେ ଏକ ଚିତ୍ତାକର୍ଷକ ପ୍ରସଙ୍ଗର ଉଲ୍ଲେଖ କରାଯାଇଛି। ଏହି ତଥ୍ୟ ମୁତାବକ ଉକ୍କଳର ଏହି ବଣିକ ଭ୍ରାତା ଦ୍ୱୟ ହେଉଛନ୍ତି ଭଗବାନ ବୁଦ୍ଧଙ୍କର ପ୍ରଥମ ମୂଳ ଦୁଇ ଶିଷ୍ୟ। ଭଗବାନ ବୁଦ୍ଧ ବୋଧିପ୍ରାପ୍ତିର ଅଷ୍ଟମ ସପ୍ତାହରେ ଯେତେବେଳେ ରାଜାୟତନ ବୃକ୍ଷଛାୟାରେ ବିଶ୍ରାମ ନେଉଥିଲେ ଉପରୋକ୍ତ ବଣିକ ଭାଇମାନେ ପାଞ୍ଚଶହ ବଳଦଗାଡ଼ିରେ ପଣ୍ୟଦ୍ରବ୍ୟ ନେଇ ମଧ୍ୟଦେଶ ଅଞ୍ଚଳକୁ ବାଣିଜ୍ୟ ଉଦ୍ଦେଶ୍ୟରେ ଭଗବାନ ବୁଦ୍ଧଙ୍କ ଆଶ୍ରୟ ସ୍ଥଳ ଦେଇ ଯାତ୍ରା କରୁଥିଲେ। ରାଜାୟତନ ବୃକ୍ଷ ନିକଟରେ ଏହି ବଣିକ ଭାଇଦ୍ୱୟଙ୍କର ପରିବାରର କେହି ମୃତ ବାନ୍ଧବଙ୍କ ପ୍ରେତ ଏମାନଙ୍କୁ ବୁଦ୍ଧଙ୍କ ନିକଟରେ ପ୍ରଣିପାତ କରି ଆଶୀର୍ବାଦ କାମନା କରିବା ନିମନ୍ତେ ପରୋକ୍ଷରେ ନିର୍ଦ୍ଦେଶ ଦେଇଥିଲେ। ଏମାନେ ସେହି ପ୍ରେତଦେବତାଙ୍କ ନିର୍ଦ୍ଦେଶକୁ ଗ୍ରହଣ କରି ଭଗବାନ ବୁଦ୍ଧଙ୍କୁ ପ୍ରଣିପାତ ପୂର୍ବକ ସେମାନଙ୍କ ପାଖରେ ରହିଥିବା ଚାଉଳ ପିଠା (ସମ୍ଭବତଃ ଦୀର୍ଘଦିନ ସଂରକ୍ଷିତ ରହୁଥିବା ଓଡ଼ିଶାର ଆରିଶା ପିଠା) ଓ ମହୁ ଅର୍ପଣ କରିଥିଲେ। ଭଗବାନ ବୁଦ୍ଧଙ୍କର ଏହିଭଳି ସେମାନେ ପ୍ରଥମ ଶିଷ୍ୟରୂପେ ସ୍ୱୀକୃତ ହୋଇଗଲେ।(କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭ ୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଟଙ୍କଧରଙ୍କ ଆବେଦନ ଅଗ୍ରାହ୍ୟ, ସାରଦାଙ୍କ ବିରୋଧରେ ମାମଲା ଖାରଜ

**କଟକ,୬ ।୨(ସମିସ):** ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ବିରୋଧରେ ହାଇକୋର୍ଟରେ ନିର୍ବାଚନୀ ମାମଲା ଶୁଣାଣି ଚାଲିବ ବୋଲି ସ୍ପଷ୍ଟ ହୋଇଛି । ପରାଜିତ ବିଜେଡି ପ୍ରାର୍ଥୀ ଦୀପାଳି ଦାସଙ୍କ ତରଫରୁ ଦାୟର ନିର୍ବାଚନୀ ମକଦ୍ଦମାକୁ ଖାରଜ କରିବା ପାଇଁ ପ୍ରତିପକ୍ଷ ଶ୍ରୀ ତ୍ରିପାଠୀ ଦାୟର କରିଥିବା ଅନ୍ତରୀଣ ଆବେଦନକୁ ହାଇକୋର୍ଟ ଅଗ୍ରାହ୍ୟ କରିଛନ୍ତି । ପ୍ରତିପକ୍ଷ ଶ୍ରୀ ତ୍ରିପାଠୀଙ୍କ ଅନ୍ତରୀଣ ଆବେଦନର ଶୁଣାଣି କରି ଜଷ୍ଟିସ ଶଶିକାନ୍ତ ମିଶ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ତେବେ ନିର୍ବାଚନୀ ମାମଲା ଆବେଦନରେ ରହିଥିବା ତ୍ରୁଟି ସୁଧାରିବା ପାଇଁ ଦୀପାଳୀ ଅତିରିକ୍ତ ସତ୍ୟପାଠ ଦାଖଲ କରି ପାରିବେ ବୋଲି ହାଇକୋର୍ଟ କହିଛନ୍ତି । ଏଥିସହିତ ମୂଳ ନିର୍ବାଚନୀ ମକଦ୍ଦମାର ଶୁଣାଣି ଫେବୃଆରୀ ୨୫କୁ ଅଦାଲତ ଧାର୍ଯ୍ୟ କରିଛନ୍ତି ।

ତ୍ରୁଟିପୂର୍ଣ୍ଣ ସତ୍ୟପାଠ ଦାଖଲ ଅଭିଯୋଗ କରି ଝାରସୁଗୁଡା ବିଧାନସଭା ଆସନରୁ ବିଜୟୀ ବିଜେପି ପ୍ରାର୍ଥୀ ଶ୍ରୀ ତ୍ରିପାଠୀଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା ପାଇଁ ପରାଜିତ ବିଜେଡି ପ୍ରାର୍ଥୀ ଦୀପାଳି ଦାସ ଏହି ମାମଲା ଦାୟର କରିଥିଲେ । ଅନ୍ୟପକ୍ଷରେ ନିର୍ବାଚନୀ ମୋକଦ୍ଦମାର ଆବେଦନ ତ୍ରୁଟିପୂର୍ଣ୍ଣ ଓ ଗ୍ରହଣଯୋଗ୍ୟ ହୋଇ ନଥିବାରୁ ଏହାକୁ ଖାରଜ କରାଯାଉ ବୋଲି ଦର୍ଶାଇ ଶ୍ରୀ ତ୍ରିପାଠୀ ଏକ ଅନ୍ତରୀଣ ଆବେଦନ ଦାୟର କରିଥିଲେ । ଦୀପାଳିଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ବିଦ୍ୟାଧର ମିଶ୍ର, ଆଇନଜୀବୀ ତରଣୀକାନ୍ତ ବିଶ୍ୱାଳ ଓ ଶ୍ରୀ ତ୍ରିପାଠୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଗୋପାଳ ଅଗ୍ରୱାଲ ମାମଲା ପରିଚାଳନା କରୁଛନ୍ତି ।

ସେହିପରି ରାଉରକେଲା ବିଧାୟକ ସାରଦା ନାୟକଙ୍କ ବିରୋଧରେ ଦାଖଲ ହୋଇଥିବା ମୋଟ ୪ଟି ନିର୍ବାଚନୀ ମାମଲାରୁ ୩ଟିକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି । ରାଜକୁମାର ଯାଦବ, ରସିଦ ଆସଲାମ, ଓ ରାଧେଶ୍ୟାମ ଯାଦବଙ୍କ ପକ୍ଷରୁ ରୁଜୁ ହୋଇଥିବା ନିର୍ବାଚନୀ ମାମଲାକୁ ହାଇକୋର୍ଟ ଖାରଜ କରିଥିବା ବେଳେ ପରାଜିତ ବିଜେପି ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କ ପକ୍ଷରୁ ରୁଜୁ ମାମଲାକୁ ଖାରଜ କରିବାକୁ ମନା କରିଛନ୍ତି । ଫଳରେ ଆଗକୁ ଶ୍ରୀ ରାୟଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି ଚାଲିବ । ତ୍ରୁଟିପୂର୍ଣ୍ଣ ସତ୍ୟପାଠ ଦାଖଲ ଅଭିଯୋଗ କରି ବିଧାୟକ ଶ୍ରୀ ନାୟକଙ୍କ ବିରୋଧରେ ହାଇକୋର୍ଟରେ ଏହି ନିର୍ବାଚନୀ ମାମଲାଗୁଡିକ ଦାୟର ହୋଇଥିଲା । ଏଗୁଡିକୁ ପ୍ରାରମ୍ଭିକ ଶୁଣାଣିରେ ଖାରଜ କରାଯାଉ ବୋଲି ମୂଳ ନିର୍ବାଚନୀ ମାମଲାର ପ୍ରତିପକ୍ଷ ତଥା ବିଧାୟକ ଶ୍ରୀ ନାୟକ ଅନ୍ତରୀଣ ଆବେଦନ କରିଥିଲେ ।

## ଜାରି ରହିବ ଚାନ୍ଦବାଲି ନିର୍ବାଚନୀ ମାମଲା

**ହାଇକୋର୍ଟରେ ବିଧାନସଭା ନିର୍ବାଚନ ମାମଲା**

**କଟକ,୬ ।୨(ସମିସ):** ଚାନ୍ଦବାଲି ବିଧାନସଭା ନିର୍ବାଚନୀ ମାମଲାକୁ ଖାରଜ କରିବାକୁ ହାଇକୋର୍ଟ ମନା କରିଦେଇଛନ୍ତି । ମୂଳ ନିର୍ବାଚନୀ ମାମଲାର ପ୍ରତିପକ୍ଷ ତଥା ବିଧାୟକ ବ୍ୟୋମକେଶ ରାୟଙ୍କ ପକ୍ଷରୁ ରୁଜୁ ଅନ୍ତରୀଣ ଆବେଦନର ଶୁଣାଣିରେ ହାଇକୋର୍ଟ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି । ଫଳରେ ଶ୍ରୀ ରାୟଙ୍କ ବିରୋଧରେ କିଶୋର କୁମାର ନାୟକ ଦାୟର କରିଥିବା ମୂଳ ନିର୍ବଚନୀ ମକଦ୍ଦମାର ଶୁଣାଣି ଚାଲିବ । ଜଷ୍ଟିସ ଶଶିକାନ୍ତ ମିଶ୍ର ଏପରି ରାୟ ପ୍ରଦାନ କରିଛନ୍ତି । ନିର୍ବାଚନୀ ମାମାର ପରବର୍ତ୍ତୀ ଶୁଣାଣି ଫେବୃଆରୀ ୨୩କୁ ଧାର୍ଯ୍ୟ କରାଯାଇଛି । ମାମଲାର ବିବରଣୀରୁ ପ୍ରକାଶ ଯେ ତ୍ରୁଟିପୂର୍ଣ୍ଣ ସତ୍ୟପାଠ ଦାଖଲ ଅଭିଯୋଗ କରି ଚାନ୍ଦବାଲି ବିଧାୟକ ଶ୍ରୀ ରାୟଙ୍କ ବିରୋଧରେ କିଶୋର କୁମାର ନାୟକ ହାଇକୋର୍ଟରେ ଏହି ନିର୍ବାଚନୀ ମାମଲା ଦାୟର କରିଥିଲେ । ପରବର୍ତ୍ତୀ ସମୟରେ ଏହି ନିର୍ବାଚନୀ ମକଦ୍ଦମାକୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଖାରଜ କରିବାକୁ ନିବେଦନ କରି ପ୍ରତିପକ୍ଷ ଶ୍ରୀ ରାୟ ଏକ ଅନ୍ତରୀଣ ଆବେଦନ ଦାୟର କରିଥିଲେ । ଶ୍ରୀ ନାୟକଙ୍କ ତରଫରୁ ଆଇନଜୀବୀ ଏନ.କେ.ସାହୁ ଓ ପ୍ରତିପକ୍ଷ ଶ୍ରୀ ରାୟଙ୍କ ପକ୍ଷରୁ ଆଇନଜୀବୀ ଉପେନ୍ଦ୍ର କୁମାର ସାମଲ, ପ୍ରଦୀପ କୁମାର ମହାପାତ୍ର ମାମଲା ପରିଚାଳନା କରୁଥିଲେ ।

## ୧୨ ସାଂଗଠନିକ ଜିଲ୍ଲାରେ ବିଜେଡିର ନୂଆ କମିଟି

**ଭୁବନେଶ୍ୱର,୬।୨(ସମିସ):** ରାଜ୍ୟର ଆଉ ୧୨ ଟି ସାଂଗଠନିକ ଜିଲ୍ଲାର ନୂଆ କମିଟି ଗଠନ କରିଛି ବିଜେଡି । ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ୧୨ ଜିଲ୍ଲା ବରଗଡ଼, ରାୟଗଡ଼ା, କୋରାପୁଟ, ନୂଆପଡ଼ା, ଢେଙ୍କାନାଳ, ଜଗତସିଂହପୁର, ନବରଙ୍ଗପୁର, ବଲାଙ୍ଗୀର, କଟକ, ମୟୁରଭଞ୍ଜ-୧, ମୟୁରଭଞ୍ଜ-୨ ଓ ଯାଜପୁର ପାଇଁ ନୂଆ କମିଟି ଗଠନ କରାଯାଇଛି । ପୂର୍ବରୁ ଗତ ଡିସେମ୍ବର ୨୭ ତାରିଖରେ କଳାହାଣ୍ଡି, ଝାରସୁଗୁଡା, ସୁନ୍ଦରଗଡ଼, ମାଲକାନଗିରି, ଅନୁଗୁଳ, କେନ୍ଦୁଝର, ବୌଦ୍ଧ, ଗଜପତି, ଦେବଗଡ଼, କନ୍ଧମାଳ ଓ ସୁବର୍ଣ୍ଣପୁର ଆଦି ୧୧ଟି ଜିଲ୍ଲା କମିଟି ଗଠନ କରାଯାଇସାରିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଯୁବ ଭାରତ...

ସେ ତାଙ୍କର ଶ୍ରେଷ୍ଠ ଖେଳ ସେମିଫାଇନାଲ ଓ ଫାଇନାଲରେ ପ୍ରଦର୍ଶନ କରି ଭାରତକୁ ଚାମ୍ପିଅନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ବୈଭବ ୭ଟି ମ୍ୟାଚ୍‌ରୁ ୬୨.୭୧ ହାରରେ ଗୋଟିଏ ଶତକ ଓ ୩ଟି ଅର୍ଦ୍ଧଶତକ ସହ ଟୁର୍ଣ୍ଣାମେଣ୍ଟରେ ଦ୍ୱିତୀୟ ସର୍ବାଧିକ ୪୩୯ ରନ୍ କରିଛନ୍ତି । ତାଙ୍କୁ ଟୁର୍ଣ୍ଣାମେଣ୍ଟ ଓ ଫାଇନାଲ୍ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି । ଇଂଲଣ୍ଡର ଷ୍ଟାର ଖେଳାଳି ବେନ୍ ମାୟେସ ସର୍ବାଧିକ ୪୪୪ ରନ୍ କରିଛନ୍ତି । ଇଂଲଣ୍ଡର ଫାଷ୍ଟ ବୋଲର ମାନ୍ନି ଲୁମ୍ସଡେନ୍‌ଙ୍କୁ ସର୍ବାଧିକ ୧୬ଟି ୱିକେଟ ମିଳିଛି ।

### ପାକିସ୍ତାନକୁ ମନାଇବାକୁ..

କ୍ରିକେଟ ବୋର୍ଡ ଏହି ଚିଠିରେ ଉଲ୍ଲେଖ କରିଛି । ଏହି ଚିଠିରେ ଶ୍ରୀଲଙ୍କା ବୋର୍ଡ ପକ୍ଷରୁ କୁହାଯାଇଛି, ପୂର୍ବରୁ ୨୦୦୯ ରେ ଶ୍ରୀଲଙ୍କା କ୍ରିକେଟ ଦଳ ପାକିସ୍ତାନ ଗସ୍ତରେ ଯାଇଥିଲାବେଳେ ଆତଙ୍କବାଦୀଙ୍କ ଆକ୍ରମଣର ଶିକାର ହୋଇଥିଲେ । ଏପରିକି ଅନେକ ଖେଳାଳିଙ୍କ ଦେହରେ ଗୁଳି ମଧ୍ୟ ବାଜିଥିଲା । ଏହା ସତ୍ତ୍ୱେ ଅନ୍ୟ ଦେଶ ପାକିସ୍ତାନକୁ ଖେଳିବାକୁ ଆସୁ ନ ଥିଲାବେଳେ ଆମେ ପାକିସ୍ତାନ ଯାଇ ଖେଳିଥିଲୁ । ଶ୍ରୀଲଙ୍କାରେ ଏହି ବିଶ୍ୱକପ୍ ଆୟୋଜନ ହେଉଥିବାକୁ ପାକିସ୍ତାନ କ୍ରିକେଟ ଦଳ ନିର୍ଭୟରେ ଭାରତ ସହ ମୁକାବିଲା କରିବାକୁ ଶ୍ରୀଲଙ୍କା କ୍ରିକେଟ ବୋର୍ଡ ଅନୁରୋଧ କରିଛି । ଆଇସିସି ଅଧ୍ୟକ୍ଷ ଜୟ ଶାହ ମଧ୍ୟ ଏହି ମ୍ୟାଚ୍ ଖେଳିବା ସକାଶେ ପାକିସ୍ତାନ ସରକାରଙ୍କୁ ମନାଇବାକୁ ଏକ ଟିମ୍ ପାକିସ୍ତାନ ଯାଇଥିବା କଥା ରିପୋର୍ଟ ପ୍ରକାଶ ପାଇଛି ।

ସୂଚନାଯୋଗ୍ୟ ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ରୁ ମୁସ୍ତାଫିଜୁର ରହେମାନଙ୍କୁ ବିଦା କରିବା ପରେ ଭାରତରେ ସୁରକ୍ଷା କାରଣରୁ ମ୍ୟାଚ୍ ଖେଳିବାକୁ ବାଂଲାଦେଶ ମନା କରିଥିଲା । ବାଂଲାଦେଶ ତାହାର ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାରେ ଖେଳିବାକୁ କହିଥିଲା, ଯାହାକୁ ଆଇସିସି ଅଗ୍ରାହ୍ୟ କରିଥିଲା । ବାଂଲାଦେଶର ଦାବିକୁ ସର୍ବଦା ସମର୍ଥନ ଦେଇଆସିଥିବା ପାକିସ୍ତାନ କ୍ରିକେଟ ବୋର୍ଡ ପ୍ରଥମେ ଟୁର୍ଣ୍ଣାମେଣ୍ଟରୁ ଓହରିଯିବାକୁ ଧମକ ଦେଇଥିଲେ ମଧ୍ୟ ଅଂଶଗ୍ରହଣ କରିଥିଲା । ପରେ ଶ୍ରୀଲଙ୍କାରେ ଫେବୃଆରୀ ୧୫ରେ ଖେଳାଯିବାକୁ ଥିବା ଭାରତ ସହ ମୁକାବିଲାକୁ ପାକିସ୍ତାନ ବୟକଟ କରିଛି ।

### ୬୯ ମୃତ...

ବିସ୍ଫୋରଣକୁ ଦୃଢ଼ ଭାବେ ନିନ୍ଦା କରୁଛି । ମୃତ୍ୟୁବରଣ କରିଥିବା ଲୋକଙ୍କ ପାଇଁ ମୁଁ ମର୍ମାହତ । ଏଭଳି ଆତଙ୍କବାଦୀ ଘଟଣା ଦେଶ ଓ ଜନସାଧାରଣଙ୍କ ସାହସ ଭାଙ୍ଗିପାରିବ ନାହିଁ । ଆମ ସମସ୍ତଙ୍କୁ ଶାନ୍ତି, ସହନଶୀଳତା ଓ ସ୍ଥିରତା ପାଇଁ ଏକଜୁଟ୍ ହେବା ଆବଶ୍ୟକ । କିନ୍ତୁ ଏହି ବିସ୍ଫୋରଣ ପାଇଁ ଏପର୍ଯ୍ୟନ୍ତ କୌଣସି ସଂଗଠନ ନିଜକୁ ଦାୟୀ ଦାୟୀ କରିନାହାନ୍ତି । ଏହା ପୂର୍ବରୁ ୨୦୨୫ ନଭେମ୍ବର ୧୧ରେ ଇସଲାମାବାଦ୍‌ର ଜି-୧୧ ଅଞ୍ଚଳରେ ଜିଲ୍ଲା ଓ ସେସନ୍ସ କୋର୍ଟ ବାହାରେ ଏକ ଆତ୍ମଘାତୀ ବିସ୍ଫୋରଣ ହୋଇଥିଲା । ଏଥିରେ ୧୨ ଜଣ ମୃତ୍ୟୁବରଣ କରିଥିବା ବେଳେ ୩୦ରୁ ଅଧିକ ଲୋକ ଆହତ ହୋଇଥିଲେ ।

### ପୁଣି ଅଦାଲତକୁ...

ମୁତୟନ କରାଯାଇଥିଲା । ମେଟାଲ ଡିଟେକ୍ଟର ଓ ସନ୍ଧାନୀ କୁକୁର ଜରିଆରେ ଯାଞ୍ଚ ଆରମ୍ଭ ହୋଇଥିଲା । ସୂଚନାଯୋଗ୍ୟ, ଗତ ଜାନୁଆରୀ ୮ ତାରିଖରେ ହାଇକୋର୍ଟଙ୍କ ସମେତ ଦେବଗଡ଼, ସମ୍ବଲପୁର ଜିଲ୍ଲା ଅଦାଲତକୁ ଏଭଳି ଧମକ ଆସିଥିଲା । ଏବେ ପୁଣି ୪ଟି ଅଦାଲତକୁ ବୋମା ଧମକ ଆସିଛି ।

ଏ ସମ୍ପର୍କରେ ଆଡ୍‌ଭୋକେଟ୍ ଜେନେରାଲ୍ ପିତାମ୍ବର ଆଚାର୍ଯ୍ୟ କହିଛନ୍ତି ଯେ ହାଇକୋର୍ଟ ଏବଂ ରାଜ୍ୟର ଅନ୍ୟ କୋର୍ଟଗୁଡ଼ିକ ସୁରକ୍ଷିତ ରହିଛନ୍ତି । ଏଥିରେ ଆତଙ୍କିତ ହେବାର କିଛି ନାହିଁ ଓ ଅଦାଲତଗୁଡିକର ସୁରକ୍ଷାକୁ ନେଇ କୌଣସି ସାଲିସ କରାଯିବ ନାହିଁ । ନିଜେ ମୁଖ୍ୟମନ୍ତ୍ରୀ ଏହାର ମନିଟରିଂ କରୁଛନ୍ତି ଓ ସରକାର ଆବଶ୍ୟକ ପଦକ୍ଷେପ ନେଉଛନ୍ତି ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି । ସେହିପରି କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର କହିଛନ୍ତି ଏସବୁ ଏକ ହୋକ୍ସ କଲ୍ । ତେବେ ଏସବୁକୁ କିପରି ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯିବ, ସେନେଇ ଯୋଜନା ପ୍ରସ୍ତୁତ କରାଯାଉଥିବା ଶ୍ରୀ ମିଶ୍ର କହିଛନ୍ତି ।

### ଧମକକୁ ସରକାର...

ଆସିଥିଲା । ହେଲେ ଏପର୍ଯ୍ୟନ୍ତ ଏପରି ମେଲ୍ କେଉଁଠୁ ଆସୁଛି, ଏଥିରେ କାହାର ସମ୍ପୃକ୍ତି ଅଛି ତାହା ପୁଲିସ ଲୋକଲୋଚନକୁ ଆଣି ନ ପାରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି । ଏପରି ସମ୍ବେଦନଶୀଳ ଘଟଣାକୁ ରାଜ୍ୟ ସରକାର ହାଲୁକା ଭାବେ ନ ନିଅନ୍ତୁ । ନ୍ୟାୟିକ ପ୍ରତିଷ୍ଠାନଗୁଡ଼ିକର ସୁରକ୍ଷା ସମେତ ବିଚାରପତି, ଓକିଲ, ମକଦ୍ଦମାକାରୀ, କୋର୍ଟ କର୍ମଚାରୀ ତଥା ସାଧାରଣ ଜନତାଙ୍କ ନିରାପତ୍ତାକୁ ବିପନ୍ନ କରାନଯାଉ । ମିଳୁଥିବା ଧମକର ତ୍ୱରିତ, ପୁଙ୍ଖାନୁପୁଙ୍ଖ ଏବଂ ଉପଯୁକ୍ତ ଯାଞ୍ଚ କରାଯାଉ । ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ତୁରନ୍ତ ଠାବ କରି ଘଟଣାର ନିଷ୍କର୍ଷ ସର୍ବସମ୍ମୁଖକୁ ଅଣାଯାଉ ବୋଲି ନବୀନ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି । ଅନୁରୂପ ଭାବରେ ଏପରି ସ୍ଥିତିରେ ଜନ ସାଧାରଣ ଶାନ୍ତ ରହି ଗୁଜବ ପ୍ରଚାରରୁ ଦୂରେଇ ରହିବା ଓ ସୁରକ୍ଷା ସଂସ୍ଥାଗୁଡ଼ିକୁ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି ।

### ଏୟାର ଇଣ୍ଡିଆର ୧୯୧...

ସମସ୍ତ ବିମାନଗୁଡିକୁ ଯାଞ୍ଚ କରିଛୁ ଓ ଏହାର ସଂଖ୍ୟା ଯଥେଷ୍ଟ ଅଧିକ ଅଛି । ଏୟାର ଲାଇନ୍ସର ଜଣେ ଅଧିକାରୀ କହିଛନ୍ତି ଯେ, ବିମାନରେ ବିଭିନ୍ନ ପ୍ରକାରର ଉପକରଣ ଯାଞ୍ଚ କରାଯାଇଥାଏ । ଉପକରଣର ଅଗ୍ରାଧିକାର ଓ ଜରୁରୀ ଆବଶ୍ୟକତାକୁ ଭିତ୍ତି କରି ଏଗୁଡ଼ିକୁ ଏ, ବି, ସି ଓ ଡି ବର୍ଗରେ ବିଭକ୍ତ କରାଯାଇଛି । ଏୟାର ଇଣ୍ଡିଆର ଅଧିକାଂଶ ସମସ୍ୟା ଡି ବର୍ଗରେ ରହିଛି ଓ ଏଥିରେ ସିଟ୍, ଟ୍ରେ-ଟେବୁଲ, ସ୍କ୍ରିନ ଭଳି ଜିନିଷ ଅନ୍ତର୍ଭୁକ୍ତ । ଏଗୁଡ଼ିକ ବିମାନର ସୁରକ୍ଷା ସହିତ ଜଡ଼ିତ ନୁହେଁ ବୋଲି ଏୟାର ଇଣ୍ଡିଆ ତରଫରୁ ସ୍ପଷ୍ଟ କରାଯାଇଛି । ଆଗାମୀ ଦୁଇ ବର୍ଷ ମଧ୍ୟରେ ଯେତେବେଳେ ନ୍ୟାରୋ ବଡ଼ି ଅର୍ଥାତ ସରୁ ଢାଞ୍ଚା ବିମାନ ପାଇଁ ରେଟ୍ରୋଫିଟ୍ ପ୍ରୋଗାମ ଆରମ୍ଭ ହେବ, ସେତେବେଳେ ଏହି ସମସ୍ୟାର ଯାଞ୍ଚ ହୋଇଯିବ ବୋଲି ଅଧିକାରୀ ଜଣକ କହିଛନ୍ତି । ପୁଣି ସରକାର ସୂଚନା ଦେଇଛନ୍ତି ଯେ, ଏୟାର ପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ (ଏଏଆଇ) ଓ ୩ଟି ବିମାନ ଚଳାଚଳ ନିୟାମକ ସଂସ୍ଥା ଡିଜିସିଏ, ବିସିଏଏସ୍ ଓ ଏଇଆର୍‌ଏରେ ୨, ୬୪୫ଟି ପଦବୀ ଖାଲି ରହିଛି । ସୂଚନାଯୋଗ୍ୟ ଯେ, ଦେଶର ପ୍ରମୁଖ ଯାତ୍ରୀବାହୀ ଏୟାରଲାଇନ୍ସଗୁଡ଼ିକ ହେଲା ଇଣ୍ଡିଗୋ, ଏୟାର ଇଣ୍ଡିଆ, ଏୟାର ଇଣ୍ଡିଆ ଏକ୍ସପ୍ରେସ/ଏଆଇଏକ୍ସ କନେକ୍ଟ, ଭିସ୍ତାରା, ସ୍ପାଇସ୍ ଜେଟ୍, ଆକାଶ ଏୟାର ଓ ଆଲାଏନ୍ସ ଏୟାର । ଗତ ବର୍ଷ ଡିସେମ୍ବରରେ ଦେଶର ସବୁଠାରୁ ବଡ଼ ବିମାନ କମ୍ପାନୀ ଇଣ୍ଡିଗୋରେ ମହାବିଭ୍ରାଟ ହୋଇଥିଲା । ଏଥିଯୋଗୁଁ ୩ ହଜାରରୁ ଅଧିକ ବିମାନ ବାତିଲ ହୋଇ ଯାଇଥିଲା, ଫଳରେ ଲକ୍ଷାଧିକ ଯାତ୍ରୀ ହନ୍ତସନ୍ତ ହୋଇଥିଲେ ।

### ୧୯ ମାଓବାଦୀଙ୍କ...

ନୟାଗଡ଼ (କେକେବିଏନ୍) ଡିଭିଜନର ୪ ହାର୍ଡକୋର ମାଓ କ୍ୟାଡର ଆତ୍ମସମର୍ପଣ କରିଛନ୍ତି । ଆଇସମର୍ପଣ କରିଥିବା ମାଓବାଦୀମାନେ ହେଲେ ଗଙ୍ଗା କୁଞ୍ଜାମି ଓ ଜିତେନ, ମୁଚାକି ମାସେ ଓରଫ ସୁମିତ୍ରା, ଚୋମାଲି କୁଞ୍ଜାମ୍ ଓରଫ ଶାନ୍ତିଲା ଏବଂ ବନ୍ଦୀ ମାଡ଼ଭି ଓରଫ ମାଳତୀ । ସେମାନଙ୍କ ନିକଟରୁ ଗୋଟିଏ ଏସ୍‌ଏଲ୍‌ଆର୍, ଗୋଟିଏ ୧୨ ବୋର୍ ଗନ୍, ୨ଟି ୩-ନଟ୍-୩ ରାଇଫଲ ସହ ବିପୁଳ ପରିମାଣର ଗୁଳିଗୋଳା ଜବତ ହୋଇଛି ।

ମାର୍ଚ୍ଚ ୩୧ତାରିଖ ପୂର୍ବରୁ ରାଜ୍ୟରେ ମାଓବାଦୀ କାର୍ଯ୍ୟକଳାପକୁ ସମ୍ପୂର୍ଣ୍ଣ ନିପାତ କରିବା ଦିଗରେ ଓଡ଼ିଶା ପୁଲିସ ଦୃଢ଼ ସଙ୍କଳ୍ପବଦ୍ଧ । ଏହି ଲକ୍ଷ୍ୟ ପୂରଣ ପାଇଁ ମାଓ ପ୍ରଭାବିତ ଜିଲ୍ଲାଗୁଡ଼ିକରେ ମାଓ ବିରୋଧୀ ଅପରେସନକୁ ଅଧିକ ଜୋରଦାର ଓ ପ୍ରଭାବଶାଳୀ କରାଯାଉଛି ବୋଲି ପୁଲିସ ଡ଼ିଜି କହିଛନ୍ତି । ଆତ୍ମ ସମର୍ପଣ କରୁଥିବା ମାଓବାଦୀମାନଙ୍କ ପାଇଁ ରାଜ୍ୟ ସରକାର ପୁନର୍ବାସ ଓ ଥଇଥାନ ନୀତି ଲାଗୁ କରିଛନ୍ତି । ଏହି ନୀତି ଅନୁଯାୟୀ ଆତ୍ମସମର୍ପଣ କରୁଥିବା ମାଓବାଦୀଙ୍କୁ ସରକାରୀ ସୁବିଧା, ସୁରକ୍ଷା ଏବଂ ସମ୍ମାନଜନକ ଭବିଷ୍ୟତର ସୁଯୋଗ ପ୍ରଦାନ କରାଯିବ ବୋଲି ପୁଲିସ ଡ଼ିଜି ସୂଚନା ଦେଇଛନ୍ତି ।


**SALE**

MAHINDRA BOLERO B6, Model - 2025, Registration No- OD-09-AE-7444, in as is where is condition
Contact: M/S Sundaram Finance Limited, JAJPUR ROAD BRANCH, Ph: 94371 02409 within 7 days

**NOTICE**
(above 18 years of age)

By virtue of an affidavit sworn before **Notary Public, Udala, Mayurbhanj, dated 06.02.2026** I, Salge Kisku Address At - Silaghati, Po- Silaghati, Ps- Khunta, Dist - Mayurbhanj - 757019 declare that I have changed my name from Pada Kisku to Salge Kisku. Henceforth I shall be known as **Salge Kisku** for all purposes.
**Salge Kisku**

**AFFIDAVIT**

By virtue of an affidavit **no. 83** before the **Executive Magistrate, Nuapada, dtd. 30.01.2026.** I, **Himanshu Sekhar Dandsena,** S/o Sridhar Dandsena, resident of At- Tikrapara, P.O.- Tikrapara, P.S.- Komna, Dist- Nuapada, Odisha - 766106, do hereby declare that I have changed my name from Himashu Sekhar Dandsena to Himanshu Sekhar Dandsena. Henceforth, I shall be known as **Himanshu Sekhar Dandsena** for all purposes.

**AFFIDAVIT**

By virtue of an affidavit sworn before The **Executive Magistrate, Bhubaneswar, dated 31.01.2026.** I, **Mr. Kshitish Chandra Behera,** Permanent Resident of At- Juna, PO/PS- Marshaghai, Dist- Kendrapara, Odisha-754213, currently residing At- Palm Height, Bharatpur, Near SUM Hospital, Bhubaneswar, Dist– Khordha, Odisha-751003, declare that I have changed my son's name from **EDNIT PRAYAN to EKSHIT PRAYAN** Henceforth, he shall be known as **EKSHIT PRAYAN** for all purposes.
**Kshitish Chandra Behera**

**AFFIDAVIT**

By virtue of an affidavit no. 117 before the **Executive Magistrate, Nabarangpur, dtd. 27.01.2026.** I, **Smt. Samari Lahara,** W/o Matisingh, resident of Village- Bamuni, P.O.- Mokiya, P.S.- Papadahandi, Dist- Nabarangpur, Odisha, do hereby solemnly declare that my correct name is Samari Lahara. That my name has been wrongly recorded as Sambari Lahara in my SBI Bank records. That **"Samari Lahara" & "Sambari Lahara"** are one and the same person, i.e., myself.

**AFFIDAVIT**

By virtue of an affidavit before the Notary Public, Titilagarh, on dated- 05/02/2026. I, **Chhaya Bagarty** (new name), formerly called as Chaya Bagartti (old name), aged about 73 years, W/o- Dhania Bagarty, permanent & current resident of AT: Kumuda, PO: Sihini, PS: Titilagarh, Dist: Bolangir, (Odisha) PIN: 767066 declare that I have changed my name from **Chaya Bagartti** to **Chhaya Bagarty.** Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Chhaya Bagarty** (new name) for all future purposes.
**Chhaya Bagarty**

**NOTICE**
(FOR MINOR)

By virtue of an affidavit sworn before **Notary Public, Udala, Mayurbhanj, dated 06.02.2026,** I, Janmajay Naik Address Vill/Po - Badmamudia, Ps – Khunta, Dist – Mayurbhanj - 757019 declare that I have changed the name of my daughter from Sabita Singh to Sabita Naik. Henceforth she shall be known as **Sabita Naik** for all purposes.
**Janmajay Naik**

**AFFIDAVIT**

**By virtue of an affidavit sworn before the Executive Magistrate, Gop, Dist- Khordha CF No: 293/1 dated 06/02/2026, I DAMBARUDHAR PATRA, S/o Bansidhar Patra resident of Village At - Khandiakuda Po- Bhairipur, Ps- Gop, Dist- Puri, Odisha Pin- 752110 declare that I have changed my name from DAMBARU PATRA to DAMBARUDHAR PATRA. Henceforth, I shall be known as DAMBARUDHAR PATRA for all purposes.**
**Sd- DAMBARUDHAR PATRA**

**AFFIDAVIT**

By Virtue of an affidavit before Executive Magistrate, Bhubaneswar, Dtd. 05.02.2026. I **Jamuna Hansdah,** aged about 56 years, W/o: Barisa Hansdah, D/o: Daman Majhi, resident of Vill:Tingiria, PO: Bad Dundu, PS: Bahalda, Dist: Mayurbhanj, Odisha, Presently residing at MIG-40, BDA Colony, Phase-1, Pokhariput, PS: Airport, Bhubaneswar, Pin-751020, Dist: Khurda, Odisha declare that after my marriage I have changed my name from Jamuna Majhi to Jamuna Hansdah . I also declare that Jamuna Hansdah and Jamuna Majhi is one and same person who is myself. Henceforth I will be known as **Jamuna Hansdah** for all purpose.

**AFFIDAVIT**

I, Sharmila Agrawal, W/o- Kishor Kumar Agrawal, resident of ward no.16, Bargarh (Gurudwara Chowk), Po./Ps./ Dist.- Bargarh state vide this affidavit no.51 dtd.05.02.2026 that my correct name is **Sharmila Agrawal** but in the School admission record of my daughter **Swanvi Agrawal** my name has been wrongly mentioned as Sarmila Agrawal. That, **Sharmila Agrawal** and **Sarmila Agrawal** is same and one person.

**AFFIDAVIT**

BY VIRTUE OF AN AFFIDAVIT BEFORE **EXECUTIVE MAGISTRATE BHUBANESWAR VIDE CF NO-118/27.01.2026.I MADHUSMITA PAIKARAY,** 42 YEARS , W/O -SANTOSH KUMAR PAIKARAY, PERMANENT RESIDENT OF-AT/PO - KAIPADAR, PS-KHORDHA SADAR ,ODISHA-752056 HAVE CHANGED MY MINOR'S DAUGHTER'S NAME FROM PRATYUSHA PRIYADARSHNI TO PRATYUSHA PRIYADARSHINI PAIKARAY. HENCEFORTH SHE SHALL BE KNOWN AS **PRATYUSHA PRIYADARSHINI PAIKARAY** FOR ALL PURPOSES.

**AFFIDAVIT**

BY VIRTUE OF AN AFFIDAVIT BEFORE **EXECUTIVE MAGISTRATE BHUBANESWAR VIDE CF NO-108/29.01.2026.I SONU SARDAR ,** 23 YEARS ,W/O- SOMANATH BEHERA,D/O-LATE UTTAM SARDAR ,PERMANENT RESIDENT OF -PLOT NO - 585, MALATI KUTIR, MAHARANASAHI, VIVIVEKANANDA MARG, PO-OLD TOWN, PS-SHREE LINGARAJ ,BHUBANESWAR,DIST- KHORDHA,ODISHA-751002 HAVE CHANGED MY NAME FROM SUNITA BEHERA TO SONU SARDAR. HENCEFORTH I SHALL BE KNOWN AS **SONU SARDAR** FOR ALL PURPOSES.

**ପୂର୍ବ ତଟ ରେଳପଥ**

(1) ଇ-ଟେଣ୍ଡର ବିଜ୍ଞପ୍ତି ସଂ. e-Tender-Elect-G-73-25
**କାର୍ଯ୍ୟର ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ମାଳତୀପାଟପୁର(MLT)-ପୁରୀ ସେକ୍ସନରେ ଉଭୟ ଅପ୍ ଏବଂ ଡାଉନ୍ ଲାଇନ୍‌ରେ ଡୁଆଲ MSDAC ଏବଂ ଦ୍ୱି-ଦିଶାତ୍ମକ(Bi-Directional) ସହିତ ସ୍ୱୟଂକ୍ରିୟ ବ୍ଲକ୍ ସିଗ୍ନାଲିଙ୍ଗ୍‌ର ବ୍ୟବସ୍ଥା ସମ୍ବନ୍ଧୀୟ ବିଦ୍ୟୁତୀକରଣ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ(₹) :** 8,83,773.56, EMD (₹): 17,700,00 ।
(2) ଇ-ଟେଣ୍ଡର ବିଜ୍ଞପ୍ତି ସଂ. e-Tender-Elect-G-74-25
**କାର୍ଯ୍ୟର ବିବରଣୀ :** କେନ୍ଦୁଝରଗଡ଼ (KDJR) ଷ୍ଟେସନଠାରେ ଶୀଘ୍ର ପାଣି ଦେବାର ପ୍ରଣାଳୀ ବ୍ୟବସ୍ଥା ସମ୍ପର୍କିତ ବିଦ୍ୟୁତୀକରଣ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ(₹):** 1,40,61,147.39, EMD (₹): 2,20,300,00 ।
ଶେଷ ହେବା ଅବଧି : 03 ମାସ (କ୍ରମ ସଂ. 1 ପାଇଁ) ଏବଂ 04 ମାସ (କ୍ରମ ସଂ. 2 ପାଇଁ) ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.25.02.2026 ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ) ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G)/ ଖୋର୍ଦ୍ଧା ରୋଡ଼
PR-1092/Q/25-26

**DEGREE MAHILA MAHAVIDYALAYA, RASOL**
At-Rasol, Po- Rasol, Dist.: Dhenkanal, Odisha

**WALK-IN-INTERVIEW (+3 Arts Stream)**

Candidate having at least **55%** of Marks at **P.G level for appointment of lecturer in subject of Odia-2 English-2, Education-2, History-1, Pol.Sc-1 Economics-1, Sanskrit-2** are required to attend walk-in-interview with Bio-data and original documents along with photo copies and Passport size photo on **18.02.2026.**

**Sd/- Secretary** **Sd/- President**

**Ph.: 9937584242**

**SAINTALA "PUBLIC SCHOOL, SAINTALA (CBSE ENGLISH MEDIUM) SCHOOL DIST - BALANGIR ODISHA, PIN - 767032**

"Invites" Applications from the eligible candidates for the post of English, Maths, Science, Social Science, Hindi Teacher for higher classes and PRT in all subjects for primary section, Receptionist, Student Co-ordinator and Counseller.
Interested candidates may send their Bio data or Mail their C-V within **7 days** to **saintalapublicschool1@gmail.com** or **contact 9556513291, 8249311675 and 9937626191.**

**ଓଡିଶା ସରକାର** 24001/11/2526
**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ**
**ଘୋଷଣା**

No. 3882/2025 Date: 24.12.2025

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ -ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 ) ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ ର ଧାରା ୧୫ (୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ **ମୌଜା : ବୈପାରିଗୁଡା, ଥାନା : ବୈପାରିଗୁଡା ତହସିଲ : ବୈପାରିଗୁଡା ଜିଲ୍ଲା :** କୋରାପୁଟ ରେ ନିମ୍ନ ସୂଚିତ ' କ ' ଟଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା : ଜୟପୁର – ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗି କରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ - ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 ) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା **୫୯୦/୨୦୨୨,** ତା :୨୮.୦୭.୨୦୨୨ ରିଖ ରେ ପ୍ରକାଶିତ ହୋଇଅଛି ଏବଂ ଏହାର ବୈଧତା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ବିଜ୍ଞପ୍ତି ସଂଖ୍ୟା-୨୭୭୯୩/୨୫, ତାରିଖ-୨୮.୦୭.୨୦୨୫ ଅନୁଯାୟୀ ଟା ୩୧.୧୨.୨୦୨୫ ରିଖ ପର୍ଯ୍ୟନ୍ତ ବର୍ଦ୍ଧିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ **ମୌଜା : ବୈପାରିଗୁଡା, ଥାନା : ବୈପାରିଗୁଡା, ତହସିଲ : ବୈପାରିଗୁଡା ଜିଲ୍ଲା :** କୋରାପୁଟ ର ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗି କରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ ।ଏହା ମଧ୍ୟ ଜିଲ୍ଲା ୱେବସାଇଟ www. koraput.odisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ଼ କରାଯାଇଅଛି ।

ଟଫସିଲ – କ
(ପ୍ରସ୍ତାବିତ ଭୂମି ଅଗ୍ରହଣ ଅନୁସୂଚି)

ଜିଲ୍ଲା : କୋରାପୁଟ ତହସିଲ : **ବୈପାରିଗୁଡା**

| ଗ୍ରାମ ର ନାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟ ର ମୋଟ ରକବା | ଅଧିଗ୍ରହଣ ହବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| **ବୈପାରିଗୁଡା** | ଗ୍ରାମାଞ୍ଚଳ | ଅଧିଗ୍ରହଣ ହବାକୁ ଥିବା ଜମିର ସମ୍ପୂର୍ଣ ବିବରଣୀ ଏଥି ସହ ସଂଲଗ୍ନ କରାଗଲା | | | | | |

ଟଫସିଲ – ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚି)

ଜିଲ୍ଲା : କୋରାପୁଟ ତହସିଲ **ବୈପାରିଗୁଡା**

| ଗ୍ରାମ ର ନାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟ ର ମୋଟ ରକବା | ଅଧିଗ୍ରହଣ ହବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ : ୩୧/୧୨/୨୦୨୫.

ରାଜ୍ୟପାଳଙ୍କ ଆଦେଶ କ୍ରମେ
ଜିଲ୍ଲାପାଳ , କୋରାପୁଟ

ଭୂମି ଅନୁସୂଚୀ
ମୌଜା :ବୈପାରିଗୁଡା , ଥାନା-ବୈପାରିଗୁଡା ନଂ-୧୦୨, ତହସିଲ-ବୈପାରିଗୁଡା, ଜିଲ୍ଲା-କୋରାପୁଟ
ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ

| ଖାତା ନଂ | ସତ୍ୱ | ପ୍ଲଟ ନଂ | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|---|
| ୨୮ | ରୟତି | ୧ | ୧.୬୩୦ | ୦.୯୧୪ | ଜଙ୍ଗଲ | କାଂଚନମାଳା ଗୌଡ,ସ୍ୱା-ସୁଧିଷ୍ଠିର ଗୌଡ,ଜା-ଗୌଡ,ବା-ନିଜଗାଁ |
| ୨୮୯/ ୩୫୫ | ରୟତି | ୩ | ୦.୮୪୦ | ୦.୦୮୯ | ଧାନ ଅଣ ଜଳସେଚିତ ଦୁଇ | ତ୍ରିଲୋଚନ ଜେନା, ପି-ଘାସିରାମ ଜେନା, ଜା-କାଳିଞ୍ଜି, ବା-ଗୌଡ ସାହି, ବୈପାରିଗୁଡା |
| ୧୦୯ | ରୟତି | ୨ | ୧.୦୦୧ | ୦.୪୫୫ | ଜଙ୍ଗଲ | ନିରୋଦ ଚନ୍ଦ୍ର ରଥ,ପି-ଗଙ୍ଗାଧର ରଥ,ଜା-ବ୍ରାହ୍ମଣ, ବା-ନିଜଗାଁ |
| | | ମୋଟ | | ୧.୪୫୮ | | |
| ଅଧିଗ୍ରହଣ ନିମନ୍ତେ ମୋଟ ବ୍ୟକ୍ତିଗତ ଜମି | | | | | | - |
| ରେଳପଥ ପ୍ରକଳ୍ପ ନିମନ୍ତେ ବ୍ୟକ୍ତିଗତ ଜମି | | | | | | ୧.୪୫୮ |
| ଗୋଚର ପରିବର୍ତ୍ତନ ନିମନ୍ତେ ବେସରକାରୀ ଜମି | | | | | | - |
| ଜଙ୍ଗଲ ଅଧିକାର ସ୍ୱିକୃତି ଆଇନ ମୁତାବକ ଦିଆଯାଇଥିବା ଅଧିକାର | | | | | | - |
| | | ମୋଟ | | | | ୧.୪୫୮ |

Special Land Acquisition Officer
Jeypore-Malkangiri New B.G. Ram Link Project-cum-Tahasildar, Boipariguda
OIPR-24001/24057/3/25-26/0011

**OFFICE OF THE DIVISIONAL FOREST OFFICER, JEYPORE FOREST DIVISION**
**Email–dfo.Jeypore@odisha.gov.in** 8001/19/2526

Letter No. 649 / Date 31.01.2026

**INVITATION FOR BIDS (IFB)**
**e-Procurement Bid Identification No. DFO(JYP)-FE & CC- /2025-26**

Bid Documents consisting of work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in.

| | | | |
|---|---|---|---|
| 1. | Name of the Work | : | Construction of Civil, EI & GPH and Sanitary Works as mentioned in DTCN. |
| 2. | No. of Work | : | 1 No. |
| 3. | Estimated Cost | : | Rs. 46.14868/- Lakhs (1 no) |
| 4. | No. of Covers | : | Single Cover |
| 5. | Class of Contractor | : | 'C' & 'B' Class Contractor |
| 6. | Period of completion | : | 2 Calendar Month |
| 7. | Date & Time of Bidding | : | 16:00 Hrs of 06.02.2026 to 16:00 Hrs of 12.02.2026 |
| 8. | Last date & time for receipt of bids in portal | : | 16:00 Hrs of 12.02.2026 |
| 9 | Bids received online shall be opened on | : | 11:00 hours of 13.02.2026 |
| 10 | Name and address of the officer inviting Bid | : | Divisional Forest Officer, Jeypore Forest Division, Jeypore |

Further details can be seen from the website: www.tendersodisha.gov.in

**Divisional Forest Officer, Jeypore Forest Division**
OIPR-8001/8156/1/25-26/0019

# ଇବ ସେତୁ-ବିଶିଉକ୍ରା ରାସ୍ତା ମରାମତି ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

## ଭାରୀଯାନ ଚଳାଚଳରେ ଅଙ୍କୁଶ ନ ଲାଗିଲେ ରାସ୍ତାରୋକ

ଝାରସୁଗୁଡ଼ା, ୬।୨(ସମିସ)

ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ରମ୍ଭେଲା ପଞ୍ଚାୟତ ଅଧୀନ ଇବ ସେତୁ ଠାରୁ ବିଶିଉକ୍ରା ବସଷ୍ଟାଣ୍ଡ ଯାଏଁ ଭାରୀଯାନ ଚଳାଚଳ ଫଳରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏନେଇ ଶୁକ୍ରବାର ବିଜେଡି ନେତ୍ରୀ ତଥା ବ୍ରଜରାଜନଗରର ପୂର୍ବତନ ବିଧାୟିକା ଅଳକା ମହାନ୍ତିଙ୍କ ନେତୃତ୍ୱରେ ରମ୍ଭେଲା ପଞ୍ଚାୟତର ସରପଞ୍ଚ, ସମସ୍ତ ୱାର୍ଡ ସଭ୍ୟ ଏବଂ ଶତାଧିକ ଜନସାଧାରଣ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ରାସ୍ତାର ପୁନଃ ନିର୍ମାଣ ସହ ଭାରୀଯାନ ଚଳାଚଳ ଉପରେ ଅଙ୍କୁଶ ଲଗାଇବା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାସହ ୭ ଦିନ ମଧ୍ୟରେ ସମସ୍ୟା ସମାଧାନ ନହେଲେ ରାସ୍ତାରୋକ କରିବା ନେଇ ଚେତାବନୀ ଦେଇଛନ୍ତି। ଇବ ସେତୁ-ବିଶିଉକ୍ରା ବସଷ୍ଟାଣ୍ଡ ରାସ୍ତା ଉପରେ ପ୍ରତିଦିନ ହଜାର ହଜାର ଲୋକ ନିର୍ଭର କରିଥାନ୍ତି। କିନ୍ତୁ ବିଗତ କିଛି ବର୍ଷ ହେଲା ଏହି ରାସ୍ତାରେ କ୍ଷମତା ଠାରୁ ଅଧିକ କୋଇଲା ଓ ପାଉଁଶ ବୋଝେଇ ଭାରୀଯାନ ଚଳାଚଳ କରୁଛି। ଫଳରେ ରାସ୍ତାରେ ବଡ ବଡ ଖାଲ ସୃଷ୍ଟି ହେବା ସହିତ ପାଉଁଶ ଓ କୋଇଲା ଗୁଣ୍ଡ ପଡ଼ି ରାସ୍ତାରେ ପ୍ରଦୂଷଣ ହେଉଛି। ଫଳରେ ଏହି ରାସ୍ତାରେ ପ୍ରତିଦିନ ଛୋଟବଡ ଦୁର୍ଘଟଣା ଘଟି ଅମୂଲ୍ୟ ଧନଜୀବନ ନଷ୍ଟ ହେଉଛି। ବିଶେଷତଃ ବାଇକ ଆରୋହୀଙ୍କ ପାଇଁ ରାସ୍ତାଟି ମରଣଯନ୍ତା ପାଲଟିଛି। ବେଆଇନ ଭାବେ ରାସ୍ତାକଡରେ ଶହ ଶହ ଟ୍ରକ ଛିଡା ହେବାଫଳରେ ଜରୁରୀକାଳୀନ ସେବା ମଧ୍ୟ ଅନେକ ସମୟରେ ବାଧାପ୍ରାପ୍ତ ହେଉଥିବା ନେଇ ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ଏଣୁ ଆସନ୍ତା ୭ଦିନ ମଧ୍ୟରେ ଏହି ରାସ୍ତାର ନିର୍ମାଣ ଓ କମ୍ପାନୀ ମାନଙ୍କର କୋଇଲା ବୋଝେଇ ଭାରୀଯାନ ନିୟନ୍ତ୍ରଣ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଗଲେ ରମ୍ଭେଲା ପଞ୍ଚାୟତ ସମେତ ସ୍ଥାନୀୟ ଅଞ୍ଚଳବାସୀ ଉଭୟ ସେତୁ ନିକଟରେ ଥିବା ବିଟ ହାଉସରେ ରାସ୍ତା ଅବରୋଧ କରିବା ନେଇ ଚେତାବନୀ ଦେଇଛନ୍ତି। ଏହାସହ ଦାବିପତ୍ରର ନକଲ ମୁଖ୍ୟମନ୍ତ୍ରୀ, ବରଗଡ଼ ସାଂସଦ, ମାନବଧିକାର କମିଶନ, ଆରଡିସି ସମ୍ବଲପୁର, ବିଧାୟକ ବ୍ରଜରାଜନଗର, ତହସିଲଦାର ଲଖନପୁର, ଏସପି ଝାରସୁଗୁଡ଼ା, ଆରଟିଓ ଝାରସୁଗୁଡ଼ାଙ୍କୁ ପ୍ରଦାନ କରାଯାଇଛି ଓ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ ସମୟରେ ବିଜେଡି ନେତ୍ରୀ ତଥା ପୂର୍ବତନ ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି, ରମ୍ଭେଲା ସରପଞ୍ଚ ବିମଳା କିଷାନ, ସଙ୍ଗୀତା ଭୁଏ, ପ୍ରତିମା ଭୋଇ, ପ୍ରଭାସିନୀ ଛୁରିଆ ପ୍ରମୁଖଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟ ଓ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।



# ଷ୍ଟେସନ ମ୍ୟାନେଜରଙ୍କୁ ଗ୍ରାମବାସୀଙ୍କ ଅଭିଯୋଗ

**ଝାରସୁଗୁଡ଼ା, ୬।୨(ସମିସ):** ଦକ୍ଷିଣ ପୂର୍ବ ହାୱାଡା-ବମ୍ବେ ମୁଖ୍ୟ ରେଳପଥ ଚକ୍ରଧରପୁର ଡିଭିଜନ ଅଧୀନ ଧୁତରା ଷ୍ଟେସନରେ ଯାତ୍ରୀଙ୍କୁ ନାହିଁ ନ ଥିବା ଅସୁବିଧା ସମ୍ମୁଖୀନ ହେବାକୁ ପଡୁଛି। ରାସ୍ତାରୁ ଷ୍ଟେସନକୁ ଗଲା ବେଳେ ନିର୍ଦ୍ଦିଷ୍ଟ ପ୍ରବେଶଦ୍ୱାରଟିଏ ନାହିଁ। ଷ୍ଟେସନର ଚାରି ପାର୍ଶ୍ୱରେ ଗଛଲତା ଜଙ୍ଗଲ ପରି ଘେରି ରହିଛି। ଷ୍ଟେସନରେ ବିଜୁଳି ଆଲୁଅ ବ୍ୟବସ୍ଥା ଠିକ ନାହିଁ। ଏହା ଯାତ୍ରୀଙ୍କ ପାଇଁ ବଡ ସମସ୍ୟାର କାରଣ ହେବାସହ ଯାତ୍ରୀ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଷ୍ଟେସନରେ ୧୦ ଏଚପିର ପାଣି ପମ୍ପ ସହ ବଡ ବଡ ଚାରି ପାଞ୍ଚଟି ପାଣି ଟାଙ୍କି ଲାଗିଛି; ମାତ୍ର ଦୀର୍ଘ ୫ ବର୍ଷ ହେଲା ଷ୍ଟେସନରେ ପିଇବା ପାଣିର ଯୋଗାଡ଼ ଅସମ୍ଭବ ହୋଇ ପଡ଼ିଛି। ପ୍ଲାଟଫର୍ମରେ ଥିବା ଗଛମାନଙ୍କରେ ଉଇହୁଙ୍କା ସହ ଅନାବନା ଗଛମାନ ପୁରିରହିଛି। ଷ୍ଟେସନରେ ତିନି ଚାରି ମହଲା ବଡ ବଡ କୋଠା ସହ ୨-୨ଟି ଡାକବାଜି ଯନ୍ତ୍ର ଲାଗିଛି। ହେଲେ ସୁଦ୍ଧା ଟ୍ରେନର ଗମନାଗମନର ସୂଚନା ପ୍ରଚାର ଠିକ୍‌ରେ ଶୁଣିବାକୁ ମିଳୁନାହିଁ। ପାଞ୍ଚ ଛଅଟି ପ୍ଲାଟଫର୍ମ ରହିଛି କିନ୍ତୁ ବସିବା ପାଇଁ ଠିକ ଭାବେ ସିଟ ନାହିଁ। ଷ୍ଟେସନରୁ ମାତ୍ର ଶହେ ମିଟର ନିକଟରେ ଥିବା ଧୁତରା ଅଲଟ୍ରାଟେକ ସିମେଣ୍ଟ କାରଖାନାରୁ ରେଳବିଭାଗକୁ ମାସରେ ପାଞ୍ଚ କୋଟିର ଉର୍ଦ୍ଧ୍ୱ ରାଜସ୍ୱ ଆଦାୟ ହେଉଛି। ତଥାପି କାରଖାନା କର୍ମଚାରୀଙ୍କ ରେଳରେ ଗମନାଗମରେ ସୁବିଧା ହୋଇ ପାରୁ ନାହିଁ। ଧୁତରା ରେଳଷ୍ଟେସନ ଉପରେ ଧୁତରା ତଥା ଆଖପାଖ ଅଞ୍ଚଳବାସୀ ନିର୍ଭର କରୁଥିବା ବେଳେ ଷ୍ଟେସନଟି ଜର୍ଜରିତ ଅବସ୍ଥାରେ ପଡ଼ି ରହିଛି। ଏଣୁ ଏହାକୁ ନେଇ ଆଜି ଅପରାହ୍ଣ ୫ ଟାରେ ଗାଁର କେତେକ ବରିଷ୍ଠ ଓ ବିଶିଷ୍ଟ ତଥା ଯୁବଗୋଷ୍ଠୀ ସହ ଷ୍ଟେସନ ମ୍ୟାନେଜର ଅରୁଣ କାଙ୍ଗାରୀ ସହିତ ଆଲୋଚନାକରି ସମସ୍ୟାଗୁଡ଼ିକୁ ଅବଗତ କରିଥିଲେ।



**ରେଳଯାତ୍ରା ସମସ୍ୟା**

## ଟାଟା ପାୱାର ପକ୍ଷରୁ ଉପଭୋକ୍ତାଙ୍କୁ ପୁରସ୍କାର



**ପଦ୍ମପୁର, ୬।୨(ସମିସ):** ଟାଟା ପାୱାର ବିଦ୍ୟୁତ ବିଭାଗ ତରଫରୁ ପଦ୍ମପୁର ଅଫିସ ଠାରେ ଖୁଲଜା ସିମ ସିମ ମାସିକ ପୁରସ୍କାର ଯୋଜନାର ଆୟୋଜିତ ହୋଇଛି। ଯେଉଁ ବିଦ୍ୟୁତ ଉପଭୋକ୍ତା ତାଙ୍କର ବିଦ୍ୟୁତ ଶୁଳ୍କ ବକେୟା ରଖୁ ନ ଥିବେ, ଟାଟା ପାୱାର ପକ୍ଷରୁ ତାଙ୍କୁ ଚିହ୍ନଟ କରି ଖୁଲଜା ସିମ ସିମ ଯୋଜନାରେ ପୁରସ୍କୃତ କରାହୋଇଛି। ଏହି ଯୋଜନାରେ ପଦ୍ମପୁର ଶାନ୍ତି ନଗର ବାସିନ୍ଦା ଘନଶ୍ୟାମ ପୁଞ୍ଜିଙ୍କୁ କମ୍ପାନୀ (ଟିପିଡବ୍ଲ୍ୟୁଓଡିଏଲ୍) ତରଫରୁ ଗୋଟିଏ ନେକବ୍ୟାଣ୍ଡ ବ୍ଲୁଟୁଥ ଚତୁର୍ଥ ପୁରସ୍କାର ଭାବେ ପ୍ରଦାନ କରାହୋଇଛି। ପୁରସ୍କାର ପାଇବା ପରେ ଶ୍ରୀ ପୁଞ୍ଜି ବିଦ୍ୟୁତ କର୍ମଚାରୀଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ଜନସାଧାରଣଙ୍କୁ ଠିକ୍ ସମୟରେ ବିଦ୍ୟୁତ ଦେୟ ଦେଇ ଏହି ଯୋଜନାର ଲାଭ ଉଠାଇବାକୁ ଅନୁରୋଧ କରିଥିଲେ।

## କୃଷକ ସ୍ୱାର୍ଥରେ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ବାତିଲ ଦାବି

**ଝାରବନ୍ଧ, ୬।୨(ସମିସ):** ଦେଶୀ କୃଷକମାନଙ୍କ ହିତ ସୁରକ୍ଷା ପାଇଁ ଭାରତ-ଆମେରିକା କୃଷିଜାତ ବାଣିଜ୍ୟ ଚୁକ୍ତିକୁ ବାତିଲ କରିବା ଦାବିରେ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଝାରବନ୍ଧ ତହସିଲଦାରଙ୍କ ମାଧ୍ୟମରେ ଦାବିପତ୍ର ପ୍ରଦାନ କରାଯାଇଛି। ମୋର୍ଚ୍ଚା ପକ୍ଷରୁ ଦିଆଯାଇଥିବା ଦାବିପତ୍ରରେ କୁହାଯାଇଛି ଯେ, ଭାରତ କୃଷିପ୍ରଧାନ ଦେଶ ହେଲେ ମଧ୍ୟ କୃଷକମାନେ ନ୍ୟାୟ ସଂଗତ ଫସଲ ମୂଲ୍ୟରୁ ବଞ୍ଚିତ ହେଉଛନ୍ତି। ବଜାର ବ୍ୟବସ୍ଥାର ଦୂରବସ୍ଥା, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସୁରକ୍ଷା ବ୍ୟବସ୍ଥାର ଅଭାବ ଓ ସରକାରୀ ସବସିଡି ବଣ୍ଟନରେ ଅନିୟମିତତା କୃଷକମାନଙ୍କୁ ଆର୍ଥିକ ଭାବେ ଅସ୍ଥିର କରିଛି। ସେମାନେ ଅଭିଯୋଗ କରିଛନ୍ତି ଯେ, ଆମେରିକାରେ ଭାରୀ ସବସିଡି ସହିତ ଉତ୍ପାଦିତ ମକା, ସେଓ, ଗହମ, କପାସ, ସୋୟାବିନ ଓ ଦୁଗ୍ଧଜାତ ପଦାର୍ଥ କମ ଦାମରେ ଭାରତୀୟ ବଜାରକୁ ପ୍ରବେଶ କଲେ ଦେଶୀ କୃଷକମାନେ ଅସୁବିଧାରେ ପଡ଼ିବେ। ଏହାର ପରିଣାମରେ କୃଷକମାନେ ଋଣରେ ବୁଡି ଚାଷ ଛାଡିବାକୁ ବାଧ୍ୟ ହେବାର ସମ୍ଭାବନା ଥିବା କୁହାଯାଇଛି। କୃଷକଙ୍କ ହିତରେ ଫସଲର ନ୍ୟୁନତମ ସମର୍ଥନ ମୂଲ୍ୟକୁ ଆଇନଗତ ଗାରେଣ୍ଟି ଦେବା ସହିତ ସୁଦୃଢ଼ ବଜାର ବ୍ୟବସ୍ଥା ଗଠନ କରିବାକୁ ମୋର୍ଚ୍ଚା ପକ୍ଷରୁ ଜୋର ଦିଆଯାଇଛି। ଉକ୍ତ ବାଣିଜ୍ୟ ଚୁକ୍ତି କୃଷି ଓ କୃଷକ ବିରୋଧୀ ଥିବାରୁ ଏହାକୁ ତୁରନ୍ତ ବାତିଲ କରିବାକୁ ଦାବି ହୋଇଛି। ଏହି ସମୟରେ ରମେଶ ମହାପାତ୍ର, ଅରବିନ୍ଦ ପଣ୍ଡା ଓ ଆଇନ ପରାମର୍ଶଦାତା ଅଜିତ ଶତପଥୀ ଉପସ୍ଥିତ ଥିଲେ।



**ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ କିଷାନ ମୋର୍ଚ୍ଚାର ଦାବିପତ୍ର**

## ଆନ୍ତଃ ଜିଲ୍ଲା ଯୁବ ବିନିମୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ବରଗଡ଼, ୬।୨(ସମିସ):** ଭାରତ ସରକାରଙ୍କ ଯୁବ ଏବଂ ଖେଳ ମନ୍ତ୍ରଣାଳୟର ଅଧୀନରେ କାର୍ଯ୍ୟ କରୁଥିବା 'ମେରା ଯୁବ ଭାରତ' ବରଗଡ଼ ଦ୍ୱାରା ୫ ଦିବସୀୟ ପ୍ରଶିକ୍ଷଣ ଶିବିର ସ୍ଥାନୀୟ ଭିଡି ପ୍ଲେସରେ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ମଧୁଛନ୍ଦା ସାହୁ, ବୟନିକା ନିର୍ଦ୍ଦେଶକ ସଞ୍ଜୟ ମେହେର, ତ୍ରିଲୋଚନ ଶତପଥୀ, ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ ମୋହନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଯୁବ କେନ୍ଦ୍ରର ଜିଲ୍ଲା ଯୁବ ଅଧିକାରୀ କମଳ ସା ସମସ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପ୍ରାୟ ୩୭ ଜଣ ଯୁବ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ଜିଲ୍ଲା ଭିତରେ ଭାଷା, ସାହିତ୍ୟ, କଳା, ସଂସ୍କୃତି, ପରମ୍ପରା, ଇତିହାସର ଆଦାନ ପ୍ରଦାନ ଶିବିରର ମୂଳ ଉଦ୍ଦେଶ୍ୟ ଥିଲା। ମୁଖ୍ୟ ଅତିଥି ଶ୍ରୀ ଆଚାର୍ଯ୍ୟ ଯୁବଗୋଷ୍ଠୀଙ୍କୁ ନିଶା ନିବାରଣ ଦ୍ୱାରା ସୁସ୍ଥ ସମାଜ ଗଠନ ପାଇଁ ପ୍ରେରଣା ଦେଇଥିଲେ। ମୁଖ୍ୟବକ୍ତା ସ୍ୱାବଲମ୍ବୀ ହେବାପାଇଁ ଆହ୍ୱାନ ଦେଇଥିଲେ। ବୟନିକା ତରଫରୁ ହାତ ବୁଣା ରୁମାଲ୍ ସମସ୍ତଙ୍କୁ ବଣ୍ଟନ ହୋଇଥିଲା। କାର୍ଯ୍ୟକ୍ରମରେ ମେରା ଯୁବ ଭାରତର ସ୍ୱେଚ୍ଛାସେବୀ ଅନିଲ ସାହୁ, ଆଶୀର୍ବାଦ ମହାପାତ୍ର, ଦୁର୍ଯ୍ୟୋଧନ ପାଣ୍ଡେ, ଛନ୍ଦାଚରଣ ଭୋଇ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ତ୍ରିଲୋଚନ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଲଖମରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ପରୀକ୍ଷା ପେ ଚର୍ଚ୍ଚା'

**ପଦ୍ମପୁର, ୬।୨ (ସମିସ):** ପଦ୍ମପୁର ଉପଖଣ୍ଡ ଲଖମରା ସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚଳିତ ମାସରେ ହେବାକୁ ଥିବା ବୋର୍ଡ ପରୀକ୍ଷାରେ ବିଦ୍ୟାର୍ଥୀଙ୍କ ଦିଗଦର୍ଶନ ପାଇଁ 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ ମିଶ୍ରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ଜମଲା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ଇତିହାସ ଅଧ୍ୟାପକ ବିରଜା ପ୍ରସାଦ ଦଳପତ, ଅଞ୍ଚଳ ମହାବିଦ୍ୟାଳୟ ପଦ୍ମପୁରର ଇଂରାଜୀ ଅଧ୍ୟାପକ ସମୀର ନାଗ, ଅର୍ଥନୀତି ଅଧ୍ୟାପକ ଲଲାଟେନ୍ଦୁ ପ୍ରଧାନ, ତୋରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷା ବିଭାଗ ଅଧ୍ୟାପିକା ଜୁଲନା ପତି ଓ ଝାରବନ୍ଧ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ଅଧ୍ୟାପକ ମନୋଜ ସାଗର ଯୋଗ ଦେଇଥିଲେ। ବିଦ୍ୟାର୍ଥୀଙ୍କୁ ପରୀକ୍ଷା ପ୍ରସ୍ତୁତି ସମ୍ବନ୍ଧୀୟ ଆଲୋଚନା ଦିଗଦର୍ଶନ ଦେଇଥିଲେ। ଅଧ୍ୟାପକ, ଅଧ୍ୟାପିକା ମାନେ ବିଦ୍ୟାର୍ଥୀଙ୍କ ସନ୍ଦେହ ମୋଚନ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ଧର୍ମେନ୍ଦ୍ର ଖମାରୀ ସଂଯୋଜନା କରିଥିବା ବେଳେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ବୃନ୍ଦ ସହଯୋଗ କରିଥିଲେ।

## ନାବାଳିକା ନିଖୋଜ ଘଟଣାରେ ଯୁବକ କୋର୍ଟ ଚାଲାଣ

**ଭେଡେନ, ୬।୨(ସମିସ):** ଭେଡେନ ଥାନା ଅଧୀନ ଚିଚିଣ୍ଡା ଗାଁର ଏକ ନାବାଳିକା ଝିଅ ନିଖୋଜ ଘଟଣାରେ ପପଙ୍ଗା ଗାଁର ଭାବଗ୍ରାହୀ ଛୁରିଆ (୨୫)କୁ ଭେଡେନ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗତ ଜାନୁଆରୀ ୪ରେ ନାବାଳିକା ଜଣକ ନିଜ ଘରୁ ନିଖୋଜ ହୋଇଯାଇଥିଲେ। ମାସେରୁ ଅଧିକ ହେବ ଘରଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ଝିଅକୁ ପାଇ ନଥିଲେ। ନିଖୋଜ ନାବାଳିକାର ବାପା ଏନେଇ ଭେଡେନ ଥାନାରେ ଲିଖିତ ଭାବେ ଅଭିଯୋଗ କରିଥିଲେ। ଭେଡେନ ଥାନା ଅଧିକାରୀ ଶଶୀଭୂଷଣ ମିଶ୍ରଙ୍କ ନିର୍ଦ୍ଦେଶରେ ଏସଆଇ ଦୀପକ ସାହୁ ଓ ପୁଲିସ ଟିମ ତଦନ୍ତ କରିଥିଲେ। ବିଶେଷସୂତ୍ରରୁ ଖବର ପାଇ ପୁଲିସ ପପଙ୍ଗା ଗାଁର ଭାବଗ୍ରାହୀ ଛୁରିଆର ଘରୁ ଝିଅକୁ ଉଦ୍ଧାର କରି ଅଭିଯୁକ୍ତକୁ ଗିରଫ କରି ଭେଡେନ ଥାନାକୁ ଆଣିଥିଲେ। ଭେଡେନ ଥାନାରେ ଏକ ମାମଲା ରୁଜୁ କରି ଆଜି ଯୁବକକୁ କୋର୍ଟ ଚାଲାଣ କରାଯାଇଛି।



## ଜନ୍ମାଜୟ ବହିଦାରଙ୍କ ପରଲୋକ

**କୋଲାବିରା, ୬।୨(ସମିସ):** କୋଲାବିରା ଜମିଦାରପଡ଼ା ନିବାସୀ ସେବା ନିବୃତ୍ତ ଆଦର୍ଶ ଶିକ୍ଷକ ତଥା କୋଲାବିରା ଗାଁର ସର୍ବ ବରିଷ୍ଠ ନାଗରିକ ଜନ୍ମାଜୟ ବହିଦାରଙ୍କ ୯୫ ବର୍ଷ ବୟସରେ ପରଲୋକ ହୋଇଛି। ଅଳ୍ପ କିଛିଦିନ ହେଲା ସେ ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା ଭୋଗ କରୁଥିଲେ। ୧୯୮୬ ମସିହାରେ ସେ ପ୍ରଧାନଶିକ୍ଷକ ଭାବେ ସେବା ନିବୃତ୍ତ ହୋଇଥିଲେ। ଅବସର ପରେ ସେ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ସହିତ ଜଡିତରହି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ନିୟୋଜିତ ଥିଲେ। କୋଲାବିରାରେ ସହିଦ କରୁଣାକର ସ୍ମୃତି ଟ୍ରଷ୍ଟ ଗଠନ ସହିତ ଟ୍ରଷ୍ଟର ମାର୍ଗଦର୍ଶକ ଭାବେ ରହିଥିଲେ। ମୃତ୍ୟୁଶଯ୍ୟା ନିକଟରେ ଦୁଇପୁଅ ସମେତ ଝିଅ ତଥା ନାତି ନାତୁଣି ଉପସ୍ଥିତ ଥିଲେ। କୋଲାବିରା ତେଲେନ ନଦୀକୂଳ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ ପୁଅ ବେଲା ମୁଖାଗ୍ନି ଦେଇଥିଲେ। ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂ, ସୁଶିଲ ଦାସ, ବୀରେନ୍ଦ୍ର ମହାପାତ୍ର, ଅଶୋକ ବେହେରା, ନବୀନ ଚନ୍ଦ୍ର ନାଏକ, ମନୋଜ ପ୍ରଧାନ ପ୍ରମୁଖଙ୍କ ସମେତ ବହୁ ଗ୍ରାମବାସୀ ଶେଷଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଜଣାଇ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ। ତାଙ୍କର ମୃତ୍ୟୁ ଖବର ପ୍ରସାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।



## ଜଙ୍ଗଲ ନିଆଁ ନିରାକରଣ ପାଇଁ ସଚେତନତା

**ଝାରସୁଗୁଡ଼ା, ୬।୨(ସମିସ):** ଝାରସୁଗୁଡ଼ା ବନଖଣ୍ଡ ବାଗଡ଼ିହି ବନାଞ୍ଚଳ ଅଧୀନରେ ଥିବା ବିଭିନ୍ନ ବନ ସୁରକ୍ଷା ସମିତି ତଥା ଗାଁ ମାନଙ୍କରେ ବାଗଡ଼ିହି ବନାଞ୍ଚଳ ଅଧିକାରିଣୀ ବନ୍ଦନା ପସାୟତଙ୍କ ତତ୍ତ୍ୱାବଧାନରେ ଜଙ୍ଗଲ ନିଆଁ ନିରାକରଣ ଏବଂ ସଚେତନତା ନିମନ୍ତେ ସଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଛି। ଏଥିପାଇଁ ପାଲା ମାଧ୍ୟମରେ ଲୋକମାନଙ୍କୁ ସଚେତନ କରାଯାଉଛି। ଏହି ପରିପ୍ରେକ୍ଷିରେ ଶୁକ୍ରବାର ତାଳମୁଣ୍ଡା ସେକ୍ସନ ଅଧୀନ ବରହାମୁଣ୍ଡା, ବଡଡୁରିଆମ ଏବଂ ବାଗଡ଼ିହି ସେକ୍ସନ ଅଧୀନ ବାବୁଛିପିଡିହି, କାଦୋବାହଳ ଗାଁରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ କିପରି ବାଗଡ଼ିହି ବନାଞ୍ଚଳ ଅଧୀନରେ ଥିବା ଜଙ୍ଗଲ ମାନଙ୍କରେ ନିଆଁ ନ ଲାଗିବ ତାକୁ ଆଖି ଆଗରେ ରଖି ସଚେତନତା ସୃଷ୍ଟି କରାଯାଉଛି। 'ଆସନ୍ତୁ ସମସ୍ତେ ମିଳିମିଶି ଜଙ୍ଗଲକୁ ନିଆଁ ଦାଉରୁ ସୁରକ୍ଷା ଦେବା' ବୋଲି ଆହ୍ୱାନ ଦିଆଯାଇଛି। କାର୍ଯ୍ୟକ୍ରମରେ ବନାଞ୍ଚଳ ଅଧିକାରୀଣି ବନ୍ଦନା ପସାୟତ, ଖୁନ୍ତାମାଲ ସରପଞ୍ଚ ସବ୍ୟସାଚୀ ସାହୁ, ତିଳେଇମାଲ ସରପଞ୍ଚ ଟିକେଶ୍ୱର କଣ୍ଟା ଏବଂ ବାବୁଛିପିଡିହି ସରପଞ୍ଚ ମନୋଜ ବୁଦୁଲା ଯୋଗଦେଇଥିବା ବେଳେ ସେକ୍ସନ ଫରେଷ୍ଟର ଅମୀର ପଟେଲ, ହରେନ୍ଦ୍ର ସାହୁ, ମୁରାରୀ ସାହୁ, ଟିମ ଲିଡର ଚୁଡାମଣି ବେହେରା ଏବଂ ବାଗଡ଼ିହି ବନାଞ୍ଚଳର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।



## ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ରେ 'ଯଶସ୍ୱୀ ଭବ' ସମାରୋହ

**ବରଗଡ଼, ୬।୨(ସମିସ):** ବରଗଡ଼ର ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ରେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ 'ଯଶସ୍ୱୀ ଭବ' ନାମକ ଆଶୀର୍ବାଦ ସମାରୋହ ଆୟୋଜିତ ହୋଇଯାଇଛି। ଆରମ୍ଭରେ ଛାତ୍ରଛାତ୍ରୀ ଭଜନ ପ୍ରସ୍ତୁତ କରିଥିଲେ। ଶିକ୍ଷକ ମାନେ ନିଜ ନିଜର ଉଦ୍‌ବୋଧନ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ସୁବ୍ରତ ସାର୍, ନିକିତା ମ୍ୟାଡମ୍, ନାୟକ ସାର୍, ବିରଜୁ ସାର୍, ଗୀତା ମ୍ୟାଡମ୍, ରେଣୁ ମ୍ୟାଡମ୍, ଦେବବ୍ରତ ସାର୍, ହର୍ଷଲ ସାର୍ ଓ ଶଶୀ ସାର୍ ଛାତ୍ରଛାତ୍ରୀଙ୍କୁ ଜୀବନରେ ଶିଷ୍ଟାଚାର, ପରିଶ୍ରମ ଓ ସଂସ୍କାରର ଗୁରୁତ୍ୱ ବୁଝାଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଚେୟାରମ୍ୟାନ ସୁମନ ସାଓ୍ୱଡିଆ, ଡାଇରେକ୍ଟର ଅଜିତ ପଟ୍ଟନାୟକ, ପ୍ରିନ୍ସିପାଲ କରନ ସାହୁ, ଡାଇରେକ୍ଟର ସିଦ୍ଧାର୍ଥ ସାଓ୍ୱଡିଆ, ଏକାଡେମୀକ କୋର୍ଡିନେଟର ସୀମା ସାହୁ ମଧ୍ୟ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଶେଷରେ ଜାତୀୟ ସଙ୍ଗୀତ ଗାନ ସହ କାର୍ଯ୍ୟକ୍ରମର ପରିସମାପ୍ତି ହୋଇଥିଲା।




## ଆଜିଠୁଁ ତାଳପଦରରେ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ

**ବିଜେପୁର, ୬।୨(ସମିସ):** କଳା, ସାହିତ୍ୟ, ସଂସ୍କୃତିର ପୁନଃରୁଦ୍ଧାର ସହ ପ୍ରଚାର ପ୍ରସାର କରିବା ଦିଗରେ ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ତାଳପଦର ଗାଁରେ ଆୟୋଜିତ ଉତ୍ତାଳଗଡ଼ ଉଚ୍ଛବ ପ୍ରମୁଖ ଭୂମିକା ଗ୍ରହଣ କରି ଆସୁଛି। ଗ୍ରାମାଞ୍ଚଳର ବିଶୁଦ୍ଧ ସଂସ୍କୃତିରେ ନାଟକ ଓ ଲୋକକଳାର ମିଳନରେ ଦୀର୍ଘ ୧୬ ବର୍ଷ ହେଲା ଆୟୋଜିତ ହେଉଥିବା ଏହି ମହୋତ୍ସବ ଆଜିଠାରୁ ପ୍ରାରମ୍ଭ ହେଉଛି। ଏଠାକାର ଯୁବଗୋଷ୍ଠୀଙ୍କ ଉଦ୍ୟମରେ ତଥା ଉତ୍ତାଳଗଡ଼ ନାଟ୍ୟ ସଂସଦର ଆୟୋଜନରେ ୨୦୦୪ ମସିହାରୁ ଏହି ନାଟକ ସଂସ୍କୃତି ମହୋତ୍ସବ ଆୟୋଜିତ ହେଉଛି। ଆର୍ଥିକ ଅସୁବିଧା ଥିଲେ ହେଁ କିଛି ନାଟ୍ୟପ୍ରେମୀଙ୍କ ସହଯୋଗରେ ବହୁ କଷ୍ଟରେ ମହୋତ୍ସବ ଆୟୋଜିତ ହୋଇ ଆସୁଛି। ଏହି ଅଞ୍ଚଳର ପୁରାତନ ନାମ 'ଉତ୍ତାଳଗଡ଼'କୁ ଆଧାର କରି ଏହି ଉତ୍ସବର ଏଭଳି ନାମକରଣ ହୋଇଛି। ସମ୍ବଲପୁରୀ-କୋଶଲି ଭାଷାର ନାଟକ, ଲୋକନୃତ୍ୟ, ଲୋକଗୀତ, ସହିତ ସମ୍ମାନ ସମ୍ବର୍ଦ୍ଧନା ପର୍ବ, ଆଲୋଚନା ଚକ୍ର ଆଦିର ସମନ୍ୱୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏଥିରେ ୨ଶହରୁ ଅଧିକ କଳାକାର ଅଂଶଗ୍ରହଣ କରିବେ। ସର୍ବନିମ୍ନ ୧୦୦୦ ଦର୍ଶକଙ୍କ ପାଇଁ ପ୍ରେକ୍ଷାଳୟରେ ବସି ନାଟକ ଦେଖିବା ବ୍ୟବସ୍ଥା କରାଯାଇଛି। ଆଜି ଶନିବାର ପ୍ରଥମ ଦିବସରେ ଅଦୃଶ୍ୟ ନାଟ୍ୟ ଆଶ୍ରମ ସମ୍ବଲପୁରର ନାଟକ "ଫେର ସେ ଶ୍ରବଣ', ଦହିତା ମହାବିଦ୍ୟାଳୟର 'ନୂଆଁଖାଇର ଭାବ', ଡ୍ରାମା ଚେତନା ସୋହେଲାର 'ବୁକା' ଏବଂ ଦ୍ୱିତୀୟ ଦିବସରେ ଲୁ ପଦ୍ମପୁରର 'ବଳିଦାନ', ବିଣାପାଣି ନାଟ୍ୟ ସଂସଦ ବଡକର୍ଲେ ସୋନପୁରର 'ଗୁଟେରାତିର କଥା' ସମ୍ବଲପୁର ବିଶ୍ୱବିଦ୍ୟାଳୟର ପରଫର୍ମି ଆର୍ଟ ବିଭାଗର 'ଶକୁନ୍ତଳା' ନାଟକ ପ୍ରଦର୍ଶିତ ହେବ।



### ଜଙ୍ଗଲ ଜମି ଦଖଲ ବିରୋଧି ପ୍ରତିବାଦ ସଭା

# ଏପସିଲନ କମ୍ପାନୀକୁ ଇଞ୍ଚେ ଜଙ୍ଗଲ ଜମି ଛଡ଼ାଯିବନି

ଝାରସୁଗୁଡ଼ା, ୬।୨(ସମିସ)

ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ ଶ୍ରିପୁରା ସ୍ଥିତ ଏପସିଲନ କମ୍ପାନୀର ବେଆଇନ ଜଙ୍ଗଲ ଜମି ଦଖଲକୁ ନେଇ ଶୁକ୍ରବାର କମ୍ପାନୀ ସମ୍ମୁଖରେ ଶ୍ରିପୁରା ଗ୍ରାମବାସୀ ପ୍ରତିବାଦ ସଭା ସହିତ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପ୍ରତିବାଦ ସଭାରେ ଓଡ଼ିଶାର ବରିଷ୍ଠ ପରିବେଶବିତ ପ୍ରଫୁଲ୍ଲ ସାମନ୍ତରାଙ୍କ ସହିତ ଶତାଧିକ ଗ୍ରାମବାସୀ ଏବଂ ବହୁ ପରିବେଶପ୍ରେମୀ ଯୋଗ ଦେଇଥିଲେ। ଏପସିଲନ କମ୍ପାନୀ ଜିଲ୍ଲା ପ୍ରଶାସନର ବିନା ଅନୁମତିରେ ଶ୍ରିପୁରା ଗାଁରେ ଥିବା ଜଙ୍ଗଲ ଜମିକୁ ବେଆଇନ ଭାବେ ଦଖଲଥିଲା। ଶ୍ରିପୁରା ଗ୍ରାମବାସୀ ରାଷ୍ଟ୍ରପତି, କେନ୍ଦ୍ରୀୟ ମାନବ ଅଧିକାର କମିଶନ, ମୁଖ୍ୟମନ୍ତ୍ରୀ, ଜଙ୍ଗଲ ମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ଝାରସୁଗୁଡ଼ା ଜିଲ୍ଲାପାଳଙ୍କୁ ବାରମ୍ବାର ଦାବିପତ୍ର ଦେଇଛନ୍ତି। ଘଟଣାର ତଦନ୍ତ ପାଇଁ ଝାରସୁଗୁଡ଼ା ଜିଲ୍ଲାପାଳ ରାଜ୍ୟ ବନ ବିଭାଗ ଜିଲ୍ଲା ବନଖଣ୍ଡ ଅଧିକାରୀ ଏବଂ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଅଧିକାରୀ ଦ୍ୱୟ କୌଣସି ତଦନ୍ତ ନ କରି ନୀରବ ରହି ଯାଇଥିଲେ। ଏହାପରେ ଶ୍ରିପୁରା ଗ୍ରାମବାସୀ ଜାନୁଆରୀ ୧୫ରେ ଗାଁସଭା କରିଥିଲେ। ଗତ ଫେବୃଆରୀ ୨ରେ ଉକ୍ତ ଜଙ୍ଗଲ ଜମିର ସୁରକ୍ଷା ସହିତ ଏକ ପେଡ ମା କେ ନାମ କାର୍ଯ୍ୟକ୍ରମରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରିଥିଲେ। ଆଜି ପୁଣି ଶ୍ରିପୁରା ଗ୍ରାମବାସୀ, ଜନ ପ୍ରତିନିଧି ଏକଜୁଟ ହୋଇ ଏପସିଲନ କମ୍ପାନୀ ସମ୍ମୁଖରେ କମ୍ପାନୀ ଦ୍ୱାରା ବେଆଇନ ଜଙ୍ଗଲ ଜମିଦଖଲ, ରୋପଣ କରାଯାଇଥିବା ବୃକ୍ଷକୁ କ୍ଷତି ପହଞ୍ଚାଇବା ବିରୋଧ ବିକ୍ଷୋଭ ଏବଂ ପ୍ରତିବାଦ ସଭା କରିଥିଲେ। ଓଡ଼ିଶାର ବିଶିଷ୍ଟ ପରିବେଶବିତ ପ୍ରଫୁଲ୍ଲ ସାମନ୍ତରା ପ୍ରତିବାଦ ସଭାରେ ଯୋଗ ଦେଇଥିଲେ। ଜିଲ୍ଲାରେ ଜଙ୍ଗଲ ଜମିକୁ କମ୍ପାନୀ ଗୁଡ଼ିକ ବେଆଇନ ଦଖଲ କରିବା ସହିତ ଲୋଲୁପ ଦୃଷ୍ଟି ପକାଇଛନ୍ତି ବୋଲି ମତ ପ୍ରକାଶ କରିଥିଲେ। ଜିଲ୍ଲାରେ ପରିବେଶ ପ୍ରଦୂଷଣ ବଢୁ ଥିବାରୁ ଏପସିଲନ କମ୍ପାନୀକୁ ଆରମ୍ଭରୁ ବିରୋଧ କରିବାର ଦରକାର ଥିଲା ବୋଲି କହିଥିଲେ। ଏହାସହ ଆଗାମୀ ଦିନରେ ଶ୍ରିପୁରା ଗ୍ରାମବାସୀ ଏକଜୁଟ ହୋଇ ଏପସିଲନ କମ୍ପାନୀ କବଳରୁ ଜଙ୍ଗଲ ଜମିକୁ ସୁରକ୍ଷା ଦେବାକୁ କହିଥିଲେ। ଶ୍ରିପୁରା ଗ୍ରାମବାସୀଙ୍କ ଏହି ଜଙ୍ଗଲ ଜମି ସୁରକ୍ଷା କାର୍ଯ୍ୟରେ ରାଜ୍ୟର ସମସ୍ତ ପ୍ରକୃତିପ୍ରେମୀ, ପରିବେଶବିତ ସାଥିରେ ରହି ସହଯୋଗ ପ୍ରଦାନ କରିବୁ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ଜିଲ୍ଲା ପ୍ରଶାସନ ଶ୍ରିପୁରା ଗ୍ରାମବାସୀଙ୍କୁ ଏହି ମହତ କାର୍ଯ୍ୟରେ ସହଯୋଗ କରନ୍ତୁ ବୋଲି ପ୍ରଶାସନକୁ ଅନୁରୋଧ କରିଥିଲେ। ଶ୍ରିପୁରା ପଞ୍ଚାୟତ ସରପଞ୍ଚ ଯଶୋବନ୍ତୀ ପାଣ୍ଡେ ଏପସିଲନ କମ୍ପାନୀକୁ ଏକ ଇଞ୍ଚ ଜଙ୍ଗଲ ଜମି ଛଡାଯିବ ନାହିଁ ବୋଲି କହିଛନ୍ତି। ପରିବେଶବିତ ଅନନ୍ତ ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟ ଦିଗାମ୍ବର ମାଝୀ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ମିନତୀ ପାତ୍ର ଦେଶ ଓ ଜାତିର ସମ୍ପତ୍ତି ଏହି ଜଙ୍ଗଲ ଜମି ସୁରକ୍ଷା ଶେଷ ରକ୍ତ ବିନ୍ଦୁ ପର୍ଯ୍ୟନ୍ତ କରାଯିବ ଏବଂ ଆଗାମୀ ପିଢ଼ି ଯେପରି ପ୍ରଦୂଷଣ କବଳରେ ନ ପଡ଼ିବେ ସେଥିପାଇଁ ପ୍ରୟାସ ଜାରିରହିବ ବୋଲି ମତ ପ୍ରକାଶ କରିଛନ୍ତି। ଏହି ବିକ୍ଷୋଭ ଓ ପ୍ରତିବାଦ ସଭାରେ ଶ୍ରିପୁରା ଗାଁର ୫ ଶହରୁ ଅଧିକ ପୁରୁଷ ମହିଳା ଯୋଗ ଦୋଇଥିଲେ। ଜଙ୍ଗଲ ଜମି ଓ ରୋପଣ କରାଯାଇଥିବା ବୃକ୍ଷ ଗୁଡିକୁ ଆଜୀବନ ସୁରକ୍ଷା ଦେବା ପାଇଁ ଶପଥ ନେଇଥିଲେ।



**ଜଙ୍ଗଲ ଜମିରେ ବୃକ୍ଷରୋପଣ କରାଯିବ**

# ମାନବାଧିକାର ପରିଷଦର ମୁକବଧିର ସ୍କୁଲ ପରିଦର୍ଶନ



**ଭବାନୀପାଟଣା, ୬।୨ (ସମିସ):** ଭବାନୀପାଟଣାସ୍ଥିତ ଅନ୍ଧମୁକ, ବଧିର ସ୍କୁଲରେ ଛାତ୍ରୀଙ୍କୁ ନିର୍ଯାତନା ମାମଲାରେ ଭାରତୀୟ ମାନବଧିକାର ରିଷଦର କର୍ମକର୍ତ୍ତାମାନେ ପରିଦର୍ଶନ କରିଛନ୍ତି। ଟିମ୍‌ରେ ଜିଲ୍ଲା ଭାରତୀୟ ମାନବାଧିକାର ପରିଷଦର ଜିଲ୍ଲା ସଂଯୋଜକ ମହମ୍ମଦ ମୁସ୍ତଫା, ମହିଳା ସଭାପତି ପଙ୍କଜିନୀ ନାୟକ, ଜିଲ୍ଲା ମହିଳା କାର୍ଯ୍ୟକାରୀ ସଭାପତି କୁମୁଦିନୀ ମେହେର, ଜିଲ୍ଲା ସଂଯୋଜକ ଧବଳେଶ୍ୱର ପାନ, କୋକସରା ସାଧାରଣ ସମ୍ପାଦକ ମକୁନ୍ଦ ହଂସ, ଉପସଭାପତି ଚୈତନ୍ୟ ନାଏକ ଏବଂ ସମସ୍ତ ସକ୍ରିୟ ସଭ୍ୟ ପ୍ରଦ୍ୟୁମ୍ନ ତାଣ୍ଡି, ଗଜାନନ ସାହୁ, ସରିତା ମାଝୀ ଉପସ୍ଥିତ ଥିଲେ। ଉକ୍ତ ପରିଦର୍ଶନରେ ସ୍କୁଲ ଓପିଲାମାନଙ୍କର ପରିବେଶ ପରିସ୍ଥିତି ଉପରେ ଆଲୋକପାତ ହୋଇଥିଲ। କିନ୍ତୁ ଦୁଃଖର ବିଷୟଉକ୍ତ ସ୍କୁଲର ବାରଣ୍ଡା ଓ ଛାତଫାଟି ବିପଦସଂକୁଳ ଅବସ୍ଥାରେ ଅଛି। ଦ୍ୱିତୀୟତଃ ସ୍କୁଲ ପରିସରର ପରିବେଶ ପରିଚ୍ଛନ୍ନର ଅଭାବ ଏବଂ ପିଲାମାନଙ୍କର ପୋଷାକ ପରିଚ୍ଛଦ ଉପରେ ଅବହିତ ପରିଲକ୍ଷିତ ମନେ କରାଯାଏ। ସରକାରଙ୍କୁ ଭାରତୀୟ ମାନବାଧିକାର ପରିଷଦ ତରଫରୁ ଅନୁରୋଧ, ଯଥାସମ୍ଭବ ଉକ୍ତ ସ୍କୁଲ ଓ ପିଲାଙ୍କ ଭବିଷ୍ୟତ ଉପରେ ଦୃଷ୍ଟି ଆକର୍ଷଣ କରିବାକୁ ଅନୁରୋଧ କରାଯାଇଛି।

## ନାବାଳିକା ବିବାହ ବେଳେ ଚାଇଲ୍ଡ ହେଲ୍ପ୍ ଲାଇନ ଓ ପୁଲିସର ଚଢ଼ଉ

# ତଦନ୍ତ ନ କରି ଫେରିଆସିଲା ପ୍ରଶାସନ; ପରେ ହେଲା ବାହାଘର

**ପାଟଣାଗଡ଼, ୬।୨(ସମିସ)**

ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଥାନା ଅଞ୍ଚଳର ଏକ ଗ୍ରାମରେ ଶୁକ୍ରବାର ଜନୈକା ନାବାଳିକାଙ୍କ ଦିନବେଳା ବାହାଘର ଚାଲିଥିଲା। ବାହାବେଦୀ ସଜାଯିବା ସହ ନାବାଳିକାର ହଳଦୀ ମଖା ପ୍ରଥା ମଧ ସରିଯାଇଥିଲା।ଆଉ କିଛି ସମୟ ପରେ ନାବାଳିକାକୁ ବିଦା କରିଥାନ୍ତେ। ହେଲେ ଏତିକିବେଳେ କୌଣସି ସୂତ୍ରରୁ ଖବର ପାଇ ପାଟଣାଗଡ଼ ସିଡ଼ିପିଓ ପ୍ରଭାମୟୀ ନାଏକଙ୍କ ନେତୃତ୍ୱରେ ଚାଇଲଡ ହେଲ୍ପ ଲାଇନର ସଦସ୍ୟ ଓ ପୁଲିସ ମିଳିତ ଚଢ଼ଉ କରିଥିଲେ। ତଦନ୍ତ ପ୍ରକ୍ରିୟା ଆରମ୍ଭ ହେଲା ବେଳକୁ ନାବାଳିକାର ବାପା ପ୍ରଶାସନକୁ କୁଣାବରା ଉତ୍ସବ ହେଉଛି କହି ଭଣ୍ଡାଇ ଦେଇଥିଲା।ପ୍ରଶାସନ କେବଳ ନାବାଳିକାଙ୍କ ବାପାଙ୍କ କଥାରେ ପଡ଼ି ପାଖ ପଡୋଶୀଙ୍କୁ ଓ ଗାଁରେ ତଦନ୍ତ ନ କରି ଏକତରଫା ଭାବେ ନାବାଳିକାଙ୍କ ବାପାଙ୍କ ଠାରୁ ଏକ ଅଣ୍ଡରଟେକିଙ୍ଗ ଲେଖାଇ ନେଇ ମାମଲାକୁ ରଫାଦଫା କରି ଫେରିଆସିଥିଲା। ଅନ୍ୟପଟେ ପ୍ରଶାସନ ଫେରିଗଲା ପରେ ପୁଣି ସାମାଜିକ ରୀତିନୀତିରେ ଉକ୍ତ ନାବାଳିକାଙ୍କ ବାହାଘର ହୋଇଯାଇଥିବା ଜଣାପଡ଼ିଛି। ତେବେ ବାହାଘର ରୀତିନୀତି ଅନୁସାରେ ହୋଇଥିବା ନାବାଳିକାଙ୍କ ହଳଦୀ ମଖା ଫୋଟୋ ସବୁ 'ସକାଳ' ହାତରେ ଲାଗିଛି। ତେବେ ପ୍ରଶାସନ କିଭଳି ତଦନ୍ତ କରି ଫେରିଛି ଓ ଏଭଳି ଏକ ବେଆଇନ କାର୍ଯ୍ୟ ବିରୋଧରେ କାର୍ଯ୍ୟାନୁଷ୍ଠାନ ବଦଳରେ କେଉଁ ଉଦ୍ଦେଶ୍ୟରେ ପରୋକ୍ଷରେ ସମର୍ଥନ ଜଣାଇଛି ତାହା ତଦନ୍ତ ସାପେକ୍ଷ। ଏଥିସହ ବିଶ୍ୱସ୍ତସୂତ୍ରରୁ ମିଳିଥିବା ସୂଚନାନୁସାରେ ଉକ୍ତ ନାବାଳିକା ଜଣକ ତା ବାପାର ଦ୍ୱିତୀୟ ସ୍ତ୍ରୀଙ୍କ ଝିଅ।ଗତ ୧୪ ବର୍ଷ ପୂର୍ବେ ବରଗଡ଼ ଜିଲ୍ଲା ନଅଗାଁ ଅଞ୍ଚଳରେ ନାବାଳିକାଙ୍କ ମାଆକୁ ବାପା କିଛି ଟଙ୍କା ପାଇଁ ବିକ୍ରି କରିଦେଇଥିବା ଅଭିଯୋଗ ହୋଇଛି।ସେଥିପାଇଁ ନାବାଳିକାକୁ ବାପା ନିର୍ଯାତନା ଦେଇଆସୁଥିବା ମଧ ଅଭିଯୋଗ ଉଠିଛି।ବାପାଙ୍କ ଭୟରେ ନାବାଳିକା ଜଣକ ମୁହଁ ଖୋଲିପାରୁନଥିବା କିଛି ପାଖ ପଡୋଶୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି।ଏଥିସହ ବାହା ହୋଇଥିବା ପୁଅ ଜଣକର ଏହା ହେଉଛି ତୃତୀୟ ବିବାହ।ତେବେ ନାବାଳିକା ଝିଅକୁ ଏକ କୁଆଁରୀ ପୁଅ ସହ ବାହା ଦେବା ବଦଳରେ ନାବାଳିକାର ବାପା ତୃତୀୟ ବିବାହ କରୁଥିବା ପୁଅ ଘର ଠାରୁ ଏକ ଲକ୍ଷ ଟଙ୍କା ଆଣି ନାବାଳିକା ଝିଅର ଜୀବନ ସହ ଖେଳ ଖେଳୁଥିବା ଭଳି ଗୁରୁତର ଅଭିଯୋଗ ଉଠିଛି। ତେବେ ପ୍ରଶାସନ ବାଲ୍ୟ ବିବାହ ପ୍ରଥା ରୋକିବା ପାଇଁ ସଚେତନତା ସହ ଦୃଢ କାର୍ଯ୍ୟାନୁଷ୍ଠାନ ନେବାପାଇଁ ବିଭାଗୀୟ ଅଧିକାରୀଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିବା ବେଳେ ତାହା ପାଟଣାଗଡ଼ ଅଞ୍ଚଳରେ ସମ୍ପୂର୍ଣ ଫେଲ ମାରିଥିବା ଦେଖିବାକୁ ମିଳିଛି। ଏ ବିଷୟରେ ସିଡ଼ିପିଓ ପ୍ରଭାମୟୀ ନାୟକଙ୍କୁ ପଚାରିବାରୁ ଅଭିଯୋଗ ପାଇ ପୁଲିସ ସହ ନାବାଳିକାଙ୍କ ଘରକୁ ଯାଇଥିଲୁ। ନାବାଳିକାର ବାପା ଠାରୁ ଅଣ୍ଡରଟେକିଙ୍ଗ ଲେଖାଇ ପଳାଇ ଆସିଲୁ ବୋଲି ସଫେଇ ଦେଇଥିଲେ। ତେବେ ବାହା ବେଦି କାହିଁକି ହୋଇଥିଲା ଓ ପ୍ରଶାସନ ଫେରିଆସିଲା ପରେ ହୋଇଥିବା ବାହାଘର କଥା ପଚାରିବାରୁ ମୁଁ ବାହାବେଦୀ ଦେଖିପାରିଲି ନାହିଁ ଓ ଯଦି ସେମିତି ହୋଇଛି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରକାଶ କରିଥିଲେ। ଏ ଘଟଣାରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାପାଇଁ ସାଧାରଣରେ ଦାବି ହେଉଛି।

# ଆୟୁର୍ବେଦିକ କଲେଜ୍ ହସପିଟାଲ ତୋରଣ ଉଦ୍‌ଘାଟିତ




**ବଲାଙ୍ଗିର, ୬।୨ (ସମିସ) :** ବଲାଙ୍ଗିର ଆୟୁର୍ବେଦ କଲେଜ ହସପିଟାଲର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅବସରରେ ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହଦେଓଙ୍କ ଯୋଗଦାନ ଓ ବିଧାୟକ ପାଣ୍ଠିରୁ ଭାଗରଥି ଛକରେ ବିଶାଳ ତୋରଣ ନିର୍ମାଣର ଉଦ୍‌ଘାଟନ କରାଯାଇ ଜନସାଧାରଣଙ୍କ ପାଇଁ ଉତ୍ସର୍ଗ କରିଯାଇଛି। ଗୁରୁବାର ବିଧାୟକ କଳିକେଶ ନାରାୟଣ ସିଂହଦେଓ ଆୟୁର୍ବେଦିକ କଲେଜରେ ବିଧାୟକଙ୍କ ନିଜସ୍ୱ ପାଣ୍ଠିରେ ହୋଇଥିବା ଜିମ୍ନାସିୟମ ଓ ତୋରଣ ଉଦ୍‌ଘାଟନ କରିବା ପରେ ଶୁକ୍ରବାର ଆୟୁର୍ବେଦିକ ହସପିଟାଲରେ ଅନୁଷ୍ଠିତ ହୋଇଥିବା ଚିକିତ୍ସା ଶିବିରର ଉଦ୍‌ଘାଟନ କରିଥିଲେ।ଉଦ୍‌ଘାଟନ ଉତ୍ସବରେ ବିଧାୟକଙ୍କ ସହିତ ଜିଲ୍ଲା ପରିଷଦ ଅଧକ୍ଷା ଦେବକୀ ସାହୁ ଓ ପୌରାଧକ୍ଷା ଲିକା ସାହୁ ଉପସ୍ଥିତ ଥିଲେ।କାର୍ଯ୍ୟକ୍ରମରେ ବଲାଙ୍ଗିର ଆୟୁର୍ବେଦିକ କଲେଜର ସୁପରିଟେଣ୍ଡେଣ୍ଟ ପ୍ରିନ୍ସିପାଲ ମନୋଜ ସାହୁ ଆଲୁମୁନାଏର ସଭାପତି ଡକ୍ଟର ବାସୁଦେବ ପତିଙ୍କ ସମେତ ଛାତ୍ର ଛାତ୍ରୀଙ୍କ ସମେତ ଅଧାପକ ଓ କର୍ମଚାରୀ ସମେତ ୱାର୍ଡ ନମ୍ବର ୧୮ର କାଉନସିଲର ଗଙ୍ଗାଧର ଚାନ୍ଦ ବରିଷ୍ଠ ସଦସ୍ୟ ନରସିଂହ ବାଗ ବନମାଳି ବାଗ ଉପସ୍ଥିତ ଥିଲେ।

# ଖଡ଼ିଆଳ ବ୍ଲକ୍ 'ସକାଳ' ପ୍ରତିନିଧିଙ୍କ ଅକାଳ ବିୟୋଗ

**ନୂଆପଡ଼ା, ୬।୨(ସମିସ):** ନୂଆପଡ଼ା ଜିଲ୍ଲା ଖଡିଆଳ ବ୍ଲକ ପ୍ରତିନିଧି ସିତାଂଶୁ ଖଣ୍ଡୁଆଳଙ୍କ (୪୫)ଅକାଳ ବିୟୋଗ ଘଟିଛି। ସେ ଦୀର୍ଘ ଦିନ ଧରି ମୁଖକର୍କଟ ରୋଗରେ ପୀଡିତ ଥିବାବେଳେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସପିଟାଲରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି। ସିତାଂଶୁ ଆଜିକୁ ଚାରି ବର୍ଷ



ହେବ ସକାଳର ଖଡିଆଳ ପ୍ରତିନିଧି ଭାବରେ ଦାୟିତ୍ୱ ତୁଲାଉଥିଲେ। ସେ ଜଣେ ମିଷ୍ଟଭାଷୀ, ମେଳାପି, ସରଳ ସ୍ୱଭାବର ଥିଲେ।। ତାଙ୍କର ମରଶରୀର ପୁରୀ ସ୍ୱର୍ଗ ଦ୍ୱାରରେ ସଂସ୍କାର କରାଯାଇଛି। ତାଙ୍କ ବିୟୋଗରେ ଜିଲ୍ଲା ସାମ୍ବାଦିକ ସଂଘ ସହ ଅନ୍ୟାନ୍ୟ ସଂଗଠନ ତରଫରୁ ଶୋକ ବ୍ୟକ୍ତ କରାଯାଇଛି। ଭଗବାନ ତାଙ୍କ ପରିବାର ଲୋକଙ୍କୁ ସାହସ ଏବଂ ଧୈର୍ଯ୍ୟ ଶକ୍ତି ପ୍ରଦାନ କରନ୍ତୁ ବୋଲି ପ୍ରାର୍ଥନା କରାଯାଇଛି।

# ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ପରୀକ୍ଷା ପେ ଚର୍ଚ୍ଚା

**ଭବାନୀପାଟଣା, ୬।୨(ସମିସ):** ଭାରତ ସରକାରଙ୍କ ଉଦ୍ୟମ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଆୟୋଜିତ ପରୀକ୍ଷାପେ ଚର୍ଚ୍ଚା-୨୦୨୬ର ୯ମ ସଂସ୍କରଣ ଭବାନୀପାଟଣା ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ସଫଳତାର ସହ ଆୟୋଜିତ



ହୋଇଯାଇଛି। ଏହି କାର୍ଯ୍ୟକ୍ରମ ମାଧମରେ ଛାତ୍ରଛାତ୍ରୀ ପ୍ରଧାନମନ୍ତ୍ରୀଙ୍କ ସଜୀବ ଆଲୋଚନାକୁ ଧ୍ୟାନପୂର୍ବକ ଅନୁସରଣ କରିଥିଲେ।ପ୍ରଧାନମନ୍ତ୍ରୀ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ଚାପରୁ ମୁକ୍ତ ହୋଇ ଅ।ବିଶ୍ୱାସ ଓ ସକାରାଶକ ଚିନ୍ତାଧାରା ସହ ପଢ଼ିବାକୁ ପ୍ରେରଣା ଦେଇଥିଲେ। ତାଙ୍କ ଉଦ୍‌ବୋଧନରେ ପ୍ରଧାନମନ୍ତ୍ରୀ ସ୍ୱଦେଶୀ ଭାବନା ଉପରେ ଗୁରୁତ୍ୱ ଦେଇ ଛାତ୍ରଛାତ୍ରୀଙ୍କୁ ଦେଶୀ ଉତ୍ପାଦ, ଦେଶୀ ପ୍ରଯୁକ୍ତି ଓ ଭାରତୀୟ ଚିନ୍ତାଧାରାକୁ ଆପଣାଇବାକୁ କହିଥିଲେ। ସେହିପରି ସ୍ୱଚ୍ଛତାକୁ କେବଳ ଏକ ଅଭିଯାନ ନୁହେଁ, ବରଂ ଜୀବନଶୈଳୀର ଅଂଶ କରିବା ଉପରେ ମଧ ଜୋର ଦେଇଥିଲେ। ମାନନୀୟ ପ୍ରଧାନମନ୍ତ୍ରୀ ଆଧୁନିକ ଯୁଗରେ କୃତ୍ରିମ ବୁଦ୍ଧିମତ୍ତା (ଏ.ଆଇ) ର ଗୁରୁତ୍ୱ ଉପରେ ଆଲୋକପାତ କରି ଛାତ୍ରଛାତ୍ରୀଙ୍କୁ ଏଆଇ କୁ ଭୟ କରିବା ନୁହେଁ, ବରଂ ଏହାକୁ ଏକ ସହାୟକ ଉପକରଣ ଭାବେ ବ୍ୟବହାର କରି ସୃଜନଶୀଳତା, ନବଚିନ୍ତନ ଓ ଶିକ୍ଷାରେ ଉନ୍ନତି ଆଣିବାକୁ ପ୍ରେରିତ କରିଥିଲେ। ଏହି ଅବସରରେ ଅଧକ୍ଷ ଭୀମସେନ ପଣ୍ଡା କହିଥିଲେ ଯେ ପରୀକ୍ଷା ପେ ଚର୍ଚ୍ଚା ଛାତ୍ରଛାତ୍ରୀଙ୍କୁ ପରୀକ୍ଷାକୁ ଭୟ ଭାବେ ନୁହେଁ, ବରଂ ନିଜ ଜ୍ଞାନ ପ୍ରଦର୍ଶନର ଏକ ସୁଯୋଗ ଭାବେ ଦେଖିବାର ଦୃଷ୍ଟିକୋଣ ଦେଇଥାଏ। ସେ ଛାତ୍ରଛାତ୍ରୀଙ୍କୁ ସୁସ୍ଥ ଅଧ୍ୟୟନ ଅଭ୍ୟାସ, ସମୟ ପରିଚାଳନା ଓ ମାନସିକ ସନ୍ତୁଳନ ରଖିବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମର ଶେଷରେ ଛାତ୍ରଛାତ୍ରୀ ସ୍ୱଦେଶୀ ଆତ୍ମନିର୍ଭରତା, ସ୍ୱଚ୍ଛତା ଓ ପ୍ରଯୁକ୍ତିର ସଠିକ୍ ବ୍ୟବହାର ସହ ଆତ୍ମବିଶ୍ୱାସରେ ପରୀକ୍ଷା ଦେବାର ପ୍ରତିଜ୍ଞା ଗ୍ରହଣ କରିଥିଲେ। ଏହା ସହ ପରୀକ୍ଷା ପେ ଚର୍ଚ୍ଚା ୨୦୨୬ ସମସ୍ତଙ୍କ ପାଇଁ ଏକ ପ୍ରେରଣାଦାୟକ ଓ ସାର୍ଥକ କାର୍ଯ୍ୟକ୍ରମ ଭାବେ ସଫଳ ହୋଇଥିଲା।

# ଲଣ୍ଡନପଡ଼ା ଜଙ୍ଗଲରୁ ବ୍ୟାପକ ଗଞ୍ଜେଇ ଜବତ

**ବୌଦ୍ଧ, ୬।୨(ସମିସ):** ବୌଦ୍ଧ ଜିଲ୍ଲା ଘଣ୍ଟାପଡ଼ା ପୁଲିସ ନାରାୟଣପ୍ରସାଦ ପଞ୍ଚାୟତ ଲଣ୍ଡନପଡ଼ା (ନାଦେନ୍) ଗ୍ରାମ ନିକଟ ଜଙ୍ଗଲରୁ ବ୍ୟାପକ ଗଞ୍ଜେଇ ଜବତ କରିଛି। ବିଶେଷ ସୂତ୍ରରୁ ଖବର ପାଇ ଜିଲ୍ଲା ଆରକ୍ଷୀଙ୍କ ନିର୍ଦ୍ଦେଶ କ୍ରମେ ବୌଦ୍ଧ ଜିଲ୍ଲା ପୁଲିସ, ଘଣ୍ଟାପଡ଼ା ଥାନା ପୁଲିସ ଓ ଆଇଆରବି ଜବାନ ମିଳିତ ଭାବରେ ଉକ୍ତ ସ୍ଥାନରେ ଚଢ଼ଉ କରିଥିଲେ। ପୁଲିସ ଆସୁଥିବା ଖବର ପାଇ ମାଫିଆମାନେ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ପୁଲିସ ପାହାଡ଼ ଚଢ଼ି ଘଞ୍ଚ ଜଙ୍ଗଲ ମଧ୍ୟରେ ରହିଥିବା ସମସ୍ତ ଗଞ୍ଜେଇ ବସ୍ତା ଜବତ କରିଛି। ତେବେ ସନ୍ଧ୍ୟା ହୋଇଯିବାରୁ ଜଙ୍ଗଲରେ ପୁଲିସ ଓ ଆଇଆରବି ଯବାନ ରାତିରେ ଜଗି ରହିଥିଲେ। ଗୁରୁବାର ସଂଧାରେ ପାହାଡ଼ରୁ ଗଞ୍ଜେଇ ବସ୍ତାକୁ ରାସ୍ତା ପର୍ଯ୍ୟନ୍ତ ଘଣ୍ଟପଡ଼ା ଥାନା ଅଧିକାରୀ ସୌମ୍ୟ ରଞ୍ଜନ ପାତ୍ରଙ୍କ ସମେତ ପୁଲିସ ଓ ଜବାନ ଭାରରେ ବୋହି ଆଣିଥିଲେ। ପରେ ସମସ୍ତ ଗଞ୍ଜେଇ ବସ୍ତାକୁ ଏକ ପିକ୍‌ଅପ୍ ଗାଡିରେ ଘଣ୍ଟାପଡ଼ା ଥାନାକୁ ଅଣାଯାଇଛି। ୧୦୯ଟି ପଲିଥିନ ବସ୍ତାରେ ଗଞ୍ଜେଇ ଥିବା ବେଳେ ଜବତ ଗଞ୍ଜେଇର ପରିମାଣ ଓଜନ ପରେ ଜଣାପଡ଼ିବ ବୋଲି ଥାନା ଅକାରୀ ଶ୍ରୀ ପାତ୍ର ସୂଚାଛନ୍ତି।

# ଯୁବତୀଙ୍କୁ ମରଣାନ୍ତକ ଆକ୍ରମଣ

**କଣ୍ଟାବାଞ୍ଜି, ୬।୨(ସମିସ):** ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ଠାରେ ଶୁକ୍ରବାର ରାତି ପ୍ରାୟ ୭ଟା ସମୟରେ ଜଣେ ୧୮ ବର୍ଷୀୟ ଯୁବତୀ ମରଣାନ୍ତକ ଆକ୍ରମଣ ଉଦ୍ୟମ ହୋଇଛି। ଯୁବତୀ ଜଣକ ତାଙ୍କ ଘର ପଛପଟେ ଚୁଲିକୁ ନିଆଁ ଆଣିବା ପାଇଁ ଯାଇଥିଲେ। ସେହି ସମୟରେ ଜଣେ ଅଜଣା ବ୍ୟକ୍ତି ଯୁବତୀ ଙ୍କୁ ପଛପଟୁ ଆକ୍ରମଣ କରିଥିଲା। ମୁଣ୍ଡକୁ କାଚ ବୋତଲ ମାରି ଗଳା କାଟିବାକୁ ଉଦ୍ୟମ କରି ଫେରାର ହୋଇଯାଇଥିଲା। ଯୁବତୀ ଜଣକ ଦୁର୍ବୃତ୍ତଙ୍କ ଠିକ୍ ଭାବରେ ଚିହ୍ନି ମଧ ପାରିନଥିଲେ। ପରିବାରଲୋକେ ରକ୍ତାକ୍ତ ଅବସ୍ଥାରେ ତାଙ୍କୁ କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଘଟଣାସ୍ଥଳରେ ବଙ୍ଗୋମୁଣ୍ଡା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଦେବାର ବାରିକ ହେଲେ ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ

**କଣ୍ଟାବାଞ୍ଜି, ୬।୨(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳ ଜଣେ ଦୃଢ଼ ସଂଗଠକ ଦେବାର ବାରିକଙ୍କୁ ଶୁକ୍ରବାର ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକ ବଲାଙ୍ଗିର ଜିଲ୍ଲା ବିଜୁ ଜନତା ଦଳ ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ପ୍ରଦାନ କରିଥିବା ନେଇ ଘୋଷଣା କରିଛନ୍ତି। ଶ୍ରୀ ବାରିକ ଦିର୍ଘ ଦିନରୁ କଣ୍ଟାବାଞ୍ଜି ସହରରେ ବିଜୁ ଜନତା ଦଳ ଅନେକ ଦାୟିତ୍ୱରେ ରହିଆସିଛନ୍ତି। ଦଳର ଜଣେ ଶୃଙ୍ଖଳିତ କର୍ମୀ ଭାବେ ଦଳ ତାଙ୍କୁ ଯେଉଁ ଦାୟିତ୍ୱ ଦେଇଛି ସେ ସୁଚାରୁରୂପେ ପାଳନ କରିଛନ୍ତି। ତାଙ୍କୁ ଦାୟିତ୍ୱ ପ୍ରଦାନ କରିଥିବାରୁ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ଆଗାମୀ ଦିନରେ ଦଳୀୟ ସଂଗଠନକୁ ତୃଣମୂଳସ୍ତରରେ ସୁଦୃଢ଼ କରିବେ ବୋଲି ଶ୍ରୀ ବାରିକ କହିଛନ୍ତି।

## ୧୫ରୁ କଳାହାଣ୍ଡିରେ ମୁଖ୍ୟମନ୍ତ୍ରୀ କପ୍ ଖୋ ଖୋ

# ୧୦ରେ ଚୟନ ଶିବିର

**ଭବାନୀପାଟଣା, ୬।୨ (ସମିସ):** ଭବାନୀପାଟଣାସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ଆସନ୍ତା ୧୫ ତାରିଖ ଠାରୁ ମୁଖ୍ୟମନ୍ତ୍ରୀ କପ୍ ଖୋ ଖୋ (୧୪ ବର୍ଷରୁ) କମ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଟିମ୍ ଗଠନ କରିବା ପାଇଁ ଆସନ୍ତା ୧୦ ତାରିଖରେ ଖୋ ଖୋ ବାଳିକା ବାଳିକାମାନଙ୍କର ଚୟନ ପ୍ରକିୟା ଭବାନୀପାଟଣାସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ପୂର୍ବାହ୍ନ ୯ ଟାରେ ଆରମ୍ଭ ହେବ। ଚୟନ ପ୍ରକ୍ରିୟାରେ ଅଂଶ ଗ୍ରହଣ କରିବା ପାଇଁ ବୟସ ପ୍ରମାଣ ପତ୍ର, ଅସଲି ଜନ୍ମପ୍ରମାଣ ପତ୍ର ଏବଂ ଆଧାର କାର୍ଡ ଆବଶ୍ୟକ ଆବଶ୍ୟକ ବୋଲି କୁହାଯାଇଛି। ସେହିପରି ବୟସ ସୀମା ୧.୧.୨୦୧୩ ରୁ ୩୦.୧୨.୨୦୧୬ ପର୍ଯ୍ୟନ୍ତ ହୋଇଥିବା ଆବଶ୍ୟକ ରହିଛି। ଓଡ଼ିଶା ସରକାରଙ୍କ ଖୋ ଖୋ ଆସୋସିଏସନ, କଳାହାଣ୍ଡି ଜିଲା ପ୍ରଶାସନ ଏବଂ ଜିଲ୍ଲା କ୍ରୀଡା ସଂସ୍ଥା ଅନୁକୂଲ୍ୟରେ ଅନୁଷ୍ଠିତ ହେବ ବୋଲି ଶୁକ୍ରବାର କଳାହାଣ୍ଡି ଜିଲା କ୍ରୀଡା ସଂସ୍ଥାର ସାଧାରଣ ସମ୍ପାଦକ ଜଗମୋହନ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ଆମପାଣି ପଥପ୍ରାନ୍ତ ନିକଟରେ ଷ୍ଟ୍ରିଟ୍ ଲାଇଟ ଅଚଳ

**କୋକସରା୬ ।୨(ସମିସ) :** କଳାହାଣ୍ଡି ଜିଲ୍ଲାର ସୀମାନ୍ତ କୋକସରା ବ୍ଲକ ଆମପାଣି ବିଜୁ ଏକ୍ସପ୍ରେସୱେ ଓ ୨୬ ନମ୍ବର ଜାତୀୟ ରାଜପଥର ଜିରୋ ପଏଣ୍ଟ ପଥପ୍ରାନ୍ତ ଛକ ନିକଟରେ ଦୀର୍ଘ ଦିନ ହେବ ଷ୍ଟ୍ରିଟ ଲାଇଟ ଅଚଳ ହୋଇପଡ଼ିଛି। ଯାହା ଫଳରେ ଲୋକେ ରାତିରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୂଚନା ଅନୁଯାୟୀ, ପଥପ୍ରାନ୍ତ ସୁବିଧା କେନ୍ଦ୍ର ଚାଲୁଥିବା ସମୟରେ ଏହି ଲାଇଟ ନିୟମିତ ଜଳି ଆସୁଥିଲା। କିନ୍ତୁ ଯେଉଁ ଦିନଠାରୁ ପଥପ୍ରାନ୍ତ ସୁବିଧା କେନ୍ଦ୍ର ବନ୍ଦ ପଡ଼ିଛି ସେବେଠାରୁ ଏହି ଲାଇଟ ମଧ ଅଚଳ ହୋଇ ପଡ଼ି ରହିଛି। ତେବେ ଲାଇଟ ନ ଜଳିବାରୁ ଜନସଧାରଣ ଅନେକ ହଇରାଣ ହରକତର ସମ୍ମୁଖୀନ ହେଉଛନ୍ତି। ଯେହେତୁ ଏହା ହୋଉଛି ଜଙ୍ଗଲୀ ଇଲାକା, ଏଠାରେ ସନ୍ଧ୍ୟା ହେଲେ ବନ୍ୟ ହିଂସ୍ର ଜୀବଜନ୍ତୁର ଭୟ ରହିଛି। ତେଣୁ ପ୍ରଶାସନ ପକ୍ଷରୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ଅଚଳ ଷ୍ଟ୍ରିଟ ଲାଇଟ କୁ ମରାମତି କରିବା ପାଇଁ ଜନସାଧାରଣ ଦାବି ହୋଇଛି।

# ୧୦ ରୁ ଫାଇଲେରିଆ ନିରାକରଣ ଅଭିଯାନ

**ବଲାଙ୍ଗିର, ୬।୨(ସମିସ):** ବଲାଙ୍ଗିର ଜିଲ୍ଲାରେ ଫାଇଲେରିଆ ନିରାକରଣ ଅଭିଯାନ ଚଳିତ ବର୍ଷ ଫେବୃଆରୀ ୧୦ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ବଲାଙ୍ଗିର ପୌରପରିଷଦ ଅନ୍ତର୍ଗତ ଶାସ୍ତ୍ରୀନଗର, କନ୍ଧପାଲିପଡ଼ା ଓ ଫେବୃଆରୀ ୨୦ ତାରିଖରୁ ମାର୍ଚ୍ଚ ୦୧ ତାରିଖ ପର୍ଯ୍ୟନ୍ତ ଆଗଲପୁର ବ୍ଲକରେ ସାର୍ବଜନୀନ ବାତତ୍ୱର ଔଷଧ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିଲାଗି ଜିଲ୍ଲାପାଳ ଗୌରୱ ଶିବାଜି ଇସଲୱାରଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲ୍ଲାପାଳ ପୁଙ୍ଖାନୁପୁଙ୍ଖ ଭାବେ ସାର୍ବଜନୀନ ବାତତ୍ୱର ଔଷଧ ସେବନ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ।




ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ପରିବାର କଲ୍ୟାଣ ଅଧିକାରୀ ଡାଃ.ପୁଷ୍ପାଞ୍ଜଳି ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅମ୍ରିତ କୁମାର ପଣ୍ଡା ମଞ୍ଚାସୀନ ଥିଲେ। ଏହା ସହ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଚିକିତ୍ସା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ପରିବାର କଲ୍ୟାଣ କାର୍ଯ୍ୟଳୟର ବୈଠକ ଗୃହରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ପରିବାର କଲ୍ୟାଣ ଅଧିକାରୀ ଡାଃ.ପୁଷ୍ପାଞ୍ଜଳି ମିଶ୍ର ନିଜର ବିବୃତିରେ ଫେବୃଆରୀ ୧୦ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ବଲାଙ୍ଗୀର ପୌରପରିଷଦ ଅନ୍ତର୍ଗତ ଶାସ୍ତ୍ରୀ ନଗରରେ ବସବାସ କରୁଥିବା ମୋଟ ୫୮୨୫୨ ଓ କନ୍ଧପାଲିପଡ଼ାର ୫୬୭୮୯ଙ୍କୁ ଓ ଫେବୃଆରୀ ୨୦ ତାରିଖରୁ ମାର୍ଚ୍ଚ ୦୧ ତାରିଖ ପର୍ଯ୍ୟନ୍ତ ଆଗଲପୁର ବ୍ଲକର ମୋଟ ୧୦୪୯୭୭ଜଣଙ୍କୁ ସାର୍ବଜନୀନ ବାତତ୍ୱର ଔଷଧ ସେବନ କାର୍ଯ୍ୟକ୍ରମ ହେବ ବୋଲି ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ପୌରପରିଷଦରେ ୨୧୮ ଓ ଆଗଲପୁର ୩୪୮ ଜଣ ଆଶା, ଅଙ୍ଗନବାଡି ଓ ସ୍ୱାସ୍ଥ୍ୟକର୍ମୀ ନିୟୋଜିତ କରାଯାଇଛି, ଯେଉଁମାନେ ଘରକୁ ଘର ବୁଲି ନିଜ ସମ୍ମୁଖରେ ବୟସ ଅନୁଯାୟୀ ବଟିକା ଲୋକଙ୍କୁ ସେବନ କରେଇବେ। ବଲାଙ୍ଗିର ପୌରପରିଷଦ ଅଞ୍ଚଳରେ ୧୦୯ଟି ଟିମ, ୨୦ଜଣ ସୁପରଭାଇଜର, ୫୬ଟି ଭ୍ରାମ୍ୟମାଣ ଔଷଧ ନିରୀକ୍ଷକ, ୧ଟି ରେପୀଡ ରେସପୋନ୍ସ ଟିମ, ୪ଟି ସୋସିଆଲ ମୋବିଲିଜର ଗଠନ କରାଯାଇଛି। ସେହିପରି ଭାବେ ଆଗଲପୁର ବ୍ଲକରେ ୧୭୪ଟି ଟିମ, ୩୪ଜଣ ସୁପରଭାଇଜର, ୬ଟି ଭ୍ରାମ୍ୟମାଣ ଔଷଧ ନିରୀକ୍ଷକ, ୩ଟି ରେପୀଡ ରେସପୋନ୍ସ ଟିମ, ୬ଟି ସୋସିଆଲ ମୋବିଲିଜର ଗଠନ କରାଯାଇଛି। ଆୟୁର୍ବେଦ ମହାବିଦ୍ୟାଳୟ ଓ ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟର ଛାତ୍ରଛାତ୍ରୀ ଏହି ସାର୍ବଜନୀନ ବାତତ୍ୱର ଔଷଧ ସେବନ କାର୍ଯ୍ୟକ୍ରମରେ ସହଯୋଗ କରିବେ। କାର୍ଯ୍ୟକ୍ରମରେ ଡିପିଏଚଓ, ଡାଃ. ଯଦୁମଣି ନାୟକ, ଏଡିପିଏଚଓ, (ଭିବିଡି), ଡାଃ. ନମିତା ମିଶ୍ର, ଜେଡସି, ହୁ, ଏନଟିଡି, ଡାଃ.ଶ୍ୟାମ ବନ୍ଧୁ ରଥ, ଡିପିଏମ, ଜେ ରାଜେଶ୍?ର ରାଓ ପଟ୍ଟନାୟକ, ଜିଲ୍ଲା ଭିବିଡି ସୁରେଶ ସ୍ୱାଇଁ, ଚିନ୍ମୟ ମହନ୍ତ, ଶ୍ରୀକାନ୍ତ ଯୋଶୀ ତଥା ଗଣମାଧମ ପ୍ରତିନିଧି ଉପସ୍ଥିତ ଥିଲେ।

# ଗୋତମା ସରକାରୀ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ନୂଆପଡ଼ା, ୬।୨(ସମିସ):** ସ୍ଥାନୀୟ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ରଞ୍ଜିତା ପାଣିଗ୍ରାହୀଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଧାୟକ ଜୟ ଢ଼ୋଲକିଆ ମୁଖ୍ୟଅତିଥି, ଶିକ୍ଷାବିତ ଡ.ଶିବ ପ୍ରସାଦ ବେହେରା ମୁଖ୍ୟବକ୍ତା, ବ୍ଲକ ଅଧକ୍ଷା ତାରେଶ୍ୱରୀ ସାହୁ, ଗୋଷ୍ଠୀ ଶିକ୍ଷାଅଧିକାରୀ ଗୀତାରାଣୀ ଯୋଷୀ, ଅବସରପ୍ରାପ୍ତ ଶିକ୍ଷକ ପରମାନନ୍ଦ ସାହୁ, ସଞ୍ଜୟ କୁମାର ପଣ୍ଡା, କାର୍ତିକେଶ୍ୱର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତୀତ୍ୱ ସକାଶେ ଛାତ୍ରଛାତ୍ରୀ, ଅବସରପ୍ରାପ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦ୍ୱିତୀୟାର୍ଦ୍ଧରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଚନ୍ଦ୍ରକଳା ଜଗତ ମୁଖ୍ୟ ଅତିଥି, ଜିଲ୍ଲା ସାମ୍ବାଦିକ ସଂଘ (ଜାନ)ସଭାପତି ଘନଶ୍ୟାମ ଭୋଇ ମୁଖ୍ୟବକ୍ତା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଚୈତରାମ ନାଏକ, ତୁମେର ପାଣି ସିଆରସିସି ମକରଧ୍ୱଜ ବାରିକ, ପୂର୍ବତନ ବିଦ୍ୟାଳୟ ପରିଚାଳନା କମିଟୀ ସଭାପତି ଜୀବନ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ସୁଶାନ୍ତ କୁମାର ମୁଣ୍ଡ ମଞ୍ଚ ପରିଚାଳନା କରିଥିବାବେଳେ ପ୍ରଧାନଶିକ୍ଷକ ପାଣିଗ୍ରାହୀ ଧନ୍ୟବାଦ ଜ୍ଞାପନ କରିଥିଲେ। ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷକଶିକ୍ଷୟିତ୍ରୀ ସ୍ମିତାରାଣୀ ପରିଡ଼ା, ରୁନିପମା ଜେନା, ଗଣେଶ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ରାଜ୍ୟସ୍ତରୀୟ ବାବା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ; ସେମିରେ ଫୁଲବାଣୀ

**ବୌଦ୍ଧ, ୬।୨(ସମିସ)**

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ସରସରା ହାଇସ୍କୁଲ ଖେଳ ପଡ଼ିଆ ଠାରେ ବାବା ବୈଦ୍ୟନାଥ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ବାବା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ଥିଲା ପଞ୍ଚମ ଦିବସ। ପଞ୍ଚମ ଦିନରେ ସ୍ପୋର୍ଟସ ହଷ୍ଟେଲ ଫୁଲବାଣୀ ଦଳ ୪-୦ ଗୋଲରେ ସୋନପୁର ଦଳକୁ ହରାଇ ସେମିଫାଇନାଲରେ ପହଞ୍ଚିଛି। ଆଜିର ଖେଳରେ ମୁଖ୍ୟଅତିଥି ଭାବରେ ଅଲ୍ ଇଣ୍ଡିଆ ଫରେଷ୍ଟ ଫେଡେରେସନର ସାଧାରଣ ସମ୍ପାଦକ ଜଗବନ୍ଧୁ ପାତ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ବୌଦ୍ଧ ଅଣ ଗେଜେଟେଡ ବନସେବା ସଂଘର ସଭାପତି ଯଶୋବନ୍ତ ରଣ ବିଡ଼ା, ରେଞ୍ଜ ଅଫିସର୍ ଆର୍ତ୍ତତ୍ରାଣ ମିର୍ଦ୍ଧା, ସମ୍ବଲପୁର ବନ କର୍ମଚାରୀ ସଂଘ ସଭାପତି ମୋନାଲିସା ସାହୁ, ଧମାର୍ ରେଞ୍ଜ ଅଫିସର୍ ତ୍ରୈଲୋକ୍ୟ ମୁଣ୍ଡା, ବନ ମହାସଂଘ ସଦସ୍ୟ ତଥା ବନପାଳ ପ୍ରସନ୍ନ କୁମାର ପ୍ରଧାନ, ସରସରା ସରପଞ୍ଚ ହରି ନାଏକ ମଞ୍ଚାସୀନ ଥିଲେ। ଶନିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଭୁବନେଶ୍ୱର ଓ ଫୁଲବାଣୀ ଦଳ ମଧ୍ୟରେ ଅନୁଷ୍ଠିତ ହେବ।



# ଜହ୍ନାପଙ୍କ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଉଦ୍‌ଯାପିତ

**ବୌଦ୍ଧ, ୬।୨(ସମିସ):** ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଜହ୍ନାପଙ୍କ ସରକାରୀ ଉଚ୍ଚ ବିଦ୍ୟାଳୟରେ ୨ ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡା ଓ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ମୋ ସ୍କୁଲ ଅଭିଯାନର ସଭାପତି ଉତ୍ସବ ସାହୁ, ସମ୍ମାନିତ ଅତିଥି ଭାବେ



ପୂର୍ବତନ ଏସ୍‌ଏମ୍‌ସି ସଭାପତି ସହସ୍ରାଂଶୁ ମିଶ୍ର, ବୌଦ୍ଧ ବ୍ଲକ ପୂର୍ବତନ ଉପାଧକ୍ଷ ମନୋରଞ୍ଜନ ପୁରୋହିତ, ଏସ୍‌ଏମସି ସଭାପତି ସ୍ୱାଧୀନ କୁମାର ପ୍ରଧାନ, ଅବସରପ୍ରାପ୍ତ ଖେଳ ଶିକ୍ଷକ ଜଗନ୍ନାଥ ବେହେରା, ପୂରାତନ ଛାତ୍ର ମୋହନ କୁମାର ସାହୁ ଯୋଗଦେଇ ଚାମ୍ପିଅନ୍ କନିଷ୍ଠ ବାଳିକା ବିଭାଗରେ ପାୟଲ ପ୍ରଧାନ, କନିଷ୍ଠ ବାଳକ ବିଭାଗରେ ଇନ୍ଦ୍ରଜିତ ବାରିକ, ବରିଷ୍ଠ ବାଳିକା ବିଭାଗରେ ଅଙ୍କିତା ଭୋଇ ଓ ବରିଷ୍ଠ ବାଳକ ବିଭାଗରେ ରାମ କୁମାର ବେହେରାଙ୍କୁ ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ପ୍ରଧାନଶିକ୍ଷକ ପ୍ରମୋଦ କୁମାର ଖମାରୀ ସଭାରେ ଅଧକ୍ଷତା କରିଥିଲେ। ଶିକ୍ଷକ ଜିତେନ୍ଦ୍ର ଦାସ ସ୍ୱାଗତ ଭାଷଣ ଓ ମଞ୍ଚ ପରିଚାଳନା କରିଥିଲେ। ପରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଖେଳକୁ ଖେଳ ଶିକ୍ଷକ ସୁଶାନ୍ତ ବଳ ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷକ ଶିଷୟିତ୍ରୀ ସହଯୋଗ କରିଥିଲେ।

ବ୍ଲାକ୍ ସ୍ୱାନ୍ ଶିଖର ସମ୍ମିଳନୀ

# ଫିନ୍‌ଟେକ୍ ଏବେ ଜୀବନରେଖା: ରାଷ୍ଟ୍ରପତି

## ଡିଜିଟାଲ୍ ସାକ୍ଷରତାକୁ ସ୍କୁଲ ପାଠ୍ୟକ୍ରମରେ ସାମିଲ କରାଯାଉ

## ଖୁବ୍‌ଶୀଘ୍ର ପ୍ରଣୟନ ହେବ ଫିନ୍‌ଟେକ୍ ନୀତି: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୬।୨(ସମିସ): ବର୍ତ୍ତମାନ ପ୍ରଯୁକ୍ତିବିଦ୍ୟା ଅଭୂତପୂର୍ବ ଗତିରେ ବିକଶିତ ହେଉଛି। ନୂତନ ଉଦ୍ଭାବନ ଏତେ ଦ୍ରୁତ ଗତିରେ ହେଉଛି ଯେ ଆମର ବ୍ୟବସ୍ଥା, ଦକ୍ଷତା ଏବଂ ବ୍ୟବସାୟିକ ମଡେଲଗୁଡ଼ିକ ପ୍ରାୟତଃ ଏହା ସହ ତାଳ ଦେବା ପାଇଁ ସଂଘର୍ଷ କରୁଛନ୍ତି। ଗୋଟିଏ ପଟେ ଦ୍ରୁତ ପ୍ରଗତି ହେଉଥିବା ବେଳେ ଅନ୍ୟପଟେ ସାଇବର ସୁରକ୍ଷା ବିପଦ, ଡିପ୍ ଫେକ୍, ଭୁଲ ସୂଚନା ଏବଂ ପ୍ରଯୁକ୍ତିବିଦ୍ୟା ଉପରେ ବର୍ଦ୍ଧିତ ନିର୍ଭରଶୀଳତା ସମେତ ଗମ୍ଭୀର ଆହ୍ୱାନ ମଧ୍ୟ ରହିଛି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ଭୁବନେଶ୍ୱରଠାରେ ଗ୍ଲୋବାଲ ଫାଇନାନ୍ସ ଆଣ୍ଡ ଟେକ୍ନୋଲୋଜି ନେଟୱାର୍କ ସହଯୋଗରେ ଏବଂ ଓଡିଶା ସରକାରଙ୍କ ଦ୍ୱାରା ଆୟୋଜିତ ବ୍ଲାକ ସ୍ୱାନ ସମ୍ମିଳନୀରେ ଯୋଗ ଦେଇ ରାଷ୍ଟ୍ରପତି କହିଛନ୍ତି, ଦ୍ରୁତ ପ୍ରଯୁକ୍ତିବିଦ୍ୟା ଅଭିବୃଦ୍ଧି ଉପରେ ଏକ ସକାରାତ୍ମକ ପ୍ରଭାବ ପକାଇଥାଏ। ଏଭଳି ସ୍ଥିତିରେ ବ୍ଲାକ୍ ସ୍ୱାନ୍ ସମ୍ମିଳନୀ ଭଳି କାର୍ଯ୍ୟକ୍ରମ ଦକ୍ଷତାକୁ ଉପଯୋଗ କରିବା, ନିଯୁକ୍ତି ସୃଷ୍ଟି କରିବା ଏବଂ ଡିଜିଟାଲ୍ ଓ ଆର୍ଥିକ ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ ବୋଲି ରାଷ୍ଟ୍ରପତି ଆଶା ବ୍ୟକ୍ତ କରିଛନ୍ତି।

ରାଷ୍ଟ୍ରପତି କହିଛନ୍ତି, ଅର୍ଥନୀତି ଓ ସମାଜର ସମସ୍ତ ବର୍ଗ ଉପରେ ସକାରାତ୍ମକ ପ୍ରଭାବ ପକାଇବା ପାଇଁ ପ୍ରଯୁକ୍ତିବିଦ୍ୟା ନିକଟରେ ଏକ ବିଶାଳ ସମ୍ଭାବନା ଅଛି। ହେଲେ ଅନେକ ସମୟରେ ଆର୍ଥିକ ଠକେଇ ପାଇଁ ଏହାର ଅପବ୍ୟବହାର ହୋଇପାରେ। ଏପରି ଠକେଇକୁ ରୋକିବା ପାଇଁ ସଜାଗ ଏବଂ ସତର୍କ ରହିବା ଲାଗି ଲୋକମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ଉପରେ ରାଷ୍ଟ୍ରପତି ଗୁରୁତ୍ୱାରୋପ କରିଛନ୍ତି। ଅନଲାଇନ୍ ଆର୍ଥିକ ଠକେଇକୁ ରୋକିବା ପାଇଁ ଡିଜିଟାଲ୍ ଏବଂ ଆର୍ଥିକ ସାକ୍ଷରତା ସୁନିଶ୍ଚିତ କରିବା ଅତ୍ୟନ୍ତ ଜରୁରୀ। ଏହାକୁ ସ୍କୁଲ ପାଠ୍ୟକ୍ରମର ଏକ ଅଂଶବିଶେଷ କରାଯିବା ଆବଶ୍ୟକ ବୋଲି ରାଷ୍ଟ୍ରପତି କହିଛନ୍ତି। ଏହାଦ୍ୱାରା କମ୍ ବୟସରେ ପ୍ରଯୁକ୍ତିବିଦ୍ୟାର ସୁବିଧା ଏବଂ ଅସୁବିଧା ବୁଝିହେବ। ରାଷ୍ଟ୍ରପତି ଆହୁରି କହିଥିଲେ ବର୍ତ୍ତମାନ ଡିଜିଟାଲ ଅର୍ଥ ନେଣଦେଣ ଏକ ସାଧାରଣ ଘଟଣା ହୋଇଯାଇଛି। ମହିଳାମାନେ ମଧ୍ୟ ଏଥିରେ ବଡ଼ ସଂଖ୍ୟାରେ ସାମିଲ ହୋଇଛନ୍ତି। ତେଣୁ "ଫିନଟେକ୍' ଏବେ ଏକ ବୈଷୟିକ ଶବ୍ଦ ନୁହେଁ, ଏହା ଏବେ ଜୀବନରେଖା ପାଲଟିଯାଇଛି। ଏହାସହିତ ଏବେବି ଦୂରଦୂରାନ୍ତ, ଆଦିବାସୀ ଏବଂ ଗ୍ରାମାଞ୍ଚଳରେ ଅନେକ ନାଗରିକ ଡିଜିଟାଲ୍ ଉପକରଣ ସହିତ ପରିଚିତ ନୁହଁନ୍ତି। ବିକାଶ ଯାତ୍ରାରେ ସହଭାଗୀ ହେବା ପାଇଁ ସେମାନଙ୍କୁ ଦକ୍ଷତା ଯୋଗାଇ ଦେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ତା'ପରେ ଯାଇ ଫିନଟେକ୍ ଅନ୍ତର୍ଭୁକ୍ତିକରଣ, ନିଯୁକ୍ତି ସୃଷ୍ଟି ଏବଂ ଉଦ୍ୟୋଗିତାକୁ ପ୍ରୋତ୍ସାହିତ କରିବାର ଏକ ଇଞ୍ଜିନ୍ ହୋଇପାରିବ ବୋଲି ରାଷ୍ଟ୍ରପତି କହିଛନ୍ତି।

କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନତି, ଏହି ଶିଖର ସମ୍ମିଳନୀ ଏକ ସୁରକ୍ଷିତ ଭବିଷ୍ୟତ ପାଇଁ ପଥ ପ୍ରସ୍ତୁତ କରିପାରିବ। ଓଡ଼ିଶା ଏବେ ଏସିଆର ପ୍ରବେଶ ଦ୍ୱାର ଭାବ ଅବସ୍ଥାପିତ ହୋଇଛି। ଶିଳ୍ପ ସଂସ୍ଥାଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରକ୍ରିୟାକୁ ସରଳ କରି ସିଙ୍ଗଲ ୱିଣ୍ଡୋ ସମସ୍ତ ସେବା ପ୍ରଦାନ କରାଯାଉଛି। ଆଇଟି, ଇଲେକ୍ଟ୍ରୋନିକ୍ସ, ଫିନଟେକ୍, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ ଅନ୍ୟାନ୍ୟ ଉଦୀୟମାନ ପ୍ରଯୁକ୍ତିବିଦ୍ୟା ପାଇଁ ନୀତି ପ୍ରଣୟନ କରାଯାଉଛି। ଗତ ବର୍ଷ ଜାନୁଆରୀରେ ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ସେବେଠାରୁ ମାତ୍ର ଗୋଟିଏ ବର୍ଷ ମଧ୍ୟରେ ଆମେ ୨.୫ ଲକ୍ଷ କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ଉଦଘାଟନ କରିସାରିଛୁ। ଦ୍ରୁତ ଗତିରେ ବଦଳୁଥିବା ସମୟରେ, ନବସୃଜନର ନିରନ୍ତର ଆବଶ୍ୟକତା ରହିଛି। ରାଜ୍ୟରେ ନବସୃଜନକୁ ଗୁରୁତ୍ୱ ଦେଇ ଓଡ଼ିଶା ସରକାର ଆଇଟି ନୀତି ୨୦୨୫ କାର୍ଯ୍ୟକାରୀ କରିଛନ୍ତି। ଆଗାମୀ ଦିନରେ ଏକ ଫିନଟେକ ନୀତି ମଧ୍ୟ ପ୍ରଣୟନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ବଢୁଛି ବ୍ୟବହୃତ ପୁରୁଣା ଗାଡ଼ି କିଣାବିକାରେ ଠକେଇ

# ଗ୍ରାହକଙ୍କୁ ସତର୍କ କଲା ପରିବହନ ବିଭାଗ

କଟକ, ୬।୨(ସମିସ): ବ୍ୟବହୃତ ପୁରୁଣା ଯାନବାହନ କିଣାବିକା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ କେତେକ ଲୋକ ଏନେଇ ଠକେଇର ଶିକାର ହେଉଛନ୍ତି। ଏପରିକି ଗାଡ଼ିର ମୂଳ ମାଲିକାନା ପରିବର୍ତ୍ତନ ହେଉ ନଥିବାରୁ ଗାଡ଼ି ମାଲିକଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହେଉଛି। ବିଶେଷକରି ବିନା ସ୍ୱୀକୃତିରେ କୌଣସି ଡିଲର ଯାନବାହନ କିଣାବିକା କରିବା ମୋଟର ଯାନ ଆଇନ୍ ଅନୁଯାୟୀ ବେଆଇନ ହୋଇଥିଲେ ମଧ୍ୟ କେତେକ ଅଣସ୍ୱୀକୃତପ୍ରାପ୍ତ ଡିଲର ଗାଡ଼ି କିଣାବିକା କରିଆସୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ତଥା କ୍ରେତା ଓ ବିକ୍ରେତା ଉଭୟଙ୍କ ସୁବିଧା ନିମନ୍ତେ ରାଜ୍ୟ ପରିବହନ ପ୍ରାଧିକରଣ (ଏସଟିଏ) ପକ୍ଷରୁ ପରାମର୍ଶ ଜାରି କରାଯାଇଛି।

ଏସଟିଏ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ବ୍ୟବହୃତ ଗାଡ଼ି ବିକ୍ରି କିମ୍ବା କ୍ରୟ ଯେଉଁ ଡିଲରଙ୍କ ମାଧ୍ୟମରେ କରାଯାଉଛି, ଉକ୍ତ ଡିଲର ପରିବହନ ବିଭାଗ ଦ୍ୱାରା ସ୍ୱୀକୃତିପ୍ରାପ୍ତ ହେବା ବାଧ୍ୟତାମୂଳକ। ଗାଡ଼ି ବିକ୍ରୟ ପାଇଁ ଡିଲରଙ୍କୁ ଦେବା ସମୟରେ ଡିଲରଙ୍କ ନାମରେ ଡିମଡ ଓନରସିପ୍ ହେବା ଅବଶ୍ୟକ। ବ୍ୟବହୃତ ଗାଡ଼ି କିଣିବା ବେଳେ ସମ୍ପୃକ୍ତ ଡିଲର ପରିବହନ ବିଭାଗ ଦ୍ୱାରା ସ୍ୱୀକୃତିପ୍ରାପ୍ତ କି ନୁହେଁ ତାହାର ଯାଞ୍ଚ କରିବାକୁ ଏସଟିଏ ପକ୍ଷରୁ ପରାମର୍ଶ ଦିଆଯାଇଛି। ପୁରୁଣା ଗାଡ଼ିର ମାଲିକାନା ହସ୍ତାନ୍ତର, ନୂଆ ଗାଡ଼ି ପଞ୍ଜୀକରଣ, ପୁନଃପଞ୍ଜୀକରଣ ସହିତ ସମସ୍ତ ପରିବହନ ସେବା ପାଇଁ କେବେ ବି କୌଣସି ଦଲାଲ କିମ୍ବା ଏଜେଣ୍ଟଙ୍କୁ ବେଆଇନ ଭାବେ ଟଙ୍କା ନଦେବା ପାଇଁ ବିଭାଗ ପକ୍ଷରୁ କୁହାଯାଇଛି।

# ଚାପ ନୁହେଁ; ଧୈର୍ଯ୍ୟ ରଖି ପରୀକ୍ଷା ଦିଅନ୍ତୁ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୬।୨(ସମିସ): ପରୀକ୍ଷା ପୂର୍ବରୁ ଛାତ୍ରଛାତ୍ରୀଙ୍କୁ 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମ ମାଧ୍ୟମରେ ଟିପ୍ସ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଛାତ୍ରଛାତ୍ରୀଙ୍କ ମନୋବଳ ଦୃଢ଼ କରିବା ପାଇଁ ବିଭିନ୍ନ ପରାମର୍ଶ ଦେଇଛନ୍ତି। ଏହାର ନବମ ସଂସ୍କରଣ ଶୁକ୍ରବାର ଅନୁଷ୍ଠିତ ହୋଇଥିବାବେଳେ ଛାତ୍ରଛାତ୍ରୀଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ୟୁନିଟ୍ ୧ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟକ୍ରମ ଦେଖିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀଙ୍କ ସହ ବାର୍ତ୍ତାଳାପ କରିବା ସହ ପରୀକ୍ଷା ସମୟରେ ପ୍ରସ୍ତୁତି ଏବଂ ପାଠପଢ଼ା ପାଇଁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ କୌଣସି ଚାପରେ ନୁହେଁ ବରଂ ଧୌର୍ଯ୍ୟ ରଖି ପାଠ ପଢିଲେ ପ୍ରସ୍ତୁତି ଉଚ୍ଚୋକୋଟୀର ହୋଇପାରିବ। ଆତ୍ମ ବିଶ୍ୱାସ ହିଁ ସଫଳତାର ଚାବିକାଠି ଓ ସତ କହିବା ଦ୍ୱାରା ଏହି ଆତ୍ମବିଶ୍ୱାସ ଜାଗ୍ରତ ଆସିଥାଏ। ପରୀକ୍ଷା ସମୟରେ ଏହି ବିଷୟରେ ଧ୍ୟାନ ଦେବାକୁ କହିବା ସହ ଛାତ୍ରଛାତ୍ରୀଙ୍କୁ ଆତ୍ମବିଶ୍ୱାସର ତତ୍ତ୍ୱ ବୁଝାଇବା ସହ ସମସ୍ତଙ୍କ ସଫଳତା କାମନା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସମେତ ଓସେପା ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ, ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଉପସ୍ଥିତ ଥିଲେ।

# ମହିଳା ଅତିରିକ୍ତ ତହସିଲଦାରଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ବ୍ରହ୍ମପୁର,୬।୨(ସମିସ): ଗଞ୍ଜାମ ଜିଲ୍ଲାର ଜଣେ ମହିଳା ଅତିରିକ୍ତ ତହସିଲଦାରଙ୍କୁ ଦୁର୍ବ୍ୟବହାର ନେଇ ଥାନାରେ ଅଭିଯୋଗ ହୋଇଛି। ଅତିରିକ୍ତ ତହସିଲଦାରଙ୍କ ଅଭିଯୋଗ କ୍ରମେ ପୁଲିସ ଅଭିଯୁକ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ)ଙ୍କୁ ଥାନାକୁ ଡାକିବାରୁ ସେ ଲୋକଲଜ୍ଜା ଭୟରେ ବିଷ ପିଇ ଗୁରୁତର ହୋଇପଡ଼ିଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି। ଗତ ୩ ତାରିଖରେ ଗଂଜାମ ଜିଲ୍ଲା ସୁନାପୁର ବେଳାଭୂମି ମହୋତ୍ସବ ଉଦ୍‌ଘାଟନ ଉତ୍ସବ ଥିଲା। ଏହି

### ବିଷ ପିଇଲେ ଅଭିଯୁକ୍ତ ପିଇଓ

ଅବସରରେ ଏକ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜଣେ ମହିଳା ଅତିରିକ୍ତ ତହସିଲଦାର ଡ୍ୟୁଟିରେ ଥିଲେ। ଭିଡ଼ ଭିତରେ ସମ୍ପୃକ୍ତ ପିଇଓ ତାଙ୍କୁ ଅଶାଳୀନ ବ୍ୟବହାର କରିଥିବା ନେଇ ସେ ଅଭିଯୋଗ କରିଛନ୍ତି। ଉଚ୍ଚ ଅଧିକାରୀ ଓ ଥାନାରେ ଏନେଇ ସେ ଲିଖିତ ଅଭିଯୋଗ କରିଥିଲେ। ଅନ୍ୟପଟେ ପୁଲିସ ଅଭିଯୁକ୍ତ ପିଇଓଙ୍କୁ ଥାନାକୁ ଡାକିବାରୁ ସେ ବିଷ ପିଇ ଦେଇଛନ୍ତି। ପରିବାର ତରଫରୁ ତାଙ୍କୁ ଚିକିତ୍ସା ପାଇଁ ବ୍ରହ୍ମପୁର ଏମ୍‌କେସିଜିରେ ଭର୍ତ୍ତି କରାଯାଇଛି। ସଂକଟାପନ୍ନ ଅବସ୍ଥାରେ ଆଇସିୟୁରେ ତାଙ୍କର ଚିକିତ୍ସା ଚାଲିଛି। ତେବେ ଅପମାନ ପାଇ ସେ ବିଷ ପିଇଦେଇଥିବା ଆଲୋଚନା ହେଉଛି।

ମଝି ସମୁଦ୍ରରେ ଭଦ୍ରକର ଯୁବ ନାବିକଙ୍କ ନିଖୋଜ ଘଟଣା

# ଶେଷଥର ପାଇଁ ୩ ତାରିଖରେ ଦେଖାଯାଇଥିଲେ ସାର୍ଥକ



ଭଦ୍ରକ,୬।୨(ସମିସ): ଜାହାଜରେ ଡ୍ୟୁଟିବେଳେ ନାବିକ ନିଖୋଜ ହୋଇଛନ୍ତି। ଆଙ୍ଗଲୋ ଇଷ୍ଟର୍ଣ୍ଣସିପ୍ ମ୍ୟାନେଜମେଣ୍ଟସ୍ ସଂସ୍ଥାର କ୍ୟାଡେଟ୍ ଭଦ୍ରକର ସାର୍ଥକ ମହାପାତ୍ର(୨୨)ଗତ ଫେବୃଆରୀ ୩ ତାରିଖରୁ ନିଖୋଜ ଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଇଏ ଜର୍ସିରେ ସାର୍ଥକ ନିଯୁକ୍ତ ଥିଲେ। ସାର୍ଥକ ଚାଇନାରୁ ସିଙ୍ଗାପୁର ଫେରୁଥିବାବେଳେ ମରିସସ ଉପକୂଳ ନିକଟବର୍ତ୍ତୀ ଅଞ୍ଚଳରେ ଜାହାଜରୁ ନିଖୋଜ ହୋଇଥିବା ସୂଚନା ମିଳିଛି। ଭଦ୍ରକ ବ୍ଲକ୍ ବେନ୍ତାଳ ପଞ୍ଚାୟତ ଗୋପାଳବିନ୍ଧା ଗାଁରେ ସାର୍ଥକଙ୍କ ଘର। ସାର୍ଥକ ୮ମାସ ହେବ ନାଭାଲରେ ଯୋଗଦେଇ ଟ୍ରେନିଂରେ ଥିଲେ। ଶେଷଥର ପାଇଁ ସାର୍ଥକଙ୍କୁ ୩ ତାରିଖରେ କ୍ୟାବିନକୁ ଯାଉଥିବାର ଦେଖିବାକୁ ମିଳିଥିଲା। ପରେ ସେହିଦିନ ସକାଳ ସାଢ଼େ ୮ଟାରେ ମୁଖ୍ୟ ଅଧିକାରୀ ତାଙ୍କ କ୍ୟାବିନ ଯାଞ୍ଚ କରିବାକୁ ଯାଇଥିଲେ ମଧ୍ୟ ତାଙ୍କର କୌଣସି ପତ୍ତା ମିଳିନଥିଲା। ତାଙ୍କ ପରିବାରକୁ କମ୍ପାନୀ ପକ୍ଷରୁ ଚିଠି ଲେଖି ଜଣାଇବା ସହିତ ଆଶ୍ୱାସନା ଦିଆଯାଇଛି। ଏହାଛଡ଼ା ଜାହାଜର ବେଗକୁ କମ କରିବା ସହିତ ସାର୍ଥକଙ୍କୁ ଖୋଜାଖୋଜି ଚାଲିଥିବା କୁହାଯାଇଛି। ତେବେ ଖବର ମିଳିବା ପରେ ସାର୍ଥକଙ୍କ ପରିବାର ଲୋକେ ବ୍ୟତିବ୍ୟସ୍ତ ହୋଇପଡ଼ିଛନ୍ତି। ଖୁବଶୀଘ୍ର ସାର୍ଥକଙ୍କୁ ଖୋଜି ବାହାର କରିବାକୁ ପରିବାର ଲୋକେ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି। ତେବେ ଏଥି ନେଇ ପରିବାର ଲୋକଙ୍କ ସହ ଅଧିକ ଆଲୋଚନା କରିଛନ୍ତି। ତେବେ ତାଙ୍କୁ ଠାବ ଓ ଉଦ୍ଧାର କରିବାକୁ ରାଜ୍ୟ ସରକାର ତତ୍ପରତା ପ୍ରକାଶ କରିଛନ୍ତି। ନୂଆଦିଲ୍ଲୀରେ ଅବସ୍ଥାପିତ ଓଡ଼ିଶା ସରକାରଙ୍କ ପ୍ରମୁଖ ଆବାସିକ ଆଯୁକ୍ତ ବିଶାଳ ଗଗନ କେନ୍ଦ୍ରକୁ ଏ ନେଇ ଚିଠି ଲେଖିଛନ୍ତି। ବୈଦେଶିକ ସଚିବ, ସ୍ୱରାଷ୍ଟ୍ର ସଚିବ, ବନ୍ଦର, ସିପିଂ, ଜଳପଥ ମନ୍ତ୍ରଣାଳୟ ଅଧୀନ ସିପିଂ ସଚିବ ଏବଂ ମହାନିର୍ଦ୍ଦେଶକଙ୍କୁ ଶ୍ରୀ ଗଗନ ଚିଠି ଲେଖି ହସ୍ତକ୍ଷେପ ଲୋଡ଼ିଛନ୍ତି। ସୂଚନାଯୋଗ୍ୟ ଯେ, 'ଇଏ ଜର୍ସି' ନାମକ ଏକ ମାଲବାହୀ ଜାହାଜ ଭାରତ ମହାସାଗରରେ ଚୀନରୁ ପଶ୍ଚିମ ଆଫ୍ରିକା ଅଭିମୁଖେ ଯାଉଥିବାବେଳେ ଏଥିରେ କାର୍ଯ୍ୟ କରୁଥିବା ସାର୍ଥକ ମରିସସ୍ ନିକଟବର୍ତ୍ତୀ ଅଞ୍ଚଳରେ ନିଖୋଜ ହୋଇଯାଇଥିଲେ। ସେ ରହିବା ସ୍ଥାନ, ଡେକ୍ ଏବଂ ଅନ୍ୟାନ୍ୟ ଅଂଶକୁ ଯାଞ୍ଚ ପରେ ମଧ୍ୟ ତାଙ୍କର କୌଣସି ସୂଚନା ମିଳି ନ ଥିଲା। ଅନ୍ୟପକ୍ଷରେ ସାର୍ଥକଙ୍କ ମା' ରଶ୍ମିତା ସାହୁ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଓ କେନ୍ଦ୍ର ବୈଦେଶିକ ମନ୍ତ୍ରଣାଳୟକୁ ଏହି ମାମଲାରେ ହସ୍ତକ୍ଷେପ କରିବାକୁ ନିବେଦନ କରିଛନ୍ତି।

ଭଦ୍ରକ ବ୍ଲକ୍ ଗୋପାଳବିନ୍ଧାର ମୂଳ ବାସିନ୍ଦା ସତ୍ୟଜିତ ମହାପାତ୍ର ଓ ରଶ୍ମିତା ସାହୁଙ୍କ ଏକମାତ୍ର ପୁତ୍ର ସାର୍ଥକ ରାଉରକେଲା ଛେଣ୍ଡରେ ରହୁଥିବା ତାଙ୍କ ବଡ଼ବାପା ଡାକ୍ତର ବିଶ୍ୱଜିତ ମହାପାତ୍ରଙ୍କ ପାଖରେ ରହି ପାଠ ପଢୁଥିଲେ। ପରେ ଭୁବନେଶ୍ୱର ସୈନିକ ସ୍କୁଲରେ ପାଠ ପଢୁଥିଲେ। ତେଣୁ ରାଉରକେଲାରେ ସେବିକା ଭାବେ କାର୍ଯ୍ୟ କରୁଥିବା ମା' ରଶ୍ମିତା ମଧ୍ୟ ଭୁବନେଶ୍ୱର ଯାଇ ସେଠାରେ ଏକ ହସ୍ପିଟାଲରେ ଯୋଗ ଦେଇଥିଲେ। ମେଧାବୀ ସାର୍ଥକ ସୈନିକ ସ୍କୁଲରେ ପାଠ ପଢ଼ି "ସାରିବା ପରେ 'ଆଙ୍ଗୋ-ଇଷ୍ଟର୍ଣ୍ଣଗ୍ରିପ ସିପ୍ ମ୍ୟାନେଜମେଣ୍ଟ କମ୍ପାନୀ ଅଧୀନରେ ଇର୍ଣ୍ଟର୍ଣ୍ଣସିପ୍ କରୁଥିଲେ। ଫେବୃଆରୀ ୪ ତାରିଖରେ ତାଙ୍କର ଇର୍ଣ୍ଟର୍ଣ୍ଣସିପ୍ ସରିବାର ଥିଲା। ଶେଷଥର ପାଇଁ ସାର୍ଥକ ୨ ତାରିଖରେ ତାଙ୍କ ମା'ଙ୍କ ସହ କଥା ହୋଇଥିଲେ। ସେହିଭଳି ଏଭଳି ଏକ ସମ୍ବେଦଶୀଳ ଘଟଣାକୁ ଗୁରୁତ୍ୱ ଦେଇ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ଆଜି କେନ୍ଦ୍ର ବୈଦେଶିକ ମନ୍ତ୍ରୀ ଡଃ ଏସ୍ ଜୟଶଙ୍କରଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ମନ୍ତ୍ରଣାଳୟ ତରଫରୁ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ ପାଇଁ ଅନୁରୋଧ କରିଛନ୍ତି।

## ଚିନ୍ତା ପ୍ରକଟ କଲେ ନବୀନ

ଭୁବନେଶ୍ୱର,୬।୨(ସମିସ): ଓଡ଼ିଶାରୁ କ୍ୟାଡେଟ୍ ସାର୍ଥକ ମହାପାତ୍ରଙ୍କ ନିଖୋଜ ନେଇ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ତାଙ୍କ ପରିବାରକୁ ସମବେଦନା ଜଣାଇବା ସହ ସେ ଭାରତ ସରକାରଙ୍କ ଜାହାଜ ଚଳାଚଳ ମହାନିର୍ଦ୍ଦେଶାଳୟ ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ତୁରନ୍ତ ସହାୟତା ପ୍ରଦାନ ପାଇଁ ନିବେଦନ କରିଛନ୍ତି। ଏହା ସହ ସାର୍ଥକଙ୍କ ପରିବାରକୁ ସମର୍ଥନ କରିବା ପାଇଁ ନବୀନ ଅନ୍ୟ ସମସ୍ତ ଅଂଶୀଦାରଙ୍କ ସହିତ ସମନ୍ୱୟ ସ୍ଥାପନ କରିବା ସହ ତାଙ୍କୁ ଖୋଜିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ନବୀନ ଅନୁରୋଧ କରିଛନ୍ତି।

# ପ୍ରତି ମାସରେ ବିଳମ୍ବ ହେଉଛି ଅଧ୍ୟାପକଙ୍କ ଦରମା

ଭୁବନେଶ୍ୱର, ୬।୨(ସମିସ): ମହାବିଦ୍ୟାଳୟରେ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀଙ୍କୁ ମିଳୁନି ଦରମା। ପ୍ରତି ମାସର ଶେଷ କାର୍ଯ୍ୟ ଦିବସରେ ଦରମା ପ୍ରଦାନ କରିବାର ପ୍ରାବଧାନ ଥିଲେ ମଧ୍ୟ ଅଧିକାରୀମାନେ ମାନୁ ନାହାନ୍ତି। ଫଳରେ କ୍ରମାଗତ ଭାବେ ପ୍ରାୟ ୩ ମାସ ହେବ ବିଳମ୍ବରେ ଦରମା ପାଉଛନ୍ତି। ଚଳିତ ମାସରେ ଏଯାଏଁ କଲେଜଗୁଡ଼ିକୁ ସରକାର ଦରମା ପ୍ରଦାନ କରି ନ ଥିବାବେଳେ ଅଧ୍ୟାପକ ଓ କର୍ମଚାରୀଙ୍କୁ କେବେ ମିଳିବ ବୋଲି ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ୪୮୮ ଓ ୬୬୨ ବର୍ଗ ଅନୁଦାନ ପ୍ରାପ୍ତ ବେସରକାରୀ କଲଜେରେ କାର୍ଯ୍ୟରତ କର୍ମଚାରୀଙ୍କୁ ଗତ ଡିସେମ୍ବର ମାସର ଦରମା ଜାନୁଆରୀ ୧୫ ତାରିଖ ପରେ ମିଳିଛି। କିଛି କଲେଜରେ ୨୨ ତାରିଖରେ ମଧ୍ୟ ମିଳିଛି। ଅନୁରୂପ ଭାବେ ଜାନୁଆରୀ ମାସର ଦରମା ଏଯାଏଁ ଅର୍ଥାତ୍ ଫେବୃଆରୀ ପ୍ରଥମ ସପ୍ତାହରେ ମିଳିନାହିଁ। ଏଥିପାଇଁ ଏଚ୍‌ଆଇଏମ୍‌ଏସ୍ (ହିମ୍‌ସ) ପୋର୍ଟାଲ୍‌ରେ ତଥ୍ୟ ଅପଲୋଡ୍ ନ କରିବାକୁ ଉଚ୍ଚଶିକ୍ଷା ବିଭାଗ ବାହାନା କରୁଥିବା ଅଭିଯୋଗ ହୋଇଛି। ସମସ୍ତ ଅଧ୍ୟାପକ/ ଅଧ୍ୟାପିକାଙ୍କ ସମେତ ଶିକ୍ଷାନୁଷ୍ଠାନର ପ୍ରତିଟି ତଥ୍ୟ, ଆଲୁମିନି କମିଟି ପରି ବିଭିନ୍ନ ତଥ୍ୟ ଅପଡେଟ୍ କରିବାକୁ କୁହାଯାଉଛି। ଅନେକ ଶିକ୍ଷାନୁଷ୍ଠାନ ସଠିକ୍ ସମୟରେ ତଥ୍ୟ ଦାଖଲ କରୁଥିବାବେଳେ ଆଉକିଛି ଶିକ୍ଷାନୁଷ୍ଠାନର ବିଳମ୍ବ ପାଇଁ ଦରମା ପ୍ରଦାନ ରକୁ ନ ଥିବା ବିଭାଗୀୟ ସୂତ୍ରରୁ ଜଣା ପଡ଼ିଛି। ମାତ୍ର ଉଚ୍ଚଶିକ୍ଷା ବିଭାଗର ଏହି ଅଘୋଷିତ ମାନଦଣ୍ଡକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବା ସହ ଦରମା ପ୍ରଦାନରେ ହେଳା କାହିଁକି ବୋଲି ଅଧ୍ୟାପକମାନେ ପ୍ରଶ୍ନ କରିଛନ୍ତି। ଗତ ମାସରେ ମଧ୍ୟ ସରକାର ଦରମା ମଞ୍ଜୁର କରିବାରେ ବିଳମ୍ବ କରିବାରୁ ଉଚ୍ଚଶିକ୍ଷା ବିଭାଗର ବିତ୍ତ ଅଧିକାରୀ ହାତ ଟେକି ଦେଇଥିଲେ।

# ଦାୟିତ୍ୱ ନେଲେ ଡବ୍ଲ୍ୟୁଡିସି ଅଧ୍ୟକ୍ଷ



ଭୁବନେଶ୍ୱର,୬।୨(ସମିସ): ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଭାବରେ ସଂଗ୍ରାମ କେଶରୀ ମହାପାତ୍ର ଦାୟିତ୍ୱ ଗ୍ରହଣ କରିଛନ୍ତି। ଶୁକ୍ରବାର ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ମୁଖ୍ୟାଳୟରେ ଶ୍ରୀ ମହାପାତ୍ର ପରିଷଦର ଅଧ୍ୟକ୍ଷ(ଭାରପ୍ରାପ୍ତ) ଭାବରେ ଯୋଗଦାନ କରିଛନ୍ତି। ଏହି ଅବସରରେ ପରିଷଦର ସମସ୍ତ ଅଧିକାରୀ ଓ କର୍ମଚାରୀ ଶ୍ରୀ ମହାପାତ୍ରଙ୍କୁ ଅଭିବାଦନ ଜଣାଇଥିଲେ। ସୂଚନାଯୋଗ୍ୟ ଯେ ଶ୍ରୀ ମହାପାତ୍ର ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଭାବରେ ଯୋଗଦାନ କଲାପରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ(ଭାରପ୍ରାପ୍ତ) ଭାବରେ ଯୋଗଦାନ କରିଛନ୍ତି। ଏହା ସହ ସେ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ଭାବରେ ମଧ୍ୟ ଦାୟିତ୍ୱରେ ରହିଛନ୍ତି। ଆଜିର ଏହି ଯୋଗଦାନ ପରେ ଶ୍ରୀ ମହାପାତ୍ର ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ବିଭିନ୍ନ କାର୍ଯ୍ୟକ୍ରମ ଓ ଆନୁଷଙ୍ଗିକ ଦିଗ ବିଷୟରେ ଆଲୋଚନା କରିଥିଲେ। ପରିଷଦର ଅଧିକାରୀଗଣ ଶ୍ରୀ ମହାପାତ୍ରଙ୍କୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ବିଭିନ୍ନ କାର୍ଯ୍ୟ ବିଷୟରେ ସୂଚିତ କରିଥିଲେ।

# ନିଯୁକ୍ତି ପରଠୁ ଦରମା ପାଇନାହାନ୍ତି ଏଲ୍‌ଟିଆର୍ ଶିକ୍ଷକ

ଭୁବନେଶ୍ୱର, ୬।୨(ସମିସ): ରାଜ୍ୟର ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରାୟ ୩ ମାସ ହେଲାଣି ଲିଭ୍ ଟ୍ରେନିଂ ରିଜର୍ଭ (ଏଲ୍‌ଟିଆର୍) ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତ ହୋଇଛନ୍ତି। ଉତ୍ସାହର ସହ ଶିକ୍ଷାଦାନ କରୁଥିଲେ ମଧ୍ୟ ପ୍ରଥମରୁ ଦରମା ପାଇନାହାନ୍ତି। ଦୀର୍ଘ ୩ ମାସ ହେଲା ଦରମା ପାଇ ନ ଥିବାରୁ ସମସ୍ତ ଜିଲ୍ଲାର ଏଲ୍‌ଟିଆର୍ ଶିକ୍ଷକ ଶିକ୍ଷୟତ୍ରୀମାନେ ବଞ୍ଚିବାକୁ ସଂଘର୍ଷ କରୁଛନ୍ତି।

ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କ ଅବହେଳା ପାଇଁ ସମସ୍ତେ ଦରମା ପାଇବାରୁ ବଞ୍ଚିତ ହୋଇଛନ୍ତି। ସରକାର ବା ଗଣଶିକ୍ଷା ବିଭାଗ ପକ୍ଷରୁ ଏନେଇ ତାଗିଦ ମଧ୍ୟ କରାଯାଉ ନାହିଁ। ଫଳରେ ଘରଠାରୁ ବହୁ ଦୂରରେ କାର୍ଯ୍ୟ କରୁଥିବା ଶିକ୍ଷକ ଶିକ୍ଷୟତ୍ରୀମାନେ ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି। ଘରଭଡ଼ା ସାଙ୍ଗକୁ ଖାଇବା ପିଇବା ପରି ଅତ୍ୟାବଶ୍ୟକ ଜିନିଷ ପାଇଁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ପ୍ରତି ମାସର ଶେଷ କାର୍ଯ୍ୟ ଦିବସରେ ସରକାରୀ କର୍ମଚାରୀଙ୍କୁ ଦରମା ଦେବାକୁ ନିୟମ ରହିଥିଲେ ମଧ୍ୟ ସରକାରୀ ଅଧିକାରୀମାନେ ଭ୍ରୁକ୍ଷେପ କରୁ ନାହାନ୍ତି। ଏନେଇ ସରକାର ମଧ୍ୟ କୌଣସି କଠୋର ପଦକ୍ଷେପ ଗ୍ରହଣ କରୁ ନାହାନ୍ତି। ଫଳରେ ସମସ୍ୟା ଦୀର୍ଘ ମାସ ଧରି ଲାଗି ରହିଛି। ଏଣୁ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଶୀଘ୍ର ଦରମା ପ୍ରଦାନ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ସମେତ ଗଣଶିକ୍ଷା ମନ୍ତ୍ରୀ ଓ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ତୁରନ୍ତ ହସ୍ତକ୍ଷେପ କରନ୍ତୁ ବୋଲି ଏନ୍‌ପିଏସ୍ ଶିକ୍ଷକ ସଂଘର ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ, ସମ୍ପାଦକ ଅମରେନ୍ଦ୍ର ସ୍ୱାଇଁ, ଆବାହକ ବିଶ୍ୱଜିତ ବିଶ୍ୱାଳ ଓ କୋଷାଧକ୍ଷ ପଞ୍ଚାନନ ଜେନା ପ୍ରମୁଖ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଆଜି ମୟୁରଭଞ୍ଜ ଜିଲ୍ଲାରେ କିଛି ଏଲ୍‌ଟିଆର୍ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ଦରମା ପ୍ରଦାନ କରାଯାଇଛି।

ବୋମା ଧମକ

# ସରକାର ଏନ୍‌ଆଇଏ ତଦନ୍ତ ଆଦେଶ ଦିଅନ୍ତୁ: ବିଜେଡି



ଭୁବନେଶ୍ୱର, ୬।୨(ସମିସ): ରାଜ୍ୟ ସରକାର ଓଡିଶାର ଆଇନଶୃଙ୍ଖଳା ରକ୍ଷା କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଯାହା ଦ୍ୱାରା ଆମ ରାଜ୍ୟର ଶାନ୍ତି ଓ ସୁରକ୍ଷା ବ୍ୟବସ୍ଥାକୁ ସଂପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ବିଜେଡି ସରକାରଙ୍କ ସମୟରେ ଯେଉଁ ଶାନ୍ତିର ବାତାବରଣ ଥିଲା, ତାହା ବର୍ତ୍ତମାନ ବିଜେପି ଶାସନରେ ଅରାଜକତାରେ ପରିଣତ ହୋଇଛି। ତେଣୁ ଏହି ଘଟଣାର ଏନ୍‌ଆଇଏ ତଦନ୍ତ ନିମନ୍ତେ ରାଜ୍ୟ ସରକାର ନିର୍ଦ୍ଦେଶ ଦିଅନ୍ତୁ ବୋଲି ବିଜେଡି ଦାବି କରିଛି।

ଆଜି ଶଙ୍ଖ ଭବନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ଗଣମାଧ୍ୟମ ସଂଯୋଜକ ଲେନିନ ମହାନ୍ତି କହିଛନ୍ତି ଯେ ଯେତେବେଳେ ଭାରତର ମାନ୍ୟବର ରାଷ୍ଟ୍ରପତି ଓଡିଶା ଗସ୍ତରେ ଅଛନ୍ତି। ସେତେବେଳେ ବାରମ୍ବାର ବୋମା ଧମକ ଘଟଣାଗୁଡିକ ଜନସାଧାରଣଙ୍କ ବିଶ୍ୱାସକୁ ହ୍ରାସ କରୁଛି ଏବଂ ନାଗରିକ, ପ୍ରତିଷ୍ଠାନ ଓ ଜନସାଧାରଣଙ୍କ ସୁରକ୍ଷା ପାଇଁ ସିଧାସଳଖ ବିପଦ ସୃଷ୍ଟି କରୁଛି। ମାତ୍ର ଆଡ଼ଭୋକେଟ ଜେନେରାଲ "ଆତଙ୍କବାଦୀ" ଇ-ମେଲ୍ ପଠାଇଛି ବୋଲି କହିବା ଅତ୍ୟନ୍ତ ନିନ୍ଦନୀୟ। ଏହା କେଉଁ କ୍ଷମତାରେ ଓ କେଉଁ ଆଧାର ବଳରେ ଆଡଭୋକେଟ ଜେନେରାଲ ଏପରି ଦାବି କରୁଛନ୍ତି ତାହା ସ୍ପଷ୍ଟ କରନ୍ତୁ ବୋଲି ବିଜେଡି ଦାବି କରିଛି।

ଗତ ମାସ ୮ ତାରିଖରେ ସମ୍ବଲପୁର, କଟକ ଓ ଦେବଗଡ ଜିଲ୍ଲା ନ୍ୟାୟାଳୟଗୁଡିକୁ ସମାନ ଧମକ ଦିଆଯାଇଥିଲା, କିନ୍ତୁ ପୋଲିସ ଏହି ଇମେଲ୍ ଗୁଡିକର ଉତ୍ସ ପ୍ରକାଶ କରିନାହିଁ କିମ୍ବା ଅପରାଧୀମାନଙ୍କୁ ଚିହ୍ନଟ କରିନାହିଁ। ନଭେମ୍ବର ୩୦ ତାରିଖରେ ଜଣେ ସାମ୍ବାଦିକଙ୍କୁ ଆତ୍ମଘୋଷିତ ଖାଲିସ୍ତାନୀ ଆତଙ୍କବାଦୀ ଗୁରୁପନ୍ତ ସିଂ ପନ୍ନୁ ଠାରୁ ଧମକପୂର୍ଣ୍ଣ ଇ-ମେଲ୍ ଆସିଥିଲା। ଏହି ଘଟଣାଗୁଡ଼ିକ ସମ୍ପର୍କରେ ଏଯାଏ ସରକାର ସ୍ପଷ୍ଟ ଭାବରେ କିଛି ପଦକ୍ଷେପ ନେଲେ ନାହିଁ। ଗତ ବର୍ଷ ମେ ୯ ତାରିଖରେ ଭୁବନେଶ୍ୱରରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ବୋମା ଭୟ ଓ ଏହା ପୂର୍ବରୁ ଝାରସୁଗୁଡାର ବୀର ସୁରେନ୍ଦ୍ର ସାଇ ବିମାନବନ୍ଦରକୁ ବୋମା ଧମକ ବି ମିଳିଛି। ଯଦି "ଡବଲ ଇଞ୍ଜିନ" ବିଜେପି ସରକାରରେ ପ୍ରକୃତରେ ଓଡିଶାର ସୁରକ୍ଷାକୁ ପ୍ରାଧାନ୍ୟ ଦେବାର ସାହସ ଅଛି, ତେବେ ସେମାନେ ତୁରନ୍ତ ଏନଆଇଏ ତଦନ୍ତ ଆଦେଶ ଦେବା ଆବଶ୍ୟକ ବୋଲି ସେ କହିଛନ୍ତି।

ପଞ୍ଚମ ଦିନରେ ଶୁଣାଣୀ

# ପ୍ରକଳ୍ପ ବିଳମ୍ବ ପାଇଁ ଉପଭୋକ୍ତାଙ୍କ ଉପରେ ଶୁଳ୍କ ବୋଝ

ଭୁବନେଶ୍ୱର,୬।୨(ସମିସ): ଖୁଚୁରା ବିଦ୍ୟୁତମୂଲ୍ୟ ନିର୍ଣ୍ଣୟ ପାଇଁ ଓଇଆରସି କାର୍ଯ୍ୟାଳୟରେ ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେସନ (ଓଏଚପିସି) ଓ ଷ୍ଟେଟ ଲୋଡ ଡେସ୍ପାଚ ସେଣ୍ଟର (ଏସଏଲଡିସି) ଦରଖାସ୍ତ ଉପରେ ପଞ୍ଚମ ଦିନରେ ଜନଶୁଣାଣୀ ହୋଇଛି। ଓଏଚପିସି ତରଫରୁ ଅର୍ଥ ନିର୍ଦ୍ଦେଶକ ପ୍ରଣବ ମହାନ୍ତି କହିଛନ୍ତି, ଚଳିତ ବର୍ଷପାଇଁ ରେଙ୍ଗାଲି, କୋଲାବ, ବାଲିମେଳା, ହୀରାକୁଦ, ଚିପିଲିମା ଓ ଇନ୍ଦ୍ରାବତୀ ବିଦ୍ୟୁତ କେନ୍ଦ୍ର ପାଇଁ ଅନୁମୋଦନ ହୋଇଥିବା ଡିଜାଇନ ଏନର୍ଜି ୫୬୭୬ ନିୟୁତ ୟୁନିଟ ଠାରୁ ଅଧିକ ଉତ୍ପାଦନ ହେବ। ଚଳିତ ବର୍ଷରେ ୬୨୦୨ ନିୟୁତ ୟୁନିଟ ଉତ୍ପାଦନ କରିବା ପାଇଁ ଓଏଚପିସି ଲକ୍ଷ୍ୟ ରଖିଛି। ଆସନ୍ତା ବର୍ଷପାଇଁ ଓଏଚପିସି ସମୁଦାୟ ୬୪୪ କୋଟିଟଙ୍କା ଖର୍ଚ୍ଚ ଆକଳନ କରିଛି। ତାହାକୁ ଭରଣା କରିବା ପାଇଁ ଚଳିତ ବର୍ଷପାଇଁ ବଳବତ୍ତର ଥିବା ୟୁନିଟ ପିଛା ୧୦୦ ପଇସା ମୂଲ୍ୟକୁ ୧୫ ପଇସା ବୃଦ୍ଧିକରି ୧୧୫ ପଇସାରେ ନିର୍ଣ୍ଣୟ କରିବା ପାଇଁ ପ୍ରସ୍ତାବ ରଖିଛନ୍ତି।

### ଏସଏଲଡିସି ପାଇଁ ଗଠନ ହେବ ଏକ ସରକାରୀ କମ୍ପାନୀ

ସେହିପରି ଏସଏଲଡିସି ଆସନ୍ତା ବର୍ଷରେ ସମୁଦାୟ ୧୪ କୋଟି ୭୭ ଲକ୍ଷଟଙ୍କା ଖର୍ଚ୍ଚ କରିବା ପାଇଁ ପ୍ରସ୍ତାବ ଦେଇଛି, ଯାହା ଚଳିତ ବର୍ଷପାଇଁ ଅନୁମୋଦନ ହୋଇଥିବା ଖର୍ଚ୍ଚ ଠାରୁ ୧ କୋଟି ୩୯ ଲକ୍ଷଟଙ୍କା ଅଧିକ। ଆୟୋଗଙ୍କ ପକ୍ଷରୁ ନିଯୁକ୍ତ ପାଇଥିବା ଉପଭୋକ୍ତା ପରାମର୍ଶଦାତା ଡେଲୋଏଟ କମ୍ପାନୀ ଓପିଜିସି ଟାରିଫ ଦରଖାସ୍ତକୁ ସମୀକ୍ଷା କରି ମତାମତ ଉପସ୍ଥାପନ କରିଛନ୍ତି।

ଆୟୋଗଙ୍କ ଅଧ୍ୟକ୍ଷ ପ୍ରଦୀପ କୁମାର ଜେନା ପ୍ରକଳ୍ପ ସମୟ ବିଳମ୍ବ ପାଇଁ ପ୍ରବଳ ଅସନ୍ତୋଷ ବ୍ୟକ୍ତ କରି ପ୍ରକଳ୍ପର ଅନୁମୋଦିତ ସମୟ ଠାରୁ ବହୁବର୍ଷ ବିଳମ୍ବ ହେଉଛି ବୋଲି କହିଛନ୍ତି। ଫଳରେ ପ୍ରକଳ୍ପ ମୂଲ୍ୟ ବହୁଗୁଣରେ ବୃଦ୍ଧିପାଇ ବିଦ୍ୟୁତ ମୂଲ୍ୟ ବୃଦ୍ଧି ଘଟୁଛି। ତେଣୁ ଏବେଠାରୁ ଯଦି କୌଣସି ପ୍ରକଳ୍ପ କାର୍ଯ୍ୟ ବିଳମ୍ବ ହୁଏ, ତେବେ ଓଏଚପିସି ସେଥିପାଇଁ ଆବଶ୍ୟକ କରୁଥିବା ଅଧିକ ପୁଞ୍ଜିକୁ ନିଜର ଗଚ୍ଛିତ ଲାଭାଂଶରୁ ଖର୍ଚ୍ଚ କରିବ ବୋଲି ଅଧ୍ୟକ୍ଷ ଶ୍ରୀ ଜେନା କହିଛନ୍ତି। ଏହାସହିତ ବିଦ୍ୟୁତ ଆଇନି, ୨୦୦୩ ଅନୁସାରେ ଏକ ସ୍ୱୟଂଚାଳିତ ସରକାରୀ କମ୍ପାନୀ ଏସଏଲଡିସି କାର୍ଯ୍ୟକୁ ସମ୍ପାଦନ କରିବା ପାଇଁ ଗଠନ କରିବା ଆବଶ୍ୟକ ଥିବାବେଳେ ସରକାର ଅଦ୍ୟାବଧି କରିନାହାନ୍ତି। ସରକାରଙ୍କ ତରଫରୁ ଉପସ୍ଥିତ ଥିବା ଅତିରିକ୍ତ ସଚିବ ସାଇଦତ୍ତ ବିପ୍ଳବ କେଶରୀ ପ୍ରଧାନଙ୍କୁ ଏସଏଲଡିସି ପାଇଁ ଏକ ସରକାରୀ କମ୍ପାନୀ ଗଠନ କରିବା ସହିତ ଖାଲି ପଦବୀକୁ ୩ ମାସ ମଧ୍ୟରେ ପୂରଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ଆପତ୍ତିକର୍ତ୍ତାଙ୍କ ତରଫରୁ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର ଓଏଚପିସି ପରିଚାଳନାରେ ଥିବା ଜଳଭଣ୍ଡାର ଗୁଡିକର ସର୍ବୋତ୍ତମ ବ୍ୟବହାର ହେଉନାହିଁ ବୋଲି କହିଛନ୍ତି। ହୀରାକୁଦ ଜଳଭଣ୍ଡାରର ସର୍ବନିମ୍ନ ସ୍ତର ୫୯୫ ଫୁଟ ପର୍ଯ୍ୟନ୍ତ ବିଦ୍ୟୁତ ଉତ୍ପାଦନ ପାଇଁ ସରକାରଙ୍କ ଅନୁମୋଦନ ଥିବାବେଳେ ଗତ ୧୦ ବର୍ଷଧରି ଓଏଚପିସି ମାତ୍ର ୫୯୯ ଫୁଟ ପର୍ଯ୍ୟନ୍ତ ବିଦ୍ୟୁତ ଉତ୍ପାଦନ କରୁଛି। ଫଳରେ ପିକ୍ ମାସ ମେ' ଓ ଜୁନରେ ବିଦ୍ୟୁତ ସମସ୍ୟା ବୃଦ୍ଧି ପାଉଛି ବୋଲି ସେ କହିଛନ୍ତି।

## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। କର୍ମକ୍ଷେତ୍ରରେ ପ୍ରଶଂସିତ ହୋଇପାରନ୍ତି। ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ସନ୍ତାନଙ୍କ ଭବିଷ୍ୟତ ଲାଗି ବାପାମାଆ ଅର୍ଥ ନିବେଶ କରିବେ।

**ବୃଷ:** ଅତିଥି ସତ୍କାର କରିବେ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିପାରନ୍ତି। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ରହିଛି। ସୃଜନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ପାରିବାରିକ ଜୀବନ ସୁଖମୟ ହେବ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଉଧାର ଧନ ଫେରିପାଇବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଚାକିରିରେ ନୂଆ ସୁଯୋଗ ଜୁଟିପାରେ। ଅଯଥା ଖର୍ଚ୍ଚାନ୍ତ ହୋଇପାରନ୍ତି।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରିବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଚାକିରିରେ ସହକର୍ମୀଙ୍କ ସହଯୋଗ ମିଳିବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେଇପାରନ୍ତି। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ମହିଳାମାନେ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ବିଛା:** ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ବିଦେଶ ଯାତ୍ରା ଯୋଗ ଅଛି। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। କୌଣସି କଥାକୁ ନେଇ ମନ ଉଣା କରିପାରନ୍ତି।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଦାନ ଧର୍ମ କରନ୍ତୁ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ଲୋକ ସମ୍ପର୍କ ବୃଦ୍ଧି ପାଇବ।

## ଆଜିର ଇତିହାସ

- ୧୮୩୧- ବେଲ୍‌ଜିୟମ୍‌ରେ ସମ୍ବିଧାନ ଲାଗୁ ହେଲା।
- ୧୯୪୦- ବ୍ରିଟେନରେ ରେଲୱେର ରାଷ୍ଟ୍ରୀୟକରଣ ହେଲା।
- ୧୯୭୬ - ରୁଷିଆରେ ବିଶ୍ୱର ସବୁଠାରୁ ବଡ଼ ଟେଲିସ୍କୋପ୍ ନିର୍ମିତ।
- ୧୯୮୩-କଲିକତାରେ ଇଷ୍ଟର୍ଣ୍ଣ ନ୍ୟୁଜ୍ ଏଜେନ୍ସିର ସ୍ଥାପନା।
- ୨୦୦୮ - କେନ୍ଦ୍ର ସରକାର 'ସିମି' ଉପରେ ଲଗାଇଥିବା ପ୍ରତିବନ୍ଧକ ଅବଧିକୁ ବଢ଼ାଇଲେ।
- ୨୦୧୩ - ଆଜାରବୈଜାନ ପ୍ରଥମ ଥର ମହାକାଶକୁ ଉପଗ୍ରହ ପ୍ରେରଣ କଲା।

## ଏପ୍ରିଲ୍ ୧୦ରେ 'ଡକୈତ'



ଚଳିତବର୍ଷ ମାର୍ଚ୍ଚ ୧୯ ତାରିଖ ବେଶ୍ ସ୍ୱତନ୍ତ୍ର ହେବାକୁ ଯାଉଛି। କାରଣ ଏହିଦିନ ସାଉଥ୍ ସୁପରଷ୍ଟାର୍ ଯଶ୍‌ଙ୍କ 'ଟକ୍ସିକ୍' ଓ ରଣବୀର ସିଂହଙ୍କ 'ଧୁରନ୍ଧର ୨' ରିଲିଜ୍ ହେବାକୁ ଯାଉଛି। ସେହିଭଳି ମୃଣାଳ ଠାକୁର ଓ ଆଦିବି ଶେଷଙ୍କ 'ଡକୈତ: ଏକ ପ୍ରେମ୍ କଥା' ମାର୍ଚ୍ଚ ୧୯ରେ ରିଲିଜ୍ କରାଯିବା ପାଇଁ ପୂର୍ବରୁ ଧାର୍ଯ୍ୟ କରାଯାଇଥିଲା। ମାର୍ଚ୍ଚ ୧୯ରେ ଗୁଡ଼ି ପଡ଼ୱା ପଡୁଥିବାରୁ ଏଥିରୁ ଫାଏଦା ହେବ ଆଶା କରି 'ଡକୈତ'ର ପ୍ରଯୋଜକ ଫିଲ୍ମଟିକୁ ଏହିଦିନ ରିଲିଜ୍ କରିବାକୁ ଯୋଜନା କରିଥିଲେ। ବକ୍ସ ଅଫିସ୍‌ରେ ଏହିଦିନ ଦୁଇଜଣ ବଡ଼ କଳାକାରଙ୍କ ଫିଲ୍ମ ରିଲିଜ୍ ହେଉଥିବାରୁ ଏବେ 'ଡକୈତ'ର ରିଲିଜ୍‌କୁ ଘୁଞ୍ଚାଇ ଦିଆଯାଇଛି। ତେବେ ଏହାର ପ୍ରଯୋଜକ ଏବେ ଫିଲ୍ମଟିକୁ ଅପ୍ରେଲ ୧୦ରେ ରିଲିଜ୍ କରିବା ପାଇଁ ଯୋଜନା କରିଛନ୍ତି। ଏହା ଏକାସଙ୍ଗେ ତେଲୁଗୁ ଓ ହିନ୍ଦୀ ଭାଷାରେ ରିଲିଜ୍ ହେବ। ଶନିଲ ଦେବ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଫିଲ୍ମରେ ଆକ୍ସନ୍, ଡ୍ରାମା, ଥ୍ରିଲର୍‌ର ମିଶ୍ରଣ ଦେଖିବାକୁ ମିଳିବ। ଏଥିରେ ପ୍ରକାଶରାଜ ଓ ଅନୁରାଗ କଶ୍ୟପଙ୍କୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ।

## ନିଆରା ପ୍ରଥା

### ଯୌତୁକରେ ପୋର୍ଟେବୁଲ୍ ଟଏଲେଟ୍



ବିବାହକୁ ନେଇ ବିଶ୍ୱର ବିଭିନ୍ନ ସ୍ଥାନରେ ଭିନ୍ନ ରୀତିନୀତି, ପରମ୍ପରା ପ୍ରଚଳିତ ହୋଇଥାଏ। ତନ୍ମଧ୍ୟରୁ କିଛି ବେଶ୍ ଅଜବ ହୋଇଥାଏ, ଯାହା ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗିଥାଏ। ସେମିତି ଏକ ପରମ୍ପରା ଚୀନ୍ ବୁହାନର ଗ୍ରାମାଞ୍ଚଳରେ ଦେଖିବାକୁ ମିଳିଥାଏ। ପରମ୍ପରା ଅନୁଯାୟୀ, ଏଠାରେ ଯୌତୁକରେ କନିଆ ପୋର୍ଟେବୁଲ୍ ଟଏଲେଟ୍ ଆଣିଥାଏ। ଏହା ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗିଲେ ମଧ୍ୟ ଏହାପଛରେ ବିଶେଷ କାରଣ ଏବଂ ପରମ୍ପରା ଯୋଡ଼ି ହୋଇ ରହିଛି। ଅତୀତରେ ଚୀନ୍‌ର ଗ୍ରାମାଞ୍ଚଳଗୁଡ଼ିକରେ ଶୌଚାଳୟ ବ୍ୟବସ୍ଥା ନ ଥିଲା। ଏପରିସ୍ଥଳେ ମହିଳାମାନେ ରାତ୍ରିସମୟରେ ଏହି ପୋର୍ଟେବୁଲ ଟଏଲେଟ୍ ବ୍ୟବହାର କରୁଥିଲେ। ଏଥିରେ ମଣିଷ ଏବଂ ପଶୁଙ୍କ ମଳକୁ ଏକତ୍ର ରଖାଯାଉଥିଲା। ଏହାକୁ ପରବର୍ତ୍ତୀ ସମୟରେ କ୍ଷେତରେ ସାରଭାବେ ବ୍ୟବହାର କରାଯାଉଥିଲା। ତେଣୁ ଏହା ଜୀବନ, ଉର୍ବରତା ଏବଂ ନୂଆ ଜୀବନ ଆରମ୍ଭର ପ୍ରତୀକ ଭାବେ ଜଣାଯାଏ। ସେହିପରି ବିବାହ ସମୟରେ ଏହି ଟଏଲେଟ୍‌କୁ ନାଲି ରଙ୍ଗରେ ସଜାଯାଉଥିଲା। ଏହା ମଧ୍ୟରେ ନାଲି ଅଣ୍ଡା, ନାଲି ଖଜୁରି, ଚିନାବାଦାମ, ପଦ୍ମଫୁଲ ମଞ୍ଜି ସମେତ ସମସ୍ତ ଶୁଭ ଜିନିଷ ରଖାଯାଉଥିଲା। ଏ ସମସ୍ତ ଜିନିଷ ଚୀନ୍‌ରେ ସନ୍ତାନ ସୁଖ, ସମୃଦ୍ଧି, ସୁଖମୟ ବୈବାହିକ ଜୀବନର ପ୍ରତୀକ ଭାବେ ଜଣାଯାଏ। ସେହିପରି କିଛି ସ୍ଥାନରେ ଏହାକୁ କନିଆଘରର କେହି ନିକଟ ସମ୍ପର୍କୀୟା ମହିଳା କାନ୍ଧରେ ବରଘରକୁ ନେବାର ପରମ୍ପରା ରହିଛି। ଜିୟାଙ୍ଗସୁ ଏବଂ ଜେଝିୟାଙ୍ଗ୍ ଭଳି ଅଞ୍ଚଳରେ ଏହି ପରମ୍ପରା ଖୁବ୍ ପ୍ରସିଦ୍ଧ। ଏପରିକି ସଂଘାଇ ଆଖପାଖ ଅଞ୍ଚଳରେ ମଧ୍ୟ ଏହା ଯୌତୁକର ଏକ ମୁଖ୍ୟ ଅଂଶ ଭାବେ ଜଣାଯାଏ। ଅବଶ୍ୟ ବଦଳୁଥିବା ସମୟାନୁସାରେ ଏବେ ଏହି ପରମ୍ପରା ଲୋପ ପାଇବାକୁ ବସିଲାଣି। ତଥାପି ଚୀନ୍‌ର କେତେକ ଗ୍ରାମାଞ୍ଚଳରେ ଅଦ୍ୟାବଧି ଏହି ପରମ୍ପରା ପ୍ରଚଳିତ।

## ମହାକାଶରେ ଶରୀର ଶୀଘ୍ର ବୁଢ଼ା ହୁଏ

ମହାକାଶ ଯାତ୍ରା ଦ୍ୱାରା କ'ଣ ଶରୀର ଶୀଘ୍ର ବୁଢ଼ା ହୋଇଯାଏ। ଏଭଳି ପ୍ରଶ୍ନ ଅନେକଙ୍କ ମନରେ ଉଙ୍କି ମାରେ। ଏବେ ଏକ ନୂତନ ଗବେଷଣାରୁ ଜଣାପଡ଼ିଛି ଯେ, ମହାକାଶରେ ଶରୀରରେ ଶୀଘ୍ର ପରିବର୍ତ୍ତନ ପରିଲକ୍ଷିତ ହୋଇଥାଏ। ଅବଶ୍ୟ ପୃଥିବୀପୃଷ୍ଠକୁ ଫେରିବା ପରେ ଏହାର ପ୍ରଭାବ ଆପେ ଆପେ ହ୍ରାସପାଏ। ଏହି ଗବେଷଣାର ନାଁ 'ଆଷ୍ଟ୍ରୋନଟ୍‌ସ ଆଜ୍ ଏ ହ୍ୟୁମାନ ଏଜିଂ ମଡେଲ' ରଖାଯାଇଛି। ଏଥିରୁ ବୈଜ୍ଞାନିକମାନେ ଜାଣିବାକୁ ପାଇଛନ୍ତି ଯେ, ସ୍ୱଳ୍ପ ସମୟ ଲାଗି ମହାକାଶ ମିଶନକୁ ଯାଇଥିବା ମହାକାଶଚାରୀଙ୍କ ଶରୀରରେ ଏମିତି ପରିବର୍ତ୍ତନ ଦେଖାଯାଇଛି, ଯାହାକି ବୟସ ବୃଦ୍ଧି ସହିତ ଜଡ଼ିତ। ମାଧ୍ୟାକର୍ଷଣର ଅଭାବ, ନିଦରେ ଅନିୟମିତତା ତଥା ଶାରୀରିକ ଚାପ ଯୋଗୁଁ ଶରୀର ଏକପ୍ରକାର ଷ୍ଟ୍ରେସ୍ ମୋଡ୍‌କୁ ଗତି କରେ। ଏହାର ଅର୍ଥ ଏହା ନୁହେଁ ଯେ, ମହାକାଶଚାରୀ ସତରେ ବୁଢ଼ା ହୋଇଯାନ୍ତି। ଅବଶ୍ୟ ଏଭଳି ପରିବର୍ତ୍ତନ ଅସ୍ଥାୟୀ ହୋଇଥାଏ। ପରିବେଶ ବଦଳିବା ମାତ୍ରେ ହିଁ ଶରୀର ଏହାକୁ ସମ୍ଭାଳି ନିଏ। ସେହିପରି ଉକ୍ତ ଗବେଷଣାରେ ୪ ଜଣ ମହାକାଶଚାରୀଙ୍କୁ ସାମିଲ କରାଯାଇଥିଲା। ଏହି ମହାକାଶଚାରୀମାନେ ଇଣ୍ଟରନ୍ୟାସନାଲ ସ୍ପେସ୍ ଷ୍ଟେସନ୍‌ରେ ୯ ଦିନ ଅତିବାହିତ କରିଥିଲେ। ବୈଜ୍ଞାନିକମାନେ ସେମାନେ ମହାକାଶକୁ ଯିବା ପୂର୍ବରୁ, ମିଶନ ସମୟରେ ଏବଂ ପୃଥିବୀପୃଷ୍ଠକୁ ଫେରିବା ପରେ ସେମାନଙ୍କର ରକ୍ତ ନମୁନା ସଂଗ୍ରହ କରିଥିଲେ। ଏହାଦ୍ୱାରା ବାସ୍ତବିକ ସମୟ ମଧ୍ୟରେ ଶରୀରରେ ହେଉଥିବା ପରିବର୍ତ୍ତନକୁ ଜାଣିବା ପାଇଁ ଚେଷ୍ଟା କରାଯାଇଥିଲା। ଅନ୍ୟପଟେ ଏହି ଗବେଷଣାରେ ବୟସକୁ କ୍ୟାଲେଣ୍ଡର ଆଧାରରେ ନୁହେଁ, ବରଂ ଏପିଜେନେଟିକ୍ ଘଣ୍ଟା ଦ୍ୱାରା ମପାଗଲା। ଏହି ଘଣ୍ଟା ଡିଏନ୍‌ଏରେ ହେଉଥିବା ପରିବର୍ତ୍ତନ ଆଧାରରେ ଶରୀରର ଜୈବିକ ବୟସ ବାବଦରେ ଜଣାଏ। ଏହା ଚାପ ଏବଂ ପରିବେଶ ଯୋଗୁଁ ପ୍ରଭାବିତ ହୋଇପାରେ। ମହାକାଶରେ ରହିବା ସମୟରେ ଏହି ଘଣ୍ଟାରେ ଅସ୍ଥାୟୀ ବୃଦ୍ଧି ଦେଖିବାକୁ ମିଳିଲା। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଏହା ପ୍ରତ୍ୟେକ ମହାକାଶଚାରୀଙ୍କଠାରେ ଅଲଗା ଅଲଗା ସ୍ତରରେ ଥିଲା। ସେହିପରି ପୃଥିବୀପୃଷ୍ଠକୁ ଫେରିବା ପରେ ଅଧିକାଂଶ ମହାକାଶଚାରୀଙ୍କ ଜୈବିକ ବୟସ ପୁଣି ଥରେ ପୂର୍ବ ଭଳି ହୋଇଯାଇଥିଲା। ବୈଜ୍ଞାନିକଙ୍କ ମତରେ, ଏଥିରେ ଇମ୍ୟୁନୋ ସିଷ୍ଟମର ବଡ଼ ଭୂମିକା ରହିଛି।



ଯାହାକି ଶରୀରକୁ ଶୀଘ୍ର ଠିକ୍ ହେବାରେ ସାହାଯ୍ୟ କରେ। ତେବେ ବୈଜ୍ଞାନିକମାନେ ସ୍ପଷ୍ଟ ଭାବେ କହିଛନ୍ତି ଯେ, ଏହି ଗବେଷଣା ଏକଥା ପ୍ରମାଣିତ କରି ନାହିଁ ଯେ, ମହାକାଶ ଯାତ୍ରାରେ ଦୀର୍ଘ ସମୟ ପର୍ଯ୍ୟନ୍ତ ବୟସ ଶୀଘ୍ର ବଢ଼ିଥାଏ। କାରଣ ଉକ୍ତ ମିଶନ ବେଶ୍ ସ୍ୱଳ୍ପ ସମୟ ପାଇଁ ଥିଲା ଓ ମହକାଶଚାରୀଙ୍କ ସଂଖ୍ୟା ବି କମ୍ ଥିଲା। ତେଣୁ ଦୀର୍ଘକାଳୀନ ମହାକାଶ ଯାତ୍ରାରେ ଏହା ଅଲଗା ହୋଇପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି। ଏହାବାଦ୍ ଏହି ଗବେଷଣା ଏକଥା ଦର୍ଶାଇଛି ଯେ, ମଣିଷ ଶରୀର କେତେ ଶୀଘ୍ର କଠିନ ପରିସ୍ଥିତି ଅନୁସାରେ ନିଜକୁ ପରିବର୍ତ୍ତନ କରିଥାଏ। ଏହାସହିତ ବୟସ ବଢ଼ିବା କୌଣସି ଏକତରଫା ପ୍ରକ୍ରିୟା ନୁହେଁ। ପରିବେଶ ଏବଂ ପରିସ୍ଥିତି ବୟସ ବଢ଼ିବା ଗତିକୁ କମ୍ ଓ ବେଶି କରିପାରେ ବୋଲି ଉକ୍ତ ଗବେଷଣା ଏକପ୍ରକାର ସ୍ପଷ୍ଟ କରିଛି।

## ଫଗୁଣ ଆସିଛି ବୋଲି



ପ୍ରଶାନ୍ତ କୁମାର ଦାଶ

ନାହିଁ ଶୀତ ଥଣ୍ଡା କୁହୁଡ଼ି କାକର
ଶୀତ ତ ଯାଇଚି ଚାଲି
ଫୁଟିଲେଣି ଗଛେ ରଙ୍ଗ ମାଖି ଫୁଲ
ଧଳା ହଳଦିଆ ନାଲି ॥
ଆମ୍ବଗଛ ଡାଳେ ବଉଳ ବାସନା
ବାଟୋଇ ମରମ ଜିଣେ
କୋଇଲିର ସୁମଧୁର କୁହୁତାନ
ପିଲାଙ୍କର ମନ କିଣେ ॥
ମେଳ ବାନ୍ଧି ପିଲେ ତୋଟା ବଣ ବିଲେ
ଶୁଣନ୍ତି କୋଇଲି ଗୀତ
ଖୁସିରେ ମାରନ୍ତି ହସି ହସି ତାଳି
ଦେହକୁ ଛୁଏନି ଶୀତ ॥
ଅପା ଶାଶୂଘର ଗାଆଁରେ ବାଜିବ
ମହୁରୀ ତେଲିଙ୍ଗି ବାଜା
ଦୋଳଯାତ ଦେଖି ଯିବାପାଇଁ ମନ
ଉଛନ କଲାଣି ରାଜା ॥
ଗାଆଁମୁଣ୍ଡ ତୋଟା ସଫା ନିରିମଳ
ହେଲାଣି ଯାତରା ପାଇଁ
ଫଗୁଣ ସଞ୍ଜରେ ଥିରି ପବନରେ
ଫୁଲବାସ ଆସେ ଧାଇଁ ॥
ଖୋଳ କରତାଳ କାହାଳି ମର୍ଦ୍ଦଳ
ଶବଦ ଦେଉଛୁ ଶୁଭେ
ଗହଳ ଚହଳ ବଢ଼ଇ ଗାଆଁରେ
ଯେମିତି ସୂରୁଜ ବୁଡେ ॥
ବିମାନରେ ବସି ରାଧା ମାଧବ ଯେ
ଫଗୁଣେ ଖାଇବେ ଭୋଗ
ବରଷକ ପରେ ଗାଆଁ ସହରକୁ
ଆସିଛି ବଢ଼ିଆ ଯୋଗ ॥ ■

କୁଞ୍ଜର–ସଙ୍ଗକାଇ, ପୁରୀ



## ଆସିଲା ପରୀକ୍ଷା ବେଳ



ଅଶୋକ କୁମାର ପ୍ରଧାନ

ଦେଖୁ ଦେଖୁ ଏବେ ବରଷ ସରିଲା
ଆସିଲା ପରୀକ୍ଷା ବେଳ
ପିଲାଏ ଏଣିକି ପାଠେ ମନ ଦିଅ
କିଆଁ ଖେଳୁଅଛ ଖେଳ।
ଖେଳବୁଲ କରି ସମୟ ନ ସାରି
ପାଠ ପଢ଼ ଏବେ ବସି
ମନ ଖୋଲା କରି ପାଠ ପଢୁଥାଅ
ମୁହଁରେ ଅଳପ ହସି।
ପରୀକ୍ଷାକୁ ଦେଖି ଯାଅନି କେ ଡରି
ମନ ଥିର କରି ଲେଖ
ମନେ ଯେଉଁ ପାଠ ସଂଶୟ ରହିଛି
ତାକୁ ଭଲ ଭାବେ ଦେଖ।
ଅଥିର ମନରେ ପରୀକ୍ଷା ଖାତାରେ
ଉତ୍ତର ଲେଖନି ଜମା
ପ୍ରତିଟି ପ୍ରଶ୍ନର ସଠିକ୍ ଉତ୍ତର
ଲେଖ, ଦେଇ ଛେଦ, କମା।
ଏମିତିକା କେତେ ପରୀକ୍ଷା ଆସିବ
ତୁମରି ଜୀବନେ ଏଇ
ସବୁ ପରୀକ୍ଷାକୁ ସାମନା କରିବ
ଡରିବନି କେବେ କେହି।
ପରୀକ୍ଷାରେ ପରା ନିଜର ଜ୍ଞାନକୁ
ମାପି ହୁଏ ଜାଣି ହୁଏ
ଏ ପରୀକ୍ଷା ଆମ ଜୀବନେ ସଜାଗ
ହେବାର କଥାଟି କୁହେ। ■



ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ
ରୋହିଗାଁ, ଗଞ୍ଜାମ

## ପ୍ରହେଳିକା

- ମାସଟିଏ ସିଏ ବସନ୍ତ କାଳେ
ତା'ର ଆଗମନେ ଆମ୍ବ ବଉଳେ
ରାଇ ଦାମୋଦର ବିମାନେ ବସି
ଗାଆଁରେ ବୁଲନ୍ତି ଆନନ୍ଦେ ହସି
ପବିତ୍ର ମାସଟେ ସିଏ
ଏହି ମାସେ ଆସେ ମହା ଶିବରାତ୍ରି
କୁହ ତା'ର ନାମ କିଏ।

ଉତ୍ତର-ଫଗୁଣ ମାସ

- ମାଘ ଅନ୍ତ ହେଲେ ଫଗୁଣ ଆସେ
ଫୁଲଟିଏ ଗଛ ଡାଳରେ ହସେ
ସେ ଫୁଲର ବାସ ଭାରି ମଧୁର
କୁହୁଡ଼ି ଅଟଇ ବଇରି ତା'ର
ସେ ଫୁଲରୁ ଜନ୍ମେ ଫଳର ରାଜା
ଖାଇଲେ ପାଟିକୁ ଲାଗଇ ମଜା
ରୂପ ତା'ର ମନୋହର
ନେଣ୍ଟା ନେଣ୍ଟା ହୋଇ ଡାଳରେ ଝୁଲଇ
କୁହ ଦେଖି ନାମ ତା'ର।

ଉତ୍ତର-ଆମ୍ବ ବଉଳ

- ପକ୍ଷୀଟିଏ ରଙ୍ଗ କଳା ଧୂସର
ଗୀତ ଗାଏ ସିଏ ଭାରି ମଧୁର
ବସନ୍ତ ଆସିଲେ ସେ ଗୀତ ଗାଏ
ଜଗତବାସୀଙ୍କ ମନକୁ ମୋହେ
ଛୁପି ଛୁପି ସିଏ ଯାଏ
କୁଆର ବସାରେ ଅଣ୍ଡା ଦେଇଦିଏ
କୁହ ତା'ର ନାମ କିଏ।

ଉତ୍ତର-କୋଇଲି

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର



## ସୁମନ

## ଓଟ ବଣ୍ଟନ



ଲଳିତ ମୋହନ ମିଶ୍ର

ବୟସ୍କ ଗୁରୁ ଜଣକ ଅସୁସ୍ଥ ହୋଇ ପଡ଼ିଲେ। ତାଙ୍କର ଶେଷ ସମୟ ଉପନୀତ ହେବା ଜାଣି, ସେ ତାଙ୍କର ଅତି ପ୍ରିୟ ତିନିଜଣ ଶିଷ୍ୟଙ୍କ ଭବିଷ୍ୟତ ବିଷୟରେ ଭାବି ଚିନ୍ତିତ ହେଲେ। ସେ ସେମାନଙ୍କୁ ଜ୍ଞାନ ମାର୍ଗରେ ନେବା ପାଇଁ ଜଣେ ଯୋଗ୍ୟ ଗୁରୁର ଆବଶ୍ୟକତା ଅଛି ବୋଲି ଅନୁଭବ କଲେ। ହେଲେ ଭଲ ଗୁରୁ କେଉଁଠୁ ମିଳିବେ ଏବଂ କିପରି ପାଇପାରିବେ ? ବୟସ୍କ ଗୁରୁ ବହୁତ ଯୋଗ୍ୟ ବିଦ୍ୱାନଙ୍କୁ ଜାଣିଥିଲେ, କିନ୍ତୁ ସେ ଚାହୁଁଥିଲେ ତାଙ୍କର ଶିଷ୍ୟମାନେ ସେମାନଙ୍କର ନିଜସ୍ୱ ଗୁରୁଙ୍କୁ ବାଛନ୍ତୁ। ସେ ଏକ ଉପାୟ ଚିନ୍ତା କଲେ। ସେ ତାଙ୍କର ତିନି ଶିଷ୍ୟଙ୍କୁ ଡାକି କହିଲେ, ଆମ ଆଶ୍ରମରେ ୧୭ଟି ଓଟ ଅଛି। ମୁଁ ସେମାନଙ୍କୁ ତୁମ ମଧ୍ୟରେ ବାଣ୍ଟିବାକୁ ଇଚ୍ଛା କରୁଅଛି। ତୁମେ ତିନି ଜଣ ଓଟମାନଙ୍କୁ ଏପରି ବାଣ୍ଟ ଯେପରି ବଡ଼ର ଅଧା, ମଝିଆର ଏକ ତୃତୀୟାଂଶ ଏବଂ ସାନର ୧/ ୯ ଭାଗ ହେବ। ଗୁରୁଙ୍କର ଏହି ଅଜବ ବିଭାଜନ ତିନିଜଣ ଶିଷ୍ୟଙ୍କ ମଧ୍ୟରେ ବିଭ୍ରାନ୍ତି ସୃଷ୍ଟି କଲା। ତିନି ଜଣଯାକ ଶିଷ୍ୟ ବିଭିନ୍ନ ପ୍ରକାରର ଚିନ୍ତା କରି ମୁଣ୍ଡ ଖଟାଇଲେ, କିନ୍ତୁ କୌଣସି ପ୍ରକାର ସମାଧାନର ପନ୍ଥା ପାଇଲେ ନାହିଁ। ସେମାନେ ବିଭିନ୍ନ ପ୍ରକାରର କଥା ଅନୁମାନ କରିବାକୁ ଲାଗିଲେ। ଜଣେ କହିଲେ, ଗୁରୁଜୀ ଓଟଙ୍କୁ ବାଣ୍ଟିବା ପାଇଁ ଚାହୁଁ ନାହାଁନ୍ତି ବୋଧହୁଏ। ତେଣୁ ଆମେ ତିନି ଜଣ ହିଁ ଏହାର ମାଲିକ ରହିବା। ବିଭାଜନର କୌଣସି ଆବଶ୍ୟକତା ନାହିଁ। ଅନ୍ୟ ଜଣେ କହିଲେ, ଗୁରୁଜୀ ଯେଉଁ ପରାମର୍ଶ ଦେଇଛନ୍ତି ତାହା ଯଥାସମ୍ଭବ ନିକଟରେ ଓଟଶାଳର ଓଟଗୁଡ଼ିକୁ ବାଣ୍ଟିବା ଉପରେ। ଏହାଦ୍ୱାରା ଆମକୁ କ'ଣ ଫରକ୍ ପଡିବ ? ଗୋଟିଏ ଅଧିକ ନା ଗୋଟିଏ କମ୍ ?



ତିନିଜଣ କିନ୍ତୁ ଏଥିରେ ରାଜି ହେଲେ ନାହିଁ, ଫଳରେ ସେମାନଙ୍କର ସମସ୍ୟାର ସମାଧାନ ହୋଇ ପାରିଲା ନାହିଁ। ଧୀରେ ଧୀରେ ଏହି ସମସ୍ୟାଟି ଆଶ୍ରମର ବାହାରେ ଆଲୋଚନା ହେଲା। ଜଣେ ବିଦ୍ୱାନ୍ ବ୍ୟକ୍ତି ଏହି ସମସ୍ୟାକୁ ଶୁଣିଲେ ଏବଂ ତିନିଜଣଯାକ ଶିଷ୍ୟଙ୍କୁ ଡାକିଲେ। ବିଦ୍ୱାନ୍ କହିଲେ, ମୋର ଗୋଟିଏ ଓଟ ଅଛି। ସେହି ଓଟଟିକୁ ତୁମେ ନେଇଯାଅ। ଏହିପରି ଭାବରେ ତୁମର ୧୭ଟି ଓଟ ଥିଲା, ମୋର ଗୋଟିଏ ମିଶାଇ ଅଠରଟି ଓଟ ହେବ। ଏବେ ତୁମ ଗୁରୁଙ୍କ କହିବା ଅନୁସାରେ, ବଡ଼ ଜଣକୁ ଏଥିରୁ ଅଧା ଦିଅ, ଅର୍ଥାତ୍ ନଅଟି ଓଟ। ମଝିଆକୁ ଏକ ତୃତୀୟାଂଶ ଅର୍ଥାତ୍ ଛଅଟି ଓଟ, ଏବଂ ସାନକୁ ୧/ ୯ ଭାଗ ଅର୍ଥାତ୍ ଦୁଇଟି ଓଟ। ଏବେ ଦେଖ - ୯ + ୬ + ୨ = ୧୭। ମୁଁ ଦେଇଥିବା ମୋର ଗୋଟିଏ ଓଟକୁ ଫେରାଇ ଦେବ, ଯାହା ମୋର। ଏଥର ମୋତେ ତୁମେ କୁହ, ତୁମର ଗୁରୁଜୀଙ୍କ କହିବା ଅନୁସାରେ ଓଟ ବଣ୍ଟନ ଠିକ୍ ହୋଇଛି କି ନାହିଁ। ଶିଷ୍ୟମାନେ ଏବେ ଖୁସି। ଏହି ବଣ୍ଟନ ଦ୍ୱାରା ସେମାନେ ସେମାନଙ୍କର ନୂତନ ଗୁରୁଙ୍କୁ ପାଇଲେ। କାରଣ ଗୁରୁ ଶିଷ୍ୟମାନଙ୍କ ସମସ୍ୟା ସହିତ ଜଡ଼ିତ ହୋଇ ଯାଇଥିଲେ, ବୃଦ୍ଧ ଗୁରୁ ଏବେ ଶିଷ୍ୟମାନଙ୍କ ଚିନ୍ତାରୁ ମୁକ୍ତ ହେଲେ। ■

ଅରବିନ୍ଦ ନଗର, ନୟାଗଡ଼






**ଅଦ୍ୱିକ୍ ସ୍ୱାଇଁ**
ପଞ୍ଚମ ଶ୍ରେଣୀ
ସେଣ୍ଟ ଜାଭିୟର ହାଇସ୍କୁଲ
ଶିଖରପୁର, କଟକ





**ରିଷିକା କାନୁନ୍‌ଗୋ**
ପଞ୍ଚମ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର





**ଶୁଭମ୍ ମିଶ୍ର**
ଚତୁର୍ଥ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ନିମାପଡ଼ା






**ପ୍ରିୟଲ ଶାହ**
ପ୍ରଥମ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ଦେଓଘର, ଝାରଖଣ୍ଡ

## ୧୯ ବର୍ଷରୁ କମ୍ ବିଶ୍ୱକପ୍ କ୍ରିକେଟ

# ଭାରତକୁ ୬ଷ୍ଠ ଟାଇଟଲ୍




ହରାରେ, ୬।୨ (ଏଜେନ୍ସି)

ଯୁବ ଓପନର ବୈଭବ ସୂର୍ଯ୍ୟବଂଶୀ (୮୦ବଲ୍‌ରେ ୧୭୫ରନ୍)ଙ୍କ ବିସ୍ଫୋରକ ଶତକ ବଳରେ ଭାରତ ୧୯ ବର୍ଷରୁ କମ୍ ବିଶ୍ୱକପ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଜିମ୍ବାୱେର ହରାରେ ସ୍ପୋର୍ଟ୍ସ କ୍ଲବ୍ ଗ୍ରାଉଣ୍ଡରେ ଶୁକ୍ରବାର ଅନୁଷ୍ଠିତ ଫାଇନାଲ ଭାରତ ୧୦୦ ରନ୍‌ରେ ଇଂଲଣ୍ଡକୁ ପରାସ୍ତ କରି ୬ଷ୍ଠ ଥର ଟାଇଟଲ ଅର୍ଜନ କରିଛି। ଭାରତ ଖେଳିଥିବା ୧୦ମଥର ଫାଇନାଲରେ ପ୍ରଥମେ ବ୍ୟାଟିଂ କରି ୯ ୱିକେଟରେ ୪୧୧ ରନ୍‌ର ବିଶାଳ ସ୍କୋର କରିଥିଲା। ଯେ କୌଣସି ବିଶ୍ୱକପ୍‌ରେ ଏହା ଥିଲା ସର୍ବାଧିକ ସ୍କୋର। ଏହି ମ୍ୟାଚ୍‌ରେ ବୈଭବ ୮୦ବଲ୍‌ର ସମ୍ମୁଖୀନ ହୋଇ ୧୫ଟି ଲେଖାଏଁ ଚୌକା ଓ ଛକା ସହ ୧୭୫ ରନ୍ କରି ଇଂଲଣ୍ଡ ହାତରୁ ମ୍ୟାଚ୍ ଛଡ଼ାଇନେଇଥିଲେ। ଜବାବରେ ଇଂଲଣ୍ଡ ଶେଷ ଭାଗରେ କାଲେବ ଫାଲକ୍‌ନରଙ୍କ ଶତକ ବଳରେ ଇଂଲଣ୍ଡ ୪୦.୨ ଓଭରରେ ୩୧୧ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ କାଲେବ ଫାଲକନର ସର୍ବାଧିକ ୧୧୫ ରନ୍ କରିଥିଲେ। ବୈଭବ ସୂର୍ଯ୍ୟବଂଶୀଙ୍କୁ ଫାଇନାଲର ଓ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ପୁରସ୍କାର ପାଇବାରେ ସେ ବିଶ୍ୱର ପ୍ରଥମ ଖେଳାଳି ହୋଇଛନ୍ତି।

ଏହି ଫାଇନାଲ ଜିତିବା ଫଳରେ ଭାରତ ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ୬ଷ୍ଠ ଥର ଟାଇଟଲ ଜିତିଛି। ଭାରତ ମଧ୍ୟ ଆଇସିସି ଟୁର୍ଣ୍ଣାମେଣ୍ଟରେ ୨୦୨୪ରୁ ବିଜୟ ଧାରା ଅବ୍ୟାହତ ରଖିଛି। ୨୦୨୪ରେ ଭାରତ ପୁରୁଷ ଟି-୨୦ ବିଶ୍ୱକପ୍, ୨୦୨୫ରେ ପୁରୁଷ ଚାମ୍ପିଅନ୍ସ ଟ୍ରଫି, ମହିଳା ଦିନିକିଆ ବିଶ୍ୱକପ୍, ମହିଳା ୧୯ ବର୍ଷରୁ କମ୍ ବିଶ୍ୱକପ୍ ଓ ଏବେ ପୁରୁଷ ୧୯ ବର୍ଷରୁ କମ୍ ବିଶ୍ୱକପ୍ ଚାମ୍ପିଅନ ହୋଇଛି। ଆଜିର ଫାଇନାଲରେ ସର୍ବାଧିକ ୭୨୨ ରନ୍, ବ୍ୟକ୍ତିଗତ ଭାବେ ବୈଭବ ସର୍ବାଧିକ ୧୭୫ ରନ୍, ୧୦୦ ରନ୍‌ରେ ବିଜୟ, ସର୍ବାଧିକ ୩୧ଟି ଛକା ମାରିବାର ରେକର୍ଡ ହୋଇଛି।

# ସୂର୍ଯ୍ୟବଂଶୀଙ୍କ ବିଶ୍ୱରେକର୍ଡ




ହରାରେ, ୬।୨(ଏଜେନ୍ସି): ଭାରତର ୧୪ ବର୍ଷୀୟ ବାମହାତୀ ଓପନର ବୈଭବ ସୂର୍ଯ୍ୟବଂଶୀ ସ୍ଥାନୀୟ ସ୍ପୋର୍ଟ୍ସ କ୍ଲବ୍‌ଠାରେ ଶୁକ୍ରବାର ଅନୁଷ୍ଠିତ ଇଂଲଣ୍ଡ ବିପକ୍ଷ ୧୯ ବର୍ଷରୁ କମ୍ ବିଶ୍ୱକପ୍ ଫାଇନାଲ ମ୍ୟାଚ୍‌ରେ ୮୦ ବଲ୍‌ରୁ ୧୭୫ ରନ୍ କରିଛନ୍ତି। ହେି ସ୍କୋରରେ ସେ ୧୫ଟି ଚୌକା ଓ ୧୫ଟି ଛକା ମାରି ବିଶ୍ୱରେକର୍ଡ ପ୍ରତିଷ୍ଠା କରିଛନ୍ତି। ସେ ସୃଷ୍ଟି କରିଥିବା ବିଶ୍ୱରେକର୍ଡ ଓ ରେକର୍ଡ ସମ୍ପର୍କରେ ନିମ୍ନରେ ସୂଚୀତ କରାଯାଉଛି।

୧ ଏହି ମ୍ୟାଚ୍‌ରେ ବୈଭବ ସୂର୍ଯ୍ୟବଂଶୀ ସଂଗ୍ରହ କରିଥିବା ୧୭୫ ରନ୍ ବିଶ୍ୱର ଯେ କୌଣସି ଯୁଥ୍ ଦିନିକିଆ ଫାଇନାଲରେ ସର୍ବାଧିକ। ଏହା ଫଳରେ ଭାରତ ବିପକ୍ଷ ଏସିଆ କପ ଫାଇନାଲରେ ୧୭୨ ରନ୍ ସଂଗ୍ରହ କରିଥିବା ପାକିସ୍ତାନର ସମୀର ମାନହାସଙ୍କ ବିଶ୍ୱରେକର୍ଡ ଭାଙ୍ଗିଯାଇଛି।

୨ ଆଇସିସି ଦ୍ୱାରା ଆୟୋଜିତ ଯେ କୌଣସି ଟୁର୍ଣ୍ଣାମେଣ୍ଟ (ଜୁନିଅର, ସିନିଅର, ପୁରୁଷ/ମହିଳା) ଫାଇନାଲରେ ସର୍ବାଧିକ ସ୍କୋର। ପୂର୍ବରୁ ୨୦୨୨ ଇଂଲଣ୍ଡ ବିପକ୍ଷ ମହିଳା ଦିନିକିଆ ବିଶ୍ୱକପ୍ ଫାଇନାଲରେ ଅଷ୍ଟ୍ରେଲିଆର ଆଲିସା ହିଲୀ ୧୭୦ ରନ୍ କରି ବିଶ୍ୱରେକର୍ଡର ଅଧିକାରୀ ହୋଇଥିଲେ।

୩ ସୂର୍ଯ୍ୟବଂଶୀ ଏହି ଇନିଂସରେ ୧୫ଟି ଛକା ମାରିଛନ୍ତି। ଯୁଥ୍ ଦିନିକିଆରେ ଏହା ଗୋଟିଏ ବ୍ୟକ୍ତିଗତ ସ୍କୋରରେ ସର୍ବାଧିକ ଛକା ମାରି ନିଜ ନାମରେ ଥିବା ବିଶ୍ୱରେକର୍ଡକୁ ଭାଙ୍ଗିଦେଇଥିଲେ। ପୂର୍ବରୁ ୟୁଏଇ ବିପକ୍ଷରେ ୧୪ଟି ଛକା ମାରିଥିଲେ। ସୂର୍ଯ୍ୟବଂଶୀ ୫ଥର ଗୋଟିଏ ବ୍ୟକ୍ତିଗତ ସ୍କୋରରେ ୧୦ଟି କିମ୍ବା ତାଠାରୁ ଅଧିକ ଛକା ମାରିଛନ୍ତି। ଅନ୍ୟମାନେ ମାତ୍ର ୩ଥର ଏଭଳି ସଫଳତା ପାଇଛନ୍ତି।

୪ ଏହି ମ୍ୟାଚ୍‌ରେ ସୂର୍ଯ୍ୟବଂଶୀ ୧୫ଟି ଚୌକା ଓ ୧୫ଟି ଛକା ସହ ବାଉଣ୍ଡାରୀରୁ ରେକର୍ଡ ୧୫୦ ରନ୍ ସଂଗ୍ରହ କରିଛନ୍ତି। ପୂର୍ବରୁ କେନିଆ ବିପକ୍ଷରେ ହର୍ଷିତା ବାଗୋଡା ବାଉଣ୍ଡାରୀରୁ ସର୍ବାଧିକ ୧୨୪ ରନ୍ ଉଠାଇଥିଲେ। କିନ୍ତୁ ଉଭୟ ଖେଳାଳି ୩୦ଟି ଲେଖାଏଁ ବାଉଣ୍ଡାରୀ ମାରିଛନ୍ତି।

୫ ଫାଇନାଲ ମ୍ୟାଚ୍‌କୁ ମିଶାଇ ସୂର୍ଯ୍ୟବଂଶୀ ଯୁଥ୍ ଦିନିକିଆ କ୍ୟାରିୟରରେ ସର୍ବାଧିକ ୧୧୦ଟି ଛକା ମାରିଛନ୍ତି। ତାଙ୍କ ପଛକୁ ବାଂଲାଦେଶର ଜୱାଦ ଆବ୍ରାର ୫୫ଟି ଛକା ମାରି ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଅନ୍ୟ କେହି ୪୦ଟି ଛକା ମଧ୍ୟ ମାରି ନାହାନ୍ତି।

୬ ଏହି ମ୍ୟାଚ୍‌ରେ ସୂର୍ଯ୍ୟବଂଶୀ ୩୨ ବଲ୍‌ରୁ ଅର୍ଦ୍ଧଶତକ, ୫୫ ବଲ୍‌ରୁ ଶତକ ଓ ୭୧ ବଲ୍‌ରୁ ୧୫୦ ଓ ୮୦ ବଲ୍‌ରୁ ୧୭୫ ରନ୍ କରିଛନ୍ତି। ଏହା ବିଶ୍ୱକପ୍‌ରେ ଦ୍ୱିତୀୟ ଦ୍ରୁତତମ ଓ ବିଶ୍ୱରେ ୫ମ ଦ୍ରୁତତମ ଶତକ ଅଟେ। ଗତବର୍ଷ ସେ ୫୨ ବଲ୍‌ରେ ଇଂଲଣ୍ଡ ବିପକ୍ଷରେ ଶତକ ଓ ନିକଟରେ ଭାରତରେ ଅନୁଷ୍ଠିତ ବିଜୟ ହଜାରେ ଟ୍ରଫିରେ ୫୯ ବଲ୍‌ରୁ ୧୫୦ ରନ୍ ପୂରଣ କରି ଲିଷ୍ଟ-ଏ' କ୍ରିକେଟରେ ବିଶ୍ୱରେକର୍ଡ କରିଥିଲେ।

୭ ଯୁଥ୍ ଦିନିକିଆ ବିଶ୍ୱକପ୍ ଫାଇନାଲରେ ସୂର୍ଯ୍ୟବଂଶୀଙ୍କ ୧୭୫ ରନ୍ ସର୍ବାଧିକ ଓ ୬ଷ୍ଠ ଶତକ। ତାଙ୍କ ପୂର୍ବରୁ ଭାରତର ଉନ୍ମୁକ୍ତ ଚାନ୍ଦ (ଅପରାଜିତ ୧୧୧) ୨୦୧୨ ଅଷ୍ଟ୍ରେଲିଆ ବିପକ୍ଷ ଫାଇନାଲରେ ଦ୍ୱିତୀୟ ସର୍ବାଧିକ ରନ୍ କରିଥିଲେ। ଭାରତର ମନଜୋତ କାର୍ଲା ୨୦୧୮ରେ ଅଷ୍ଟ୍ରେଲିଆ ବିପକ୍ଷ ଫାଇନାଲରେ ମଧ୍ୟ ଶତକ (ଅପରାଜିତ ୧୦୧) ହାସଲ କରିଥିଲେ।

# ଆଜିଠୁ ଟି-୨୦ ବିଶ୍ୱକପ୍ ମହାସମର

ମୁମ୍ବଇ, ୬।୨ (ଏଜେନ୍ସି)

ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍‌ର ୧୦ମ ସଂସ୍କରଣ ଶନିବାରଠାରୁ ଭାରତ ଓ ଶ୍ରୀଲଙ୍କାରେ ମିଳିତ ଭାବେ ଆରମ୍ଭ ହେବାକୁଯାଉଛି। ଶ୍ରୀଲଙ୍କା ୧୪ ବର୍ଷ ପରେ ଓ ଭାରତ ୧୦ ବର୍ଷ ପରେ ଟି-୨୦ ବିଶ୍ୱକପ୍ ଆୟୋଜନ କରିବାକୁ ଯାଉଛନ୍ତି। ଟି-୨୦ ବିଶ୍ୱକପ୍ ଇତିହାସରେ ପ୍ରଥମଥର ଲାଗି ୨୦ଟି ଦଳ ଚଳିତ ସଂସ୍କରଣରେ ଅଂଶଗ୍ରହଣ କରୁଛନ୍ତି। ଯେଉଁଥିରେ ଦୁଇ ଆୟୋଜକ ଭାରତ ଓ ଶ୍ରୀଲଙ୍କା ସମେତ ଗତ ସଂସ୍କରଣରେ ଶୀର୍ଷ-୬ରେ ରହିଥିବା ଛଅଟି ଦଳ ସିଧାସଳଖ ଏହି ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେହିଭଳି ଅନ୍ୟ ୮ଟି ଦଳ ରିଜିଓନାଲ ଟୁର୍ଣ୍ଣାମେଣ୍ଟରେ ଶ୍ରେଷ୍ଠ ପ୍ରଦର୍ଶନ କରି ବିଶ୍ୱକପ୍ ଟିକଟ୍ ଲାଭ କରିଛନ୍ତି। ପ୍ରଥମଥର ଲାଗି ଇଟାଲୀ ବିଶ୍ୱକପ୍ ଖେଳିବାର ସୌଭାଗ୍ୟ ଲାଭ କରିଛି। ସେହିଭଳି ଶେଷ ମୁହୂର୍ତ୍ତରେ ବାଂଲାଦେଶ ଓହରିଯିବାରୁ ଏହାର ବଦଳ ଦଳ ଭାବେ ସ୍କଟଲାଣ୍ଡକୁ ସୁଯୋଗ ମିଳିଛି।




### ଖେଳାଯିବ ୫୫ ମ୍ୟାଚ୍

ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏହି ମେଗା ଇଭେଣ୍ଟରେ ମୋଟ୍ ୫୫ଟି ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ଯେଉଁଥିରେ ଗ୍ରୁପ୍ ପର୍ଯ୍ୟାୟର ୪୦ଟି ମ୍ୟାଚ୍, ୧୨ଟି ସୁପର୍-୮ ମ୍ୟାଚ୍, ଦୁଇଟି ସେମିଫାଇନାଲ ଓ ଗୋଟିଏ ଫାଇନାଲ ମ୍ୟାଚ୍ ସାମିଲ ରହିଛି। ଅଂଶଗ୍ରହଣକାରୀ ୨୦ଟି ଦଳକୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଗ୍ରୁପ୍ ପର୍ଯ୍ୟାୟରେ ପ୍ରତି ଦଳ ପରସ୍ପର ବିପକ୍ଷରେ ଥରେ ଲେଖାଏ ଖେଳିବେ। ଏହାପରେ ପ୍ରତି ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ ସୁପର୍-୮କୁ ଯୋଗ୍ୟତା ଅର୍ଜନ କରିବେ। ପ୍ରତିଦିନ ବିଶ୍ୱକପ୍‌ରେ ୩ଟି ଲେଖାଏ ମ୍ୟାଚ୍ ଖେଳାଯିବ। ମ୍ୟାଚ୍‌ଗୁଡ଼ିକ ଭାରତୀୟ ସମୟ ପୂର୍ବାହ୍ନ ୧୧ଟା, ଅପରାହ୍ଣ ୩ଟା ଓ ରାତି ୭ଟାରୁ ଆରମ୍ଭ ହେବ।

### ୮ଟି ଷ୍ଟାଡିୟମରେ ଖେଳାଯିବ ମ୍ୟାଚ୍

ଭାରତ ଓ ଶ୍ରୀଲଙ୍କା ବିଶ୍ୱକପ୍‌ର ଏହି ସଂସ୍କରଣକୁ ମିଳିତ ଭାବେ ଆୟୋଜନ କରୁଛନ୍ତି। ସୁରକ୍ଷାଜନିତ କାରଣ ଲାଗି ପାକିସ୍ତାନର ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାରେ ଖେଳାଯିବ। ଭାରତର ୫ଟି ଓ ଶ୍ରୀଲଙ୍କାର ୩ଟି ଷ୍ଟାଡିୟମରେ ବିଶ୍ୱକପ୍‌ର ମ୍ୟାଚ୍‌ଗୁଡ଼ିକ ଅନୁଷ୍ଠିତ ହେବ। ଭାରତର ଇଡେନ ଗାର୍ଡେନ୍ସ (କୋଲକାତା), ଏମ୍‌ଏ ଚିଦାମ୍ବରମ (ଚେନ୍ନଇ), ଅରୁଣ ଜେଟଲୀ (ଦିଲ୍ଲୀ), ୱାଙ୍ଖେଡେ (ମୁମ୍ବଇ) ଓ ନରେନ୍ଦ୍ର ମୋଦୀ ଷ୍ଟାଡିୟମ (ଅହମ୍ମଦାବାଦ) ଏବଂ ଶ୍ରୀଲଙ୍କାର ଆର୍ ପ୍ରେମଦାସ (କଲମ୍ବୋ), ସିଂହଳୀ ସ୍ପୋର୍ଟ୍ସ କ୍ଲବ (କଲମ୍ବୋ) ଓ ପାଲେକେଲେ କ୍ରିକେଟ୍ ଷ୍ଟାଡିୟମ (କାଣ୍ଡି)ରେ ମ୍ୟାଚ୍ ଅନୁଷ୍ଠିତ ହେବ।

### ଉଦ୍‌ଘାଟନୀରେ ନୋରା-ବାଦଶାହା 'ଶୋ'

ଶନିବାରଠାରୁ ଆରମ୍ଭ ହେବ ଟି-୨୦ ବିଶ୍ୱକପ୍। ରାତିରେ ମୁମ୍ବଇର ୱାଙ୍ଖେଡେ ଷ୍ଟାଡିୟମରେ ଭାରତ ଓ ଆମେରିକା ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍ ପୂର୍ବରୁ ରଙ୍ଗାରଙ୍ଗ ଉଦ୍‌ଘାଟନୀ କାର୍ଯ୍ୟସୂଚୀ ବିସିସିଆଇ ପକ୍ଷରୁ ରଖାଯାଇଛି। ସନ୍ଧ୍ୟା ୬ଟାରୁ ଏହି ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆରମ୍ଭ ହେବ। ଯେଉଁଥିରେ ଲାଇଭ ସଙ୍ଗୀତ, ନୃତ୍ୟ ପରେ ଟି-୨୦ ବିଶ୍ୱକପ୍ ପଡ଼ିଆ ମଧ୍ୟକୁ ଆଗମନ ହେବ। ପ୍ରଥମେ ରଷଭ ଶର୍ମା ଓ ଶିବମଣିଙ୍କ ସଙ୍ଗୀତ ପରିବେଷଣ କରିବେ। ପରବର୍ତ୍ତୀ ସମୟରେ ଆଇସିସି ଅଧ୍ୟକ୍ଷ ଜୟ ଶାହ ଓ ପୂର୍ବତନ ଭାରତୀୟ ଅଧିନାୟକ ରୋହିତ ଶର୍ମା ବିଶ୍ୱକପ୍ ଟ୍ରଫି ନେଇ ପଡ଼ିଆ ମଧ୍ୟକୁ ପ୍ରବେଶ କରିବେ। ଏହାପରେ ସମସ୍ତ ଦଳର ଅଧିନାୟକ ପଡ଼ିଆ ମଧ୍ୟକୁ ପ୍ରବେଶ କରିବା ସହ ଆନୁଷ୍ଠାନିକ ଭାବେ ବିଶ୍ୱକପ୍ ଉଦ୍‌ଘାଟିତ ହେବା ନେଇ ଘୋଷଣା କରାଯିବ। ଟ୍ରଫି ସ୍ୱାଗତ କାର୍ଯ୍ୟକ୍ରମ ପରେ ରାପର୍ ବାଦଶାହା, ପରେ ନୋରା ଫତେହି ମଞ୍ଚ ଉପରେ ସେମାନଙ୍କ ଜଲୱା ଦେଖାଇବେ।

### ଷ୍ଟାର ସ୍ପୋର୍ଟ୍ସରେ ପ୍ରସାରଣ

ଭାରତରେ ବିଶ୍ୱକପ୍‌ର ସମସ୍ତ ମ୍ୟାଚ୍ ଟେଲିଭିଜନରେ ଷ୍ଟାର ସ୍ପୋର୍ଟ୍ସ ନେଟୱର୍କରେ ପ୍ରସାରିତ ହେବ। ସେହିଭଳି ଡିଜିଟାଲ ପ୍ଲାଟଫର୍ମ ଜିଓହଟଷ୍ଟାରରେ ମଧ୍ୟ କ୍ରିକେଟ୍ ପ୍ରେମୀ ମ୍ୟାଚ୍ ଦେଖିପାରିବେ।

## ଗ୍ରୁପ୍ ପର୍ଯ୍ୟାୟ କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ୍ | ସମୟ | ଭେନ୍ୟୁ |
|---|---|---|---|
| ୭ ।୨ | ପାକିସ୍ତାନ-ନେଦରଲାଣ୍ଡସ | ପୂର୍ବାହ୍ନ ୧୧ଟା | କଲମ୍ବୋ |
| ୭ ।୨ | ୱେଷ୍ଟଇଣ୍ଡିଜ-ସ୍କଟଲାଣ୍ଡ | ଅପରାହ୍ଣ ୩ଟା | କୋଲକାତା |
| ୭ ।୨ | ଭାରତ-ଆମେରିକା | ରାତି ୭ଟା | ମୁମ୍ବଇ |
| ୮ ।୨ | ନ୍ୟୁଜିଲାଣ୍ଡ-ଆଫଗାନିସ୍ତାନ | ପୂର୍ବାହ୍ନ ୧୧ଟା | ଚେନ୍ନଇ |
| ୮ ।୨ | ଇଂଲଣ୍ଡ-ନେପାଳ | ଅପରାହ୍ଣ ୩ଟା | ମୁମ୍ବଇ |
| ୮ ।୨ | ଶ୍ରୀଲଙ୍କା-ଆୟର୍ଲାଣ୍ଡ | ରାତି ୭ଟା | କଲମ୍ବୋ |
| ୯ ।୨ | ସ୍କଟଲାଣ୍ଡ-ଇଟାଲୀ | ପୂର୍ବାହ୍ନ ୧୧ଟା | କୋଲକାତା |
| ୯ ।୨ | ଜିମ୍ବାୱେ-ଓମାନ | ଅପରାହ୍ଣ ୩ଟା | କଲମ୍ବୋ |
| ୯ ।୨ | ଦକ୍ଷିଣ ଆଫ୍ରିକା-କାନାଡା | ରାତି ୭ଟା | ଅହମ୍ମଦାବାଦ |
| ୧୦ ।୨ | ନେଦରଲାଣ୍ଡସ-ନାମିବ୍ୟା | ପୂର୍ବାହ୍ନ ୧୧ଟା | ଦିଲ୍ଲୀ |
| ୧୦ ।୨ | ନ୍ୟୁଜିଲାଣ୍ଡ-ୟୁଏଇ | ଅପରାହ୍ଣ ୩ଟା | ଚେନ୍ନଇ |
| ୧୦ ।୨ | ପାକିସ୍ତାନ-ଆମେରିକା | ରାତି ୭ଟା | କଲମ୍ବୋ |
| ୧୧ ।୨ | ଦ.ଆଫ୍ରିକା-ଆଫଗାନିସ୍ତାନ | ପୂର୍ବାହ୍ନ ୧୧ଟା | ଅହମ୍ମଦାବାଦ |
| ୧୧ ।୨ | ଅଷ୍ଟ୍ରେଲିଆ-ଆୟର୍ଲାଣ୍ଡ | ଅପରାହ୍ଣ ୩ଟା | କଲମ୍ବୋ |
| ୧୧ ।୨ | ଇଂଲଣ୍ଡ-ୱେଷ୍ଟଇଣ୍ଡିଜ | ରାତି ୭ଟା | ମୁମ୍ବଇ |
| ୧୨ ।୨ | ଶ୍ରୀଲଙ୍କା-ଓମାନ | ପୂର୍ବାହ୍ନ ୧୧ଟା | ପାଲେକେଲେ |
| ୧୨ ।୨ | ନେପାଳ-ଇଟାଲୀ | ଅପରାହ୍ଣ ୩ଟା | ମୁମ୍ବଇ |
| ୧୨ ।୨ | ଭାରତ-ନାମିବ୍ୟା | ରାତି ୭ଟା | ଦିଲ୍ଲୀ |
| ୧୩ ।୨ | ଅଷ୍ଟ୍ରେଲିଆ-ଜିମ୍ବାୱେ | ପୂର୍ବାହ୍ନ ୧୧ଟା | କଲମ୍ବୋ |
| ୧୩ ।୨ | କାନାଡା-ୟୁଏଇ | ଅପରାହ୍ଣ ୩ଟା | ଦିଲ୍ଲୀ |
| ୧୩ ।୨ | ଆମେରିକା-ନେଦରଲାଣ୍ଡସ | ରାତି ୭ଟା | ଚେନ୍ନଇ |
| ୧୪ ।୨ | ଆୟର୍ଲାଣ୍ଡ-ଓମାନ | ପୂର୍ବାହ୍ନ ୧୧ଟା | କଲମ୍ବୋ |
| ୧୪ ।୨ | ଇଂଲଣ୍ଡ-ସ୍କଟଲାଣ୍ଡ | ଅପରାହ୍ଣ ୩ଟା | କୋଲକାତା |
| ୧୪ ।୨ | ନ୍ୟୁଜିଲାଣ୍ଡ-ଦ.ଆଫ୍ରିକା | ରାତି ୭ଟା | ଅହମ୍ମଦାବାଦ |
| ୧୫ ।୨ | ୱେଷ୍ଟଇଣ୍ଡିଜ-ନେପାଳ | ପୂର୍ବାହ୍ନ ୧୧ଟା | ମୁମ୍ବଇ |
| ୧୫ ।୨ | ଆମେରିକା-ନାମିବ୍ୟା | ଅପରାହ୍ଣ ୩ଟା | ଚେନ୍ନଇ |
| ୧୫ ।୨ | ଭାରତ-ପାକିସ୍ତାନ | ରାତି ୭ଟା | କଲମ୍ବୋ |
| ୧୬ ।୨ | ଆଫଗାନିସ୍ତାନ-ୟୁଏଇ | ପୂର୍ବାହ୍ନ ୧୧ଟା | ଦିଲ୍ଲୀ |
| ୧୬ ।୨ | ଇଂଲଣ୍ଡ-ଇଟାଲୀ | ଅପରାହ୍ଣ ୩ଟା | କୋଲକାତା |
| ୧୬ ।୨ | ଅଷ୍ଟ୍ରେଲିଆ-ଶ୍ରୀଲଙ୍କା | ରାତି ୭ଟା | ପାଲେକେଲେ |
| ୧୭ ।୨ | ନ୍ୟୁଜିଲାଣ୍ଡ-କାନାଡା | ପୂର୍ବାହ୍ନ ୧୧ଟା | ଚେନ୍ନଇ |
| ୧୭ ।୨ | ଜିମ୍ବାୱେ-ଆୟର୍ଲାଣ୍ଡ | ଅପରାହ୍ଣ ୩ଟା | ପାଲେକେଲେ |
| ୧୭ ।୨ | ସ୍କଟଲାଣ୍ଡ-ନେପାଳ | ରାତି ୭ଟା | ମୁମ୍ବଇ |
| ୧୮ ।୨ | ଦ.ଆଫ୍ରିକା-ୟୁଏଇ | ପୂର୍ବାହ୍ନ ୧୧ଟା | ଦିଲ୍ଲୀ |
| ୧୮ ।୨ | ପାକିସ୍ତାନ-ନାମିବ୍ୟା | ଅପରାହ୍ଣ ୩ଟା | କଲମ୍ବୋ |
| ୧୮ ।୨ | ଭାରତ-ନେଦରଲାଣ୍ଡସ | ରାତି ୭ଟା | ଅହମ୍ମଦାବାଦ |
| ୧୯ ।୨ | ୱେଷ୍ଟଇଣ୍ଡିଜ-ଇଟାଲୀ | ପୂର୍ବାହ୍ନ ୧୧ଟା | କୋଲକାତା |
| ୧୯ ।୨ | ଶ୍ରୀଲଙ୍କା-ଜିମ୍ବାୱେ | ଅପରାହ୍ଣ ୩ଟା | କଲମ୍ବୋ |
| ୧୯ ।୨ | ଆଫଗାନିସ୍ତାନ-କାନାଡା | ରାତି ୭ଟା | ଚେନ୍ନଇ |
| ୨୦ ।୨ | ଅଷ୍ଟ୍ରେଲିଆ-ଓମାନ | ରାତି ୭ଟା | ପାଲେକେଲେ |
| ଫେବୃଆରୀ ୨୧ରୁ ମାର୍ଚ୍ଚ ୧ ସୁପର-୮ ପର୍ଯ୍ୟାୟ | | | |
| ୪ ।୩ | ପ୍ରଥମ ସେମିଫାଇନାଲ | ରାତି ୭ଟା | -- |
| ୫ ।୩ | ଦ୍ୱିତୀୟ ସେମିଫାଇନାଲ | ରାତି ୭ଟା | ମୁମ୍ବଇ |
| ୮ ।୩ | ଫାଇନାଲ | ରାତି ୭ଟା | -- |

## କେଉଁ ଗ୍ରୁପ୍‌ରେ କିଏ

| | |
|---|---|
| ଗ୍ରୁପ୍-ଏ | ଭାରତ, ପାକିସ୍ତାନ, ନାମିବ୍ୟା, ଆମେରିକା, ନେଦରଲାଣ୍ଡସ |
| ଗ୍ରୁପ୍-ବି | ଅଷ୍ଟ୍ରେଲିଆ, ଶ୍ରୀଲଙ୍କା, ଆୟର୍ଲାଣ୍ଡ, ଜିମ୍ବାୱେ, ଓମାନ |
| ଗ୍ରୁପ୍-ସି | ଇଂଲଣ୍ଡ, ୱେଷ୍ଟଇଣ୍ଡିଜ, ସ୍କଟଲାଣ୍ଡ, ନେପାଳ, ଇଟାଲୀ |
| ଗ୍ରୁପ୍-ଡି | ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା, ଆଫଗାନିସ୍ତାନ, ୟୁଏଇ, କାନାଡା |

## ବରିଷ୍ଠ ମହିଳା ବିସିସିଆଇ ଦିନିକିଆ ଟ୍ରଫି

# ଓଡ଼ିଶାର ବୃହତ୍ ବିଜୟ

ଭୁବନେଶ୍ୱର, ୬।୨(ସମିସ)

ଗୁଜରାଟର ରାଜକୋଟ୍‌ରେ ଆରମ୍ଭ ହୋଇଥିବା ବିସିସିଆଇ ବରିଷ୍ଠ ମହିଳା ଦିନିକିଆ ଟ୍ରଫି ଏଲିଟ୍‌ରେ ଓଡ଼ିଶା ବିଜୟରୁ ଅଭିଯାନ ଆରମ୍ଭ କରିଛି। ସାନୋସାରା କ୍ରିକେଟ ଗ୍ରାଉଣ୍ଡ-ବି'ରେ ଶୁକ୍ରବାର ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଓଡ଼ିଶା ୩୫ ରନରେ ମଧ୍ୟପ୍ରଦେଶକୁ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଓଡ଼ିଶା ନିର୍ଦ୍ଧାରିତ ୫୦ ଓଭରରେ ୨୫୭ ରନର ସମ୍ମାନଜନକ ସ୍କୋର ହାସଲ କରିଥିଲା। ଜବାବରେ ମଧ୍ୟପ୍ରଦେଶ ୪୭.୩ ଓଭରରେ ୨୨୨ ରନକରି ଅଲଆଉଟ ହୋଇ ପରାସ୍ତ ହୋଇଥିଲା। ଓଡ଼ିଶାର ଅଭିଜ୍ଞ ଅଲରାଉଣ୍ଡର ସୁଶ୍ରୀ ଦିବ୍ୟଦର୍ଶିନୀ ୫୮ ବଲରେ ୫୭ ରନ କରିବା ସହ ୪ ୱିକେଟ ନେଇ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଓଡ଼ିଶା ତରଫରୁ ଅନ୍ୟମାନଙ୍କ ମଧ୍ୟରେ ସରିତା ମେହେର ୧୦୦ ବଲର ସମ୍ମୁଖୀନ ହୋଇ ୧୧ ଚୌକା ସହ ୮୪ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ବୋଲିଂରେ ମଧ୍ୟପ୍ରଦେଶ ତରଫରୁ ଆୟୁଷି ଶୁକ୍ଲା ଓ ସଂସ୍କୃତି ଗୁପ୍ତା ୨ଟି ଲେଖାଏ ୱିକେଟ ନେଇଥିଲେ। ସେହିପରି ମଧ୍ୟପ୍ରଦେଶ ତରଫରୁ ବ୍ୟାଟିଂରେ ଅନନ୍ୟା ଦୁବେ ୮୫ ଓ ଆୟୁଷି ଶୁକ୍ଲା ୬୦ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ବୋଲିଂରେ ଓଡ଼ିଶା ପାଇଁ ଦିବ୍ୟଦର୍ଶିନୀ ଓ ଏସ୍‌ବି ଲରେନ୍ସ ୪ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ।


ସରିତା ମେହେର


ଏସ୍‌ବି ଲରେନ୍ସ


ସୁଶ୍ରୀ ଦିବ୍ୟଦର୍ଶିନୀ

# ଆମେରିକା ବିପକ୍ଷରୁ ଭାରତର ଅଭିଯାନ

ମୁମ୍ବଇ, ୬।୨ (ଏଜେନ୍ସି): ଟି-୨୦ ବିଶ୍ୱକପ୍‌ର ଉଦ୍‌ଘାଟନୀ ଦିବସର ଶେଷ ମ୍ୟାଚରେ ଆୟୋଜକ ଭାରତ ଓ ଆମେରିକା ସାମ୍ନାସାମ୍ନି ହେବେ। ରାତି ୭ଟାରେ ୱାଙ୍ଖେଡେ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ। ସଦ୍ୟ ଆଇସିସି ଟି-୨୦ ର୍ୟାଙ୍କିଂଗ୍‌ରେ ଭାରତ ଶୀର୍ଷରେ ରହିଥିବାବେଳେ ଆମେରିକା ୧୮ତମ ସ୍ଥାନରେ ରହିଛି। ତେଣୁ ମାନ୍ୟତା ଦୃଷ୍ଟିରୁ ଭାରତ ଏହି ମ୍ୟାଚରେ ଫେଭରାଇଟ୍ ବିବେଚିତ ହେଉଛି। ଦୁଇ ଇନଫର୍ମ ବିସ୍ଫୋରକ ଓପନର ଇଶାନ କିଶାନ ଓ ଅଭିଷେକ ଶର୍ମାଙ୍କ ସହ ଅଧିନାୟକ ସୂର୍ଯ୍ୟକୁମାର, ତିଲକ ବର୍ମା ଏବଂ ବୋଲିଂରେ ଯଶପ୍ରୀତ ବୁମ୍‌ରାଙ୍କ ସହ ଅର୍ଶଦୀପ୍ ସିଂହ, କୁଲଦୀପ ଯାଦବ ଭାର ସମ୍ଭାଳିବେ। ସେହିଭଳି ହାର୍ଦ୍ଦିକ ପାଣ୍ଡ୍ୟା, ଶିଭମ ଦୁବେ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦରଙ୍କ ଭଳି ଦକ୍ଷ ଅଲ୍‌ରାଉଣ୍ଡର ଥିବାରୁ ଭାରତ ଏଥର ପ୍ରମୁଖ ଟାଇଟଲ୍ ଦାବିଦାର ରହିଛି। ଅଭିଷେକଙ୍କ ସହ ଇଶାନ ଇନିଂସ ଓପନ୍ କରିବା ନେଇ ଅଧିନାୟକ ସୂର୍ଯ୍ୟ ସ୍ପଷ୍ଟ କରିସାରିଛନ୍ତି। ଅପରପକ୍ଷରେ ଏକାଧିକ ଦେଶର ଖେଳାଳିଙ୍କୁ ନେଇ ଆମେରିକା ଦଳ ଗଠିତ ହୋଇଛି। ଆମେରିକା ଜନ୍ମିତ ମାତ୍ର ୪ଜଣ ଖେଳାଳି ଦଳରେ ରହିଛନ୍ତି। ସେହିଭଳି ଅଧିନାୟକ ମୋନାକ ପଟେଲଙ୍କ ସମେତ ୫ଜଣ ଭାରତୀୟ, ୩ଜଣ ପାକିସ୍ତାନ ଜନ୍ମିତ ଖେଳାଳି ଆମେରିକା ଦଳରେ ସ୍ଥାନ ପାଇଛନ୍ତି। ଅଧିନାୟକ ମୋନାକ ଗୁଜରାଟ ପକ୍ଷରୁ ବିଭିନ୍ନ ବୟସ ବର୍ଗରେ ଖେଳି ପରବର୍ତ୍ତୀ ସମୟରେ ଆମେରିକା ପଳାଇଥିଲେ।

# ହାଜ୍‌ଲେଉଡ୍ ବାଦ୍, ହର୍ଷିତଙ୍କ ସ୍ଥାନରେ ସିରାଜ

ନୂଆଦିଲ୍ଲୀ, ୬।୨ (ଏଜେନ୍ସି): ରାତି ପାହିଲେ ଟି-୨୦ ବିଶ୍ୱକପ୍‌ର ୧୦ମ ସଂସ୍କରଣ ଆରମ୍ଭ ହେବ। ତେବେ ଏଥିପୂର୍ବରୁ ଆୟୋଜକ ଭାରତ ଓ ଅଷ୍ଟ୍ରେଲିଆ ଦଳକୁ ଜୋରଦାର ଝଟକା ଲାଗିଛି। ଆଘାତଜନିତ ସମସ୍ୟା ଲାଗି ଦୁଇ ଦ୍ରୁତ ବୋଲର ଭାରତର ହର୍ଷିତ ରାଣା ବାଦ୍ ପଡ଼ିଛନ୍ତି ଓ ଅଷ୍ଟ୍ରେଲିଆର ଜୋଶ ହାଜ୍‌ଲେଉଡ୍ ଆହତ ହୋଇଛନ୍ତି। ୨୪ ବର୍ଷୀୟ ହର୍ଷିତଙ୍କ ସ୍ଥାନରେ ମହମ୍ମଦ ସିରାଜଙ୍କୁ ସାମିଲ କରାଯାଇଛି। ହାଜ୍‌ଲେଉଡ୍‌ଙ୍କ ସ୍ଥାନରେ କାହାରିକୁ ନିଆଯାଇନାହିଁ। ସେ ସୁପର-୮ ବେଳକୁ ଫିଟ୍ ହୋଇଯିବେ ବୋଲି ଆଶା କରାଯାଉଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS

## ହରାରେ ଗ୍ରାଉଣ୍ଡରେ ହରର୍ ଶୋ’

# ଆୟୁଷ ବାହିନୀଙ୍କ ବିଶ୍ୱବିଜୟ



### ବୈଭବ ଝଡ଼; ସ୍କୋରର୍ ବିଚଳିତ

ଫାଇନାଲରେ ବୈଭବ ସୂର୍ଯ୍ୟବଂଶୀ ବିଧ୍ୱଂସୀ ଶତକୀୟ ପାଳି ଖେଳିଥିଲେ। ମାତ୍ର ୮୦ଟି ବଲ ଖେଳିଥିବା ସୂର୍ଯ୍ୟବଂଶୀ ରେକର୍ଡ ୧୭୫ ରନ କରିଥିଲେ। ଯେଉଁଥିରେ ସେ ଇଂଲଣ୍ଡ ବୋଲରଙ୍କୁ ନିର୍ଦ୍ଧୁମ ପ୍ରହାର କରି ୧୫ଟି ଲେଖାଏ ଚୌକା ଓ ଛକା ମାରିଥିଲେ। ବୈଭବ କ୍ରମାଗତ ଭାବେ ଏଭଳି ବାଉଣ୍ଡରୀ ମାରି ଚାଲିଥିଲେ ଯେ ସ୍କୋରିଂ ଦାୟିତ୍ୱରେ ଥିବା ସ୍କୋରର ଅପଡେଟ୍ କରିବାରେ କିଛି ସମୟ ଦ୍ୱନ୍ଦରେ ପଡ଼ିଯାଇଥିଲେ।



### କୈଫ୍‌ଙ୍କଠାରୁ ଆୟୁଷଙ୍କ ପର୍ଯ୍ୟନ୍ତ

୧୯ ବର୍ଷରୁ କମ୍ ବିଶ୍ୱକପ୍ ଇତିହାସରେ ଭାରତ ୬ଷ୍ଠଥର ଲାଗି ଚାମ୍ପିଅନ ହୋଇଛି। ୨୦୦୦ ମସିହାରେ ମହମ୍ମଦ କୈଫଙ୍କ ନେତୃତ୍ୱରେ ଭାରତ ସର୍ବପ୍ରଥମଥର ଲାଗି ବିଶ୍ୱକପ୍ ବିଜୟୀ ହୋଇଥିଲା। ଏହାପରେ ବିରାଟ କୋହଲି (୨୦୦୮), ଉନ୍ମୁକ୍ତ ଚାନ୍ଦ (୨୦୧୨), ପୃଥ୍ୱୀ ଶ’ (୨୦୧୮), ଯଶ ଦୟାଲ (୨୦୨୨) ଓ ଆୟୁଷ ମହାତ୍ରେ ବିଭିନ୍ନ ସଂସ୍କରଣରେ ନେତୃତ୍ୱ ନେଇ ଭାରତକୁ ବିଶ୍ୱକପ୍ ଟ୍ରଫି ଭେଟି ଦେଇଥିଲେ।





■ ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ

### ବୈଭବ ୬ଷ୍ଠ ଭାରତୀୟ

୧୯ ବର୍ଷରୁ କମ୍ ଦିନିକିଆ ବିଶ୍ୱକପ୍‌ରେ ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ହେବାରେ ବୈଭବ ସୂର୍ଯ୍ୟବଂଶୀ ୬ଷ୍ଠ ଭାରତୀୟ କ୍ରିକେଟର୍ ହୋଇଛନ୍ତି। ୨୦୦୦ ମସିହାରେ ମହମ୍ମଦ କୈଫ୍‌ଙ୍କ ନେତୃତ୍ୱରେ ଭାରତ ପ୍ରଥମଥର ଏହି ଯୁଥ୍ ବିଶ୍ୱକପ୍ ଟ୍ରଫି ଜିତିଥିଲା। ସେହି ସଂସ୍କରଣରେ ଯୁବରାଜ ସିଂହଙ୍କୁ ବିଶ୍ୱକପ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଏହାପରେ ୨୦୦୪ରେ ଶିଖର ଧାୱନ, ୨୦୦୬ରେ ଚେତେଶ୍ୱର ପୂଜାରା, ୨୦୧୮ ରେ ଶୁବମନ ଗିଲ୍, ୨୦୨୦ରେ ଯଶସ୍ୱୀ ଜୟସ୍ୱାଲ ଏହି ପୁରସ୍କାର ହାସଲ କରିଥିଲେ। ବୈଭବ ଏହି ବିଶ୍ୱକପ୍‌ରେ ୭ଟି ମ୍ୟାଚରୁ ମୋଟ୍ ୪୩୯ ରନ ସଂଗ୍ରହ କରିଥିଲେ। ମ୍ୟାଚ୍ ପିଛା ତାଙ୍କ ଆଭରେଜ ୬୨.୭୧ ରହିଥିଲା। ବିଶ୍ୱକପ୍‌ରେ ବୈଭବ ଏକାକୀ ୩୦ଟି ଛକା ଓ ୪୧ଟି ଚୌକା ମାରିଛନ୍ତି। ତେବେ ଇଂଲଣ୍ଡର ବେନ୍ ମାୟର୍ସ ୭ଟି ମ୍ୟାଚରୁ ସର୍ବାଧିକ ୪୪୪ ରନ କରି ତାଲିକାର ଶୀର୍ଷରେ ରହିଛନ୍ତି।







### ଯୁଥ୍ ବିଶ୍ୱକପ୍‌ରେ କାହିଁକି ପୁରସ୍କାର ଦେଉନି ଆଇସିସି

୧୯ ବର୍ଷରୁ କମ୍ ଦିନିକିଆ ବିଶ୍ୱକପ୍‌ର ୧୬ତମ ସଂସ୍କରଣରେ ଭାରତୀୟ ଯୁଥ୍ ଦଳ ଚାମ୍ପିଅନ ହୋଇଛି। ତେବେ ଆୟୁଷ ମହାତ୍ରେଙ୍କ ନେତୃତ୍ୱାଧୀନ ଭାରତ କେବଳ ବିଶ୍ୱକପ୍ ଟ୍ରଫି ହାସଲ କରିଥିଲା। ଆୟୋଜକ ତଥା ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ଚାମ୍ପିଅନ ଦଳକୁ ଆର୍ଥିକ ପୁରସ୍କାର ବାବଦକୁ ଟଙ୍କାଟିଏ ମଧ୍ୟ ପ୍ରଦାନ କରି ନ ଥିଲା। ଯେତେବେଳେ କି ୨୦୨୪ ଟି-୨୦ ବିଶ୍ୱକପ ଚାମ୍ପିଅନ ହୋଇଥିବା ରୋହିତ ଶର୍ମାଙ୍କ ଦଳକୁ ଆଇସିସି ୨.୪୫ ମିଲିୟନ ଡଲାର (ସେ ସମୟରେ ୨୦.୪୨ କୋଟି ଟଙ୍କା) ପ୍ରଦାନ କରିଥିଲା। ଆଇସିସି ଯୁବ କ୍ରିକେଟର୍‌ଙ୍କ ମାର୍ଗଦର୍ଶନ ପାଇଁ ଏକ ବିକାଶମୂଳକ କାର୍ଯ୍ୟକ୍ରମ ଭାବରେ ୧୯ ବର୍ଷରୁ କମ୍ ବିଶ୍ୱକପ୍‌କୁ ଦେଖିଥାଏ। ତେଣୁ ଯୁଥ୍ ବିଶ୍ୱକପ୍‌ରେ ଚାମ୍ପିଅନ ଦଳକୁ ଆର୍ଥିକ ପୁରସ୍କାର ପ୍ରଦାନ କରି ନ ଥାଏ। ଏହା ପଛର କାରଣ ହେଉଛି ଯେ ଆଇସିସି ରାଜସ୍ୱର ଏକ ଅଂଶ କ୍ରିକେଟ୍ ବିକାଶ ପାଣ୍ଠି ଭାବରେ ପ୍ରତ୍ୟେକ ଦେଶ ପାଇଥାନ୍ତି। ୧୯ ବର୍ଷରୁ କମ୍ ବିଶ୍ୱକପ୍ କ୍ରିକେଟ୍ ବିକାଶର ଏକ ଅଂଶ ହୋଇଥିବାରୁ ଏଥିରେ ଚାମ୍ପିଅନ ଦଳକୁ ପୁରସ୍କାର ଦେବା ଅର୍ଥ ସେମାନଙ୍କୁ ଦ୍ୱିଗୁଣ ପୁରସ୍କୃତ କରିବା।

ତେବେ ଆଇସିସି ନିକଟରୁ ଆର୍ଥିକ ପୁରସ୍କାର ପାଇ ନ ଥିଲେ ମଧ୍ୟ ଅତୀତରେ ଚାମ୍ପିଅନ ହୋଇଥିବା ଯୁଥ ଭାରତୀୟ ଦଳକୁ ବିସିସିଆଇ ବ୍ୟକ୍ତିଗତ ପୁରସ୍କାର ଦେଇ ଖୁସି କରିଥାଏ। ୨୦୦୦ରେ ସର୍ବପ୍ରଥମଥର ଯୁଥ ବିଶ୍ୱକପ୍ ଜିତିବା ପରେ ପ୍ରତି ଖେଳାଳିଙ୍କୁ ସ୍କାରକୀ ଦେଇ ପ୍ରୋତ୍ସାହିତ କରାଯାଇଥିଲା। ସେହିଭଳି ୨୦୦୮ରେ ବିରାଟ କୋହଲିଙ୍କ ନେତୃତ୍ୱରେ ଭାରତ ଯେବେବେଳେ ୨ୟଥର ଟ୍ରଫି ଜିତିଲା ପ୍ରତି ଖେଳାଳିଙ୍କୁ ବିସିସିଆଇ ୧୫ ଲକ୍ଷ ଟଙ୍କା ଦେଇଥିଲା। ୨୦୨୦ରେ ଚାମ୍ପିଅନ ପ୍ରତି ଖେଳାଳିଙ୍କୁ ୨୦ଲକ୍ଷ, ୨୦୧୮ ରେ ୩୦ ଲକ୍ଷ, ୨୦୨୨ରେ ପ୍ରତି ଖେଳାଳିଙ୍କୁ ୪୦ ଲକ୍ଷ ଟଙ୍କା ଦେଇଥିଲା।



